DHARITRI

ସୋମବାର, ମେ ୧୧/୨୦୨୦ (୨୦ ପୃଷ୍ଠା) Monday, May 11/2020

୪୬ଶ ଭାଗ ୧୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ବିଦେଶରେ ଟି୨୦ ଖେଳିବା ଲାଗି ରାଇନାଙ୍କ ଆଗ୍ରହ**

ଭାରତୀୟ ଦଳରେ ସ୍ଥାନ ପାଇ ନ ଥିବା ଖେଳାଳିଙ୍କୁ ବିସିସିଆଇ ବିଦେଶରେ ଟି୨୦ ଖେଳିବାକୁ ଅନୁମତି ଦେଉ ବୋଲି କହିଛନ୍ତି କ୍ରିକେଟର ସୁରେଶ ରାଇନା। ୨୦

୧୦ **ରାଜ କୁନ୍ଦ୍ରାଙ୍କୁ ଡରାଇଲେ ଶିଳ୍ପା**

ବଲିଉଡ୍ ନାୟିକା ଶିଳ୍ପା ସେଟ୍ଟି ଏକ ଟିକ୍‌ଟକ୍ ଭିଡିଓରେ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ କହୁଛନ୍ତି, 'ଜାଣିଛ ଆମ ପଡୋଶୀଙ୍କୁ କରୋନା ହୋଇଯାଇଛି'। ଏହା ଶୁଣି ରାଜ ଡରି ଯାଇଛନ୍ତି।



# ଭୟଙ୍କର ହେଲାଣି କରୋନା

## ୮୩ ନୂଆ ପଜିଟିଭ୍, ସଂଖ୍ୟା ଛୁଇଁଲା ୩୭୭, ଅନୁଗୋଳରେ ୧୫

- କରୋନା କବ୍‌ଜାରେ ଆଉ ଦୁଇ ଜିଲା
- ଗଞ୍ଜାମରେ ଆକ୍ରାନ୍ତ ହେଲେଣି ୧୨୫
- ଆଗକୁ ସଂକଟ ଆଣିବେ ମହାରାଷ୍ଟ୍ର, କର୍ଣ୍ଣାଟକ ଫେରନ୍ତା

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ରାଜ୍ୟରେ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି କରୋନା। ଦ୍ରୁତ ଗତିରେ ବଢ଼ି ଚାଲିଛି ଆକ୍ରାନ୍ତଙ୍କ ସଂଖ୍ୟା। ମାସେ ଦଶଦିନରେ ଶତକ ଛୁଇଁଥିବା ଏହି ଭାଇରସ୍ ଏବେ ମାତ୍ର ୧୫ ଦିନରେ ଚାରିଶତକ ଆଡକୁ ମୁହାଁଇଛି। ରାଜ୍ୟକୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ପାଇଁ ରାଜ୍ୟର ସ୍ଥିତି ଏବେ ହାତରୁ ଖସି ଯିବାକୁ ବସିଛି। ରବିବାର ସର୍ବାଧିକ ଅର୍ଥାତ୍ ୨୪ ଘଣ୍ଟାରେ ୮୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୩୭୭ରେ ପହଞ୍ଚିଛି। ଏଥିସହ ଆଉ ଦୁଇ ଜିଲା ଅନୁଗୋଳ ଓ ବୌଦ୍ଧ କରୋନା କବ୍‌ଜାକୁ ଚାଲିଯାଇଛି। ଫଳରେ ଏବେ ରାଜ୍ୟର ୨୧ ଜିଲାରେ କରୋନା ଭୂତାଣୁ ମାଡ଼ି ଚାଲିଛି। ତେବେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମ ଜିଲାର ୩୬ଜଣ ଥିବାବେଳେ ବାଲେଶ୍ୱର ୧୫, ଅନୁଗୋଳ ୧୫, ଭଦ୍ରକ ୬, ଯାଜପୁର ୫, ବୌଦ୍ଧ ୩, ପୁରୀ ୨ ଓ ମୟୂରଭଞ୍ଜର ଜଣେ ରହିଛନ୍ତି। ସମସ୍ତେ କ୍ୱାରାଣ୍ଟାଇନ୍‌ରେ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ସୁରଟ ଫେରନ୍ତା ପରେ ଏବେ ଅନ୍ୟ ରାଜ୍ୟରୁ ଫେରିଥିବା ପ୍ରବାସୀଙ୍କ ପାଇଁ ମଧ୍ୟ ଚିନ୍ତା ବଢ଼ିଯାଇଛି। କାରଣ ପଶ୍ଚିମବଙ୍ଗ, ଗୁଜରାଟ ପରେ ଏବେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ଫେରନ୍ତାଙ୍କ ନମୁନା କରୋନା ପଜିଟିଭ୍ ବାହାରିଲାଣି। ଏହି ଦୁଇ ରାଜ୍ୟରୁ ଅଧିକ ପ୍ରବାସୀ ଫେରିବାକୁ ଥିବାରୁ ଆଗକୁ ଏମାନଙ୍କ ପାଇଁ ସଂକଟଜନକ ସ୍ଥିତି ଉପୁଜିବ ବୋଲି ଆଶଙ୍କା ଦେଖା ଦେଲାଣି।

ଗ୍ରୀନ ଜୋନ୍‌ରେ ଥିବା ଅନୁଗୋଳ ଜିଲାରେ ପ୍ରଥମଥର ପାଇଁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏକାଥରକେ ଏଠାରେ ୧୫ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୩ଜଣ ସୁରଟ ଫେରନ୍ତା ଥିବାବେଳେ ମହାରାଷ୍ଟ୍ରରୁ ଜଣେ ଓ ଆଉ ଜଣେ ସ୍ଥାନୀୟ ବାସିନ୍ଦା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ସେହିପରି ବୌଦ୍ଧ ଜିଲାରେ ମଧ୍ୟ କରୋନା ଭୂତାଣୁ ଠାବ କରାଯାଇଛି। ଏଠାରେ ନୂଆକରି ୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ସେପଟେ ଗଞ୍ଜାମ ଜିଲାରେ ଏବେ ସ୍ଥିତି ଆହୁରି ଗମ୍ଭୀର ହେବାରେ ଲାଗିଛି। ନୂଆ ୩୬ଜଣ ଆକ୍ରାନ୍ତଙ୍କୁ ମିଶାଇଲେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨୫ରେ ପହଞ୍ଚିଛି। ଜିଲାରେ ୧୨୪ଟି ଆକ୍ଟିଭ କେସ୍ ଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଚିହ୍ନଟ ହୋଇଥିବା ନୂଆ ସମସ୍ତ ଆକ୍ରାନ୍ତଙ୍କ ସୁରଟ ଲିଙ୍କ୍ ରହିଛି। ତେବେ ବଡ଼ କଥା ହେଉଛି ୯ ଦିନ ମଧ୍ୟରେ ଗଞ୍ଜାମରେ ଏପରି ସ୍ଥିତି ଉପୁଜିଥିବାବେଳେ ☞ପୃଷ୍ଠା-୪



## ରାଜ୍ୟରେ ତୃତୀୟ କରୋନା ମୃତ୍ୟୁ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଫଳରେ ଏବେ କରୋନା ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ଏହି ତୃତୀୟ ମୃତକ ହେଲେ ଗଞ୍ଜାମ ଜିଲା ପୋଲସରା ବ୍ଲକ୍ ଅନ୍ତର୍ଗତ ମଧୁପଲ୍ଲୀ ଗ୍ରାମର ପ୍ରଫୁଲ୍ଲ ବେହେରେ(୩୮)। ସେ ସୁରଟରୁ ଫେରି ପୋଲସରା ବ୍ଲକ ତୁଙ୍ଗାପଡା ପଞ୍ଚାୟତ ତୁଙ୍ଗାପଡା ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ଗତ ୮ ତାରିଖ ଶୁକ୍ରବାର ମଧ୍ୟାହ୍ନ ଭୋଜନ ଖାଉଥିବାବେଳେ ହଠାତ୍ ଟଳି ପଡ଼ିଥିଲେ। ମୃତ୍ୟୁ ପରେ ତାଙ୍କର ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରବିବାର ତାଙ୍କ ନାମ କରୋନା ମୃତ୍ୟୁ ତାଲିକାରେ ସାମିଲ୍ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଖୋର୍ଦ୍ଧା ଜିଲାର ଦୁଇ ମୃତକଙ୍କ ଘର ଭୁବନେଶ୍ୱରରେ। ପ୍ରଥମ କରୋନା ମୃତକ ଜଣକ କୋଲକାତାରୁ ଆସିଥିଲେ। ଅନ୍ୟ ରୋଗରେ ପୀଡିତ ଥିବାରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଲକ୍ଷଣ ଥିବାରୁ ନମୁନା ପରୀକ୍ଷଣ କରାଯାଇଥିଲା। ହେଲେ ପ୍ରଥମେ ନେଗେଟିଭ୍ ବାହାରିଥିଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇ ନ ଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିବାରୁ ଆଉଥରେ ନମୁନା ପରୀକ୍ଷଣ କରାଯାଇଥିଲା। ତାଙ୍କ ରିପୋର୍ଟ ପଜିଟିଭ୍ ☞ପୃଷ୍ଠା-୪

# ଘରମୁହାଁ ଧାଡ଼ି

ଜର୍ମାନ ଦାର୍ଶନିକ ତଥା ଅର୍ଥନୀତିଜ୍ଞ କାର୍ଲ ମାର୍କସ ସମାଜରେ ମଣିଷକୁ ଦୁଇ ଶ୍ରେଣୀରେ ଭାଗ କରିଦେଇଥିଲେ। ଗୋଟେ ପୁଞ୍ଜିପତି ଓ ଅନ୍ୟଟି ସର୍ବହରା ବା ଖଟିଖିଆ। ଖଟିଖିଆଙ୍କ ଶ୍ରମ ଉପରେ ପୁଞ୍ଜିପତିମାନେ ଅୟସ କରିଆସୁଥିବା ବିଷୟ ପିଲାଟିବେଳୁ ପଢ଼ିଆସିଛୁ। ଶ୍ରମିକ ନିର୍ଯାତନା, ଦାସତ୍ୱ ପ୍ରଥାଠାରୁ ଆରମ୍ଭକରି ଶ୍ରେଣୀବିହୀନ ସମାଜ ଗଠନ ନେଇ ଅନେକ ଚିନ୍ତାନାୟକ ସେମାନଙ୍କ ମତ ଦେଇଆସିଛନ୍ତି। ଅବଶ୍ୟ ଆଜିର ଭାରତରେ ଗରିବ ସପକ୍ଷବାଦୀ ଚିନ୍ତାଧାରାକୁ 'ବାମପନ୍ଥୀ' ଭାବେ ଦର୍ଶାଯାଇ ଅସ୍ପୃଶ୍ୟ କରିଦିଆଯାଇଛି।

ସୂକ୍ଷ୍ମ ସ୍ତରରେ ଦେଖିଲେ ସେହି ଦୁଇଟି ବର୍ଗ ସର୍ବଦା ଦୃଷ୍ଟିଗୋଚର ହୋଇଥାଏ। ଏବେ କରୋନା ମହାମାରୀ ଯୋଗୁ ବିଶ୍ୱ ଅର୍ଥନୀତି ଘୋର ମାନ୍ଦାବସ୍ଥା ଦେଇ ଗତି କରୁଛି। ଜନସଂଖ୍ୟାବହୁଳ ଭାରତ ମାନବ ସମ୍ବଳ ପାଇଁ ଗର୍ବ କରୁଥିଲେ ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ଏହି ସମ୍ବଳ ତା' ପାଇଁ ବୋଝ ପାଲଟିଯାଇଥିବା ଭଳି ଦର୍ଶାଯାଉଛି। ପାଖାପାଖି ଦୁଇ ମାସ ଦେଶ ଲକ୍‌ଡାଉନ୍ ଅବସ୍ଥାରେ ଥିବାରୁ କଳକାରଖାନାଠୁ କର୍ପୋରେଟ୍ ଅଫିସ୍ ଯାଏ ସବୁଆଡ଼େ ତାଲା ପଡ଼ିଯାଇଛି। କୃଷି ଶ୍ରମିକଙ୍କୁ ଛାଡ଼ିଦେଲେ ସହର କିମ୍ବା ନଗରାଞ୍ଚଳରେ ଶ୍ରମିକ ଓ ଖଟିଖିଆମାନେ ଶିଳ୍ପ ପାଇଁ ବିରାଟବଡ଼ ପୁଞ୍ଜି ରହିଆସିଛନ୍ତି। ଶ୍ରମଭିତ୍ତିକ ଶିଳ୍ପ ଶ୍ରମିକଙ୍କ ପାଇଁ ତିଷ୍ଠି ରହିଥାଏ। ଆଜି ସେହି ଶ୍ରମିକମାନେ ଗାଁ ମୁହାଁ ହୋଇଯାଇଛନ୍ତି। ତାଲାବନ୍ଦ ଯୋଗୁ ସେମାନେ ଖାଇବାକୁ ନ ପାଇବାରୁ ନିଜ ଜନ୍ମସ୍ଥାନକୁ ଯିବାପାଇଁ ବିକଳ ହୋଇଛନ୍ତି। ଗାଁରେ ସହରର ସବୁ ସୁବିଧା ନ ମିଳିଲେ ମଧ୍ୟ କିଛି ଖାଇ ବଞ୍ଚିଯିବେ ବୋଲି ଧରି ନେଇଛନ୍ତି। ବର୍ତ୍ତମାନ ଟ୍ରେନ୍ ଓ ବସ୍‌ରେ ଶ୍ରମିକ ବୁହାହୋଇ ଗାଁକୁ ଫେରୁଥିବା ଦୃଶ୍ୟ ଦେଶର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳୁଛି। ଦୁଃଖର ବିଷୟ ଯେ ପିଲାଛୁଆଙ୍କୁ ଧରି ଚାଲିଚାଲି ଆସୁଥିବା ଶ୍ରମିକଙ୍କ ମଧ୍ୟରୁ କେତେ ଜଣ ରାସ୍ତାରେ ପଡ଼ି ମରିଯାଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ଶ୍ରମିକମାନେ ତାଲାବନ୍ଦ ସମୟରେ ଯେଉଁ ଦୁଃଖ ପାଇଛନ୍ତି, ସେମାନେ ସହରକୁ ତତ୍‌କ୍ଷଣାତ୍ ଫେରିଯିବେ ବୋଲି ଆଶା କରାଯାଉ ନାହିଁ।

ତଥାଗତ ସତପଥୀ

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ବେଳେ ନିୟମ କୋହଳ ହୋଇଥିବାରୁ କେତେକ ସ୍ଥାନରେ କାରଖାନା କାର୍ଯ୍ୟକ୍ଷମ ହେଲାଣି। ପୁଞ୍ଜିପତିମାନେ ବୁଝିଲେଣି ଶିଳ୍ପସଂସ୍ଥା ଚଳେଇବାକୁ ହେଲେ ଶ୍ରମିକଙ୍କ ଯୋଗଦାନ ନିତାନ୍ତ ଆବଶ୍ୟକ। ଏଠାରେ ବେଙ୍ଗାଲୁରୁ ଉଦାହରଣ ଦିଆଯାଇପାରେ। ଗଣମାଧ୍ୟମରୁ ଜଣାପଡ଼ିଛି, ଶିଳ୍ପପତିଙ୍କ ଚାପର ବଶବର୍ତ୍ତୀ ହୋଇ କର୍ଣ୍ଣାଟକ ସରକାର ଏବେ ଅନେକ ହଜାର ଶ୍ରମିକଙ୍କୁ ବିଭିନ୍ନ ସ୍ଥାନରୁ ଡକାଇଆଣି ଶିଳ୍ପ ଆରମ୍ଭ କରିବାକୁ ଯୋଜନା କଲେଣି। ଶିଳ୍ପ ତଥା ବାଣିଜ୍ୟିକ ସଂସ୍ଥାଗୁଡ଼ିକ ଶ୍ରମିକଭର୍ତ୍ତି ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ନିବେଦନ କରୁଛନ୍ତି ଯେ, ଶ୍ରମିକମାନଙ୍କୁ ଘରକୁ ଫେରିବା ପାଇଁ ଅନୁମତି ଦିଆ ନ ଯାଉ। ଭୟ ସୃଷ୍ଟି ହୋଇଛି ଯେ, ନିଜ ପୈତୃକ ଅଞ୍ଚଳକୁ ଚାଲିଯାଉଥିବା ଶ୍ରମିକମାନେ କାଳେ ଅତି ଶୀଘ୍ର କାର୍ଯ୍ୟସ୍ଥଳୀକୁ ଫେରି ନ ପାରନ୍ତି। ଅବଶ୍ୟ ଶିଳ୍ପପତିମାନଙ୍କ ଆଶଙ୍କା ଅମୂଳକ ନୁହେଁ। ଯେଉଁଭଳି ଭାବେ ଶ୍ରମିକମାନେ ଭୋକଉପାସରେ ପଡ଼ି ହନ୍ତସନ୍ତ ହୋଇଛନ୍ତି, ସେମାନେ ଗାଁରେ ଶାଗଭାତ ପଛେ ଖାଇବେ, ସମ୍ଭବତଃ କାର୍ଯ୍ୟସ୍ଥଳୀକୁ ଫେରି ନ ପାରନ୍ତି। ଯେଉଁ ପୁଞ୍ଜିପତିମାନେ ଏଭଳି ଆଶଙ୍କାରେ ବର୍ତ୍ତମାନ ବୁଡ଼ିଯାଇଛନ୍ତି, ସେମାନେ ଶ୍ରମିକମାନଙ୍କ ଦୁଃଖକୁ ବୁଝିପାରିଥିଲେ ଆଜି ପରିସ୍ଥିତି ଏତେ ଶୋଚନୀୟ ହୋଇ ନ ଥାଆନ୍ତା।

ବର୍ତ୍ତମାନ ପରିପ୍ରେକ୍ଷୀରେ ଶିଳ୍ପ ଓ ଶ୍ରମିକଙ୍କ ପାଇଁ ବିକଳ୍ପ ଖୋଜିବା ଲୋଡ଼ା ପଡ଼ିଲାଣି। ଗ୍ରାମାଞ୍ଚଳରେ ଚାଷ ବ୍ୟତୀତ ଅର୍ଥ ରୋଜଗାରର ବିକଳ୍ପ ପନ୍ଥା ନ ଥିବାରୁ ତନ୍ମଧ୍ୟରୁ କିଛି ଶିଳ୍ପାଞ୍ଚଳକୁ ଫେରିବାକୁ ବାଧ୍ୟ ହୋଇପାରନ୍ତି। ପ୍ରଶ୍ନ ଉଠୁଛି ଗାଁକୁ ପଳାଇ ଆସିଥିବା ବହୁସଂଖ୍ୟକ ଶ୍ରମିକଙ୍କ ଅନୁପସ୍ଥିତିରେ କଳକାରଖାନାଗୁଡ଼ିକ ଆରମ୍ଭ ହେବ କିପରି। ସେଗୁଡ଼ିକ ରୁଗ୍‌ଣ ହୋଇଗଲେ ମାଲିକମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯିବା ସ୍ୱାଭାବିକ। ତେଣୁ ଯଦି ପୁଞ୍ଜିପତିମାନେ ନିଜ ଘର ପାଖରେ ଶିଳ୍ପ ସ୍ଥାପନ କରିବା ପରିବର୍ତ୍ତେ ଶ୍ରମଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଲାଗି ଗାଁମୁହାଁ ହୁଅନ୍ତେ, ସମସ୍ୟା କେତେକାଂଶରେ ସମାଧାନ ହେଇପାରେ। ଏହି ପରିପ୍ରେକ୍ଷୀରେ ଦୃଷ୍ଟାନ୍ତ ଦିଆଯାଇପାରେ ଯେ, ପରିବେଶକୁ ଧ୍ୱଂସ କରି ପ୍ରାକୃତିକ ସମ୍ବଳରେ ଭରପୂର ଜଙ୍ଗଲ, ପାହାଡ଼ି ଇଲାକା ଓ ଗ୍ରାମାଞ୍ଚଳରେ ଶିଳ୍ପପତିମାନେ ସେମାନଙ୍କ କାରଖାନା ବସାଇପାରୁଛନ୍ତି। ତେଣୁ ଶ୍ରମିକଭର୍ତ୍ତି ଅଞ୍ଚଳକୁ ଯାଇ ଶ୍ରମକୁ ଭିତ୍ତିଭୂମିର ଏକ ଅଙ୍ଗ ଭାବେ ବିବେଚନା କରି ଶିଳ୍ପ ପ୍ରତିଷ୍ଠା କରାଯାଇପାରିଲେ, ସେମାନଙ୍କୁ ଶସ୍ତାରେ ଶ୍ରମଶକ୍ତି ମିଳିପାରନ୍ତା ଓ ଖଟିଖିଆମାନେ ଗାଁ ପାଖରେ ରହି କାମ ପାଇପାରନ୍ତେ। ଭାରତବର୍ଷର ପ୍ରବାସୀ ଶ୍ରମିକଙ୍କ ଚିତ୍ର ଦେଖିଲେ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ପୂର୍ବ ଉତ୍ତରପ୍ରଦେଶ, ଉତ୍ତର-ପୂର୍ବାଞ୍ଚଳରୁ ଅସଂଖ୍ୟ ଶ୍ରମିକ ଦେଶର ବିଭିନ୍ନ ଭାଗରେ ଖଟିବାକୁ ଯାଇଥାଆନ୍ତି। ଯଦି ସେହିସବୁ ରାଜ୍ୟକୁ ଏହି ଶ୍ରମିକମାନେ କାର୍ଯ୍ୟ କରୁଥିବା ଶିଳ୍ପଗୁଡ଼ିକ ସ୍ଥାନାନ୍ତରିତ ହୋଇପାରନ୍ତା, ତେବେ ଏକ ଦୀର୍ଘମିଆଦୀ ପରିବର୍ତ୍ତନ ଘଟିବାର ସମ୍ଭାବନା ସୃଷ୍ଟି ହୁଅନ୍ତା। ଏହା ସ୍ୱୀକାରଯୋଗ୍ୟ ଯେ, ମନଇଚ୍ଛା ଏଠାକୁ ସେଠାକୁ ଶିଳ୍ପ ଉଠାଇ ନିଆଯାଇ ପାରେନାହିଁ। ତେବେ ଆଧୁନିକ ଭାରତର ପରିସ୍ଥିତିକୁ ଦେଖିଲେ ଶିଳ୍ପନୀତିରେ ଅନେକ ପରିବର୍ତ୍ତନ ଆବଶ୍ୟକ କରୁଛି। ବିଦ୍ୟୁତ୍ ଶକ୍ତି, ଯୋଗାଯୋଗ, ଜଳ, କଞ୍ଚାମାଲ, ଭିତ୍ତିଭୂମି ଆଦି ଶିଳ୍ପ ପାଇଁ ଯେଉଁଭଳି ଜରୁରୀ, ସେଭଳି ଶ୍ରମକୁ ଏକ ଭିତ୍ତିଭୂମି ବା କଞ୍ଚାମାଲ ଭାବେ ହିସାବକୁ ନିଆଯିବା ଦରକାର। ଯଦି ତାହା ଏବେ ଆରମ୍ଭ କରାଯିବ, ତେବେ ଏହାର ପ୍ରଭାବ ପଡ଼ିବା ପାଇଁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଲାଗିଯାଇପାରେ। ଯୁକ୍ତି କରାଯାଇ ପାରେ ଯେ, ବିହାର ଏବଂ ଓଡ଼ିଶା ଭଳି ରାଜ୍ୟରେ ଶିଳ୍ପ ସଂସ୍କୃତିର ଅଭାବ ଥିବାରୁ ଏସବୁ ରାଜ୍ୟକୁ କେହି ଶିଳ୍ପପତି ଆସିବାକୁ ଚାହୁଁନାହାନ୍ତି। ସେଭଳି ମାପକାଠିରେ ଦେଖିଲେ ମହାରାଷ୍ଟ୍ର, ଗୁଜରାଟ ଭଳି ରାଜ୍ୟରେ ମଧ୍ୟ ଶିଳ୍ପ ସଂସ୍କୃତି କିଛି ଦଶନ୍ଧି ପୂର୍ବରୁ ନ ଥିଲା। ସେଠାରେ ଦତ୍ତା ସାମନ୍ତ ବା ବାଲା ସାହେବ ଠାକ୍‌ରେଙ୍କ ଭଳି ନେତା ଅତ୍ୟନ୍ତ ଶିଳ୍ପ ବିରୋଧୀ ଏବଂ ଶ୍ରମିକ ସପକ୍ଷବାଦୀ ଦର୍ଶାଇ ନିଜର ପତିଆରା ଜାହିର କରିଥିଲେ। କେତୋଟି ଦଶନ୍ଧି ମଧ୍ୟରେ ସେଭଳି ନେତୃତ୍ୱର ଅବସାନ ଘଟିବା ସହିତ ଶିଳ୍ପ ସଂସ୍କୃତିର ଶକ୍ତିଶାଳୀ ମୂଳଦୁଆ ପଡ଼ିପାରିଲା। ଆଜି ଯଦି ଓଡ଼ିଶା କିମ୍ବା ବିହାରକୁ ଶିଳ୍ପପତି ଭୟ କରୁଛନ୍ତି ତାହା କେବଳ ନିଜର ସୁବିଧା ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ ହୋଇଥାଇପାରେ ବୋଲି ମନେହେଉଛି।

ଶେଷରେ, ଓଡ଼ିଶାର ଭବିଷ୍ୟତ ଭିନ୍ନ ଭାବେ ଦେଖିବା ଦରକାର। ମନେପଡୁଛି କିଛିବର୍ଷ ପୂର୍ବେ ପଶ୍ଚିମବଙ୍ଗରୁ ଆଳୁ ନ ଆସିବା ଫଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ଆଳୁ ଉତ୍ପାଦନ ପାଇଁ ବାର୍ତ୍ତା ଦେଲେ। ସେହିବର୍ଷ ଓଡ଼ିଶାରେ ନାହିଁ ନ ଥିବା ଆଳୁ ଉତ୍ପାଦନ ହେଲା। କିନ୍ତୁ ଶୀତଳଭଣ୍ଡାର ଅଭାବ ଯୋଗୁ ଚାଷୀ ଉତ୍ପାଦକୁ ସାଇତି ରଖି ନ ପାରିବାରୁ ପ୍ରବଳ କ୍ଷତି ସହିଲେ। ଏହାର ଅର୍ଥ ହେଲା ଓଡ଼ିଶାରେ ଶିଳ୍ପ ପରିବର୍ତ୍ତେ, ଯଦି ଆଧୁନିକ କୃଷିପ୍ରଣାଳୀ ଏବଂ ତା'ର ଆନୁଷଙ୍ଗିକ ଭିତ୍ତିଭୂମି ଯଥା- ଜମି ବନ୍ଦୋବସ୍ତ, ଶୀତଳଭଣ୍ଡାର, ଉପଯୁକ୍ତ ବଜାର ବ୍ୟବସ୍ଥା ଏବଂ ଚାଷ ସମ୍ପୃକ୍ତ ମେଶିନର ସୁଯୋଗ ସୃଷ୍ଟି କରାଯାଇପାରନ୍ତା, ତେବେ ଅଧିକାଂଶ କୃଷିକାର୍ଯ୍ୟରେ ନିୟୋଜିତ ହୋଇ ଧନ ଉପାର୍ଜନ ସହିତ ଘରେ ରହିବାକୁ ପସନ୍ଦ କରନ୍ତେ। ଆଜି ଭଳି ପ୍ରବାସୀ ଶ୍ରମିକ ସମସ୍ୟା ଓଡ଼ିଶା ପାଇଁ ଘଟନ୍ତା ନାହିଁ। ଏଥିପାଇଁ ପଞ୍ଜାବ ଏକ ଭଲ ଦୃଷ୍ଟାନ୍ତ।



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପୁରୀ ରଥଖଳାରେ ରବିବାର ମହାରଣା ସେବକଙ୍କ ସ୍କ୍ରିନିଂ କରାଯାଉଛି।

## ମଙ୍ଗଳବାରଠୁ ଧୀରେ ଧୀରେ ସ୍ୱାଭାବିକ ହେବ ଟ୍ରେନ୍ ଚଳାଚଳ

- ସୋମବାର ୪ଟାରୁ ଆଇଆର୍‌ସିଟିସିରେ ଟିକେଟ ବୁକିଂ
- ପ୍ରାଥମିକ ପର୍ଯ୍ୟାୟରେ ୧୫ ଯୋଡ଼ା ଟ୍ରେନ୍
- ଭୁବନେଶ୍ୱର ସହ ଅନ୍ୟ ୧୪ ସ୍ଥାନକୁ ମିଳିବ ସେବା
- ପର୍ଯ୍ୟାୟ ଭିତ୍ତିରେ ଗଡ଼ିବ ଅଧିକ ଟ୍ରେନ୍

ନୂଆଦିଲ୍ଲୀ, ୧୦।୫

ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ମାର୍ଚ୍ଚ ୨୫ରୁ ଯାତ୍ରୀବାହୀ ରେଳ ସେବା ବନ୍ଦ ହୋଇଛି। ତେବେ ଏହି ସେବା ଆସନ୍ତା ମଙ୍ଗଳବାରଠାରୁ ଦେଶ ମଧ୍ୟରେ ଧୀରେ ଧୀରେ ସ୍ୱାଭାବିକ ହେବ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ନିଷ୍ପତ୍ତି ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ୧୫ ଯୋଡ଼ା ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ଅନୁମତି ମିଳିଛି। ଏହି ଟ୍ରେନ୍‌ଗୁଡ଼ିକ ସ୍ୱତନ୍ତ୍ର ଟ୍ରେନ୍ ଭାବେ ଯାତ୍ରାକରିବ। ନୂଆଦିଲ୍ଲୀଠାରୁ ଟ୍ରେନ୍‌ଗୁଡ଼ିକ ଡିବ୍ରୁଗଡ଼, ଅଗରତାଲା, ହାଓଡା, ପାଟନା, ବିଳାସପୁର, ରାଞ୍ଚି, ଭୁବନେଶ୍ୱର, ସିକନ୍ଦରାବାଦ, ବାଙ୍ଗାଲୋର, ଚେନ୍ନାଇ, ଥିରୁଭାନନ୍ତପୁରମ, ମାଡଗାଁଓ, ମୁମ୍ବାଇ, ସେଣ୍ଟ୍ରାଲ, ଅହମ୍ମଦାବାଦ ଏବଂ ଜମ୍ମୁତାୱି ମଧ୍ୟରେ ଚଳାଚଳ କରିବ।

ଟ୍ରେନ୍‌ଗୁଡିକରେ ଯାତ୍ରା ଲାଗି ସୋମବାର ୪ଟା ପରଠାରୁ ବୁକିଂ ଆରମ୍ଭ ହେବ। ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ କର୍ପୋରେଶନ(ଆଇଆର୍‌ସିଟିସି) ୱେବ୍‌ସାଇଟରୁ ଲୋକମାନେ ଏ ନେଇ ଟିକେଟ ବୁକିଂ କରିପାରିବେ। ଏହି ସମୟରେ ଷ୍ଟେଶନଗୁଡିକରେ ☞ପୃଷ୍ଠା-୪

## ଟ୍ରକ୍ ଓଲଟି ୫ ପ୍ରବାସୀ ଶ୍ରମିକ ମୃତ

ନରସିଂପୁର(ମଧ୍ୟପ୍ରଦେଶ), ୧୦।୫

ମଧ୍ୟପ୍ରଦେଶ ନରସିଂହପୁରରେ ଶନିବାର ବିଳମ୍ବିତ ରାତିରେ ଏକ ଆମ୍ବ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ଯାଉଥିବା ୫ଜଣ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମିଳିଥିବା ସୂଚନା ଅନୁସାରେ ହାଇଦ୍ରାବାଦରୁ ୨୦ଜଣ ପ୍ରବାସୀ ଶ୍ରମିକ ଏକ ଆମ୍ବ ବୋଝେଇ ଟ୍ରକ୍‌ରେ ଫେରୁଥିଲେ। ସେମାନେ ମଧ୍ୟପ୍ରଦେଶର ଝାନ୍‌ସୀ ଓ ଉତ୍ତରପ୍ରଦେଶର ଏକ ସହରକୁ ଯାଇଥାନ୍ତେ। ଭୋପାଳଠାରୁ ୨୦୦ କି.ମି. ଦୂର ନରସିଂପୁର ଜିଲାର ପଥଗ୍ରାମ ☞ପୃଷ୍ଠା-୪

# ପ୍ରଶ୍ନ ଘେରରେ ପିଏମ୍ କେୟାର୍ସ

## ଏପଟେ କର୍ପୋରେଟ ଛଟେଇ, ସେପଟେ ପାଣ୍ଠିକୁ ବଦାନ୍ୟତା

**ନୋଭେଲ୍ କରୋନା ଭାଇରସ୍‌କୁ ସାମ୍ନା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ ନୂତନ ପାଣ୍ଠି ସୃଷ୍ଟି କରାଯାଇଛି। ତାହାର ନାମ ହେଉଛି ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏଶନ୍ ଫଣ୍ଡ। ଏହାକୁ କୁହାଯାଉଛି ପିଏମ୍ କେୟାର୍ସ। କୌତୁହଳର ବିଷୟ ହେଲା ଯେ, ଇଂଲିଶ୍‌ରେ 'କେୟାର୍ସ'ର ଅର୍ଥ ହେଲା ଯତ୍ନ। ଏଭଳି ନାମକରଣ ପଛରେ ଉଦ୍ଦେଶ୍ୟ ହେଉଛି, ସାଧାରଣ ଜନତାଙ୍କ ମନରେ ଧାରଣା ସୃଷ୍ଟି କରିବା ଯେ, କେବଳ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଯତ୍ନ ନେବାକୁ ଆଗଭର।**

ନୂଆଦିଲ୍ଲୀ, ୧୦।୫

କରୋନା ସଂକ୍ରମଣ ରୋକିବା ପାଇଁ ଦେଶରେ ଜାରି ହୋଇଥିବା ଲକ୍‌ଡାଉନ୍ ଯୋଗୁ ବ୍ୟବସାୟିକ କାରବାର ପ୍ରାୟ ହେଉନାହିଁ କହିଲେ ଚଳେ। ଏଭଳି ସମୟରେ ଆର୍ଥିକ କ୍ଷତିରେ ଚାଲୁଥିବା କମ୍ପାନୀଗୁଡ଼ିକ ଛଟେଇ ସହ ନିଜ କର୍ମଚାରୀଙ୍କ ଦରମା ମଧ୍ୟ କାଟଛାଣ୍ଟ କରୁଛନ୍ତି। ଏହାସତ୍ତ୍ୱେ କମ୍ପାନୀଗୁଡ଼ିକ ପିଏମ୍ କେୟାର୍ସ ପାଣ୍ଠିକୁ ବିପୁଳ ଅର୍ଥ ଦାନ କରୁଛନ୍ତି। ଏହି ଅର୍ଦ୍ଧ-ଘରୋଇ ରିଲିଫ୍ ଫଣ୍ଡର ଯାଞ୍ଚ ହେବ ନାହିଁ ବୋଲି ଏପରି କରାଯାଉଥିବା କୁହାଯାଉଛି। ନିଜର ତଥାକଥିତ ଦୁର୍ଦ୍ଦିନ ସମୟରେ କମ୍ପାନୀଗୁଡ଼ିକ ଏହି ରିଲିଫ୍ ଫଣ୍ଡକୁ ଏତେ ପରିମାଣର ଡୋନେଶନ ଦେବା କର୍ପୋରେଟ୍ସ ଓ କର୍ମଚାରୀଙ୍କ ମଧ୍ୟରେ ଅନାସ୍ଥା ଭାବ ସୃଷ୍ଟି କରିଛି। ପିଏମ୍ କେୟାର୍ସ କୌଣସି ଉତ୍ତରଦାୟିତ୍ୱର ପରିଧି ମଧ୍ୟରେ ଆସୁ ନ ଥିବାରୁ ଏହା ସରକାର ଓ କମ୍ପାନୀଗୁଡ଼ିକର କେଉଁ ଉଦ୍ଦେଶ୍ୟକୁ ସାଧିତ କରିବ ବୋଲି କେତେକ ମହଲରେ ପ୍ରଶ୍ନ ଉଠିଲାଣି।




କୋଭିଡ୍-୧୯ର ମୁକାବିଲା ପାଇଁ ନବଗଠିତ ପିଏମ୍ ☞ପୃଷ୍ଠା-୪

## ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ

**କରୋନା ମୁକାବିଲା**

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଅବଧି ଶେଷ ହେବାକୁ ଆଉ ସପ୍ତାହେ ବାକି ରହିଛି। ଦୀର୍ଘ ୪୭ ଦିନ ଲକ୍‌ଡାଉନ ପରେ ମଧ୍ୟ ଦେଶର ବିଭିନ୍ନ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ କରୋନା ମୁକାବିଲା ଓ ବର୍ତ୍ତମାନର କରୋନା ପରିସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅପରାହ୍ନ ୩ଟାରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ଆଲୋଚନା କରିବେ। କରୋନା ମୁକାବିଲା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀଙ୍କ ସହିତ ୫ମ ଥର ଆଲୋଚନା କରିବାକୁ ଯାଉଛନ୍ତି। ତେବେ ଲକ୍‌ଡାଉନ ପରେ କରୋନା ମୁକାବିଲା ନେଇ କେନ୍ଦ୍ର ସରକାର କି ପଦକ୍ଷେପ ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।



ବାଦନ ଶ୍ରମିକମାନଙ୍କୁ ନିଜ ଘରକୁ ଛଡ଼ାଯାଉ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଅନୁରୋଧ କରିଛନ୍ତି। ପାୱାର ଫୋନ ଯୋଗେ ରେଳମନ୍ତ୍ରୀ ପୀୟୁଷ ଗୋୟଲ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ମଧ୍ୟ ଏନେଇ କଥା ହୋଇଛନ୍ତି। ତେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ବାଦନ ଶ୍ରମିକଙ୍କୁ ଫେରିବା ଲାଗି ଅନୁମତି ଦେଉ ନ ଥିବାରୁ ସେ ଚିନ୍ତାବ୍ୟକ୍ତ କରିଛନ୍ତି।



ଇରାକ୍‌ରେ ମୁସ୍ତାଫା ଅଲ୍-କାଧିମିଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯିବା ପ୍ରତିବାଦରେ ଗ୍ରୀନ୍ ଜୋନ୍ ସରକାରୀ ଏରିଆ ସଂଲଗ୍ନ ଜୁମହୁରିଆ ବ୍ରିଜ୍ ନିକଟରେ ଧାରଣାରେ ବସିଛନ୍ତି ବିକ୍ଷୋଭକାରୀ।

## ଏୟାର ଇଣ୍ଡିଆର ୫ ପାଇଲଟ, ୨ କର୍ମଚାରୀଙ୍କୁ କରୋନା

**ନୂଆଦିଲ୍ଲୀ,୧୦ା୫:** ଏୟାର ଇଣ୍ଡିଆର ୫ ପାଇଲଟ, ଜଣେ ଇଞ୍ଜିନିୟର ଓ ଜଣେ ଟେକ୍‌ନିସିଆନଙ୍କଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି। ଶନିବାର ପ୍ରାଥମିକତା ଭିତ୍ତିରେ ୭୭ ଜଣ ପାଇଲଟଙ୍କ ନମୁନା ପରୀକ୍ଷା କରାଯାଇଥିଲା। ସଂକ୍ରମିତ ପାଇଲଟଙ୍କଠାରେ କୋଭିଡ୍-୧୯ର କୌଣସି ଲକ୍ଷଣ ନ ଥିବାରୁ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ବୋଇଂ ୭୮୭ ଡ୍ରିମ୍‌ଲାଇନର୍ସ ଏହି ସଂକ୍ରମିତ ୫ ପାଇଲଟଙ୍କ ଘର ମୁମ୍ବାଇରେ। ସେମାନେ ଏପ୍ରିଲ୍ ୨୦ରେ ଶେଷ ଥର ପାଇଁ ବିମାନ ଚଳାଇଥିଲେ। ଏବେ ବିଦେଶରେ ଅଟକିଥିବା ଭାରତୀୟଙ୍କୁ ଫେରାଇଆଣିବାରେ ଏୟାର ଇଣ୍ଡିଆ ବିମାନ ବ୍ୟବହାର କରାଯାଥିବାରୁ ପାଇଲଟମାନଙ୍କ ନମୁନା ପରୀକ୍ଷା କରାଯାଇଥିଲା।

## ମାଳଦ୍ୱୀପରୁ ଫେରିଲେ ୬୯୮



**କୋଚିରେ ପହଞ୍ଚିଲା ଆଇଏନ୍‌ଏସ୍ ଜଲାଶ୍ୱ**

**କୋଚି,୧୦ା୫ (ପି.ଟି.):** ନୌସେନା ଜାହାଜ ଆଇଏନ୍‌ଏସ୍ ଜଲାଶ୍ୱ ମାଳଦ୍ୱୀପରେ ଅଟକିଥିବା ୬୯୮ ଭାରତୀୟଙ୍କୁ ଆଣି ରବିବାର ସକାଳେ କୋଚି ବନ୍ଦରରେ ପହଞ୍ଚିଛି। କୋଭିଡ୍-୧୯ ଲକ୍‌ଡାଉନ ବେଳେ ଭାରତୀୟ ନୌସେନାର ଏହା ପ୍ରଥମ ଉଦ୍ଧାର କାର୍ଯ୍ୟ। ଫେରିଥିବା ଯାତ୍ରୀଙ୍କ ମଧ୍ୟରୁ ୫୯୫ ଜଣ ପୁରୁଷ ହୋଇଥିବାବେଳେ ୧୦୩ ଜଣ ମହିଳା। ସେମାନଙ୍କ ମଧ୍ୟରେ ୧୦ ବର୍ଷରୁ କମ୍ ୧୪ ପିଲା ଓ ୧୯ ଜଣ ଗର୍ଭବତୀ ମହିଳା ଅଛନ୍ତି। କେରଳ ଓ ତାମିଲନାଡୁରୁ ସର୍ବାଧିକ ଯାତ୍ରୀ ଥିବାବେଳେ ଅନ୍ୟ ୧୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମଧ୍ୟ ଯାତ୍ରୀ ଅଛନ୍ତି। ମାଳଦ୍ୱୀପର ମାଲେଠାରୁ ଶୁକ୍ରବାର ରାତିରେ ଉକ୍ତ ଜାହାଜ ଛାଡ଼ିଥିଲା। କୋଚି ବନ୍ଦରରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଯାତ୍ରୀମାନଙ୍କୁ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। କେଉଁମାନଙ୍କୁ ହସ୍ପିଟାଲ ନିଆଯିବ ଓ କିଏ କ୍ୱାରାଣ୍ଟାଇନ ସେଣ୍ଟର ଯିବେ ତାହା ସ୍ଥିର ହେବା ପରେ ରାଜ୍ୟ ସରକାର ଆମ୍ବୁଲାନ୍ସ, ବସ୍ ଓ ଟ୍ୟାକ୍ସି ଯୋଗାଇଦେବେ ବୋଲି ଜଣେ ଅଧିକାରୀ କହିଛନ୍ତି।

# ଭାରତ-ଚାଇନା ସୈନ୍ୟ ସଂଘର୍ଷ

- ନାକୁଲା ପାସ୍‌ରେ ମୁହାଁମୁହିଁ
- ଉଭୟ ପକ୍ଷର ଯବାନ ଆହତ

**ନୂଆଦିଲ୍ଲୀ,୧୦ା୫(ପି.ଟି.)**

ଭାରତ-ଚାଇନା ସୀମାର ସିକିମ୍ ସେକ୍ଟର ଅନ୍ତର୍ଗତ ନାକୁଲା ଗିରିପଥରେ ଉଭୟ ପକ୍ଷ ସେନା ମଧ୍ୟରେ ସଂଘର୍ଷ ଘଟି ଅନେକ ଯବାନ ଆହତ ହୋଇଛନ୍ତି। ଉଭୟ ପକ୍ଷର ସୈନ୍ୟ ପରସ୍ପରକୁ ମୁଥ ମାରିଥିଲେ ବୋଲି ଭାରତୀୟ ସେନା ସୂତ୍ରରୁ ଜଣାପଡ଼ିଛି। ସ୍ଥାନୀୟ ସ୍ତରରେ ଆଲୋଚନା ପରେ ସେମାନେ ସଂଘର୍ଷରୁ ଓହରିଥିଲେ। ୨୦୧୭ ଅଗଷ୍ଟରେ ଲଦାଖର ପଙ୍ଗୋଙ୍ଗ୍ ହ୍ରଦଠାରେ ଭାରତ ଓ ଚାଇନା ସେନା ମଧ୍ୟରେ ଅନୁରୂପ ମୁଥ ମରାମରି ହୋଇଥିଲା। ସାମରିକ ପ୍ରୋଟୋକଲ୍ ଅନୁଯାୟୀ ଯବାନମାନେ ଆପୋସ ବୁଝାମଣାରେ ଏହାର ସମାଧାନ କରିଥିଲେ। ଏହାର ଦୀର୍ଘଦିନ ପରେ ପୁଣିଥରେ ଦୁଇଦେଶର ସେନା ମୁହାଁମୁହିଁ ହୋଇଛନ୍ତି। ଶନିବାର ହୋଇଥିବା ଏହି ସଂଘର୍ଷରେ ୧୫୦ ସୈନ୍ୟ ସମ୍ପୃକ୍ତ ଥିଲେ।

ଦୁଇଦେଶ ମଧ୍ୟରେ ସୀମାକୁ ନେଇ ବିବାଦ ରହିଛି। ଭାରତର କେତେକ ଅଞ୍ଚଳକୁ ଚାଇନା ନିଜର ବୋଲି ଦାବି କରିଆସୁଛି। ଏହାକୁ ନେଇ ବେଳେବେଳେ ଦୁଇଦେଶର ସେନା ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସୀମାକୁ ନେଇ ମତାନ୍ତର ହେବାରୁ ଶନିବାର ଦୁଇ ପକ୍ଷର ଯବାନଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା।

ସୂଚନାଯୋଗ୍ୟ ୨୦୧୭ରେ ଡୋକଲାମଠାରେ ଭାରତ ଓ ଚାଇନା ସେନାଙ୍କ ମଧ୍ୟରେ ସୀମାକୁ ନେଇ ଦୀର୍ଘ ୭୩ ଦିନ ଧରି ମୁହାଁମୁହିଁ ପରିସ୍ଥିତ ଲାଗି ରହିଥିଲା। ସେତେବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଲାଗିଯିବାର ଆଶଙ୍କା ପ୍ରକାଶ ପାଇଥିଲା। ଭାରତ ଓ ଚାଇନା ମଧ୍ୟରେ ୩,୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ରହିଛି। ଅରୁଣାଚଳପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ ଚାଇନା ଏହାକୁ ଦକ୍ଷିଣ ତିବ୍ବତ୍‌ର ଏକ ଅଂଶ ବୋଲି ଦାବି କରିଆସୁଛି। ଉଭୟ ଦେଶ ମଧ୍ୟ ସୀମାକୁ ନେଇ ବିବାଦ ଲାଗିରହିଛି। ସୀମାରେ ଶାନ୍ତି ବଜାୟ ରଖିବାକୁ ହେଲେ ବିବାଦର ସ୍ଥାୟୀ ସମାଧାନ ଜରୁରୀ। ଡୋକଲାମ ବିବାଦ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ବୈଠକ ୨୦୧୮ ଏପ୍ରିଲରେ ଉହାନଠାରେ ବସିଥିଲା। ଉଭୟ ସେନା ମଧ୍ୟରେ ବିଶ୍ୱାସ ଓ ବୁଝାମଣା ସ୍ଥାପନ ପାଇଁ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଦୁଇନେତା ସହମତ ହୋଇଥିଲେ। ସେହିବର୍ଷ ଅକ୍ଟୋବରରେ ଚେନ୍ନାଇ ନିକଟ ମାମଲାପୁରମଠାରେ ଦ୍ୱିତୀୟ ସମିଟ୍ ଅନୁଷ୍ଠିତ ହୋଇଥିଲା, ଯେଉଁଠି ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।



## ଭାରତର ରାସ୍ତା ନିର୍ମାଣକୁ ନେପାଳର ବିରୋଧ

**ନୂଆଦିଲ୍ଲୀ:** ଉତ୍ତରାଖଣ୍ଡରୁ ଚାଇନା ସୀମାର ଲିପୁଲେଖକୁ ଭାରତ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଥିବାବେଳେ ନେପାଳ ଆପତ୍ତି ଉଠାଇଛି। ତିବ୍ବତରେ ଥିବା କୈଳାସ ମାନସରୋବରକୁ ଭାରତରୁ ଶ୍ରଦ୍ଧାଳୁଙ୍କ ଯାତ୍ରା ସୁଗମ କରିବା ପାଇଁ ୧୭,୦୦୦ ଫୁଟ୍ ଉଚ୍ଚତାରେ ଉକ୍ତ ରାସ୍ତା ନିର୍ମାଣ ଚାଲିଛି। ୮୦ କି.ମି. ବିଶିଷ୍ଟ ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଯାତ୍ରୀଙ୍କୁ ଅଧିକ ବାଟ ଦେଇ ଯିବାକୁ ପଡ଼ିବ ନାହିଁ। ତେବେ ନେପାଳର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର ୱେବ୍‌ସାଇଟ୍‌ରେ ଏକ ବିବୃତି ଜାରି କରି ଆପତ୍ତି ଉଠାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଭାରତର ଏହି ଏକପାଖିଆ ପଦକ୍ଷେପ ଦୁଇଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ବୁଝାମଣାକୁ ଉଲ୍ଲଂଘନ କରୁଛି।

ପ୍ରକାଶ ଯେ, ଭାରତ ଓ ନେପାଳ ସୀମାର ବିବାଦୀୟ ଅଞ୍ଚଳ କାପାଲିନୀ ନିକଟରେ ଲିପୁଲେଖ ଅବସ୍ଥିତ। ଲିପୁଲେଖକୁ ଦୁଇଦେଶ ନିଜର ବୋଲି ଦାବି କରିଥାଆନ୍ତି। ଏହି ଲିଙ୍କ୍ ରୋଡ୍‌କୁ ଶୁକ୍ରବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଥିଲେ। ରାସ୍ତା ନିର୍ମାଣକୁ ନେପାଳ ବିରୋଧ କରିବା ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଉକ୍ତ ଅଞ୍ଚଳ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲା ଅଧୀନରେ ଆସୁଛି, ଯାହା ଉପରେ ସମ୍ପୂର୍ଣ୍ଣ ଭାବେ ଭାରତର ଅଧିକାର ରହିଛି।

# ଠିକ୍ ସମୟରେ ହୋଇପାରେ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ,୧୦ା୫ (ପି.ଟି.)**



ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସାଧାରଣତଃ ଜୁନ୍ ଶେଷ ସପ୍ତାହ କିମ୍ବା ଜୁଲାଇ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଥାଏ। ଏଥର କୋଭିଡ୍-୧୯ ସତ୍ତ୍ୱେ ଠିକ୍ ସମୟରେ ଅଧିବେଶନ ଆରମ୍ଭ ହେବ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଆଶାବ୍ୟକ୍ତ କରିଛନ୍ତି। ଗତବର୍ଷ ଜୁନ୍ ୨୦ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୭ରେ ଶେଷ ହୋଇଥିଲା। କରୋନା ସଙ୍କଟ ଯୋଗୁ ଏହା ପରୀକ୍ଷାର ସମୟ। ତେବେ ସ୍ୱାଭାବିକ କାର୍ଯ୍ୟସୂଚୀ ଅନୁଯାୟୀ ଅଧିବେଶନ ଆରମ୍ଭ ହେବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ଜୁନ୍-ଜୁଲାଇରେ ଯଦି ସାମାଜିକ ଦୂରତ୍ୱ କଟକଣା ରହିଥାଏ ତେବେ ପାର୍ଲାମେଣ୍ଟରେ ତାହା କିପରି ପାଳନ କରାଯିବ ବୋଲି ପ୍ରଶ୍ନ ହେବାରୁ ସେଭଳି ସ୍ଥିତି ଆସିଲେ କୌଣସି ବାଟ ବାହାରିବ ବୋଲି ବିର୍ଲା କହିଥିଲେ। ମହାମାରୀ ବେଳେ ଲୋକଙ୍କୁ ସହାୟତା କରିବାରେ ବିଧାନସଭାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ବିର୍ଲା ଲୋକ ସଭାରେ ଏକ କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ଲକ୍‌ଡାଉନ ବେଳେ ଦଳମତ ନିର୍ବିଶେଷରେ ଏମ୍‌ପିମାନେ ଲୋକଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇ ଦେଉଥିବାରୁ ବାଚସ୍ପତି ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନିର୍ଦ୍ୱନ୍ଦ୍ୱରେ ବିଧାନ ପରିଷଦକୁ ଯିବେ ଉଦ୍ଧବ



**ମୁମ୍ବାଇ,୧୦ା୫ (ପି.ଟି.):** କଂଗ୍ରେସ ଏହାର ପ୍ରାର୍ଥୀ ପ୍ରତ୍ୟାହାର କରିନେବ ବୋଲି ଘୋଷଣା କରିବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ନିର୍ଦ୍ୱନ୍ଦ୍ୱରେ ବିଧାନ ପରିଷଦକୁ ନିର୍ବାଚିତ ହେବାକୁ ଯାଉଛନ୍ତି। ଆଗାମୀ ୨୧ ତାରିଖରେ ବିଧାନ ପରିଷଦର ୯ଟି ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। କଂଗ୍ରେସ ୨ଟି ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଗୋଟିଏ ଆସନରୁ ପ୍ରତ୍ୟାହାର କରିନେବାକୁ ନିଷ୍ପତ୍ତି ନେଇଥିବା ରାଜ୍ୟ ଶାଖା ସଭାପତି ବାଲାସାହେବ ଥୋରାଟ କହିଛନ୍ତି। ଫଳରେ ନିର୍ବାଚନ ରଣାଙ୍ଗନରେ ମହାବିକାଶ ଅଘାଡି (ଶିବସେନା, ଏନ୍‌ସିପି, କଂଗ୍ରେସ ମେଣ୍ଟ)ର ୫ ପ୍ରାର୍ଥୀ ରହିବେ। ଭାଜପା ୪ ଆସନରେ ପ୍ରାର୍ଥୀ ଦେଇଛି।




ଚଳିତ ମାସରେ କରୋନା ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଜାରି କରାଯାଇଥିବା ଗ୍ରାଫିକ୍ସ।

## ଦିଲ୍ଲୀରେ ଧୂଳିଝଡ଼ ପରେ ଭୂକମ୍ପ

**ନୂଆଦିଲ୍ଲୀ,୧୦ା୫ (ପି.ଟି.):** ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ରବିବାର ପ୍ରବଳ ଧୂଳିଝଡ଼ ଓ ବର୍ଷା ପରେ ମଧ୍ୟମ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଧୂଳିଝଡ଼ ଯୋଗୁ ରାସ୍ତାଘାଟ ଅନ୍ଧକାର ହୋଇଯାଇଥିଲା। ଦିଲ୍ଲୀରେ ରବିବାର ତାପମାତ୍ରା ସର୍ବାଧିକ ୪୦.୯ ଡିଗ୍ରୀ ଥିବାବେଳେ ବର୍ଷା ଆଶ୍ୱସ୍ତି ଆଣିଥିଲା। ଏହାର କିଛି ସମୟ ପରେ ୩.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ମାସକରୁ କମ୍ ସମୟ ମଧ୍ୟରେ ଦିଲ୍ଲୀରେ ଏହା ତୃତୀୟ ଭୂକମ୍ପ। ଏହାର କେନ୍ଦ୍ରସ୍ଥଳ ଉତ୍ତରପୂର୍ବ ଦିଲ୍ଲୀର ୱାଜିରପୁର ନିକଟରେ ବୋଲି ଜଣାପଡ଼ିଛି।

## ଅହମଦାବାଦରେ ୩୩୪ ସୁପରସ୍ପ୍ରେଡର

**ଅହମଦାବାଦ,୧୦ା୫ (ପି.ଟି.):** ଗୁଜରାଟର ଅହମଦାବାଦରେ ୩୩୪ ଜଣ କରୋନା ସୁପରସ୍ପ୍ରେଡରଙ୍କୁ ଚିହ୍ନଟ କରାଗଲାଣି। ସହରରେ ଅତ୍ୟଧିକ ସଂକ୍ରମଣ ପାଇଁ ସେମାନଙ୍କୁ ଦାୟୀ କରାଯାଉଛି। ସଂକ୍ରମଣ କମାଇବା ପାଇଁ ମେ' ୧୫ ପର୍ଯ୍ୟନ୍ତ ସମସ୍ତ ତେଜରାତି ଓ ପରିବା ଦୋକାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁପରସ୍ପ୍ରେଡରମାନେ ଅନେକ ଲୋକଙ୍କୁ ସଂକ୍ରମିତ କରିଥାନ୍ତି। ସେମାନେ ପରିବା ଓ ତେଜରାତି ଦୋକାନୀ, କ୍ଷୀର ବ୍ୟବସାୟୀ, ପେଟ୍ରୋଲ ପମ୍ପ ଆଟେଣ୍ଡାଣ୍ଟ କିମ୍ବା ଅଳିଆ ଉଠାଉଥିବା ସଫେଇ କର୍ମଚାରୀ ହୋଇପାରନ୍ତି। କାରଣ ସେମାନେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥାନ୍ତି। ଶନିବାର ସୁଦ୍ଧା ଗୁଜରାଟରେ ୭୭୯୭ ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ଅହମଦାବାଦରେ ଆକ୍ରାନ୍ତଙ୍କ ସଂଖ୍ୟା ୫୫୪୦ରେ ପହଞ୍ଚିଛି।

# ଏମ୍ସରେ ମନମୋହନ ସିଂ

**ନୂଆଦିଲ୍ଲୀ,୧୦ା୫**



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ରବିବାର ରାତିରେ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ)ରେ ଭର୍ତ୍ତି କରାଯାଇଛି। ରାତି ୮ଟା ୪୫ରେ ବରିଷ୍ଠ କଂଗ୍ରେସ ନେତାଙ୍କୁ ଏମ୍ସର କାର୍ଡିଓ-ଥେରାପି ୱାର୍ଡକୁ ନିଆଯାଇଥିଲା। କାର୍ଡିଓଲୋଜି ପ୍ରଫେସର ଡ. ନୀତୀଶ ନାଏକଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା କରାଯାଉଛି। ଗତ ମାସ ୨୬ରେ ଏକ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ମନମୋହନ କହିଥିଲେ, କୋଭିଡ୍-୧୯କୁ ପ୍ରତିହତ କରିବାକୁ ହେଲେ ଦେଶରେ ପରୀକ୍ଷା ସୁବିଧାକୁ ବ୍ୟାପକ କରିବାକୁ ହେବ। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଦେଶର ପ୍ରଧାନମନ୍ତ୍ରୀ ରହିଥିବା ମନମୋହନ ଏବେ ରାଜସ୍ଥାନରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଛନ୍ତି।

## ରାମମନ୍ଦିରକୁ ଦାନ କଲେ ୫୦% କର ଛାଡ଼

**ନୂଆଦିଲ୍ଲୀ,୧୦ା୫:** ରାମମନ୍ଦିର ନିର୍ମାଣ ପାଇଁ ଦାନ କରୁଥିବା ବ୍ୟକ୍ତିଙ୍କ ଆୟକର ଛାଡ କରାଯିବା ନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆୟକର ଅଧିନିୟମ ଧାରା ୮୦-ଜି'ର ଉପଧାରା-୨ ଏବଂ ଖଣ୍ଡ-ବି' ଅନ୍ତର୍ଗତ ଏଭଳି ସୁବିଧା ଦାନକାରୀଙ୍କୁ ଯୋଗାଇ ଦିଆଯିବ ବୋଲି କୁହାଯାଉଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ଦାନକରିବା ଦ୍ୱାରା ଆୟକର ଛାଡ ଅଧିନିୟମ ଧାରା ୧୧ ଏବଂ ୧୨ ଅନୁସାରେ ଏହା କାର୍ଯ୍ୟକାରୀ ହେବ। ଏହି ଧାରା ଅନୁସାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଆୟକର ଛାଡ କରାଯିବ ବୋଲି କୁହାଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରୁ ଏହା ଲାଗୁ ହେବ। ଏଥିପାଇଁ ଦାନକର୍ତ୍ତାଙ୍କୁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ରସିଦ୍ ଦାଖଲ କରିବାକୁ ପଡ଼ିବ।



ଅଗରତାଲାରେ ଜଣେ ମହିଳା ମାସ୍କ ପିନ୍ଧି ବିଞ୍ଚଣା ତିଆରି କରୁଛନ୍ତି।

# ଶ୍ରମିକଙ୍କୁ ଫେରାଇନେବା ପାଇଁ ସହଯୋଗ ଲୋଡ଼ିଲା କେନ୍ଦ୍ର

**ଶ୍ରମିକ ଟ୍ରେନ୍ ଲାଗି ଅନୁମତି ଦେବାକୁ ରାଜ୍ୟକୁ ରେଳମନ୍ତ୍ରୀଙ୍କ ଅନୁରୋଧ**

**ନୂଆଦିଲ୍ଲୀ,୧୦ା୫(ପି.ଟି.)**

ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇନେବା ଲାଗି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ନିମନ୍ତେ କ୍ୟାବିନେଟ ସଚିବ ରାଜୀବ ଗୌବା ରବିବାର ରାଜ୍ୟଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ମେ' ୧ରୁ ବର୍ତ୍ତମାନ ସୁଦ୍ଧା ମୋଟ ୩୫୦ ଟ୍ରେନ୍‌ରେ ୩.୫ ଲକ୍ଷ ଶ୍ରମିକଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇ ଅଣାଗଲାଣି। ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳକୁ ନେଇ ପଶ୍ଚିମବଙ୍ଗ ସରକାର ଓ କେନ୍ଦ୍ର ମଧ୍ୟରେ ମୁହାଁମୁହିଁ ହେବା ପରେ କ୍ୟାବିନେଟ ସଚିବ ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବମାନଙ୍କୁ ଉପରୋକ୍ତ ଅନୁରୋଧ କରିଛନ୍ତି। ସେହିପରି ବିଦେଶରେ ଅଟକିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ସରକାରଙ୍କ ପକ୍ଷରୁ 'ବନ୍ଦେ ଭାରତ ମିଶନ' ଆରମ୍ଭ ହୋଇଛି। ଏଥିରେ ମଧ୍ୟ ରାଜ୍ୟଗୁଡ଼ିକର ସହଯୋଗ ଆବଶ୍ୟକ ବୋଲି ଗୌବା କହିଛନ୍ତି। ଡାକ୍ତର, ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଯାତାୟାତରେ କୌଣସି ବାଧା ରହିବା ଉଚିତ୍ ନୁହେଁ। ଏହି କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିବା ସହ ସୁରକ୍ଷା ଯୋଗାଇଦେବା ଦିଗରେ ସମସ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ। ଭିଡିଓ କନ୍‌ଫରେନ୍ସରେ ମୁଖ୍ୟ ସଚିବମାନେ ସେମାନଙ୍କ ରାଜ୍ୟର କୋଭିଡ୍-୧୯ ସ୍ଥିତି ଓ ଅର୍ଥନୈତିକ କାର୍ଯ୍ୟ ସମ୍ପର୍କରେ କ୍ୟାବିନେଟ ସଚିବଙ୍କୁ ଅବଗତ କରାଇଥିଲେ।

ସେହିପରି ଅଟକିଥିବା ଶ୍ରମିକମାନଙ୍କୁ ଫେରାଇନେବା ଲାଗି ଆଗାମୀ ୩/୪ ଦିନ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଏଥିପାଇଁ ରାଜ୍ୟଗୁଡ଼ିକ ଅନୁମତି ଦେବାକୁ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଅନୁରୋଧ କରିଛନ୍ତି। ଏଭଳି ଟ୍ରେନ୍ ଚଳାଚଳ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଶନିବାର ପତ୍ର ଲେଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନର୍ଦ୍ଦେଶ କ୍ରମେ ଶ୍ରମିକମାନଙ୍କୁ ଫେରାଇନେବା ଲାଗି ଶ୍ରମିକ ସ୍ପେଶିଆଲ ଟ୍ରେନ୍ ଚଳାଚଳ କରୁଛି।

## ସଂକ୍ଷେପରେ

### ଡାକ୍ତରଙ୍କ କାନ କାମୁଡି ଛିଣ୍ଡାଇଲେ ରୋଗୀଙ୍କ ସମ୍ପର୍କୀୟ

**ବ୍ରହ୍ମପୁର ଅଫିସ,୧୦।୫:** ବ୍ରହ୍ମପୁର ବଡ ମେଡ଼ିକାଲରେ ରବିବାର ଜଣେ ରୋଗୀଙ୍କ ସମ୍ପର୍କୀୟ କାର୍ଯ୍ୟରତ ଡାକ୍ତରଙ୍କ କାନ କାମୁଡି ଛିଣ୍ଡାଇ ଦେଇଛନ୍ତି। ଆହତ ଜୁନିୟର ଡାକ୍ତର ହେଲେ ସାକିଲ ଖାନ୍। ଉତ୍ୟକ୍ତ ବ୍ୟକ୍ତି ଜଣକ ଅନ୍ୟ କେତେକ ଡାକ୍ତରଙ୍କୁ ଆକ୍ରମଣ କରିବା ସହ ଗଣ୍ଡଗୋଳ କରିଥିଲେ। ଏନେଇ ଡାକ୍ତର ଖାନ୍ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି ବୋଲି ଏମ୍‌କେସିଜି ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଡାକ୍ତରଙ୍କ ଅଭିଯୋଗକୁ ଭିତ୍ତିକରି ବୈଦ୍ୟନାଥପୁର ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ଛକର ତାରିଣୀ ମହାପାତ୍ରଙ୍କୁ ଗିରଫ କରିଛି। ପ୍ରକାଶ ଯେ, ତାରିଣୀଙ୍କ ସ୍ତ୍ରୀ ଗର୍ଭବତୀ ଥିଲେ, ଯନ୍ତ୍ରଣା ହେବାରୁ ତାଙ୍କୁ ଏମ୍‌କେସିଜି ମେଡ଼ିକାଲ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କୁ ପ୍ରସବ ପାଇଁ ଲେବର ରୁମକୁ ନିଆଯାଇଥିଲା। ସେଠାରେ ସେ ଚିତ୍କାର କରୁଥିବା ଶୁଣି ସ୍ୱାମୀ ତାରିଣୀ ଲେବର ରୁମ୍ ଭିତରକୁ ଯିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସେଠାରେ କାର୍ଯ୍ୟରତ ଡାକ୍ତର ଖାନ୍ ତାଙ୍କୁ ଭିତରକୁ ଯିବାକୁ ମନା କରିଥିଲେ। ଏହାକୁ ନେଇ ସେଠାରେ ତାରିଣୀ ଓ ଖାନ୍‌ଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ତାରିଣୀ ଉତ୍ୟକ୍ତ ହୋଇ ଡାକ୍ତର ଖାନ୍‌ଙ୍କ କାନକୁ କାମୁଡ଼ି ଛିଣ୍ଡାଇ ଦେଇଥିଲେ। ଖବର ପାଇ ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି ଓ ବୈଦ୍ୟନାଥପୁର ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ପହଞ୍ଚି ଡାକ୍ତରଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତ ତାରିଣୀଙ୍କୁ ଥାନାକୁ ଆଣିଥିଲେ।

### ୬ଘଣ୍ଟାରେ ଥରେ ବିରତି ନେବେ ଶ୍ରମିକ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ):** କାରଖାନାରେ ଶ୍ରମିକମାନେ ଏଣିକି ଦୈନିକ ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ପ୍ରତ୍ୟେକ ଦିନ ୮ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କଲେ ସେମାନଙ୍କୁ ଓଭର ଟାଇମର ଦରମା ମିଳିବ। ଏହିପରିଭାବେ ଜଣେ ଶ୍ରମିକ ଓଭର ଟାଇମକୁ ମିଶାଇ ଦିନକୁ ୧୨ଘଣ୍ଟା ହିସାବରେ ସପ୍ତାହରେ ସର୍ବାଧିକ ୭୨ଘଣ୍ଟା କାର୍ଯ୍ୟ କରିପାରିବେ। ପ୍ରତି ୬ଘଣ୍ଟା କାର୍ଯ୍ୟ କରିବାପରେ ଅଧଘଣ୍ଟାଏ କାର୍ଯ୍ୟ ବିରତି ସହ ଦୈନିକ କାର୍ଯ୍ୟ ସମୟ ୧୩ଘଣ୍ଟା ମଧ୍ୟରେ ସୀମିତ ହେବ। ସରକାରଙ୍କ ସ୍ୱତନ୍ତ୍ର ଅନୁମତି ବିନା କୌଣସି କ୍ଷେତ୍ରରେ ମହିଳାମାନେ ସନ୍ଧ୍ୟା ୭ରୁ ସକାଳ ୬ଟା ମଧ୍ୟରେ କାରଖାନାରେ କାର୍ଯ୍ୟ କରିବେନାହିଁ। କାରଖାନା ମଧ୍ୟରେ ସାମାଜିକ ଦୂରତା ବଜାୟ ରଖାଯିବା ସହିତ କୋଭିଡ-୧୯ ସମ୍ପର୍କିତ ସମସ୍ତ ନିୟମ କଡାକଡି ପାଳନ କରିବେ। ଏହି ସୁବିଧା ଅବରୋଧ କିମ୍ବା ହଟସ୍ପଟ ଅଚଳ ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳର କାରଖାନାରେ ଆସନ୍ତା ୩ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ।

# ସହାୟକ ହୋଇପାରେ ୟୁଭି ଲ୍ୟାମ୍ପ୍

**ନ୍ୟୁୟର୍କ,୧୦।୫**



ବିପଜ୍ଜନକ ଭାଇରସ୍‌କୁ ମାରିବା ପାଇଁ ଷ୍ଟେଶନ, ଉଡ଼ାଜାହାଜ ଓ ସ୍କୁଲଗୁଡ଼ିକରେ ଏକ ନୂଆ ପ୍ରକାର ଅତିବାଇଗଣି (ୟୁଭି) ଲ୍ୟାମ୍ପ୍ ବ୍ୟବହାର କରାଯାଇପାରିବ, ଯାହାକି କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। କଲମ୍ବିଆ ୟୁନିଭର୍ସିଟିର ଗବେଷକମାନେ ଦୀର୍ଘବର୍ଷ ହେଲା ଏଭଳି ଲ୍ୟାମ୍ପର ବ୍ୟବହାର ଉପରେ ଗବେଷଣା ଚଳାଇଛନ୍ତି। ସେମାନଙ୍କ ଉଦ୍ୟମର ମୂଲ୍ୟ ବର୍ତ୍ତମାନ ମହାମାରୀ ସମୟରେ ମିଳିପାରେ।

ବୀଜାଣୁ, ଭୂତାଣୁ ଓ ଫିମ୍ପି ନଷ୍ଟ କରିବା ପାଇଁ ହସ୍ପିଟାଲ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ୟୁଭିସି(ଅତିବାଇଗଣି ବୀଜାଣୁନାଶକ ବିକିରଣ, ଯାହାର ୱେଭ୍‌ଲେନ୍ଥ ବା ତରଙ୍ଗ ଦୈର୍ଘ୍ୟ ୨୦୦ରୁ ୨୮୦ ନାନୋମିଟର ମଧ୍ୟରେ ରହିଥାଏ) ଲ୍ୟାମ୍ପ୍ ବହୁ ପୂର୍ବରୁ ବ୍ୟବହୃତ ହୋଇଆସୁଛି। ତେଣୁ ଏହି ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ ସମୟରେ ଗୁରୁତ୍ୱବହନ କରୁଛି। କିନ୍ତୁ ୟୁଭିସି ଲ୍ୟାମ୍ପ୍‌ର ରଶ୍ମି ବିପଜ୍ଜନକ, ଯାହା ଚର୍ମ କର୍କଟ ଏବଂ ଚକ୍ଷୁ ସମସ୍ୟା ସୃଷ୍ଟି କରିଥାଏ। କେହି ଉପସ୍ଥିତ ନ ଥିବା ସମୟରେ ଏହାକୁ ବ୍ୟବହାର କରାଯାଇପାରିବ। ଚାଇନାକୁ ଅନୁସରଣ କରି ନ୍ୟୁୟର୍କ ମେଟ୍ରୋ ଷ୍ଟେଶନରେ ୟୁଭି ଲ୍ୟାମ୍ପ୍ ବ୍ୟବହାର କରିବାକୁ ଯୋଜନା କରାଯାଇଛି। ଫଳରେ ଟ୍ରେନଗୁଡ଼ିକୁ ଭୂତାଣୁମୁକ୍ତ କରାଯାଇପାରିବ। କିନ୍ତୁ ଏହି କାର୍ଯ୍ୟ କେବଳ ରାତିରେ ବନ୍ଦ ସମୟରେ କରାଯିବାକୁ ଯୋଜନା ରହିଛି।

କଲମ୍ବିଆର ସେଣ୍ଟର ଫର୍ ରେଡିଓଲୋଜିକାଲ ରିସର୍ଚ୍ଚ ଟିମ୍ 'ଫାର୍-ୟୁଭିସି'କୁ ନେଇ ପରୀକ୍ଷଣ କରୁଛନ୍ତି, ଯାହାର ତରଙ୍ଗ ଦୈର୍ଘ୍ୟ ହେଉଛି ୨୨୨ ନାନୋମିଟର। ଏହା ମଣିଷ ପାଇଁ ନିରାପଦ ହେବ ଏବଂ ଭୂତାଣୁ ଲାଗି ଘାତକ ସାଜିବ। ସେହି ଫ୍ରିକ୍ୱେନ୍ସିର ରଶ୍ମି ଚର୍ମ ଓ ଆଖି ପୃଷ୍ଠରେ ପ୍ରବେଶ କରିପାରିବ ନାହିଁ ବୋଲି ଏହି ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ଡାଭିଡ୍ ବ୍ରେନେର ବିଶ୍ୱସ୍ତରୀୟ ନ୍ୟୁଜ୍ ଏଜେନ୍ସି 'ଏଏଫ୍‌ପି'କୁ କହିଛନ୍ତି। ଏହାର ଅର୍ଥ ହେଲା ଉକ୍ତ ୟୁଭିସି ଲ୍ୟାମ୍ପ ବନ୍ଦ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ବ୍ୟବହୃତ ହୋଇପାରେ, ଯେଉଁଠାରେ ସଂକ୍ରମଣର ବିପଦ ଅଧିକ ରହିଥାଏ।

**କରୋନା ମୁକାବିଲା**

୨୦୧୩ରେ କଲମ୍ବିଆ ଟିମ୍ ଔଷଧ ପ୍ରତିରୋଧକ ଜୀବାଣୁ ଉପରେ 'ଫାର୍- ୟୁଭିସି'ର ପ୍ରଭାବ ସମ୍ପର୍କରେ ଅଧ୍ୟୟନ ଆରମ୍ଭ କରିଥିଲେ। ଏହାପରେ ସେମାନେ ଫ୍ଲୁ ଭାଇରସ୍ ସମେତ କେତେକ ଭୂତାଣୁ ବିରୋଧରେ ଏହି ରଶ୍ମି ବ୍ୟବହାର କରି ପରୀକ୍ଷା କରିଥିଲେ। ବର୍ତ୍ତମାନ ସେମାନେ କରୋନା ଭାଇରସ୍ ପ୍ରତି ଧ୍ୟାନକେନ୍ଦ୍ରିତ କରିଛନ୍ତି। ବ୍ରେନେର କହିଛନ୍ତି ଯେ, ମହା ସଂକ୍ରାମକ କରୋନା ଭାଇରସ୍ ଉପରେ ୟୁଭିସିର ପ୍ରଭାବ ପରୀକ୍ଷା କରିବାକୁ ତାଙ୍କ ଟିମ୍ ଉପକରଣ ଧରି କଲମ୍ବିଆର ଏକ ଉଚ୍ଚ ସୁରକ୍ଷିତ ବାୟୋ ଲାବରେଟୋରିକୁ ଯାଇଥିଲା। ପ୍ରାୟ ୪ ସପ୍ତାହ ତଳୁ ପରୀକ୍ଷଣ ଆରମ୍ଭ ହୋଇଥିବାବେଳେ ୟୁଭିସି ରଶ୍ମି କିଛି ମିନିଟ୍ ମଧ୍ୟରେ ପୃଷ୍ଠଭାଗର ଭାଇରସ୍‌କୁ ନଷ୍ଟ କରିଦେଉଛି ବୋଲି ବ୍ରେନେର କହିଛନ୍ତି। କରୋନା ସଂକ୍ରମିତ ବ୍ୟକ୍ତିଙ୍କ କାଶ କିମ୍ବା ଛିଙ୍କ ଦ୍ୱାରା ବାୟୁ ପ୍ରଭାବିତ ହେଉଛି। ତେଣୁ କଲମ୍ବିଆ ଟିମ୍ ବାୟୁରେ ଥିବା ଭୂତାଣୁ ଉପରେ ଏହି ରଶ୍ମି ପରୀକ୍ଷା କରିବାକୁ ଯୋଜନା କରିଛି।

ଏହି ରଶ୍ମି ମାନବ ପାଇଁ କ୍ଷତିକାରକ ନୁହେଁ ବୋଲି ନିଶ୍ଚିତ କରିବାକୁ ପରୀକ୍ଷା ଚାଲିଛି। ଏଥିପାଇଁ ୪୦ ସପ୍ତାହ ହେଲା ଲାବ୍‌ରେ ମୂଷାମାନଙ୍କ ଉପରେ 'ଫାର୍-ୟୁଭିସି' ରଶ୍ମିର ପ୍ରଭାବ ପରୀକ୍ଷଣ କରାଯାଉଛି। ମଣିଷ ଉପରେ ଯେଉଁ ତୀବ୍ରତାର ରଶ୍ମି ବ୍ୟବହାର କରାଯିବାକୁ ଚିନ୍ତା କରାଯାଉଛି, ତାହାର ୨୦ଗୁଣ ଅଧିକ ତୀବ୍ର ରଶ୍ମି ମୂଷାଙ୍କ ଉପରେ ପରୀକ୍ଷଣ କରାଯାଇଛି। ତାହା ମଧ୍ୟ ଦିନକୁ ୮ ଘଣ୍ଟା ଏବଂ ସପ୍ତାହରେ ୫ ଦିନ। ଏହି ପ୍ରୟୋଗରୁ ଉକ୍ତ ମୂଷାମାନଙ୍କ ଆଖି ଓ ଚର୍ମରେ କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳି ନ ଥିଲା। ସେମାନେ ଖୁସି ଥିବା ଦେଖିଥିଲୁ। ଏହି ପରୀକ୍ଷାନିରୀକ୍ଷା ଆଉ ୨୦ ସପ୍ତାହ ପର୍ଯ୍ୟନ୍ତ ଜାରି ରଖିବାକୁ ସ୍ଥିର ହୋଇଛି ବୋଲି ବ୍ରେନେର କହିଛନ୍ତି।

### ପ୍ରବାସୀ ଶ୍ରମିକଙ୍କୁ ପରିଚାଳନା କରିବାରେ ସରକାର ଫେଲ୍ : କଂଗ୍ରେସ

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ବାହାର ରାଜ୍ୟରୁ ଫେରୁଥିବା ଶ୍ରମିକଙ୍କୁ ସହାୟତା ପ୍ରଦାନ ଓ ସେମାନଙ୍କ ପାଇଁ ଉତ୍ତମ ବ୍ୟବସ୍ଥା କରିବାରେ ସରକାରଙ୍କ ପଦକ୍ଷେପ ଉପରେ କଂଗ୍ରେସ ଅସନ୍ତୋଷ ପ୍ରକାଶ କରିଛି। ପ୍ରାଥମିକ ସ୍ତରରେ ପଶ୍ଚିମବଙ୍ଗରୁ ଆସିଥିବା ଅନେକ ଶ୍ରମିକଙ୍କୁ ଏପର୍ଯ୍ୟନ୍ତ ପ୍ରଶାସନ ଚିହ୍ନଟ କରିପାରିନାହିଁ । ମୋବାଇଲ ଟ୍ରେସିଂରୁ ଓଡ଼ିଶାକୁ ପ୍ରବେଶ କରିଥିବା ଶ୍ରମିକଙ୍କୁ ପ୍ରଶାସନ ଠାବ କରିପାରିନାହିଁ। ସେହିଭଳି ଅନ୍ୟ ରାଜ୍ୟରୁ ବିନା ରେଜିଷ୍ଟ୍ରେଶନରେ ଆସିଥିବା ଶ୍ରମିକମାନଙ୍କ ସମ୍ପର୍କରେ ସରକାରଙ୍କ ପାଖରେ ତଥ୍ୟ ନାହିଁ। ତେଣୁ ଏମାନଙ୍କୁ ନିୟମ ମୁତାବକ କ୍ୱାରାଣ୍ଟାଇନ୍‌ରେ ରଖାଯାଇପାରିଲା ନାହିଁ; ଯାହା କରୋନା ରୋଗ ସଂକ୍ରମଣର ଆଶଙ୍କାକୁ ବଢ଼ାଇ ଦେଇଛି ବୋଲି ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି। ପ୍ରବାସୀମାନେ ନିଜ ସୁବିଧାରେ ବସ୍‌ରେ ଆସିବା ଯୋଗୁ ଏବଂ ସରକାର ଏ ଦିଗରେ ମୁଣ୍ଡ ନ ଖେଳାଇବାରୁ ଆସିବା ବାଟରେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକସ୍ତରରେ ମେଗା କ୍ୱାରାଣ୍ଟାଇନ ସେଣ୍ଟର କରିବାକୁ ସେ ଦାବି କରିଛନ୍ତି।

## ଶ୍ରମିକ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଡେଇଁ ପଡ଼ିଲେ ୨୦ରୁ ଊର୍ଦ୍ଧ୍ୱ ପ୍ରବାସୀ



**ଅନୁଗୋଳ ଅଫିସ, ୧୦।୫:** ଗୁଜରାଟରୁ ପ୍ରବାସୀଙ୍କୁ ନେଇ ଖୋର୍ଦ୍ଧା ଫେରୁଥିବା ଶ୍ରମିକ ଏକ୍ସପ୍ରେସ୍‌ର ଚେନ୍ ଟାଣି ରବିବାର ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫେରାର ହୋଇଯାଇଥିବା ବେଳେ ୭ ଜଣଙ୍କୁ ଅଟକ ରଖାଯାଇଛି। ଅନୁଗୋଳ ରେଳ ଷ୍ଟେଶନ ପୂର୍ବରୁ ଜାରସିଂହା ନିକଟ ମଝିକାରେ ପ୍ରବାସୀମାନେ ଚେନ୍ ଟାଣି ଟ୍ରେନ୍ ରୋକିଥିଲେ। ଏହାପରେ ୨୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓହ୍ଲାଇ ବିଲ ଆଡ଼କୁ ଧାଇଁ ପଳାଇଥିଲେ। ଏହାଦେଖି ସନ୍ଦେହ ହେବାରୁ ମଝିକା ଗାଁ ଲୋକେ ପୋଲିସକୁ ଖବର ଦେବା ସହ ୭ ଜଣଙ୍କୁ ଅଟକ ରଖିଥିଲେ। ଖବରପାଇ ଅନୁଗୋଳ ଥାନା ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଅଟକ ୭ ଜଣଙ୍କୁ ନିଜ ହେପାଜତକୁ ନେଇଛି। ଏଥିସହ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ ସାହୁ କହିଛନ୍ତି, ଏପରି ସୂଚନା ପାଇବା ପରେ ଏକ ଟିମ୍ ଉକ୍ତ ସ୍ଥାନକୁ ପଠାଯାଇଛି। ଘଟଣାର ତଦନ୍ତ ଚାଲିଥିବା ସେ ପ୍ରକାଶ କରିଛନ୍ତି।

### କିରୋସିନ ଦରକୁ ନେଇ ଦ୍ୱନ୍ଦ୍ୱରେ କାର୍ଡଧାରୀ

**କଟକ ସଦର,୧୦।୫(ଡି.ଏନ୍.ଏ.)**

କଟକ ସଦର ଅଞ୍ଚଳରେ ରିଟେଲରମାନେ ରାଶନ କାର୍ଡଧାରୀଙ୍କ ଠାରୁ ଉଚ୍ଚା ଦରରେ କିରୋସିନ ବିକ୍ରି କରୁଥିବା ରାଜ୍ୟ ଭାଜପା ସମ୍ପାଦକ ଦିଲୀପ ମଲ୍ଲିକ ରବିବାର ଅଭିଯୋଗ କରିଛନ୍ତି। ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଜଣେ କାର୍ଡଧାରୀ ୫ଲିଟର ୧୦୦ମି.ଲି. କିରୋସିନ ୮୩ଟଙ୍କାରେ କିଣିବାର ସରକାରଙ୍କ ନିର୍ଦ୍ଦେଶନାମା ରହିଛି। କିନ୍ତୁ ରିଟେଲରମାନେ ଲିଟର ପିଛା ୩୦ଟଙ୍କା ଦରରେ ବିକ୍ରି କରୁଥିବା ମଲ୍ଲିକ ଏକ ଦାବିପତ୍ରରେ ଖାଦ୍ୟ, ଯୋଗାଣ ଓ ଖାଉଟି ବ୍ୟପାର ବିଭାଗ ଶାସନ ସଚିବଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏପ୍ରିଲରେ କିରୋସିନ ଲିଟର ପିଛା ୨୫ଟଙ୍କା, ମେ ଓ ଜୁନ ମାସ ପାଇଁ ଲିଟର ପିଛା ୧୨ଟଙ୍କା ଦର କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ଉଚ୍ଚା ଦରରେ ବିକ୍ରି କରାଯିବା ଦୁର୍ଭାଗ୍ୟଜନକ ବୋଲି ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର କୁହନ୍ତି, ଅଭିଯୋଗର ତଦନ୍ତ ସରକାରୀ ଯୋଗାଣ ଅଧିକାରୀଙ୍କ ଦ୍ୱାରା କରାଯିବ।

## ସଙ୍ଗରୋଧ କେନ୍ଦ୍ର ସୁରକ୍ଷା ଉପରେ ଗୁରୁତ୍ୱ

**ବ୍ରହ୍ମପୁର ଅଫିସ,୧୦।୫**

ସୁରଟ ଫେରନ୍ତାଙ୍କୁ ନେଇ ଗଞ୍ଜାମ ଜିଲାବାସୀ ଆତଙ୍କିତ ହୋଇ ପଡିଛନ୍ତି। ଜିଲାରେ ଏବେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଛି। ଗତ ୭ ଦିନ ମଧ୍ୟରେ ଜିଲା ରାଜ୍ୟରେ ସଂକ୍ରମିତ ତାଲିକାରେ ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ରବିବାର ପୋଲିସ ମହାନିର୍ଦ୍ଦେଶକ ଅଭୟ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଥିଲେ। ପରେ କୋଭିଡ୍-୧୯ ପଜିଟିଭି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ କିପରି ଠିକ୍ ଭାବେ ମୁକାବିଲା କରାଯାଇ ପାରିବ ସେ ନେଇ ସମୀକ୍ଷା କରିଥିଲେ। ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜିଙ୍କ ଅଫିସରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ସଙ୍ଗରୋଧ କକ୍ଷଗୁଡିକର ସୁରକ୍ଷା ବ୍ୟବସ୍ଥା ଓ ଯାଞ୍ଚ କଡାକଡି କରିବା ଦିଗରେ ଡିଜି ସମୀକ୍ଷା କରିଥିଲେ। ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡି କରିବା ପାଇଁ ଅଧିକ ଫୋର୍ସର ଆବଶ୍ୟକତା ରହିଛି। ଏଣୁ ସେଠାରେ ଅଧିକରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇପାରିବ। ସେ ଦିଗରେ ଡିଜି ଅଭୟ ଗୁରୁତ୍ୱାରୋପ କରିଥିଲେ। ପରେ ସେ ଆନ୍ଧ୍ର-ଓଡିଶା ସୀମା ଗିରିସୋଲାରେ ଥିବା ଚେକ୍‌ପୋଷ୍ଟ ପରିଦର୍ଶନରେ ଯାଇଥିଲେ। ପୋଲିସ ମହାନିର୍ଦ୍ଦେଶଙ୍କ ସମୀକ୍ଷା ଓ ପରିଦର୍ଶନ ବେଳେ ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ପୋଲିସ ଡିଜି ଅଭୟଙ୍କ ସମୀକ୍ଷା।

**ବ୍ରହ୍ମପୁରରେ ପୋଲିସ ଡିଜି**

**କୋଭିଡ୍-୧୯ ମୁକାବିଲା ଉପରେ ସମୀକ୍ଷା**

# ସୁବାସ ଚୌହାନଙ୍କ ପରଲୋକ

### ରାଜନୈତିକ ମହଲରେ ଶୋକର ଛାୟା



**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ବିଜେଡି ନେତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ରବିବାର ଭୋର ୩ଟା ୫ମିନିଟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ସେ କିଛିଦିନ ହେବ ଯକୃତ କର୍କଟ (ଲିଭର କ୍ୟାନ୍‌ସର) ରୋଗରେ ପୀଡ଼ିତ ଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗତ ସପ୍ତାହେ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଡାକ୍ତରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ଚୌହାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସି ନ ଥିଲା। ଗତ ଶୁକ୍ରବାର ତାଙ୍କୁ ର ରଖି ଚିକିତ୍ସା କରାଯାଉଥିଲା। ସେ ଅବିବାହିତ ଥିଲେ। ତାଙ୍କର ମାତପିତା ଓ ଭାଇ ଅଛନ୍ତି। ତାଙ୍କର ପାର୍ଥିବ ଶରୀରକୁ ନିଜ ଗ୍ରାମ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଆମ୍ବବାହାଲକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି।

ସୁବାସ ଚୌହ୍ୱାନ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ସଂଗଠକ ଓ ଯୁବନେତା ଥିଲେ। ସେ ବଜରଙ୍ଗଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ସେ ହିନ୍ଦୁ ଜାଗରଣ ମଞ୍ଚର ରାଜ୍ୟ ସଭାପତି ଥିଲେ। ୨୦୦୦ରୁ ୨୦୦୩ ପର୍ଯ୍ୟନ୍ତ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁଗ୍ମ ପ୍ରଚାରକ ପ୍ରମୁଖ ଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସେ ବରଗଡ଼ରୁ ଭାଜପା ଏମ୍‌ପି ପ୍ରାର୍ଥୀ ହୋଇ ମାତ୍ର ୧% ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ତେବେ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ବରଗଡ଼ ଲୋକ ସଭା ଆସନରେ ତାଙ୍କୁ ପ୍ରାର୍ଥୀ ନ କରି ସୁରେଶ ପୂଜାରୀଙ୍କୁ ଟିକେଟ ଦେଇଥିଲା। ପରେ ସେ ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେଇଥିଲେ। ବିଜେଡି ତାଙ୍କୁ ଦଳର ସାଧାରଣ ସମ୍ପାଦକ ଭାବେ ମନୋନୀତ କରିବା ସହ ମୁଖପାତ୍ର ଦାୟିତ୍ୱ ଦେଇଥିଲା। ଏଥିସହିତ ଶାସକ ଦଳ ତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିଲା। ସେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ଦାୟିତ୍ୱ ବୁଝୁଥିଲେ। ତାଙ୍କର ଏହି ଅକାଳ ବିୟୋଗ ପଶ୍ଚିମ ଓଡିଶା ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି। ତାଙ୍କ ପରଲୋକ ଖବର ପାଇବା ପରେ ହସ୍ପିଟାଲରେ ଆତ୍ମୀୟ ସ୍ୱଜନ ଓ ବହୁ ରାଜନୈତିକ ବ୍ୟକ୍ତିଙ୍କ ଭିଡ଼ ଜମି ଥିଲା। ମନ୍ତ୍ରୀ ପଦ୍ମନାଭ ବେହେରା, ବିଜେଡି ସାଧାରଣ ସମ୍ପାଦକ ତଥା ଯୋଜାନା ବୋର୍ଡ ଅଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା, ବିଜୟ ନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଶେଷ ଦର୍ଶନ କରିବା ସହ ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୧୦।୫(ବ୍ୟୁରୋ):** ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ସୁବାସ ଚୌହାନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ବରିଷ୍ଠ ରାଜନେତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଓଡ଼ିଶାବାସୀଙ୍କ ପାଇଁ ତାଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା ସହିତ ଏପରି ଦୁଃଖଦ ସମୟରେ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ କରିଛନ୍ତି। ସେହିପରି ସୁବାସଙ୍କ ପରଲୋକ ଖବର ପାଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ କରି କହିଛନ୍ତି ଯେ, ସୁବାସଙ୍କ ଅକାଳ ବିୟୋଗ ଖବର ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ସୁବାସ ଭାଇଙ୍କ ସହ ଦୀର୍ଘବର୍ଷ ଧରି କାମ କରିବାର ଅନେକ ସ୍ମୃତି ମୋ ପାଖରେ ଅଛି। ତାଙ୍କ ବିୟୋଗରେ ଓଡିଶାର ରାଜନୈତିକ ଓ ସାମାଜିକ ଜୀବନରେ ଏକ ବଡ଼ କ୍ଷତି ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ମଧ୍ୟ ଟୁଇଟ୍ କରି ସୁବାସ ଜଣେ ଉଦାର , ମେଳାପି ଓ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ ବୋଲି କହିଛନ୍ତି। ମୋର ପ୍ରିୟ ସୁବାସଙ୍କ ବିୟୋଗ ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ପାଖେ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

## ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟରେ ନାହିଁ ହେଲ୍ପଡେସ୍କ, ପ୍ରବାସୀ ହଟହଟା

**ଖୋର୍ଦ୍ଧା ଅଫିସ,୧୦।୫**

ବାହାର ରାଜ୍ୟରୁ ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ଲାଗି ସରକାର 'ଅପରେସନ ଶୁଭଯାତ୍ରା' ଆରମ୍ଭ କରିଛନ୍ତି। ଆସୁଥିବା ପ୍ରବାସୀଙ୍କ ଲାଗି ସରକାର ପଞ୍ଜୀକରଣ ବାଧ୍ୟତାମୂଳକ କରିଛନ୍ତି। କୋଭିଡ-୧୯ ସଂକ୍ରାନ୍ତ ସୂଚନା ପ୍ରଦାନ ଅଥବା ବାହାର ରାଜ୍ୟରୁ ଜିଲା କାର୍ଯ୍ୟାଳୟକୁ ଆସୁଥିବା ବ୍ୟକ୍ତିଙ୍କ ସୂଚନା ପ୍ରଦାନ ଲାଗି ସମସ୍ତ ଜିଲା କାର୍ଯ୍ୟାଳୟରେ ଏକ କୋଭିଡ-୧୯ ହେଲ୍ପଲାଇନ ଡେସ୍କ ଖୋଲିବା ଲାଗି ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନ୍ୟପଟେ ପ୍ରବାସୀମାନଙ୍କୁ ସୂଚନା ଦେବା ଲାଗି କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ସେମାନେ କାର୍ଯ୍ୟାଳୟ ପରିସରରେ ନିବେଦନ ପତ୍ର ଖଣ୍ଡେ ଧରି ଗୋଟିଏ ଅଫିସରଙ୍କଠାରୁ ଅନ୍ୟ ଅଫିସରଙ୍କ ପାଖକୁ ଦୌଡୁଛନ୍ତି। ଅଥଚ କେହି ବି ଠିକ ତଥ୍ୟ ପ୍ରଦାନ କରୁ ନ ଥିବା ଅଭିଯୋଗ ହେଉଛି। ଶନିବାର ସକାଳେ ଝାଡଖଣ୍ଡ ଫେରିଯିବା ଲାଗି ଭୁବନେଶ୍ୱରରୁ ୪୦ଜଣ ଶ୍ରମିକ କାର୍ଯ୍ୟାଳୟ ପରିସରରେ ୨୪ ଘଣ୍ଟା ରହିବା ପରେ ସେମାନଙ୍କ ଯିବା ବ୍ୟବସ୍ଥା କରାଯାଇଥିଲା। ପୂର୍ବରୁ ମଧ୍ୟ ବହୁଶ୍ରମିକ ନିଜ ଗ୍ରାମକୁ ଯିବାଲାଗି କାର୍ଯ୍ୟାଳୟକୁ ଆସିଥିଲେ ମଧ୍ୟ କେହି ସହଯୋଗ କରି ନ ଥିବାରୁ ହଟହଟା ହେଉଛନ୍ତି। ଏବେ ସୁରଟରୁ ବାହାର ଶ୍ରମିକ ଫେରୁଛନ୍ତି। ସେମାନଙ୍କ ବ୍ୟବସ୍ଥା ଲାଗି ଜିଲାପାଳଙ୍କଠାରୁ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଖୋର୍ଦ୍ଧାରୋଡଠାରେ ବ୍ୟସ୍ତ ରହୁଛନ୍ତି। କୌଣସି ସୂଚନା ଲାଗି ଯୋଗାଯୋଗ କରିବାବେଳେ ଅନେକ ସମୟରେ ଜିଲାପାଳ ଫୋନ ଉଠା ନ ଥିବାବେଳେ ଅନ୍ୟ ଅଧିକାରୀମାନେ ନିଜକୁ ବ୍ୟସ୍ତ ରହୁଥିବା କହୁଛନ୍ତି।

## ଭ୍ୟାକ୍ସିନ୍ ସହଜ ନୁହେଁ




**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ସାରା ବିଶ୍ୱରେ ଲକ୍‌ଡାଉନ ଜାରି ରହିଛି। ସଂକ୍ରମଣ ଯୋଗୁ ଚାରିଆଡ଼େ ଲକ୍‌ଡାଉନ କରାଯାଉଥିବା ବେଳେ ଏହା କେତେଦିନ ଜାରି ରହିବ ତାହା କାହାରିକୁ ଜଣାନାହିଁ। ବିଶ୍ୱବ୍ୟାପୀ କରୋନାକୁ ନେଇ ଅର୍ଥନୀତି ସମ୍ପୂର୍ଣ୍ଣ ବିଗିଡ଼ିବାରେ ଲାଗିଥିବାବେଳେ ଏହି ରୋଗର ଭ୍ୟାକ୍ସିନ୍ କେବେ ବାହାରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ସବୁ ବଡ଼ ବଡ଼ ଦେଶ ବର୍ତ୍ତମାନ ଭ୍ୟାକ୍ସିନ୍ ବାହାର କରିବାକୁ ପ୍ରୟାସ ଚଳାଇଛନ୍ତି। ଏଥିଲାଗି ବହୁ ସମୟ ଲାଗିଯିବ ବୋଲି କୁହାଯାଉଥିବା ବେଳେ ତାହା ମଧ୍ୟ ନିଶ୍ଚିତ ନୁହେଁ ବୋଲି କେତେଜଣ ଡାକ୍ତର କହିଛନ୍ତି। ଯଦି ଭ୍ୟାକ୍ସିନ ବାହାରିଯାଏ ତେବେ ଏହା କେତେଶୀଘ୍ର ଲୋକମାନଙ୍କ ନିକଟରେ ପହଞ୍ଚିପାରିବ ଏବଂ ଏହାକୁ କ୍ରୟ କରିବା ପାଇଁ କେତେ ସହଜ ହେବ ସେନେଇ ଧରିତ୍ରୀ ପକ୍ଷରୁ କେତେଜଣ ଡାକ୍ତରଙ୍କ ମତାମତ ସଂଗ୍ରହ କରାଯାଇଛି।

ମେଡିସିନ ପ୍ରଫେସର ଜୟନ୍ତ କୁମାର ପଣ୍ଡାଙ୍କ କହିବାନୁଯାୟୀ, ବର୍ତ୍ତମାନ ସ୍ଥିତିରେ ଲକ୍ଷ୍ୟ କରାଗଲାଣି କରୋନାରେ ଆକ୍ରାନ୍ତ ଥିବା ରୋଗୀ ଭଲ ହୋଇ ରିପୋର୍ଟ ନେଗେଟିଭ ଆସିବାପରେ ମଧ୍ୟ ପୁଣିଥରେ ପଜିଟିଭ ଆସୁଛି। ଭଲ ହେଉଥିବା ରୋଗୀ ଯଦି ଭୂତାଣୁ ଆଣୁଛନ୍ତି ଏଭଳି ସ୍ଥିତିରେ ଭ୍ୟାକ୍ସିନ ବାହାରିପାରିବା ସନ୍ଦେହ। ଇସ୍ରାଏଲ ଏକ ଇମ୍ୟୁନୋ ଥେରାପି ବାହାର କରିଥିବା କହୁଛି ଯିଏ ଭୂତାଣୁକୁ ନିଷ୍କ୍ରିୟ କରିପାରିବ, ହେଲେ ଏହା ଏ ପର୍ଯ୍ୟନ୍ତ ବାହାରକୁ ଆସିନି। ସେହିପରି ଇଟାଲୀ ଭ୍ୟାକ୍ସିନ ତିଆରି କରିଥିବା କହୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବାହାରକୁ ଆଣିପାରିନାହିଁ। ଅକ୍ସଫୋର୍ଡ ପକ୍ଷରୁ ସେପ୍ଟେମ୍ବର ସୁଦ୍ଧା ପ୍ରସ୍ତୁତ ହୋଇଯିବ ବୋଲି କୁହାଯାଉଛି। ଭାରତରେ ମଧ୍ୟ ସେପ୍ଟେମ୍ବରରୁ ଡିସେମ୍ବର ସୁଦ୍ଧା ବାହରିଯିବ ବୋଲି କୁହାଯାଉଛି। ମାତ୍ର ଯେପର୍ଯ୍ୟନ୍ତ ଭ୍ୟାକ୍ସିନ ନ ବାହାରିଛି କେତେ ଦୂରହେବ ତାହା ପ୍ରଶ୍ନବାଚୀ। ଯଦି ଭ୍ୟାକ୍ସିନ ବାହାରିଗଲା ତାହା କେତେ ସଂଖ୍ୟାରେ ଲୋକଙ୍କ ପାଖରେ ପହଞ୍ଚିପାରିବ ତାହା ମଧ୍ୟ ବିରାଟ ପ୍ରଶ୍ନବାଚୀ। କେବଳ ଭାରତରେ ନୁହେଁ, ସାରା ପୃଥିବୀବାସୀଙ୍କ ପାଇଁ ଏହି ଭ୍ୟାକ୍ସିନ୍‌ର ଆବଶ୍ୟକତା ରହିଛି। ସରକାର ଏଥିଲାଗି ଅର୍ଥ ଦେଇପାରିବେ, ମାତ୍ର ସେତିକି ପରିମାଣରେ ତିଆରି କରାଯାଇପାରିବା ସହଜ ନୁହେଁ।

**ଭଲ ହେଲା ପରେ ପୁଣି ହେଉଛି କରୋନା**

କମ୍ୟୁନିଟି ମେଡିସିନର ପ୍ରଫେସର ଲିଜା ଷଡ଼ଙ୍ଗୀ କହିଛନ୍ତି ଯେ, ଗୋଟିଏ ଭ୍ୟାକ୍ସିନ ବାହାରିବା ପାଇଁ ୧୨ରୁ ୧୮ ମାସ ସମୟ ଲାଗିଥାଏ। ଏଥିପାଇଁ ୪ଟି ଟ୍ରାଏଲ କରାଯାଇଥାଏ। ବହୁ ଦେଶ ଭ୍ୟାକ୍ସିନ୍ ବାହାର କରିବା ଲାଗି କାମ କରୁଛନ୍ତି। ଯେବେ ଭ୍ୟାକ୍ସିନ୍ ବାହାରିବ କେତେ ଉତ୍ପାଦନ ହେଉଛି ତାକୁ ଦେଖିବା ଜରୁରୀ। ଦେଶରେ ୧୩୦ କୋଟି ଲୋକ ବସବାସ କରୁଛନ୍ତି ସେତିକି ପରିମାଣରେ ଉତ୍ପାଦନ କରିବା ଦରକାର। ଯଦି ଡିସେମ୍ବର ସୁଦ୍ଧା ବାହାରେ ତେବେ ଆହୁରି ୫ରୁ ୬ ମାସ ଏହା ବଜାରରେ ପହଞ୍ଚିବାକୁ ଲାଗିଯିବ। ସବୁ ଶ୍ରେଣୀର ଲୋକ ମଧ୍ୟ ଏହାକୁ କିଣିବାରେ ସକ୍ଷମ ହୋଇପାରିବେ ନାହିଁ। ହେଲେ ସରକାର ନିଶ୍ଚିତଭାବେ ଏଥିପାଇଁ ଅର୍ଥ ଯୋଗାଇଦେବେ ବୋଲି ସେ କହିଛନ୍ତି।

ଏସ୍‌ସିବିର ଜରୁରିକାଳୀନ ମେଡିକାଲ ଅଫିସର ଭୁବନାନନ୍ଦ ମହାରଣା କହିଛନ୍ତି ଯେ, ଭ୍ୟାକ୍ସିନ୍ ନିଶ୍ଚିତ ବାହାରିବ ହେଲେ ଏଥିପାଇଁ ସମୟ ଲାଗିବ। ଅତିକମ୍‌ରେ ଭ୍ୟାକ୍ସିନ୍ ବାହାରିବାକୁ ଦେଢ଼ବର୍ଷ ଲାଗିଯାଇପାରେ। ଦେଶ ସାରା ଲୋକମାନଙ୍କୁ ହଠାତ୍ ଭ୍ୟାକ୍ସିନ୍ ଦିଆଯାଇପାରିବ ନାହିଁ। ମହାମାରୀ ଲାଗି କେହି ପ୍ରସ୍ତୁତ ନ ଥିଲେ। ତେଣୁ ଭ୍ୟାକ୍ସିନ୍ ବାହାରିବାକୁ ମୁଖ୍ୟତଃ କେତେ ସମୟ ଲାଗିବ ତାହା ପ୍ରଥମ ପ୍ରଶ୍ନ। ଡେଙ୍ଗୁ, ସ୍ୱାଇନ୍ ଫ୍ଲୁ ଭଳି ଲୋକମାନଙ୍କୁ ଜୀବନ ସାରା କରୋନା ସହିତ ବଞ୍ଚିବାକୁ ପଡିବ। ଓଡ଼ିଶାରେ ମୃତ୍ୟୁ ସଂଖ୍ୟା କମ୍ ରହିଲେ ମଧ୍ୟ ବହୁ ଲୋକ ସଂକ୍ରମିତ ହେବେ ବୋଲି ସେ କହିଛନ୍ତି।

**ଆଜିର ମନ୍ତବ୍ୟ**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଠିକ୍ ସମୟରେ ଆରମ୍ଭ ହେବ ବୋଲି ଆଶା।
–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ପ୍ରଶାନ୍ତ
ପରିବାରବର୍ଗ


ଶଙ୍କର
ପରିବାରବର୍ଗ


ସମୀର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କର୍ମକ୍ଷେତ୍ରକୁ ଫେରିବେ ୨୦ହଜାର ଶ୍ରମିକ

## ଶିଳ୍ପସଂସ୍ଥା ଚଳାଇବା ଚିନ୍ତା

**ବାଙ୍ଗାଲୋର,୧୦।୫**

ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ଦେଢ଼ମାସରୁ ଊର୍ଦ୍ଧ୍ୱ ହେବ ସମସ୍ତ କଳକାରଖାନା ବନ୍ଦ ହୋଇରହିଛି। ଲକ୍ଷଲକ୍ଷ କର୍ମଚାରୀ କାମଧନ୍ଦା ନ ପାଇ ଭୋକ ଉପାସରେ ରହୁଛନ୍ତି। ଏପରି କି ଅଧିକାଂଶ ଭିଟାମାଟିକୁ ଫେରିଯାଇଛନ୍ତି। ଅପରପକ୍ଷରେ ଦୀର୍ଘଦିନ ଧରି ଶିଳ୍ପାନୁଷ୍ଠାନ ଓ ବେସରକାରୀ ସଂସ୍ଥାଗୁଡ଼ିକ ବନ୍ଦ ରହିବା କାରଣରୁ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ଆର୍ଥିକ ସଙ୍କଟ ମଧ୍ୟ ଦେଖା ଦେଇଛି। ଏବେ ୩ୟ ପର୍ଯ୍ୟାୟ ଲକ୍‌ଡାଉନରେ କେନ୍ଦ୍ର ସରକାର କଳକାରଖାନା ଓ ଶିଳ୍ପାନୁଷ୍ଠାନ ଚଳାଇବା କଟକଣା ଉପରେ କୋହଳ କରିଛନ୍ତି। ତେଣୁ ବିଭିନ୍ନ କଳକାରଖାନାର ମାଲିକମାନେ ଶ୍ରମିକଙ୍କୁ କର୍ମକ୍ଷେତ୍ରକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ଏହି କ୍ରମରେ ବାଙ୍ଗାଲୋରରେ ଥିବା କେତେକ ଶିଳ୍ପସଂସ୍ଥାର ମାଲିକ ପ୍ରାୟ ୨୦ହଜାର ଶ୍ରମିକଙ୍କୁ ବାଙ୍ଗାଲୋର ଫେରାଇ ଆଣି କାମ ଆରମ୍ଭ କରିବାକୁ ସରକାରଙ୍କ ଅନୁମତି ଲୋଡ଼ିଛନ୍ତି। ସରକାର ମଧ୍ୟ ଏହାକୁ ବିଚାରକୁ ନେଇ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକମାନେ କିପରି ଭାବେ କର୍ମକ୍ଷେତ୍ରକୁ ଯାଇପାରିବେ, ସେଥିପାଇଁ ସେମାନଙ୍କୁ ଯାତାୟାତ ସୁବିଧା ଯୋଗାଇବାକୁ କୁହାଯାଇଛି। ଅତିକମ୍‌ରେ ୨୦ହଜାର ଶ୍ରମିକ ସ୍ୱତନ୍ତ୍ର ବସ୍ ଯୋଗେ ବାଙ୍ଗାଲୋର ଚାଲି ଆସିଲେ ବିଭିନ୍ନ ଶିଳ୍ପାନୁଷ୍ଠାନ ଉତ୍ପାଦନ କ୍ଷମ ହୋଇପାରିବ ବୋଲି ଇଣ୍ଡଷ୍ଟ୍ରି ଆସୋସିଏଶନ ପକ୍ଷରୁ ଆକଳନ କରାଯାଇଛି। କୁଶଳୀ ଶ୍ରମିକଙ୍କ ବିନା ଶିଳ୍ପସଂସ୍ଥା ଚଳାଇବା ଅସମ୍ଭବ। ବସ୍ ଓ ଟ୍ରେନ୍ ଚଳାଚଳ ବନ୍ଦ ଥିବାରୁ ଶ୍ରମିକମାନେ ମଧ୍ୟ କର୍ମକ୍ଷେତ୍ରକୁ ଫେରିପାରୁ ନାହାନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେମାନଙ୍କ ଯାତାୟାତ ପାଇଁ ସୁବିଧା ଯୋଗାଇ ଦିଆଗଲେ, କମ୍ପାନୀ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଇଣ୍ଡଷ୍ଟ୍ରି ଆସୋସିଏଶନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଯେଉଁ କମ୍ପାନୀଗୁଡ଼ିକ ସେମାନଙ୍କ ଶ୍ରମିକମାନଙ୍କୁ ଶିଳ୍ପାନୁଷ୍ଠାନକୁ ଫେରାଇନେବାକୁ ପ୍ରଶାସନ ନିକଟରେ ଆବେଦନ କରିବେ, ସେହି କ୍ଷେତ୍ରରେ ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି) ଓ ଜିଲା ପ୍ରଶାସନ ମିଳିତ ଭାବେ ଏହି ଆବେଦନକୁ ଗ୍ରହଣ କରି ଶ୍ରମିକମାନଙ୍କ ଯାତାୟାତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବାଣିଜ୍ୟ ଓ ଶିଳ୍ପ(ସିଆଣ୍ଡଆଇ)ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ କମ୍ପାନୀଗୁଡ଼ିକ ନିଜ ଖର୍ଚ୍ଚରେ କର୍ନାଟକ ରାଜ୍ୟ ସଡ଼କ ପରିବହନ ନିଗମର ବସ୍ କିମ୍ବା ଘରୋଇ ବସ୍ ଯୋଗେ ଆବଶ୍ୟକ ସାମାଜିକ ଦୂରତା ରକ୍ଷାକରି ଶ୍ରମିକମାନଙ୍କୁ କର୍ମସ୍ଥଳକୁ ନେଇପାରିବେ। ବର୍ତ୍ତମାନ ପରିସ୍ଥିତିରେ ୩୦%ରୁ ଊର୍ଦ୍ଧ୍ୱ ଶିଳ୍ପସଂସ୍ଥା କାର୍ଯ୍ୟ କରୁନାହିଁ। ତେଣୁ ଶିଳ୍ପସଂସ୍ଥା ମାଲିକଙ୍କୁ ସେମାନଙ୍କ ସ୍ଥାନୀୟ ଉପଆୟୁକ୍ତଙ୍କ ନିକଟରେ ଆବେଦନ କରିବାକୁ କୁହାଯାଇଛି। ତା'ପରେ ଆମେ ସେମାନଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବୁ ବୋଲି ରାଜ୍ୟ ବାଣିଜ୍ୟ ଓ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଗୌରବ ଗୁପ୍ତା କହିଛନ୍ତି।



# ଗଞ୍ଜାମ ସ୍ଥିତିକୁ ନେଇ ବାଚସ୍ପତିଙ୍କ ସମୀକ୍ଷା

- କ୍ୱାରାଣ୍ଟାଇନ୍‌ରୁ ଖସି ପଳାଉଥିବା ପ୍ରବାସୀଙ୍କ ଉପରେ ନଜର
- ଆଉ ଏକ ହସ୍ପିଟାଲ ଖୋଲିବା ନେଇ ଗୁରୁତ୍ୱ
- ଗାଁ ବାହାରର ବଡ଼ ଅନୁଷ୍ଠାନଗୁଡ଼ିକୁ କରାଯିବ କ୍ୱାରାଣ୍ଟାଇନ୍ ସେଣ୍ଟର

**ଭୁବନେଶ୍ୱର, ୧୦।୫(ବ୍ୟୁରୋ)**

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରବିବାର ରାତି ସୁଦ୍ଧା ୧୨୫ରେ ପହଞ୍ଚିଛି, ଯାହାକି ରାଜ୍ୟରେ ସର୍ବାଧିକ। ଏହାସହ ରାଜ୍ୟରେ ୩ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୨ଜଣ ଭୁବନେଶ୍ୱରର ଏବଂ ଜଣେ ଗଞ୍ଜାମ ଜିଲାର ବୋଲି ଜଣାପଡ଼ିଛି। ହେଲେ ଗଞ୍ଜାମ ଜିଲାରେ ସଂକ୍ରମଣ ରୋକିବା ଏବଂ ଭୟର ବାତାବରଣ ଯେଭଳି ସୃଷ୍ଟି ନ ହେବ ସେନେଇ ବିଶେଷ ଧ୍ୟାନ ଦିଆଯାଉଛି। ରବିବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଭିଡିଓ କନ୍‌ଫରେନ୍ସ ଜରିଆରେ ଗଞ୍ଜାମ ଜିଲାର ସ୍ଥିତି ସମୀକ୍ଷା କରିଛନ୍ତି। ଏନେଇ ଅନୁଷ୍ଠିତ ବୈଠକରେ ସେ ଆଗାମୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ସହ କହିଥିଲେ ଯେ, କ୍ୱାରାଣ୍ଟାଇନରେ ରହୁଥିବା ପ୍ରବାସୀ ଶ୍ରମିକମାନେ ରାତିଅଧରେ ଘରକୁ ପଳାଉଛନ୍ତି। ପରିବାର ଲୋକେ ସେମାନଙ୍କୁ ବୁଝାଇ ସରକାରୀ ଗାଇଡ୍‌ଲାଇନ ମାନିବାକୁ କହିବା ଏବଂ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ପରାମର୍ଶ ଦେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

ବୈଠକରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ଆସିକା ଏମ୍‌ପି ପ୍ରମିଳା ବିଶୋୟୀ ଏବଂ କେତେଜଣ ବିଧାୟକ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ଜନପ୍ରତିନିଧି କରୋନା ଟେଷ୍ଟିଂ ବଢ଼ାଇବା ସହିତ କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହାସହ କରୋନା ମୁକାବିଲା ପାଇଁ ସ୍ଥାନୀୟ ଅଞ୍ଚଳର ଏମ୍‌ପି, ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ସରପଞ୍ଚମାନଙ୍କୁ ନେଇ ଏକ କମିଟି ଗଠନ ଲାଗି ନିଷ୍ପତ୍ତି ନିଆଯାଇଛି। ପ୍ରବାସୀମାନେ କିଭଳି ସମ୍ମାନର ସହ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସୁରକ୍ଷିତ ରହିବେ ସେନେଇ ଉକ୍ତ କମିଟି ଦାୟିତ୍ୱ ନେବ। ଗାଁ ଗହଳିରେ ସଚେତନତା କାର୍ଯ୍ୟକ୍ରମ କରିବା, ଅନ୍ୟ ରାଜ୍ୟରେ ଥିବା ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ଏବଂ ସେମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା ଉପରେ ଆଲୋଚନା ହୋଇଛି।

ଗଞ୍ଜାମରେ ଏବେ ସୁଦ୍ଧା ୪୦ହଜାର ଲୋକ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ଏମାନଙ୍କ ଲାଗି ୨ହଜାର ୯୮୩ଟି ସେଣ୍ଟର କରାଯାଇଛି ଏବଂ ଏହାର ଆଖପାଖ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ଏବେ ପର୍ଯ୍ୟନ୍ତ ଗାଁ ଭିତରେ କ୍ୱାରାଣ୍ଟାଇନ ସେଣ୍ଟର ଥିବାବେଳେ ଖୁବ୍‌ଶୀଘ୍ର ଗ୍ରାମ ବାହାରେ ବଡ଼ବଡ଼ ଅନୁଷ୍ଠାନକୁ କ୍ୱାରାଣ୍ଟାଇନ ସେଣ୍ଟର କରାଯିବ। ଜିଲା ଭିତରେ ୨୦୦ ଶଯ୍ୟା ବିଶିଷ୍ଟ ଏକ କୋଭିଡ୍ ହସ୍ପିଟାଲ ଥିବାବେଳେ ଆଉ ଗୋଟିଏ କରାଯିବା ଉପରେ ଆଲୋଚନା ହୋଇଛି। ଗଞ୍ଜାମରେ କରୋନା ହସ୍ପିଟାଲ ଶଯ୍ୟାଠାରୁ ଖୁବ୍‌ଶୀଘ୍ର ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଆକଳନ କରାଯାଉଥିବାରୁ ଦ୍ୱିତୀୟ ହସ୍ପିଟାଲ ନେଇ ସରକାର ତତ୍ପରତା ପ୍ରକାଶ କରୁଥିବା ଜଣାପଡ଼ିଛି।



ଅନୁଗୋଳ ସହର ଆକାଶରେ ରବିବାର ମଧ୍ୟାହ୍ନ ୧୨.୦୩ରେ ସୂର୍ଯ୍ୟଙ୍କ ଚାରିପଟେ ସୃଷ୍ଟ ବଳୟ ସ୍ପଷ୍ଟ ଦୃଶ୍ୟମାନ ହେଉଛି। (ଫଟୋ– ବୁବୁ)

## ପ୍ରଥମ ପୃଷ୍ଠାରୁ...

### ଭୟଙ୍କର ହେଲାଣି ...

ପ୍ରବାସୀଙ୍କ ଆଗମନ ଜାରି ରହିଥିବାରୁ ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ବାଲେଶ୍ୱରରେ ଚିହ୍ନଟ ୧୫ ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୫ଜଣ କର୍ନାଟକ ଓ ୧୦ଜଣ ପଶ୍ଚିମବଙ୍ଗ ଫେରନ୍ତା ବୋଲି ସୂଚନା ମିଳିଛି। ଏମାନଙ୍କୁ ମିଶାଇଲେ ବାଲେଶ୍ୱର ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୨କୁ ବୃଦ୍ଧି ପାଇଛି। ସେହିପରି ଯାଜପୁର ଜିଲାରେ ଚିହ୍ନଟ ୫ଜଣଙ୍କ ମଧ୍ୟରୁ ଦୁଇଜଣ ସୁରଟ ଫେରନ୍ତା ଥିବାବେଳେ ଜଣେ ପଶ୍ଚିମବଙ୍ଗ ଫେରନ୍ତା ଓ ଅନ୍ୟ ଦୁଇଜଣ ପଶ୍ଚିମବଙ୍ଗ ଫେରନ୍ତା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ଫଳରେ ଜିଲାରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି। ସେହିପରି ଭଦ୍ରକ ଜିଲାର ନୂଆ ୬ଜଣ ଆକ୍ରାନ୍ତ ସୁରଟ ଫେରନ୍ତା। ଏମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୧କୁ ଛୁଇଁଛି। ମୟୂରଭଞ୍ଜ ଜିଲାରେ ମଧ୍ୟ ଆଉ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ସୁରଟ ଫେରନ୍ତା ହୋଇଥିବାବେଳେ ତାଙ୍କୁ ମିଶାଇ ଏହି ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି।

ଅନ୍ୟପଟେ ମାସେ ୭ଦିନ ପରେ ପୁଣିଥରେ ପୁରୀ ଜିଲାରେ ଆଉ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏପ୍ରିଲ ୩ରେ ପୁରୀରେ ଗୋଟିଏ ପଜିଟିଭ୍ ଚିହ୍ନଟ ହୋଇଥିଲା। କିଛିଦିନ ପରେ ସେ ସୁସ୍ଥ ହୋଇ ଘରକୁ ଫେରିବାରୁ ଜିଲାବାସୀ ଆଶ୍ୱସ୍ତ ହୋଇଥିଲେ। ଏବେ ପୁଣି ପୁରୀ ସ୍ୱର୍ଗଦ୍ୱାର ଅଞ୍ଚଳରୁ ଗୋଟିଏ ପରିବାରର ୨ ଜଣଙ୍କଠାରେ ପଜିଟିଭ୍ ବାହାରିବା ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି। ଗ୍ରୀନ୍ ଜୋନ୍‌ରେ ଥିବା ପୁରୀ ଜିଲା ଏବେ ପୁଣି ଥରେ ଅରେଞ୍ଜ ଜୋନ୍‌କୁ ଚାଲିଯିବାର ସମ୍ଭାବନା ରହିଛି।

ରାଜ୍ୟର ମୋଟ ୩୭୭ କରୋନା ପଜିଟିଭ୍ ଚିହ୍ନଟ ହୋଇସାରିଥିବାବେଳେ ୩୦୬ଜଣ ସକ୍ରିୟ ରହିଛନ୍ତି। ୬୮ଜଣ ସୁସ୍ଥ ହୋଇଥିବାବେଳେ ୩ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ୪୧୮ଜଣ ସନ୍ଦିଗ୍ଧ ବିଭିନ୍ନ ହସ୍ପିଟାଲ ଆଇସୋଲେଶନ୍‌ରେ ରହିଛନ୍ତି।

### ରାଜ୍ୟରେ ତୃତୀୟ କରୋନା...

ଆସିଥିବା ମୃତ୍ୟୁ ପରଦିନ ଜଣାପଡିଥିଲା। ସେହିପରି କରୋନାରେ ଦ୍ୱିତୀୟ ମୃତକ ହେଲେ ଭୁବନେଶ୍ୱର ମଧୁସୂଦନ ନଗରର ୭୭ ବର୍ଷୀୟ ବୃଦ୍ଧ। ତାଙ୍କର ୫ତାରିଖ ରାତି ୧୦ଟାରେ ମୃତ୍ୟୁ ଘଟିଥିଲା। ସେ ଉଚ୍ଚ ରକ୍ତଚାପ, ମଧୁମେହ ସହ କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ଅନ୍ୟଜଣଙ୍କ ଦ୍ୱାରା ସଂକ୍ରମିତ ହୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଡ଼ମିଶନର ଦିନକ ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

### ମଙ୍ଗଳବାରଠୁ ଧୀରେ ଧୀରେ ...

ଥିବା ଟିକେଟ କାଉଣ୍ଟର ବନ୍ଦ ରହିଥିବାରୁ ପ୍ଲାଟ୍‌ଫର୍ମ ଟିକେଟ ଉପଲବ୍ଧ ହେବ ନାହିଁ। ବୈଧ ବା କନ୍‌ଫର୍ମ ଟିକେଟ ଥିବା ଲୋକମାନେ କେବଳ ପ୍ଲାଟ୍‌ଫର୍ମରେ ପ୍ରବେଶ କରିପାରିବେ। ଯାତ୍ରୀମାନେ ମାସ୍କ ଲଗାଇବା ବାଧ୍ୟତାମୂଳକ ହେବ। ଯାତ୍ରା କରିବାକୁ ଥିବା ଲୋକଙ୍କ ସ୍କ୍ରିନିଂ ମଧ୍ୟ କଡ଼ାକଡ଼ି ହେବ। ଯେଉଁ ଲୋକଙ୍କଠାରେ କୌଣସି ଲକ୍ଷଣ ଜଣା ପଡିବ ନାହିଁ ସେମାନଙ୍କୁ ହିଁ ଟ୍ରେନ୍ ଯାତ୍ରାର ସୁଯୋଗ ମିଳିବ। ଟ୍ରେନ ଚଳାଚଳ ନେଇ ସୂଚୀ ରେଳ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯିବ ବୋଲି ସୂଚନା ରହିଛି।

ପରବର୍ତ୍ତୀ ପର୍ଯ୍ୟାୟରେ ରେଳପଥ ପକ୍ଷରୁ ନୂଆ ରୁଟ୍‌ଗୁଡ଼ିକରେ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବା ନେଇ ବ୍ୟବସ୍ଥା କରାଯିବ। କୋଚ୍ ଉପଲବ୍ଧତା ବିଚାର କରି ଏଭଳି ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ କୋଭିଡ୍–୧୯ ବିରୋଧରେ ଲଢ଼େଇ ଜାରି ଅଧୀନ ରେଲୱେର ୨୦ ହଜାର କୋଚ୍‌କୁ କେୟାର ସେଣ୍ଟର ଭାବେ ସଂରକ୍ଷଣ କରାଯାଇଛି। ଫସି ରହିଥିବା ଶ୍ରମିକଙ୍କ ଲାଗି ପ୍ରତିଦିନ ପ୍ରାୟ ୩୦୦ ଶ୍ରମିକ ସ୍ପେଶାଲ ଟ୍ରେନ ଚଳାଚଳ କରାଇବାକୁ ପର୍ଯ୍ୟାପ୍ତ ସଂଖ୍ୟକ କୋଚ୍ ବ୍ୟବସ୍ଥା କରାଯାଇଛି ବୋଲି ରେଳପଥ ପକ୍ଷରୁ ସୂଚନା ରହିଛି।

### ପ୍ରଶ୍ନ ଘେରରେ ପିଏମ୍...

କେୟାର୍ସ ରିଲିଫ ଫଣ୍ଡକୁ ବିପୁଳ ପରିମାଣର ଡୋନେଶନ ଆସିବାରେ ଲାଗିଛି। ସେଲିବ୍ରିଟି, ଟାଇକୁନ, ମଧ୍ୟବିତ୍ତ ପ୍ରଫେସନାଲ ଓ ଶିଳ୍ପପତିମାନେ ଏହି ପାଣ୍ଠିକୁ ଦାନ କରୁଛନ୍ତି। ଆର୍ଥିକ ଅନଟନ ଯୋଗୁ କମ୍ପାନୀ ଚଳାଇ ହେଉନାହିଁ ବୋଲି କହୁଥିବା ମାଲିକମାନେ କାହିଁକି ଏପରି କରୁଛନ୍ତି ବୋଲି କେତେକ ମହଲରେ ପ୍ରଶ୍ନ ଉଠିଲାଣି। କିୟୋର ଡଟ୍ ଫିଟ୍ କଥା ବିଚାର କରାଯାଉ। ମେ ୪ ତାରିଖରେ ଏହି ଫିଟ୍‌ନେସ୍ ଷ୍ଟାର୍ଟଅପ୍ ପ୍ରାୟ ୮୦୦ କର୍ମଚାରୀଙ୍କୁ ଛଟେଇ କରିବା ସହ ଅନେକ ଫିଟନେସ୍ ସେଣ୍ଟରକୁ ମଧ୍ୟ ବନ୍ଦ କରିଦେଇଥିଲା। ଏହି କମ୍ପାନୀ ଛଟେଇ ହୋଇଥିବା କର୍ମଚାରୀଙ୍କ ପାଇଁ ଆପାତକାଳୀନ ପାଣ୍ଠିରେ ୨ କୋଟି ଟଙ୍କା ବା ୨୬୦,୦୦୦ ଡଲାରର ବ୍ୟବସ୍ଥା କରିଥିବାବେଳେ ପିଏମ୍ କେୟାର୍ସ ଓ ଅନ୍ୟ ରିଲିଫ ଫଣ୍ଡଗୁଡ଼ିକୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇ ବଦାନ୍ୟତା ଦେଖାଇଛି। ସେହିପରି ନିକଟରେ ଫେସ୍‌ବୁକ୍ ଓ ଆମେରିକାର ପ୍ରାଇଭେଟ ଇକ୍ୱିଟି କମ୍ପାନୀ ସିଲ୍‌ଭର ଲେକ୍ ଭାରତର ଅନ୍ୟତମ ବୃହତ୍ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ରେ ପୁଞ୍ଜିନିବେଶ କରିଛନ୍ତି। ଏହାପରେ ମୁକେଶ ଅମ୍ବାନୀଙ୍କ ଏହି କମ୍ପାନୀ ନିଜ ହାଇଡ୍ରୋକାର୍ବନ ବ୍ୟବସାୟର କର୍ମଚାରୀମାନଙ୍କ ଦରମା କାଟ କରିବା ସହ ପ୍ରଦର୍ଶନ ଆଧାରରେ ଦେୟକୁ ସ୍ଥଗିତ ରଖିଛି। ଏହାସତ୍ତ୍ୱେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପିଏମ୍ କେୟାର୍ସକୁ ୫୦୦ କୋଟି ଟଙ୍କା ଡୋନେଶନ ଦେଇଛି। ଏଭଳି ସ୍ଥିତିରେ କମ୍ପାନୀଗୁଡ଼ିକ ନିଜ ଷ୍ଟାଫ୍‌ଙ୍କ ପ୍ରତି ଚୁକ୍ତି ଅନୁସାରେ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ରିଲିଫ୍ ଫଣ୍ଡକୁ ସ୍ୱେଚ୍ଛାକୃତ ଭାବେ ଏତେ ମାତ୍ରାରେ ଅର୍ଥ ଦାନ କରିବା ନେଇ ସେମାନେ ବିସ୍ମିତ ହେବା ସ୍ୱାଭାବିକ।

କମ୍ପାନୀଗୁଡ଼ିକ ପକ୍ଷରୁ ପିଏମ୍ କେୟାର୍ସ ପାଣ୍ଠିକୁ ଦିଆଯାଉଥିବା ଅର୍ଥକୁ ସେମାନଙ୍କର ବାର୍ଷିକ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)ର ଅଂଶ ଭାବେ ଆଇନତଃ ହିସାବ କରାଯିବ ବୋଲି କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏଫ୍‌ଏକ୍ୟୁରେ ଦର୍ଶାଯାଇଛି। ବର୍ତ୍ତମାନର ପରୀକ୍ଷଣ ସମୟରେ କମ୍ପାନୀଗୁଡ଼ିକ ସରକାରୀ କଳକୁ ଦାନ କରିବା ଜରୁରୀ ହୋଇଥିବାବେଳେ ସିଏସ୍‌ଆର୍‌ର ନେଟ୍ ଆର୍ଥିକ ବୋଝ ପରୋକ୍ଷ ଭାବେ କର୍ମଚାରୀଙ୍କ ମୁଣ୍ଡରେ ପଡୁଥିବା ଭଳି ମନେହେଉଛି। କର୍ପୋରେଟ୍ ହାଉସ୍‌ଗୁଡ଼ିକ ନିଜ ଷ୍ଟାଫ୍‌ଙ୍କ ଅର୍ଥ ଉପଯୋଗ କରି ସିଏସ୍‌ଆର୍ ଉତ୍ତରଦାୟିତ୍ୱରୁ ମୁକୁଳିବା ପାଇଁ ମହାମାରୀକୁ ବ୍ୟବହାର କରୁଛନ୍ତି କି ବୋଲି ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

କେବଳ କମ୍ପାନୀ ଓ ଷ୍ଟାର୍ଟଅପ୍‌ଗୁଡ଼ିକର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠୁନାହିଁ, ବରଂ ପିଏମ୍ କେୟାର୍ସ ପାଣ୍ଠି ମଧ୍ୟ ସନ୍ଦେହ ଘେରକୁ ଟାଣି ହୋଇଯାଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏହି ଫଣ୍ଡର ଉଦ୍ଦେଶ୍ୟ ହେଉଛି ଜରୁରୀ ସମୟରେ ଜନସ୍ୱାସ୍ଥ୍ୟ, ବିପର୍ଯ୍ୟୟ, ଅନଟନ ବେଳେ ଡୋନେଶନକୁ କାର୍ଯ୍ୟରେ ଲଗାଯିବ। ସେହିପରି ସ୍ୱାସ୍ଥ୍ୟସେବା ସୃଷ୍ଟି ଓ ଏହାର ଉନ୍ନତୀକରଣ ତଥା ଏସମ୍ପର୍କିତ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରଭାବିତ ଲୋକଙ୍କୁ ଅନୁଦାନ ବା ରିହାତି ଆକାରରେ ଆର୍ଥିକ ସହାୟତା ପ୍ରଦାନ ମଧ୍ୟ ଏହି ପାଣ୍ଠିରୁ କରାଯିବ ବୋଲି ଏଥିରେ ବ୍ୟବସ୍ଥା ରହିଛି। ୧୯୪୮ରେ ଗଠନ କରାଯାଇଥିବା ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡ (ପିଏମ୍‌ଏନ୍‌ଆର୍‌ଏଫ୍) ଭଳି ପିଏମ୍ କେୟାର୍ସର ଉଦ୍ଦେଶ୍ୟ ରହିଛି। ତେବେ ପିଏମ୍‌ଏନ୍‌ଆର୍‌ଏଫ୍‌ର ଉଦ୍ଦେଶ୍ୟ ଜାତୀୟ ସ୍ତରର ସମସ୍ତ ପ୍ରକାର ଦୁଃଖ ଦୁର୍ଦ୍ଦଶା ବେଳେ ପାଣ୍ଠି ବିନିଯୋଗ କରିବା ହୋଇଥିବାବେଳେ ଏହି ଦୁଇ ପାଣ୍ଠିରେ ଦୁଇଟି ବଡ଼ ପାର୍ଥକ୍ୟ ରହିଛି। ପ୍ରଥମତଃ ଦାନଭିତ୍ତିକ ଫଣ୍ଡ ପିଏମ୍ କେୟାର୍ସ ପାର୍ଲାମେଣ୍ଟ ଦ୍ୱାରା ପ୍ରଣୀତ କୌଣସି ଆଇନ ବଳରେ ଗଠନ କରାଯାଇନାହିଁ। ଏପରି କି ଏହା ଭାରତର କନ୍‌ସୋଲିଡେଟେଡ୍ ଫଣ୍ଡ ବା ସରକାରଙ୍କ ମୁଖ୍ୟ ବ୍ୟାଙ୍କ ଆକାଉଣ୍ଟର ଅଂଶ ମଧ୍ୟ ନୁହେଁ। ପିଏମ୍ କେୟାର୍ସ ଫଣ୍ଡ ଏକ ସାମ୍ବିଧାନିକ ବା ସରକାରୀ ଫଣ୍ଡ ନୁହେଁ, ବରଂ ଅର୍ଦ୍ଧଘରୋଇ ପାଣ୍ଠି। ପ୍ରଧାନମନ୍ତ୍ରୀ ଏହାର ଅଧ୍ୟକ୍ଷ ହୋଇଥିବାବେଳେ ପ୍ରତିରକ୍ଷା, ସ୍ୱରାଷ୍ଟ୍ର ଓ ଅର୍ଥମନ୍ତ୍ରୀମାନେ ଟ୍ରଷ୍ଟି ଅଛନ୍ତି। ପିଏମ୍‌ଏନ୍‌ଆର୍‌ଏଫ୍ ମଧ୍ୟ ଏକ ଅର୍ଦ୍ଧଘରୋଇ ପାଣ୍ଠି ହୋଇଥିଲେ ହେଁ ଇଣ୍ଡିଆନ୍ ଟ୍ରଷ୍ଟିଜ୍ ଆକ୍ଟର ଧାରା ୧୯ ଅଧୀନରେ ଦେଶର କୌଣସି ନାଗରିକ ଏହାର ପରିଚାଳନା ସମ୍ପର୍କରେ ଯାଞ୍ଚ କରିପାରିବେ।

ଅନ୍ୟପକ୍ଷରେ ପିଏମ୍ କେୟାର୍ସ ଫଣ୍ଡକୁ 'ଇଣ୍ଡିପେଣ୍ଡେଣ୍ଟ ଅଡିଟର୍ସ'ଙ୍କ ଦ୍ୱାରା ଯାଞ୍ଚ କରାଯାଇ ପାରିବ ବୋଲି ଏଥିରେ ପ୍ରସ୍ତାବ ରହିଛି। ତେବେ ଯେଉଁ ସ୍ୱାଧୀନ ସମୀକ୍ଷକ ଏହି ପାଣ୍ଠିର ଯାଞ୍ଚ କରିବେ ସେ ଅଧ୍ୟକ୍ଷ ଓ ଟ୍ରଷ୍ଟିମାନଙ୍କ ଦ୍ୱାରା ହିଁ ନିଯୁକ୍ତ ହେବେ। ଅର୍ଥାତ୍ ଏହି ସ୍ୱାଧୀନ ସମୀକ୍ଷକଙ୍କ ନିରପେକ୍ଷତା ବା ସ୍ୱାଧୀନତା ଉପରେ ମଧ୍ୟ ବିରାଟ ପ୍ରଶ୍ନବାଚୀ ରହୁଛି। ପିଏମ୍‌ଏନ୍‌ଆର୍‌ଏଫ୍‌କୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ଯାଞ୍ଚ କରିଥାଆନ୍ତି ଏବଂ ତଦାରଖ ସମ୍ପର୍କିତ ରିପୋର୍ଟ ମଧ୍ୟ ସାର୍ବଜନୀନ ହୋଇଥାଏ। ଆଲୋଚନା ସାପେକ୍ଷ ପ୍ରଶ୍ନଟି ହେଉଛି ପିଏମ୍‌ଏନ୍‌ଆର୍‌ଏଫ୍ ଥାଉ ଥାଉ ବିନା କୌଣସି ଆଇନ ପ୍ରଣୟନରେ ଏକ ଛଦ୍ମ ଘରୋଇ ଏବଂ ସିଏଜିଙ୍କ ପରିସର ବହିର୍ଭୂତ ପାଣ୍ଠି କାହିଁକି ଗଠନ କରାଗଲା ?

### ଟ୍ରକ୍ ଓଲଟି ୫ ପ୍ରବାସୀ ...

ନିକଟରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଜଣେ ଶ୍ରମିକଙ୍କଠାରେ କରୋନା ଲକ୍ଷଣ ଦେଖାଦେବା ପରେ ସମସ୍ତଙ୍କର ପରୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ, ଦୁଇଦିନ ତଳେ ମହାରାଷ୍ଟ୍ରରେ ୨୦ଜଣ ପ୍ରବାସୀ ଶ୍ରମିକଙ୍କ ଉପରେ ଟ୍ରେନ୍ ମାଡ଼ିଯିବାରୁ ସେମାନଙ୍କ ମଧ୍ୟରୁ ୧୬ଜଣଙ୍କ ମୃତ୍ୟୁ ଘଟିଥିଲା। ମଧ୍ୟପ୍ରଦେଶ ଫେରିବା ଲାଗି ସେମାନେ ଦୀର୍ଘ ୪୦ କି.ମି. ଚାଲିବା ପରେ ରେଳଲାଇନରେ ଶୋଇପଡ଼ିଥିଲେ।


Classified




3BHK independent Marble House for Family/ Executive/ Office, Samantarapur, Bhubaneswar, 7682848145. D-17285

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଉଚ୍ଚସ୍ଥ ରବି ପ୍ରଭାବରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟରେ କାମ ହାସଲ କରିବେ । ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ । ବନ୍ଧୁ ଗହଣରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ । ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ ।

**ବୃଷ**
ଶୁକ୍ର ଓ ବୁଧ ରାଶିରେ ଥିବାରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ । ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି । ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ । ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି ।

**ମିଥୁନ**
ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ । ଏହାର କୁପରିଣାମ ସ୍ୱରୂପ ପରିବାର ମଧ୍ୟରୁ ନିଜ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବାକୁ ପଡିବ । ଅଗ୍ରଗତି ବେଶ୍ ଦ୍ରୁତ ହେବ ଓ ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ଚନ୍ଦ୍ର ଯୁକ୍ତ କେତୁ ଯୋଗୁଁ ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି । ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ । ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ,ଏଣୁ ସାବଧାନତା ଆବଶ୍ୟକ । ଆଜିର ପ୍ରତ୍ୟୁଷ ଯାତ୍ରା, ମାଙ୍ଗଳିକ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ ।

**ସିଂହ**
ଗ୍ରହସ୍ଥିତି କାରଣରୁ ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇ ପାରିବେ । ଖୋଜୁଥିବା ଜିନିଷ ହଠାତ୍ ଅତି ନିକଟରୁ ପାଇଯିବେ । ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ । ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ ।

**କନ୍ୟା**
ଚତୁର୍ଥଭାବସ୍ଥ କେତୁଯୁକ୍ତ ଚନ୍ଦ୍ର ହେତୁ ଅନ୍ୟମାନଙ୍କ ସମସ୍ୟାମୂଳକ ଅଭିଶାପ ଆଶୀର୍ବାଦରେ ପରିଣତ ହୋଇଯିବ । ଜୀବନରେ ବିଲୁପ୍ତ ସ୍ନେହ, ଶ୍ରଦ୍ଧା ଓ ଆଦରର ସଦ୍‌ଭାବ ଆକସ୍ମିକ ଅନୁଭବ କରିବେ । କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି । କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି ।

**ତୁଳା**
ପରିବାର ସ୍ଥାନସ୍ଥ ଯୋଗୁଁ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ । ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଜିନିଷଟି ନ ପାଇ ନିରାଶ ହେବେ । ପାରିବାରିକ ଅଶାନ୍ତି ହେତୁକ ମାନସିକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ । ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ ।

**ବିଛା**
ଶନିଙ୍କ ପ୍ରଭାବରେ ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ । ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି । ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାରକରଜ କରି ଆବଶ୍ୟକତା ଚଳାଇ ନେବେ । କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ ।

**ଧନୁ**
ଭାଗ୍ୟାଧିପଙ୍କ ସୁପ୍ରଭାବରେ ଆଜି ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ । ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ ।

**ମକର**
ଆଜି ଗୁରୁଶୌରୀ ଯୋଗରେ ଘରର କେତେକ ଅତ୍ୟାବଶ୍ୟକ ଜିନିଷଗୁଡିକୁ ଆଣିବାକୁ ବାଧ ହେବେ । ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ । ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଏବଂ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ । କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବସ୍ତ୍ୟ ହେବେ ।

**କୁମ୍ଭ**
ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ । ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ । ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅତି ଭଲ ପାଉଥିବା ସମ୍ପର୍କୀୟା ଭାଇ କିମ୍ବା ପଡୋଶୀଟିର ମନୋଭାବ ବଦଳିଯିବ ।

**ମୀନ**
ମଙ୍ଗଳଙ୍କ ଦୃଷ୍ଟିରେ ଶୁକ୍ରଙ୍କ ଯୋଗୁ ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି । ନିକଟ ସମ୍ପର୍କୀୟଙ୍କ ସହାୟତାରେ ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ । ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହି, ଫଳରେ ଅଶାନ୍ତିର ସମ୍ଭାବନା ରହିଛି ।

ଆଜି ଜ୍ୟେଷ୍ଠ କୃଷ୍ଣ ୫ମୀ ସୋମବାର, ମେ ୧୧ ତାରିଖ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ, ରାଶି ନକ୍ଷତ୍ର–ପୂର୍ବଷାଢା । ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ସକାଳ ଘ.୦୫.୧୬ମି. ଗତେ ଘ.୦୬.୫୯ମି. ମଧ୍ୟେ, ଘ.୧୦.୨୫ମି.ଗତେ ଘ.୦୧.୦୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୪ମି. ଗତେ ଘ.୦୯.୦୭ମି. ମଧ୍ୟେ, ରାତ୍ରି ଘ.୧୧.୨୦ମି. ଗତେ ଘ.୦୨.୧୮ମି. ମଧ୍ୟେ ଅମୃତ ବେଳା । ଅପରାହ୍ନ ଘ.୦୩.୩୫ମି. ଗତେ ଘ.୦୫.୧୮ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ.୦୬.୫୨ମି. ଗତେ ଘ.୦୮.୨୯ମି. ମଧ୍ୟେ ରାହୁକାଳ ।

# ଗାଁକୁ ଫେରିଲେ ୨୩୭୬ ପ୍ରବାସୀ ଓଡ଼ିଆ

## ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଲା ୨ ସ୍ୱତନ୍ତ୍ର ଟ୍ରେନ୍

ଜଟଣୀ ,୧୦।୫(ଡି.ଏନ୍.ଏ.)

ଗୁଜରାଟର ସାବରମତୀ ଓ ଅହମ୍ମଦାବାଦ ଷ୍ଟେଶନରୁ ୨୩୭୬ ପ୍ରବାସୀ ଓଡ଼ିଆଙ୍କୁ ନେଇ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍ ରବିବାର ରାତିରେ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରେ ପହଞ୍ଚିଛି। ସାବରମତି ଷ୍ଟେଶନରୁ ଛାଡ଼ିଥିବା ଟ୍ରେନ ଏଠାରେ ସନ୍ଧ୍ୟା ୬ଟା ୪୫ରେ ପହଞ୍ଚିଥିଲା। ଏହି ଟ୍ରେନ୍‌ରେ ୨୧ଟି ଜିଲାର ୧୨ଶହ ଜଣ ରହିଥିଲେ। କଟକ ଜିଲାର ସର୍ବାଧିକ ୪୨୭ ଜଣ ରହିଥିବା ଜଣାପଡିଛି। ସେହିପରି ଅହମ୍ମଦାବାଦ ଷ୍ଟେଶନରୁ ଛାଡ଼ିଥିବା ଟ୍ରେନ୍ ରାତ୍ର ୧୦ଟା ୧୦ରେ ପହଞ୍ଚିଥିଲା। ଏଥିରେ ୨୦ଟି ଜିଲାର ୧୧୭୬ ଜଣ ରହିଥିବା ବେଳେ ଗଞ୍ଜାମ ଜିଲାର ସର୍ବାଧିକ ୩୩୦ଜଣ ରହିଥିଲେ। ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ଟ୍ରେନ୍‌ରୁ ଏକସଙ୍ଗେ ଓହ୍ଲାଇବାକୁ ବାରଣ କରାଯାଇଥିଲା। ଗୋଟିଏ ଲେଖାଏ ବଗିରୁ ପର୍ଯ୍ୟାୟକ୍ରମେ ଓହ୍ଲାଯାଇ ବାହାରକୁ ଅଣାଯାଇଥିଲା। ପରେ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀମାନେ ଫେରିଥିବା ପ୍ରବାସୀ ଓଡ଼ିଆଙ୍କ ଥର୍ମାଲ ସ୍କ୍ରିନିଂ, ପଞ୍ଜୀକରଣ, ଡାହାଣ ହାତରେ ଷ୍ଟାମ୍ପିଙ୍ଗ୍ ଆଦି ବିଭିନ୍ନ ପ୍ରକ୍ରିୟା ସମ୍ପନ୍ନ କରାଇଥିଲେ। ଏହା ପରେ ବସ୍ ପର୍ଯ୍ୟନ୍ତ ଅଣାଯାଇ ସେମାନଙ୍କୁ ଜିଲାକୁ ପଠାଯାଇଥିଲା। ଏମାନଙ୍କୁ ନେଇ ବସ୍ ଯାଉଥିବା ରୁଟ୍‌ରେ କଟକଣା କଡ଼ାକଡ଼ି କରାଯାଇଥିଲା। ରବିବାର ଅପରାହ୍ନ ୧ଟାରୁ ସୋମବାର ସକାଳ ୭ଟା ପର୍ଯ୍ୟନ୍ତ ଜଟଣୀରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରେ ଥିବା ଦୋକାନବଜାର, ଯାନବାହନ ଚଳାଚଳ ଓ ଗମନାଗମନ ବନ୍ଦ କରାଯାଇଥିଲା। ପ୍ରବାସୀ ଓଡ଼ିଆମାନେ ନିଜ ଜିଲାକୁ ଫେରିଯିବା ପରେ ପ୍ଲାଟଫର୍ମ, ଟ୍ରେନ୍, ଷ୍ଟେଶନ ବାହାର ଅଞ୍ଚଳ ଆଦି ବିଶୋଧନ କରାଯାଇଥିଲା। ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଖୋର୍ଦ୍ଧାର ମନୋଜ କୁମାର ପାଢ଼ୀ, ଭୁବନେଶ୍ୱର ସବ୍‌କଲେକ୍ଟର ଦେବବ୍ରତ ସାହୁ, ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦ, ଅତିରିକ୍ତ ତହସିଲଦାର ଦିଲୀପ ଷଡ଼ଙ୍ଗୀ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଆରପିଏଫ୍ ଯବାନ ଓ କମିଶନରେଟ ପୋଲିସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।



ଷ୍ଟେଶନରେ ପ୍ରବାସୀ ଓଡ଼ିଆଙ୍କ ସ୍କ୍ରିନିଂ କରାଯାଉଛି।

# ପ୍ରବାସୀଙ୍କୁ ଆଣୁଥିବା ଟ୍ରେନ୍ ଜଟଣୀରେ ରଖନି: ସୁରେଶ

## ଓଡ଼ିଆଙ୍କ ପାଇଁ ଅଧିକ ଟ୍ରେନ ବ୍ୟବସ୍ଥା କରିବାକୁ ରେଳମନ୍ତ୍ରୀଙ୍କୁ ଜିତେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ପ୍ରବାସୀ ଓଡ଼ିଆଙ୍କୁ ନେଇ ରାଜ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି। ବାହାର ରାଜ୍ୟରେ ଯେ ପର୍ଯ୍ୟନ୍ତ ଶ୍ରମିକମାନେ ଥିଲେ ସେ ପର୍ଯ୍ୟନ୍ତ ଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ନିୟନ୍ତ୍ରଣରେ ଥିଲା। ମାତ୍ର ବାହାର ରାଜ୍ୟକୁ କାମ କରିବାକୁ ଯାଇ ଏବେ ଫେରୁଥିବା ଶ୍ରମିକମାନଙ୍କ ପାଖରେ ମାତ୍ରାଧିକ କରୋନା ଲକ୍ଷଣ ଦେଖିବାକୁ ମିଳୁଛି। ଏବେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୫୨ରେ ପହଞ୍ଚିଛି। ନୂତନଭାବେ ଚିହ୍ନଟ ହୋଇଥିବା ୫୮ ଆକ୍ରାନ୍ତଙ୍କ ମଧ୍ୟରୁ ୫୭ଜଣ ବାହାର ରାଜ୍ୟରୁ ଆସିଥିବା ଶ୍ରମିକ। ସେଥିମଧ୍ୟରୁ ୪୧ଜଣ ସୁରଟରୁ ଫେରିଛନ୍ତି। ସେହିପରି ୧୦ଜଣ ପଶ୍ଚିମବଙ୍ଗରୁ ଫେରିଥିବାବେଳେ ୫ଜଣ କର୍ନାଟକ ଏବଂ ଜଣେ ମହାରାଷ୍ଟ୍ରରୁ ଫେରିଛନ୍ତି। ଉପକୂଳ ଜିଲାର ଶ୍ରମିକମାନେ ଆସୁଥିବା ଟ୍ରେନ୍ ଖୋର୍ଦ୍ଧା ରେଳ ଷ୍ଟେଶନରେ ପହଞ୍ଚୁଥିବାବେଳେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଏହାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୁରେଶ କହିଛନ୍ତି, କରୋନା ସଂକ୍ରମିତ ରାଜ୍ୟରୁ ପ୍ରବାସୀ ଓଡ଼ିଆମାନେ ଆସୁଛନ୍ତି। ସେଥିପାଇଁ ରାଜ୍ୟର ସ୍ଥିତି ଭୟାବହ ହେଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକ ସଂଖ୍ୟାରେ ଟେଷ୍ଟ କରିବାର ବ୍ୟବସ୍ଥା କରାଗଲା ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ପ୍ରବାସୀ ଶ୍ରମିକମାନେ ଆସିବାପରେ ସ୍ଥିତି ସଙ୍ଗିନ ହେଉଛି, ସେମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ସରକାର ରଖନ୍ତୁ। ଯଦି ଆଗକୁ ପ୍ରବାସୀମାନେ ଟ୍ରେନ୍‌ରେ ଆସି ଜଟଣୀରେ ଓହ୍ଲାଇବେ ତେବେ ଏହାକୁ ବିରୋଧ କରାଯିବ। ଆବଶ୍ୟକ ପଡ଼ିଲେ ରେଳଲାଇନ ଉପରେ ଧାରଣାଦେବାକୁ ସେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବାହାର ରାଜ୍ୟରେ ଫସିଥିବା ଓଡ଼ିଆ ଶ୍ରମିକମାନଙ୍କୁ ରାଜ୍ୟକୁ ଫେରାଇ ନେବା ଲାଗି କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଚିଠି ଲେଖି ଅନୁରୋଧ କରିଛନ୍ତି। ଯେତିକି ଟ୍ରେନ୍ ଓଡ଼ିଶାକୁ ଆସୁଛି ତା'ଠାରୁ ଅଧିକ ବ୍ୟବସ୍ଥା କରାଯାଉ। ଏଥିପାଇଁ କଂଗ୍ରେସ ଖର୍ଚ୍ଚ ବହନ କରିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିବା ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଆଇଆଇଟି ପରିସରରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଜଟଣୀ,୧୦।୫(ଡି.ଏନ୍.ଏ.): ଜଟଣୀସ୍ଥିତ ଆଇଆଇଟି ପରିସରରୁ ରବିବାର ସକାଳେ ପୋଲିସ ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ପଶ୍ଚିମବଙ୍ଗ ମାଲଦା ଅଞ୍ଚଳର ଅଲ୍ଲାଉଲ୍ ଶେକ୍ (୨୯)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୦)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଆଇଆଇଟି ପରିସରରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାରଙ୍କ ଦ୍ୱାରା ନିୟୋଜିତ ୫୦୦ରୁ ଅଧିକ ଶ୍ରମିକ କ୍ୟାମ୍ପ କରି ରହିଛନ୍ତି। ଲକ୍‌ଡାଉନ୍ ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିବା ବେଳେ ନିଜ ରାଜ୍ୟକୁ ଏହି ଶ୍ରମିକମାନେ ଯାଇପାରିନଥିଲେ। ରବିବାର ସକାଳୁ କ୍ୟାମ୍ପର ଏକ କୋଠରୀରୁ ଶେକ୍‌ଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ଅନ୍ୟପକ୍ଷରେ ଶେକ୍ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି।

### ମାଛ ଧରୁଥିବା ବେଳେ ମହାନଦୀରେ ବୁଡ଼ି କୈବର୍ତ୍ତ ମୃତ

ବଡମ୍ବା,୧୦।୫: ମାଛ ଧରୁଥିବା ବେଳେ ମହାନଦୀରେ ବୁଡିଯିବାରୁ ଜଣେ କୈବର୍ତ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ କୈବର୍ତ୍ତ ସାହିର ବ୍ରଜବନ୍ଧୁ ଖଟୁଆ(୬୦)। ପ୍ରତିଦିନ ଭଳି ବ୍ରଜବନ୍ଧୁ ଶନିବାର ସନ୍ଧ୍ୟାରେ ଗୋପୀନାଥପୁର ଗ୍ରାମ ନିକଟ ମହାନଦୀକୁ ମାଛ ଧରିବାକୁ ଯାଇଥିଲେ। ସେ ମାଛ ଧରୁଥିବା ବେଳେ ଜାଲ ସହ ଗଭୀର ଜଳକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋପୀନାଥପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବଡ଼ମ୍ବା ଥାନା ପୋଲିସ ଡାକ୍ତରଖାନାରୁ ମୃତଦେହ ଜବତ କରି ରବିବାର ବଡମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇଛି। ଏନେଇ ବଡ଼ମ୍ବା ଥାନାରେ ଅପମୃତ୍ୟୁ ମାମଲା (ନଂ. ୫/୨୦) ରୁଜୁ ହୋଇଛି।

### ସୁରଟ ଫେରନ୍ତାଙ୍କୁ ନେଇ ସାଲିଆ ସାହିରେ ଉତ୍ତେଜନା

ଭୁବନେଶ୍ୱର,୧୦।୫ (ବ୍ୟୁରୋ): ରାଜ୍ୟରେ ପ୍ରବାସୀ ଓଡ଼ିଆଙ୍କୁ ନେଇ ଚିନ୍ତାରେ ସରକାର। କାରଣ ପ୍ରତିଦିନ ଦ୍ରୁତଗତିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ଏବେ ସୁରଟ ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ିଛି। ଏହିପରି ରବିବାର ସୁରଟ ଫେରନ୍ତାଙ୍କୁ ନେଇ ସାଲିଆ ସାହିରେ ଉତ୍ତେଜନା ଦେଖିବାକୁ ମିଳିଥିଲା। କେତେକ ସୁରଟ ଫେରନ୍ତା ସାଲିଆ ସାହିକୁ ଆସିଥିବାରୁ ଲୋକେ ଏହାକୁ ବିରୋଧ କରିଥିଲେ। ଲୋକେ ୧୦୦କୁ ଫୋନ୍ କରିଥିଲେ। ହେଲେ ପୋଲିସ ଶୁଣି ନ ଥିଲା। ଶେଷରେ ସାହିର ଏକାଧିକ ଲୋକେ ଥାନା ଭିତରକୁ ପଶି ହୋହଲ୍ଲା କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ ସ୍ଥିତି ସୁଧୁରି ନ ଥିଲା। ସୁରଟ ଫେରନ୍ତାଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିବା ପାଇଁ ଦାବି କରି ଥାନା ଆଗରେ ଭିଡ଼ ଜମାଇଥିଲେ। ଶେଷରେ ସେମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେବା ପାଇଁ ପୋଲିସ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ବିଦ୍ୟୁତ୍ ଆଘାତରେ ଇଲେକ୍ଟ୍ରିସିଆନ୍‌ଙ୍କ ମୃତ୍ୟୁ

ଭୁବନେଶ୍ୱର,୧୦।୫(ବ୍ୟୁରୋ)- ମଞ୍ଚେଶ୍ୱର ଥାନା ହଂସପାଳ ନିକଟରେ ଥିବା ଏକ ଜଳଯୋଗାଣ କେନ୍ଦ୍ରରେ ବିଦ୍ୟୁତ୍ କାମ କରୁଥିବାବେଳେ ଜଣେ ଇଲେକ୍ଟ୍ରିସିଆନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡୁମୁଡୁମା ଏଚ୍‌ବି କଲୋନୀରେ ରହୁଥିବା ଏମ୍.ରୁସିଲ ରାୟ(୩୮)। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ରୁସିଲ ଠିକାରେ ଉକ୍ତ ଜଳଯୋଗାଣ କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ କାମ କରନ୍ତି। ରବିବାର ଜଳଯୋଗାଣ କେନ୍ଦ୍ରରେ ବିଦ୍ୟୁତ ସମସ୍ୟା ଦେଖାଯାଇଥିଲା। ରୁସିଲ ସେଠାକୁ ଯାଇ ବିଦ୍ୟୁତ୍ ତାରକୁ ଠିକ୍ କରୁଥିବା ବେଳେ ଅସାବଧାନତା ବଶତଃ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ଘଟଣାସ୍ଥଳରେ ପଡିଯାଇଥିଲେ। ପାଟିଶୁଣି ଅନ୍ୟ କର୍ମଚାରୀମାନେ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୩୫ ତୁମ୍ବ ଶେଷ, ଅଖ କାମ ଆରମ୍ଭ

ପୁରୀ ଅଫିସ, ୧୦।୫

କରୋନା କଟକଣା ପାଇଁ ରଥ ନିର୍ମାଣର ଧାର୍ଯ୍ୟ ସମୟରୁ ୧୨ ଦିନ ଗଡ଼ିଯାଇଛି। ତଥାପି ଠିକଣା ସମୟରେ ମହାପ୍ରଭୁଙ୍କ ତିନିରଥ କିପରି ପ୍ରସ୍ତୁତ ହୋଇଯିବ ସେହି ଲକ୍ଷ୍ୟରେ ମହାରଣା, ଭୋଇ, ରୂପକାର ଏବଂ କମାର ସେବକମାନେ କାମରେ ଲାଗିପଡ଼ିଛନ୍ତି। ଏଥିଯୋଗୁ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରବିବାର ତୃତୀୟ ଦିନ ସୁଦ୍ଧା ତିନିରଥର ୩୫ଟି ତୁମ୍ବ ଶେଷ ହୋଇ ସୂତାବାଡ଼ିଆ ସରିଛି। ତିନିରଥ ପାଇଁ ମୋଟ ୪୨ଟି ତୁମ୍ବ ନିର୍ମାଣ କରାଯିବ। ନନ୍ଦିଘୋଷ ରଥ ପାଇଁ ୧୬ଟି, ତାଳଧ୍ୱଜ ୧୪ଟି ଓ ଦର୍ପଦଳନ ରଥ ପାଇଁ ୧୨ଟି ତୁମ୍ବ ତିଆରି ହେବ। ଆଉ ୭ଟି ତୁମ୍ବ ବାକି ଥିବାବେଳେ ଏବେ ପ୍ରସ୍ତୁତ ହୋଇଯାଇଥିବା ତୁମ୍ବରେ ବିନ୍ଧ କରୁଛନ୍ତି ମହାରଣା ସେବକ। ଆସନ୍ତା ୧୫ ତାରିଖ ଭଉଁରୀକୁ ନଜରରେ ରଖି ତିନିରଥର ୨ଟି ଲେଖାଏ ଅର୍ଥାତ୍ ୬ଟି ତୁମ୍ବରେ ବିନ୍ଧ ଶେଷ ହୋଇଛି। ଏଥିସହ ତିନିରଥର ଗୋଟିଏ ଲେଖାଏ ଅଖ କାମ ମଧ ଆରମ୍ଭ ହୋଇଛି। କାରଣ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କ ତିନିରଥର ୬ଟି ନାହାକା ଚକ ଡେରାଯିବାର ବିଧି ରହିଛି। ଏହି ଚକ ଅଖ ସହିତ ସଂଯୋଗ କରାଯିବ। ତେଣୁ ଦ୍ରୁତଗତିରେ କାମକୁ ଆଗେଇ ନେଉଛନ୍ତି ନିର୍ମାଣକାରୀ। ସେହିପରି ରୂପକାର ସେବକମାନେ କଣଗୁଜ ଖୋଦେଇ କରୁଛନ୍ତି। ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ କାମ ଚାଲିଛି। ଅନ୍ୟପକ୍ଷରେ ଭୋଇ ସେବକମାନେ ମହାରଣା ସେବକଙ୍କୁ ଆବଶ୍ୟକ କାଠ ଯୋଗାଇ ଦେଉଥିବା ବେଳେ ଯନ୍ତାଗାଡ଼କୁ ପ୍ରସ୍ତୁତ କରିଛନ୍ତି। ତୁମ୍ବରେ ଅର ସଂଯୋଗ ପରେ ଏହାକୁ ଯନ୍ତାଗାଡ଼ରେ ରଖି ବାଡ଼ିଆ ଯିବ, ଏହାକୁ ସିଙ୍ଗଡ଼ା ବାଡ଼ିଆ କୁହାଯାଏ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ ସୂଚନା ଦେଇଛନ୍ତି। ଏଥିପାଇଁ ଭୋଇ ସେବକମାନେ ପ୍ରସ୍ତୁତ ଥିବା ସେ କହିଛନ୍ତି। ସେହିପରି ଦୋଳବେଦି କୋଣ ପରିସରସ୍ଥ କମାର ଚାଳିରେ କମାର ସେବକମାରେ ରଥ ପାଇଁ ବିଭିନ୍ନ ପ୍ରକାର କଣ୍ଟା, ପଦ୍ଦାରୀ, ବଳା ଆଦି ତିଆରି କରୁଛନ୍ତି। ଶନିବାର ସୁଦ୍ଧା ୨୬୦ଟି ଅରକଣ୍ଟା ଏବଂ ୩ ଚକର ୬ଟି ପଦ୍ଦାରୀ ଶେଷ ହୋଇଛି। ଆହୁରି ଅରକଣ୍ଟା ଏବଂ ପଦ୍ଦାରୀ କାମ ଜାରି ରହିଛି ବୋଲି ତାଳଧ୍ୱଜ ରଥର କମାର ସେବକ ଅର୍ଜୁନ ମହାରଣା ସୂଚନା ଦେଇଛନ୍ତି।

ପ୍ରତିଦିନ ସକାଳେ ରଥ ନିର୍ମାଣକାରୀ ସେବକମାନେ ରଥଖଳାରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଉଛି। ପ୍ରତ୍ୟେକ ସେବକ ମୁହଁରେ ମାସ୍କ ବାନ୍ଧିଥିବା ବେଳେ ପ୍ରବେଶ ସମୟରେ ସାନିଟାଇଜରରେ ହାତ ସଫା କରୁଛନ୍ତି। ଏହାପରେ ସେମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଉଛି ବୋଲି ଏଡିଏମ୍‌ଓ (ପରିବାର କଲ୍ୟାଣ) ଦେବୀ ପ୍ରସାଦ ମହାପାତ୍ର କହିଛନ୍ତି। ରଥଖଳାରେ ୧୨୮ ଜଣ ଏବଂ କମାର ଚାଳିରେ ୧୨ଜଣ ଏହିପରି ମୋଟ ୧୪୦ ଜଣଙ୍କର ସ୍କ୍ରିନିଂ କରାଯାଇଛି। ସମସ୍ତେ ସୁସ୍ଥ ଥିବା ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ସାମାଜିକ ଦୂରତ୍ୱ ଏବଂ ଏକାଧିକଥର ହାତ ସଫା କରିବା ଲାଗି ମଧ ସମସ୍ତଙ୍କୁ ସଚେତନ କରାଯାଇଛି।

ରଥଖଳାରୁ...



ଶ୍ରୀକ୍ଷେତ୍ର ରଥଖଳାରେ ମହାରଣା ସେବକମାନେ ରଥକାଠରେ ତୁମ୍ବ ବିନ୍ଧ କରୁଛନ୍ତି।

# ଭୁବନେଶ୍ୱର କୋଭିଡ୍-୧୯ ପଜିଟିଭ୍ ଫିଲ୍ମ ଫେଷ୍ଟିଭାଲ

## ଓରିଫାର୍ମିଂର ନିଆରା ପ୍ରୟାସ




ଭୁବନେଶ୍ୱର,୧୦।୫(ବ୍ୟୁରୋ)

ଲକ୍‌ଡାଉନ୍‌ରେ ଏକ ନିଆରା କନ୍‌ସେପ୍ଟ ନେଇ ଫିଲ୍ମ ଫେଷ୍ଟିଭାଲ ଆୟୋଜନ କରିବ ଓରିଫାର୍ମିଂ। 'ଭୁବନେଶ୍ୱର କୋଭିଡ୍-୧୯ ପଜିଟିଭ୍ ଫିଲ୍ମ ଫେଷ୍ଟିଭାଲ' ନାମରେ ଆୟୋଜିତ ହେବାକୁ ଥିବା ଏହି କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ସମ୍ପୂର୍ଣ୍ଣଭାବେ ଅନ୍‌ଲାଇନ୍ ଫର୍ମାଟରେ ହେବ। ଆବେଦନଠାରୁ ଆରମ୍ଭକରି ଚଳଚ୍ଚିତ୍ର ସ୍କ୍ରିନିଂ ପର୍ଯ୍ୟନ୍ତ, ସବୁକିଛି ଡିଜିଟାଲ ପ୍ଲାଟ୍‌ଫର୍ମରେ କରାଯିବ। କରୋନା ମହାମାରୀରୁ ଆମେ କ'ଣ ଭଲ ଶିକ୍ଷା ପାଇଛେ, ତାହା ଫିଲ୍ମର ମୁଖ୍ୟ ଥିମ୍ ରହିବ। ଏଥିପାଇଁ ୧୧ ତାରିଖ ସୁଦ୍ଧା ଆବେଦନ କରିପାରିବେ। ଆବେଦନ ପାଇଁ ପ୍ରବେଶ ଶୁଳ୍କ ୫୦୦ ଟଙ୍କା ରହିଥିବାବେଳେ ଫିଲ୍ମଗୁଡ଼ିକ ୨ରୁ ୫ ମିନିଟ ଅବଧି ମଧ୍ୟରେ ହୋଇଥିବା ଆବଶ୍ୟକ। ସେହିଭଳି ଉଭୟ କ୍ୟାମେରା ଏବଂ ମୋବାଇଲରେ ସୁଟ୍ ହୋଇଥିବା ଫିଲ୍ମ ପ୍ରତିଯୋଗିତାରେ ସାମିଲ ହୋଇପାରିବେ। ଶ୍ରେଷ୍ଠ ବିବେଚିତ ଚଳଚ୍ଚିତ୍ର ନିର୍ମାତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ରାଶି ପ୍ରଦାନ କରାଯିବ ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ମଧ ପୁରସ୍କାର ଦିଆଯିବ। ୧୩ ତାରିଖରେ ବଛା ବଛା ଫିଲ୍ମକୁ ସ୍କ୍ରିନିଂ ହେବାକୁ ମନୋନୀତ କରାଯିବ ବୋଲି ଓରିଫାର୍ମିଂ ପକ୍ଷରୁ ସୂଚନା ଦିଆଯାଇଛି।

# ବଜ୍ରପାତ ନେଇ ୭ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ରାଜ୍ୟରେ ରବିବାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଝଡ଼ ତୋଫାନ ସହ ବଜ୍ରପାତ ସୂଚନା ମିଳିଛି। କେନ୍ଦୁଝରରେ ସର୍ବାଧିକ ୩୧.୬ ମିମି ବର୍ଷା ରେକର୍ଡ କରାଯାଇଛି। ଏହା ବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ମୟୂରଭଞ୍ଜ, କୋରାପୁଟ, ଖୋର୍ଦ୍ଧା ଆଦି ଜିଲାଗୁଡ଼ିକରେ ମଧ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏହିଭଳି ବର୍ଷା ଓ ବଜ୍ରପାତ ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସୋମବାର ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ସମେତ ବାଲେଶ୍ୱର, ଭଦ୍ରକ ମାଲକାନାଗିରି, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ କଳାହାଣ୍ଡି ଆଦି ୭ଟି ଜିଲାରେ ଝଡ଼ ତୋଫାନ ସହ ବଜ୍ରପାତ ହେବ। ଏହି ସବୁ ଜିଲାରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ତେଣୁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ତାପମାତ୍ରା ବଢ଼ି ଚାଲିଛି। ରବିବାର ଟିଟିଲାଗଡ଼ରେ ସର୍ବାଧିକ ୪୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ତାଳଚେର ୪୧.୪, ପାରଳାଖେମୁଣ୍ଡି ୪୦.୨ ଡିଗ୍ରୀ ତାପମାତ୍ରା ରହିଛି। ଦିନରେ ତାତି ରାତିରେ କାଳବୈଶାଖୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି।

## ୪୨.୫ ଡିଗ୍ରୀରେ ଟିଟିଲାଗଡ଼



# ଆଇନଜୀବୀଙ୍କୁ ମିଳିବ ୧୦ ହଜାର ସହାୟତା

କଟକ ଅଫିସ,୧୦।୫

କରୋନା ପ୍ରଭାବରେ ରୋଜଗାର ହରାଇଥିବା ଆଇନଜୀବୀଙ୍କୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ଓଡ଼ିଶା ରାଜ୍ୟ ଆଇନ୍‌ଜୀବୀ ପରିଷଦ ପକ୍ଷରୁ ଏ ନେଇ ପଦକ୍ଷେପ ନିଆଯାଇଛି। ପରିଷଦ ଦ୍ୱାରା ପ୍ରସ୍ତୁତ ଜରୁରିକାଳୀନ ଆର୍ଥିକ ସହାୟତା ନିୟମ -୨୦୨୦କୁ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ସାଧାରଣ ପରିଷଦରେ ଅନୁମୋଦନ ମିଳିଛି। ରାଜ୍ୟରେ ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଏହି ନିୟମ ଅନୁଯାୟୀ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ଦ୍ୱାରା ପ୍ରଭାବିତ ଆଇନ୍‌ଜୀବୀଙ୍କୁ ସହାୟତା ପ୍ରଦାନ କରାଯିବ।

ଲକ୍‌ଡାଉନ୍ ପ୍ରଭାବରେ କୋର୍ଟଗୁଡ଼ିକ ବନ୍ଦ ରହିଥିବାରୁ ଆଇନଜୀବୀମାନେ ସାମୟିକ ଭାବେ ରୋଜଗାର ହରାଇଛନ୍ତି। ତେଣୁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବିଭିନ୍ନ ଓକିଲ ସଂଘ ତରଫରୁ ଦାବି ହୋଇଥିଲା। ଏ ନେଇ ଏପ୍ରିଲ୍ ୧ରେ ରାଜ୍ୟ ଆଇନଜୀବୀ ପରିଷଦର ସ୍ୱତନ୍ତ୍ର କମିଟି ବୈଠକରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ 'ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଜରୁରିକାଳୀନ ଆର୍ଥିକ ସହାୟତା ନିୟମ-୨୦୨୦' ପ୍ରସ୍ତୁତ କରାଯାଇଥିଲା। ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଆଇନ୍‌ଜୀବୀଙ୍କ ରୋଜଗାର ପ୍ରଭାବିତ ହେଲେ ସହାୟତା ପ୍ରଦାନ ପାଇଁ ଏହି ନିୟମରେ ବ୍ୟବସ୍ଥା ରହିଛି। ଏଥିପାଇଁ ୭ଜଣିଆ କମିଟି ଗଠନ ହେବ। ଆଇନଜୀବୀ ନିଜ ଓକିଲ ସଂଘ ସଭାପତି କିମ୍ବା ସମ୍ପାଦକଙ୍କଠାରୁ ଆବେଦନପତ୍ରରେ ଅନୁମୋଦନ ଆଣିବେ। ଆବେଦନଗୁଡ଼ିକ ଗଠିତ କମିଟି ପାଖରେ ଉପସ୍ଥାପନ କରାଯିବ। କମିଟି ଆବେଦନଗୁଡ଼ିକର ବିଚାର କରି ତାଲିକା ପ୍ରସ୍ତୁତ ପରେ ରାଜ୍ୟ ଆଇନଜୀବୀ ପରିଷଦ କିମ୍ବା ସ୍ୱତନ୍ତ୍ର କମିଟି ପାଖକୁ ପଠାଇବେ। କୌଣସି ଆଇନଜୀବୀ ମିଥ୍ୟା ତଥ୍ୟ ଦେଇଥିଲେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ସମ୍ପୃକ୍ତ ସଂଘ କର୍ମକର୍ତ୍ତା ମଧ ଦାୟୀ ହେବେ। କୌଣସି ଆବେଦନକୁ ବାତିଲ କରିବାର ସମସ୍ତ କ୍ଷମତା ପରିଷଦ ପାଖରେ ରହିବ।

## କେଉଁମାନଙ୍କୁ ମିଳିବ ସହାୟତା

ସହାୟତା ପାଇବାକୁ ଯୋଗ୍ୟ ଆଇନଜୀବୀଙ୍କ ପାଇଁ କେତେକ ସର୍ତ୍ତ ରଖାଯାଇଛି। ସେଗୁଡ଼ିକ ହେଲା ବାର୍ଷିକ ଆୟ ଦେଢ଼ ଲକ୍ଷ ଟଙ୍କାରୁ କମ୍ ହୋଇଥିବା। ସ୍ୱାମୀ/ସ୍ତ୍ରୀ ସରକାରୀ/କର୍ପୋରେଟ୍ ସଂସ୍ଥାରେ ଚାକିରି କରି ନ ଥିବେ କିମ୍ବା ପେନ୍‌ସନ୍ ପାଉ ନ ଥିବେ। ସହରାଞ୍ଚଳରେ ନିଜର ଘର କିମ୍ବା ଫ୍ଲାଟ୍ ନ ଥିବ, ୧୦ ଏକରରୁ ଅଧିକ ଚାଷ ଜମି ନ ଥିବ, ଅଭିଭାବକଙ୍କ ବ୍ୟକ୍ତିଗତ ଆୟ ନ ଥିବ, ଚାରିଚକିଆ ଯାନ ନ ଥିବା ସେହିପରି ସେ ନିୟମିତ ଲ' ପ୍ରାକ୍ଟିସ୍ କରୁଥିବେ, ରାଜ୍ୟ ଆଇନ୍‌ଜୀବୀ ପରିଷଦର ସଦସ୍ୟ ଥିବେ, ଅଲ୍ ଇଣ୍ଡିଆ ବାର୍ ଏକ୍ସଜାମିନେଶନ୍‌ରେ ଉତ୍ତୀର୍ଣ୍ଣ ହୋଇଥିବେ, ଜୁନିୟର୍ ଭାବେ କାମ କରୁଥିଲେ ୧୦ ହଜାରରୁ ଅଧିକ ଟଙ୍କା ମାସିକ ନେଉ ନ ଥିବେ, ଅନୁବନ୍ଧିତ ଓକିଲ ସଂଘର ଭୋଟର୍ ଥିବେ, ପେନ୍‌ସନ୍ ପାଉ ନ ଥିବେ, କେନ୍ଦ୍ର, ରାଜ୍ୟ ସରକାର କିମ୍ବା କୌଣସି ସରକାରୀ କି ଘରୋଇ ଉଦ୍ୟୋଗଠାରୁ ଫି' ଗ୍ରହଣ କରୁ ନ ଥିବା ଆବଶ୍ୟକ।

- ଜରୁରିକାଳୀନ ଆର୍ଥିକ ସହାୟତା ନିୟମକୁ ଅନୁମୋଦନ
- ବାର୍ଷିକ ଆୟ ଦେଢ଼ ଲକ୍ଷରୁ କମ୍ ଥିବା ଆବଶ୍ୟକ
- ମିଥ୍ୟା ତଥ୍ୟ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Galaxy Tower
Company Pvt. Ltd.
କଂମ୍ପାନୀ ସହିତ ସିଧା ସିଧା ଯୋଡି ହୋଇକି ଖାଲିଥିବା ଜମି ଓ ଛାତ ଉପରେ 4G/5G Tower ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Email: galaxytower1999@gmail.com
WhatsApp:
9479667248

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଲେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋଡାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଜା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ୱେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

GANPATI FINANCE
(Regd Company)
Ganpati ଋଣ ଭରସାର ପ୍ରତିକ
ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ
50% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Plot No-7, Knowledge City, Navi Mumbai
7088208559

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ। –ଶ୍ରୀଅରବିନ୍ଦ

# କରୋନା ସାମ୍ନାରେ ବ୍ୟକ୍ତିସ୍ୱାଧୀନତାର ବଳି



ସହଦେବ ସାହୁ

ମଣିଷ ନିଜେ ଏକ ପ୍ରାଣୀ, କିନ୍ତୁ ନିଜକୁ ଛାଡି ଅନ୍ୟ ପ୍ରାଣୀମାନଙ୍କୁ ପଶୁ କହେ, ସେମାନଙ୍କ ଆଚରଣକୁ ପାଶବିକ ଅର୍ଥାତ୍ ମୌଳିକତାବିହୀନ କହିଥାଏ। ପଶୁଙ୍କ ଗୋଠକୁ ଆମେ ସମାଜ କହୁନା। ମଣିଷର ଗୋଠ ହିଁ ସମାଜ। ପଶୁ-ଜଗତରେ 'ଜୋର୍ ଯାହାର ଇଲାକା ତାହାର', ପ୍ରାଣୀତତ୍ତ୍ୱବିଦ୍‌ମାନେ ଗୋଠର ନେତାକୁ ଆଲ୍ଫା ମେଲ୍ (ନେତ୍ରୀକୁ ଆଲ୍ଫା ଫିମେଲ୍) କହନ୍ତି (ଗ୍ରୀକ୍ ବର୍ଣ୍ଣମାଳାର ପ୍ରଥମ ଅକ୍ଷର ହେଉଛି ଆଲ୍ଫା)। ପ୍ରଥମେ ପ୍ରଥମେ ମଣିଷ ବି ସେମିତି ଥିଲା। ପ୍ରକୃତି କୋଳରେ ମଣିଷ ସ୍ୱଭାବ ଭଲ ଥିଲା, ଛୋଟ ଛୋଟ ହୋଇଥିଲେ ବି ଗୋଠ ଥିଲା। ସଂଖ୍ୟା ବଢିବାରୁ ସମସ୍ତେ ମିଳିମିଶି ଚଳିବାର ନିୟମ କଲେ। ଫରାସୀ ଦାର୍ଶନିକ ଜାଁ ଜାକ୍ ରୁଷୋ (୧୭୧୨-୧୭୭୮)ଙ୍କ ମତରେ ଏହା ଏକ ସୋସିଆଲ୍ କଣ୍ଟ୍ରାକ୍ଟ। ବଳ ବା ଶକ୍ତି ବ୍ୟକ୍ତିଗତ ଅଧିକାରର ଉତ୍ସ ନ ଥିଲା, ପ୍ରତ୍ୟେକ ତା'ର କିଛି କିଛି ଅଧିକାର ତ୍ୟାଗ କରି ସମପରିମାଣର ଦାୟିତ୍ୱ ବହନ କଲା। ତାହା ହେଲା ଶାସନର ନିୟମ। ନିୟମଗୁଡିକ କାର୍ଯ୍ୟକାରୀ ହେଉଛି କି ନାହିଁ ଦେଖୁଥିବା ଶାସକ କାଳକ୍ରମେ ନିୟମଗୁଡ଼ିକୁ ତାହାର ଶକ୍ତିର ପରାକାଷ୍ଠା ଧରିନେଲା ତ ଶାସକମାନେ ଭୁଲିଗଲେ ଯେ ସୋସିଆଲ କଣ୍ଟ୍ରାକ୍ଟ ସରକାର ବା ଶାସନର ମୂଳଭିତ୍ତି ଥିଲା। ନିୟମ ଦୌରାତ୍ମ୍ୟର ଉତ୍ସ ହୋଇଗଲା, ଫରାସୀ ବିପ୍ଳବ ତାହାର ପ୍ରତିକ୍ରିୟା ବୋଲି ରୁଷୋ କହିଲେ। ସୋସିଆଲ କଣ୍ଟ୍ରାକ୍ଟକୁ ହେଜାଇ ଦେଇ ରୁଷୋ ଲେଖିଲେ ଲୋକଙ୍କର ସମ୍ମତିରେ ଶାସକ ସମାଜକୁ ଚଳାଉ। ଫ୍ରାନ୍ସରେ ଗଣତନ୍ତ୍ର ଆନ୍ଦୋଳନକୁ ତାଙ୍କ ଥିଓରି ଇନ୍ଧନ ଯୋଗାଇଲା ଏବଂ ଦୁନିଆଯାକ ଗଣତନ୍ତ୍ରର ହାୱା ବୁହାଇଦେଲା। 'ସୋସିଆଲ୍ କଣ୍ଟ୍ରାକ୍ଟ'ରେ ବ୍ୟକ୍ତିସ୍ୱାଧୀନତା ଉପରେ ଏକ ନୂଆ ଧାରା ଯୋଡ଼ିବାକୁ ଆମକୁ ବାଧ୍ୟ କରୁଛି, ତାହା ହେଲା ସୋସିଆଲ ଡିଷ୍ଟାନ୍ସିଂ। ସବୁ ଆଇନରେ ପ୍ରୋଭାଇଜୋ (ନିୟମ ନ ଲାଗିବାର ସର୍ତ୍ତ) ଥିଲା ଭଳି, ନାଗରିକର ଫ୍ରିଡମ୍ ଉପରେ ସର୍ତ୍ତ ରହିଲାଣି: ଘରୁ ବାହାରିଲେ ବାହାରର ଲୋକ ସହିତ ମିଶିଲା ବେଳେ ପ୍ରତ୍ୟେକ ଲୋକଠାରୁ ଏକରୁ ଦୁଇ ମିଟର ଯାଏ ଦୂରତା ରଖିବ। କେବଳ ଆମ ଛେପ ଖଙ୍କାର କାଶ ଛିଙ୍କ ବାଟେ ନୁହେଁ, କଥା କହୁଥିବା ବେଳେ ପାଟିରୁ ବାହାରୁଥିବା ପବନ ସହ ଯେଉଁ ଜଳକଣା (ଡ୍ରପ୍‌ଲେଟ୍) ଛିଟିକି ଯାଏ ତା' ଭିତରେ ବି ମେଞ୍ଚାଏ ଭୂତାଣୁ ଯାଇପାରେ। କଥା କହିଲା ବେଳେ ଅତି କ୍ଷୁଦ୍ର ଡ୍ରପ୍‌ଲେଟ୍‌ରେ ବି ଭୂତାଣୁ ଯାଇପାରେ।

ବାହାରର କାହାକୁ ଛୁଇଁବା ମନା। ଅଭିନନ୍ଦନ ସୂଚକ କରମର୍ଦ୍ଦନ ବନ୍ଦ। ଶରୀରକୁ ଶରୀର ଲଗାଇ ବା ପାଦ ଛୁଇଁ ସମ୍ମାନ ଜଣାଇବାର 'ଅଧିକାର' ତ୍ୟାଗ କର, ସାମାଜିକ ଦୂରତା ରକ୍ଷାର 'ଦାୟିତ୍ୱ' ଗ୍ରହଣ କର। ଏ ରାଜନୀତିକ ଚାଲ୍‌ବାଜି ନୁହେଁ, ଏହା ଏକ ବୈଜ୍ଞାନିକ ଆବଶ୍ୟକତା। ପରିମଳ (ପବ୍ଲିକ୍ ହେଲ୍‌ଥ) ବ୍ୟବସ୍ଥା ଅସନା ଥିଲେ ସେ ସ୍ଥାନରୁ ବି ଦୂରତା ଦରକାର। କେବଳ ମଣିଷ ନୁହେଁ କୌଣସି ସ୍ଥାନ ବି ଛୁଇଁବା ମନା, ଯଦି ଛୁଉଁଛ ତେବେ ନିଜ ମୁହଁ, ନାକ, ଆଖି ଛୁଇଁବା ପୂର୍ବରୁ ହାତକୁ ଓ ହାତପାପୁଲିର ଅନ୍ଦିକନ୍ଦିକୁ ସାବୁନରେ ଅତି କମ୍‌ରେ କୋଡିଏ ସେକେଣ୍ଡ ଧୁଅ। ଅତୀତର ଫ୍ଲୁ ଭାଇରସ୍, ଇବୋଲା ଓ ଏଡ୍‌ସ ଭାଇରସ୍ ମହାମାରୀ ସମୟରେ ସାମାଜିକ ସମ୍ପର୍କରେ ଦୂରତା ରକ୍ଷା ଏକ ସଂକ୍ରମଣ-ପ୍ରତିହତକାରୀ ଅସ୍ତ୍ର ହୋଇଥିଲା। ଭବିଷ୍ୟତରେ ସଂକ୍ରମଣକାରୀ ଭୂତାଣୁ କିଛି ଆସିଲେ ସୋସିଆଲି ଡିଷ୍ଟାନ୍ସିଂ ଆମ ଅଭ୍ୟାସରେ ପଡିଯାଇଥିବ।

ବ୍ୟକ୍ତି ସ୍ୱାଧୀନତାର ମୁଖ୍ୟ ପରିପ୍ରକାଶ ହେଉଛି ମଣିଷର ନିଜତ୍ୱ ବା ପ୍ରାଇଭେସି, ଯାହା ଏକାନ୍ତତାରେ ରହିଥାଏ। ପରସ୍ପର-ସମ୍ପର୍କ ବା କଣ୍ଟାକ୍ଟ କେହି ନ ଜାଣନ୍ତୁ ତାହା ପ୍ରାଇଭେସିର ଚିହ୍ନ। ଅଥଚ ସଂକ୍ରମଣ ବ୍ୟାପିବାଟା କଣ୍ଟାକ୍ଟ ଉପରେ ହିଁ ନିର୍ଭର କରେ। କରୋନା ଭାଇରସ ମଣିଷ ଦେହରେ ଲୁଚିରହିପାରେ ଅନ୍ତତଃ ୧୪ ଦିନ ପାଇଁ, କିଛି ଲକ୍ଷଣ ନ ଦିଶିପାରେ। ତେଣୁ କେହି ସଂକ୍ରମିତ ବୋଲି ଚିହ୍ନଟ ହେବା କ୍ଷଣି ପୂର୍ବ ୧୪ ଦିନ ଯାକର ତାହାର କଣ୍ଟାକ୍ଟ ଖୋଜିବାକୁ ପଡିବ, ସେମାନଙ୍କୁ ଅତି କମ୍‌ରେ ୧୪ ଦିନ କ୍ୱାରାଣ୍ଟାଇନ (ଆକ୍ଷରିକ ଅର୍ଥ ୪୦ ଦିନିଆ) ରଖିବାକୁ ପଡିବ, ଜାଣିବା ପାଇଁ ସେମାନେ ସଂକ୍ରମିତ ହୋଇଛନ୍ତି କି ନାହିଁ। ଯଦି କେହି ପ୍ରବାସରୁ ଆସୁଛି ତାକୁ ଏକଘରିକିଆ (ଆଇସୋଲେଶନ) କରି ରଖିବାକୁ ପଡିବ। ସେ ଏକଲା ରହୁଛି କି ନାହିଁ ତହିଁ ପ୍ରତି ନଜର ରଖିବାକୁ ପଡିବ। ଏହାର ମାନେ ସେ ଲୋକର ପ୍ରାଇଭେସି ରହିବ ନାହିଁ।

ରୁଷୋଙ୍କ ସୋସିଆଲ୍ କଣ୍ଟ୍ରାକ୍ଟ ଥିଓରିର ମୂଳ ଲକ୍ଷ୍ୟ ଥିଲା ଲୋକଙ୍କ ଭିତରେ (ଲୋକପ୍ରତିନିଧିମାନଙ୍କ ଭିତରେ ବି) ଆଇନ ଓ ଶୃଙ୍ଖଳା ଆଣିବା, ବେଆଇନ ଓ ବିଶୃଙ୍ଖଳ କାମକୁ ନିୟମ ଦ୍ୱାରା ଦମନ କରିବା, କିଛି ଅଧିକାର ତ୍ୟାଗ କରିବା ଓ କିଛି ନୂଆ ଦାୟିତ୍ୱ ନେବା। ସାଧାରଣତଃ ବେଆଇନ ଓ ବିଶୃଙ୍ଖଳ କାମପାଇଁ ଆସାମୀକୁ ଦଣ୍ଡ ଦେବା ବ୍ୟବସ୍ଥା ଅଛି, କିନ୍ତୁ ଦୋଷ ପ୍ରମାଣ କରିବାକୁ ସାକ୍ଷୀ ଦରକାର। ପ୍ରମାଣ ନ ରଖି ଅର୍ଥାତ୍ ଲୋକଚକ୍ଷୁର ଉହାଡ଼ରେ ବହୁତ ଗର୍ହିତ କାର୍ଯ୍ୟ ଚାଲେ, ସରକାର ଦଣ୍ଡ ଦେଇପାରନ୍ତି ନାହିଁ। ସେ ଅଭାବ ପୂରଣ କରିବା ଲାଗି ଧର୍ମାବତାରମାନେ ପ୍ରଚାର କରନ୍ତି ଯେ ଭଗବାନ ସବୁ ଦେଖୁଛନ୍ତି, ମୃତ୍ୟୁବେଳେ ସେ ବିଚାର କରି ଦଣ୍ଡ (ଯଥା ନର୍କରେ ପକାଇବା) ଦେବେ। ଅବଶ୍ୟ କାଳକ୍ରମେ 'ଧର୍ମ' ଏକ ଅନୁଷ୍ଠାନ ହୋଇଗଲା ଓ କଳ୍ପିତ ଦଣ୍ଡକୁ ଏଡାଇବା ପାଇଁ ପ୍ରାୟଶ୍ଚିତ୍ତ ଅର୍ଥାତ୍ ପଇସାପତ୍ରରେ ପାପକୁ ପୂଜାରୀଠାରେ ବିକିଦେଲା, ଆସାମୀ ଭାବିନେଲା ତାହାର ଦୋଷ କଟିଗଲା। ଆଉ ଗୋଟିଏ ଭୁଲ୍ ହେଲା ଯେ ଧର୍ମ ନାଁରେ ଆମେ ଝଗଡା କରିବା ଆରମ୍ଭ କଲୁ, ବସୁଧୈବକୁଟୁମ୍ବକମ୍ ଭାବନା ଛାଡି ଦେଲୁ। ଏବେ କରୋନାଭୂତାଣୁ ଭୟ ସେ ଭାବନା ଆଣିଦେଇଛି। ସ୍ମାର୍ଟଫୋନ୍ ସମସ୍ତଙ୍କୁ ଡିଜିଟାଲ୍ ଭିଡିଓରେ ମୁହାଁମୁହିଁ କଥା ହେବାର ସୁବିଧା ଦେଉଛି। ପରିବାର ଓ ସମ୍ପର୍କୀୟଙ୍କ ଭିତରେ ଦୂରତା ନାହିଁ।

ଏହାର ଖରାପ ଦିଗ ବି ଅଛି। ଯଦି ଶାସକ ଏକଛତ୍ରବାଦୀ ହୋଇଥାଏ ସେ ଖଳ କରି କଣ୍ଟାକ୍ଟ-ଟ୍ରେସିଂରୁ ନାଗରିକମାନଙ୍କ ଦୋଷତ୍ରୁଟି ଜାଣି ସେମାନଙ୍କୁ ନିଜ ବଶରେ ରଖିପାରିବ, ପାଟିକଳାବାଲାଙ୍କୁ ଜେଲରେ ରଖିପାରିବ ବା ଦୁନିଆରୁ ପାର୍ କରିଦେବ। ରୁଷୋ ତାଙ୍କ ସୋସିଆଲ କଣ୍ଟ୍ରାକ୍ଟ ଥିଓରି ବାଢ଼ିଲା ବେଳେ କଣ୍ଟାକ୍ଟ ଟ୍ରେସିଂ କୌଶଳ ଜଣା ନ ଥିଲା, ତେଣୁ ସେ ନାଗରିକର ପ୍ରାଇଭେସି କ୍ଷୁଣ୍ଣ କଥା ଭାବି ନ ଥିଲେ। ଏବେ ଆମେ ଜାଣିଲୁଣି, କରୋନା ଭାଇରସ୍ ଯାଞ୍ଚର ଉପାୟ ରୂପେ ଯେଉଁ କଣ୍ଟାକ୍ଟ-ଟ୍ରେସିଂ ହେଉଛି ତାହା ଦିନେ ବ୍ୟକ୍ତି-ସ୍ୱାଧୀନତାକୁ ନଷ୍ଟ କରିଦେବ। ତେଣୁ ଆଇନରେ ଏମିତି କିଛି ପ୍ରାବଧାନ ରଖିବାକୁ ହେବ ଯେପରି ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ କଣ୍ଟାକ୍ଟ ଟ୍ରେସିଂ ଭଳି ଆପ୍ ବ୍ୟବହାର ହେବ ନାହିଁ। ଯେହେତୁ ମହାମାରୀ-ବିଶେଷଜ୍ଞମାନେ କହୁଛନ୍ତି ଯେ, ଆମେ ପୂର୍ବରୁ ଯେଉଁ ପରିମାଣରେ ମିଳିମିଶି ଚଳୁଥିଲୁ ସେ ମିଳାମିଶା ପରିମାଣ ଯଦି ୬୫ ପ୍ରତିଶତ କମାଇ ଦେବା ତେବେ ମହାମାରୀ ବ୍ୟାପିବ ନାହିଁ। ଲୋକେ କାମକୁ ଫେରନ୍ତୁ, ସ୍କୁଲ କଲେଜ ଚାଲୁ, ଦେଶର ଅର୍ଥନୀତି (ଇକନମି) ତାହା ବାଟରେ କାମ କରୁ, ସ୍ୱାସ୍ଥ୍ୟ ଓ ପରିମଳରେ ପର୍ଯ୍ୟାପ୍ତ ଖର୍ଚ୍ଚ ହେଉ; କିନ୍ତୁ ପାରସ୍ପରିକ ଦୂରତା ବଜାୟ ରଖିବା ଆମର ଏକ ବୈଧାନିକ କର୍ତ୍ତବ୍ୟ ବୋଲି ଧରାଯାଉ। ଆମକୁ ଲାଗିପାରେ, ସରକାର ଅଥରିଟାରିଆନ୍ ହେଉଛନ୍ତି, ବ୍ୟକ୍ତି ସ୍ୱାଧୀନତାର ହତ୍ୟା କରାଯାଉଛି। ଟିକା ନ ବାହାରିଲା ଯାଏ ସଂସାରଟା ଏକ ବିପଦସଂକୁଳ ହୁଲିଡଙ୍ଗା ଭଳି ଲାଗୁଥିବ!

ଇମେଲ୍: sahadevas@yahoo.com

## ଏଇ ଭାରତରେ

ଜଣେ ବ୍ୟକ୍ତି ୪୩୦ରୁ ଅଧିକ ପ୍ରକାର କଦଳୀ ଚାଷ କରୁଥିବା ଜାଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। କେରଳର ଏହି ଚାଷୀଙ୍କ ନାମ ବିନୋଦ ସହଦେବନ ନାୟାର। ତାଙ୍କୁ ବର୍ତ୍ତମାନ ବୟସ ୬୦। ତ୍ରିଭାନ୍ଦ୍ରମର ପରାସାଲା ଗାଁରେ ସେ ୩ ଏକର ଜମିରେ କଦଳୀ ଚାଷ କରୁଛନ୍ତି। ୩୦ ବର୍ଷ ମଧ୍ୟରେ ଏତେ ସଂଖ୍ୟକ କିସମର କଦଳୀ ସଂଗ୍ରହ କରି ପାରିଛନ୍ତି। ସେ ବି.ଏସ୍‌ସି( ପଦାର୍ଥ ବିଜ୍ଞାନ) ଡିଗ୍ରୀ ହାସଲ କରିବା ପରେ କୋଚିରେ ଏକ ୱେବ ଡିଜାଇନିଂ ଫାର୍ମ ଆରମ୍ଭ କରିଥିଲେ। କିନ୍ତୁ ତାଙ୍କ ମା'ଙ୍କ ଦେହାନ୍ତ ହେବା ପରେ ପାରାସାଲାକୁ ଫେରି ଆସି ଚାଷ ଆରମ୍ଭ କରିଥିଲେ। ବିନୋଦ ଭାରତର ବିଭିନ୍ନ ରାଜ୍ୟ ତଥା ମାଲେସିଆ,ଆଫ୍ରିକା,ଅଷ୍ଟ୍ରେଲିଆ,ହାୱାଇ ଏବଂ ହଣ୍ଡୁରାସରୁ ବିରଳ କିସମ କଦଳୀ ଆଣି ଚାଷ କରୁଛନ୍ତି। ଲେଡି ଫିଙ୍ଗର ବାନାନା, ରେଡ୍ ବାନାନା ଏବଂ ବ୍ଲୁ ଜାଭା ଆଦି ବିଦେଶୀ କିସମ ବି ତାଙ୍କ ଫାର୍ମରେ ରହିଛି। ଦେଶରେ ବିଭିନ୍ନ ଗବେଷଣା ପ୍ରତିଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଗବେଷଣା ପରେ ଯେଉଁ ନୂଆ କିସମର କଦଳୀ ବିକାଶ କରାଯାଉଛି ତାହାକୁ ସେ ସଂଗ୍ରହ କରୁଛନ୍ତି ଓ ଚାଷରେ ବି ସଫଳତା ପାଉଛନ୍ତି। ଉକ୍ତ ଚାଷ କରି ସେ ଲିମକା ବୁକ୍ସ ଅଫ୍ ରେକର୍ଡରେ ବି ସ୍ଥାନ ପାଇଛନ୍ତି ଓ ଆଇସିଏଆର୍-ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟର ଫର୍ ବାନାନା ପକ୍ଷରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି।

## ସାପ୍ତାହିକ ପଞ୍ଜିକା

- **ମେ' ୨:** ଦିଲ୍ଲୀର ଏକ ବାଟାଲିୟନରେ ରହୁଥିବା ୧୨୨ ଜଣ ସିଆର୍‌ପିଏଫ୍ ଯବାନଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି।
- **ମେ' ୩:** ଜମ୍ମୁ-କଶ୍ମୀରର ହନ୍ଦୱାରା ଅନ୍ତର୍ଗତ ରାଜୱର ଜଙ୍ଗଲରେ ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟରରେ ଦୁଇ ବରିଷ୍ଠ ସେନା ଅଧିକାରୀଙ୍କ ସମେତ ୫ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି।
- **ମେ' ୪:** ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬୯ ଥିବାବେଳେ ଯାଜପୁର ଜିଲାରେ ୫୨ ରହିଛନ୍ତି।
- **ମେ' ୬:** ଏନ୍‌କାଉଣ୍ଟରରେ ହିଜବୁଲ କମାଣ୍ଡର ରିୟାଜ ନିହତ।
- **ମେ' ୭ :** ବିଶାଖାପାଟଣାର ଏକ କେମିକାଲ ପ୍ଲାଣ୍ଟରୁ ଗ୍ୟାସ୍ ଲିକ୍ ହୋଇ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି।
- **ମେ' ୮:** ରାଜ୍ୟରେ ଗୋଟିଏ ଦିନରେ ୫୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୯୫

- ଏଲ୍.ଟି.ଟି.ଇ. ଉଗ୍ରବାଦୀମାନେ ଉତ୍ତରକେନ୍ଦ୍ରୀୟ ଅନୁରାଧାପୁରା ଜିଲାରେ ଥିବା ଏକ ପୋଲିସ ପୋଷ୍ଟ ଉପରେ ଅତର୍କିତ ଆକ୍ରମଣ କରିବା ଫଳରେ ୨୫ଜଣ ପୋଲିସ କର୍ମଚାରୀ ସମେତ ୨୯ଜଣଙ୍କର ମୃତ୍ୟୁ।
- ଏସିଆଡ ଗେମ୍‌ସ ସ୍ୱର୍ଣ୍ଣପଦକ ବିଜେତା (୮୦୦ ମିଟର ଦୌଡ଼) ୨୩ ବର୍ଷୀୟ ଲି.ଜିନ ବେଆଇନ ଡ୍ରଗ୍‌ସ ଖାଇବା ଅଭିଯୋଗରେ ୪ ବର୍ଷ ପାଇଁ ସସ୍‌ପେଣ୍ଡ।
- ତିନିଥର ବିଶ୍ୱ ଚାମ୍ପିୟନ୍ ତଥା ଗ୍ୟାରୀ କାସ୍ପାରୋଭଙ୍କ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିବା ୮୩ ବର୍ଷୀୟ ରୁଷ୍ ଚେସ୍ ତାରକା ମିଖାଇଲ ଏମ୍‌ବୋଟଭିନିକଙ୍କର ପରଲୋକ।

## su|do|ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | E | | | B | | | 8 | 4 | | | | |
| 2 | 0 | | | 8 | A | | | | | 5 | | | | 4 |
| | | | | | | | | | | | | D | 8 | 1 |
| 3 | | | 0 | D | 4 | A | | C | | B | | | | |
| 4 | | | | | B | 6 | | | | E | D | | C | 2 |
| | | | 6 | | 7 | | | 8 | 4 | | 3 | | E | 9 |
| | 1 | | | | | C | 5 | | | | | B | A | |
| B | | | 4 | | 2 | | | E | | | 0 | | 1 | |
| | | 9 | | | | | A | | | D | | | | |
| | | | C | | | D | 7 | | 5 | | 1 | | | |
| | | | | | 8 | 1 | | | 6 | | | | | |
| | | | | E | | | | 4 | 3 | 0 | | | | 5 |
| | | 0 | | 5 | D | 8 | | | | 7 | | | 3 | B |
| 6 | | | | | C | 5 | B | | | | | | D | E |
| 8 | | E | | | 6 | | 2 | | | | | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 6 | 0 | D | 9 | C | 5 | 3 | 1 | B | 4 | 7 | 8 | E |
| C | 4 | 9 | 3 | 5 | 8 | B | D | E | 6 | A | 7 | 2 | 1 | 0 |
| D | 7 | E | A | C | 4 | 8 | 1 | 9 | 3 | 2 | 0 | B | 5 | 6 |
| 5 | B | 1 | 6 | E | 2 | 4 | 7 | 0 | 8 | 9 | D | A | 3 | C |
| 8 | 0 | 3 | B | 1 | 7 | 2 | A | 6 | E | 5 | C | D | 9 | 4 |
| 0 | 5 | B | C | 3 | E | 7 | 6 | 4 | 2 | D | 1 | 9 | A | 8 |
| 4 | 8 | C | 2 | A | 6 | 3 | 0 | 1 | 9 | 7 | E | 5 | B | D |
| 6 | D | 2 | 7 | 4 | B | 9 | 8 | C | 5 | 0 | A | 3 | E | 1 |
| 1 | 3 | 7 | 8 | 9 | D | A | E | 5 | B | C | 6 | 0 | 4 | 2 |
| 9 | E | A | 5 | 0 | 1 | D | B | 2 | 4 | 3 | 8 | C | 6 | 7 |
| 7 | 1 | 5 | 9 | 8 | 0 | 6 | C | A | D | E | B | 4 | 2 | 3 |
| B | 6 | 4 | 1 | 2 | C | 0 | 3 | 7 | A | 8 | 9 | E | D | 5 |
| 3 | C | D | 4 | 6 | A | E | 2 | B | 0 | 1 | 5 | 8 | 7 | 9 |
| A | 2 | 8 | E | 7 | 5 | 1 | 9 | D | C | 4 | 3 | 6 | 0 | B |
| E | 9 | 0 | D | B | 3 | 5 | 4 | 8 | 7 | 6 | 2 | 1 | C | A |

ଗତକାଲିର ଉତ୍ତର

# ଯୋଗଃ କର୍ମସୁ କୌଶଳମ୍: ଏକ ଭିନ୍ନ ଦୃଷ୍ଟି



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଭଗବଦ୍‌ଗୀତାରେ ଯୋଗର ବିଭିନ୍ନ ସଂଜ୍ଞା ମଧ୍ୟରେ ଗୋଟିଏ ବହୁଳ ଉଦ୍ଧୃତ ସଂଜ୍ଞା ହେଉଛି ''ଯୋଗଃ କର୍ମସୁ କୌଶଳମ୍।'' ଏହାକୁ ଅନ୍ୱୟ କରାଗଲେ ଦୁଇଟି ଅର୍ଥ ପ୍ରକାଶ ପାଇବ। ପ୍ରଥମଟି ହେଲା କର୍ମରେ କୌଶଳ ହିଁ ଯୋଗ (କର୍ମସୁ କୌଶଳମ୍ ଯୋଗଃ) ଓ ଦ୍ୱିତୀୟଟି ହେଲା କର୍ମରେ ଯୋଗ ହିଁ କୌଶଳ (କର୍ମସୁ ଯୋଗଃ କୌଶଳମ୍) ଯଦି କର୍ମରେ କୌଶଳ ହିଁ ଯୋଗକୁ ଗ୍ରହଣ କରାଯାଏ, ଯିଏ କୁଶଳତା(ନିପୁଣତା) ସହ ଚୋରି କରେ ତା' ପାଇଁ ଚୋରି କର୍ମ ମଧ୍ୟ ଯୋଗ ଭାବରେ ପରିଗଣିତ ହେବ। ମାତ୍ର ଭଗବଦ୍‌ଗୀତାରେ କର୍ମଯୋଗର ବ୍ୟାଖ୍ୟା କଲାବେଳେ କର୍ମ ଶବ୍ଦଟି କର୍ତ୍ତବ୍ୟ-କର୍ମ ଅର୍ଥରେ ବ୍ୟବହୃତ ହୋଇଛି। ଚୋରି କରିବା ଏକ କର୍ତ୍ତବ୍ୟ କର୍ମ ହୋଇ ନ ଥିବାରୁ କର୍ମରେ କୌଶଳ ହିଁ ଯୋଗ କହିବା ଠିକ୍ ହେବ ନାହିଁ। ପୁନଶ୍ଚ ଯୁଜ୍ ଧାତୁରୁ ଯୋଗ ଶବ୍ଦ ନିଷ୍ପନ୍ନ। ଯୁଜ୍ ଧାତୁ ତିନୋଟି ଅର୍ଥରେ ବ୍ୟବହୃତ ହୁଏ। ''ଯୁଜ୍ ସମାଧୌ'' ଅର୍ଥାତ୍ ଚିତ୍ତ ସ୍ଥିର କରିବା ଅର୍ଥରେ, ''ଯୁଜ୍ ସଂଯମନେ'' ଅର୍ଥାତ୍ ସଂଯମ ବା ବଶ କରିବା ଅର୍ଥରେ ଓ ''ଯୁଜ୍ ଯୋଗେ'' ଅର୍ଥାତ୍ ଯୋଡ଼ିବା ବା ଏକତ୍ର କରିବା ଅର୍ଥରେ। ଗୀତାରେ ଯୋଗ ଶବ୍ଦଟି ଏହି ତିନୋଟି ଅର୍ଥରେ ବିଭିନ୍ନ ସ୍ଥାନରେ ବ୍ୟବହୃତ ହୋଇଛି। ଏହି ଶ୍ଳୋକରେ ଏହା ଚିତ୍ତ ସ୍ଥିର କରିବା ଅର୍ଥରେ ବ୍ୟବହୃତ ହୋଇଛି ଓ ଅର୍ଥ ପ୍ରକାଶ କରିଛି ''କର୍ମରେ ଯୋଗ ହିଁ କୌଶଳ ଅର୍ଥାତ୍ କର୍ମରେ ଚିତ୍ତ ସ୍ଥିର କରିବା ହେଉଛି ପ୍ରକୃତ କୁଶଳତା। ଏହା ସପ୍ରସଙ୍ଗ ଆଲୋଚନାରୁ ସ୍ପଷ୍ଟ ହୁଏ।

କର୍ମଯୋଗ ସମ୍ପର୍କରେ ଆଲୋଚନା କଲାବେଳେ ସାଧାରଣତଃ ଯେଉଁ ଶ୍ଳୋକ ଉପରେ ପ୍ରାଧାନ୍ୟ ଦିଆଯାଏ, ତାହା ହେଲା 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ/ମା କର୍ମଫଳ ହେତୁର୍ଭୁର୍ମାତେ ସଙ୍ଗୋଽସ୍ତ୍ୱକର୍ମଣି(୨/୪୦), ଅର୍ଥାତ୍ କର୍ମ କରିବାରେ ତୁମର ଅଧିକାର ଅଛି, ଫଳରେ ତୁମର ଅଧିକାର ନାହିଁ। ଏଣୁ ତୁମେ କର୍ମଫଳର କାରଣ ହୁଅ ନାହିଁ ଓ କର୍ମ ନ କରିବା ପ୍ରତି ମଧ୍ୟ ଆସକ୍ତ ହୁଅ ନାହିଁ। ମାତ୍ର ଯଦି ଫଳରେ ଅଧିକାର ନାହିଁ କୁହାଯାଏ, ତାହେଲେ ହୁଏତ କେହି କର୍ମ କରିବେ ନାହିଁ। ପୁନଶ୍ଚ ଯଦି କର୍ମରେ ଅଧିକାର ଅଛି, ଫଳରେ ଅଧିକାର ରହିବ ନାହିଁ କାହିଁକି? ସନ୍ଥ ବିନୋବା ଭାବେ ଏହାର ଏକ ସୁନ୍ଦର ବ୍ୟାଖ୍ୟା ପ୍ରଦାନ କରିଛନ୍ତି। ତାଙ୍କ ମତରେ ଶ୍ଳୋକରେ ''ନ ଫଳେଷୁ'' ବ୍ୟବହୃତ ନ ହୋଇ ''ମା ଫଳେଷୁ'' ବ୍ୟବହୃତ ହୋଇଛି। ବ୍ୟାକରଣ ଅନୁସାରେ ଏହାର 'ମା' ପରେ ଅସ୍ତି ବା ଭବତି ଭଳି ବର୍ତ୍ତମାନ କାଳର କ୍ରିୟାପଦ ରହେନାହିଁ, ଅସ୍ତୁ ବା ଭବତୁ ଭଳି କ୍ରିୟାପଦ ବ୍ୟବହୃତ ହୁଏ। ସେହି ଅନୁସାରେ ଏହାର ପୂର୍ଣ୍ଣ ବାକ୍ୟ ହେବ କର୍ମଣି ଏବ ତେ ଅଧିକାରଃ ଅସ୍ତୁ, ଫଳେଷୁ ମା ଅସ୍ତୁ ''ଅର୍ଥାତ୍ ତୁମର କର୍ମରେ ଅଧିକାର ହେଉ, ଫଳରେ ନ ହେଉ। ଗୀତା କହିବାକୁ ଚାହେଁ, ତୁମର କର୍ମରେ ଅଧିକାର ଅଛି, ତେଣୁ ଫଳରେ ମଧ୍ୟ ଅଧିକାର ଅଛି। ମାତ୍ର ତୁମେ କର୍ମରେ ଅଧିକାର ରଖ, ଫଳରେ ଅଧିକାର ତ୍ୟାଗ କର।''

ପୁନଶ୍ଚ ଯୁକ୍ତି କରାଯାଇପାରେ, ଯଦି ଫଳରେ ଅଧିକାର ନାହିଁ, ତେବେ ଜଣେ କର୍ମ କରିବା ପାଇଁ ଆଗ୍ରହୀ ହେବ କାହିଁକି? ଗୀତା କହିବାକୁ ଚାହେଁ, କାମନା ଜାତ ହେଲେ ଅଭାବ ଅନୁଭୂତ ହୁଏ ଓ କର୍ମରେ ଈପ୍‌ସିତ ଫଳ ନ ମିଳିଲେ ମନରେ ଦୁଃଖ ଜାତ ହୁଏ। କର୍ମ ଫଳରେ ଆସକ୍ତି ନ ରହିଲେ କର୍ତ୍ତା ନିର୍ଲିପ୍ତ ହୋଇ କର୍ମ କରେ। କର୍ମ ଫଳଦାୟୀ ହେଉ ବା ନିଷ୍ଫଳ ହେଉ, ସେଥିରେ ପ୍ରଶଂସା ମିଳୁ ବା ନିନ୍ଦା ମିଳୁ, ସେଥିରେ ବ୍ୟତିବ୍ୟସ୍ତ ନ ହୋଇ ସମଭାବରେ ଅଟଳ ରହିବା ହେଉଛି ଯୋଗ। ତେଣୁ ଭଗବାନ କହିଛନ୍ତି ''ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ। (୨/୪୮)। ଏହା କହିବା ପରେ ପରେ ସେ କହିଛନ୍ତି ''ଅର୍ଜ୍ଜୁନ, ତୁମେ ସମବୁଦ୍ଧିର ଆଶ୍ରୟ ନିଅ(ବୁଦ୍ଧୌ ଶରଣମନ୍ୱିଚ୍ଛ)(୨/୪୯), କାରଣ ଫଳର ହେତୁ ହେଉଥିବା ମନୁଷ୍ୟ ଅତ୍ୟନ୍ତ ଦୀନ। ସମବୁଦ୍ଧି ସମ୍ପନ୍ନ ହେଲେ ମନୁଷ୍ୟ ଉଭୟ ସୁକୃତ ଓ ଦୁଷ୍କୃତରୁ ମୁକ୍ତ ହୁଏ। ଏଣୁ ତୁମେ ଯୋଗ(ସମତା) ପ୍ରାପ୍ତି ନିମନ୍ତେ ଯତ୍ନଶୀଳ ହୁଅ କାରଣ କର୍ମରେ ଯୋଗ ହିଁ କୁଶଳତା(ସଂପାଦନ ନିପୁଣତା)। ତସ୍ମାତ୍ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍(୨/୫୦) ପର୍ବ ପ୍ରସଙ୍ଗ ଆଲୋଚନାରୁ ଏହା ହିଁ ଠିକ୍ ମର୍ମ ବୋଲି ଅନୁଭବ କରାଯାଏ। ଏହା ପ୍ରତିପାଦିତ ହୋଇଛି ପୁଣି ପରବର୍ତ୍ତୀ-୫୩ ନମ୍ବର ଶ୍ଳୋକରେ। ଭଗବାନ ସେଠି କହିଛନ୍ତି ''ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପସ୍ୟସି''। ଅର୍ଥାତ୍ ଯେତେବେଳେ ତୁମର ବୁଦ୍ଧି ସମାଧିରେ ନିଶ୍ଚଳ ହୋଇଯିବ ସେତେବେଳେ ତୁମେ ଯୋଗ ପ୍ରାପ୍ତ ହେବ। ଏହି ଯୋଗ (ସମତାଭାବ) ପ୍ରାପ୍ତ ହେବା ହେଉଛି ଯୋଗର ଲକ୍ଷ୍ୟ।

ଯେତେବେଳେ ଗୀତା କହେ ଫଳରେ ଆଶା ରଖ ନାହିଁ ତାହା ସଙ୍ଗେ ସଙ୍ଗେ ସେ ଜୋର୍ ଦେଇ କହେ ଯେ, କର୍ମକୁ ଉତ୍ତମ ରୂପେ ଓ ଦକ୍ଷତାର ସହ ସଂପାଦନ କର। ଫଳାସକ୍ତ ହେଲେ ଫଳ ସମ୍ବନ୍ଧୀୟ ଚିନ୍ତାରେ ସମୟ ଓ ଶକ୍ତି ବ୍ୟୟିତ ହେବ। ନିଷ୍କାମ ହେଲେ ଫଳ ଚିନ୍ତାରେ ମନ ବିଚଳିତ ହେବ ନାହିଁ। ଏହାଦ୍ୱାରା ମନରେ ସମତା ଭାବ ଆସିବ। ଫଳରୁ ଦୃଷ୍ଟିକୁ ଏଡ଼େଇ ଦେଲେ ତନ୍ମୟଣ ବଢ଼ିବ। ମନୁଷ୍ୟ କାମନା ତ୍ୟାଗ ପୂର୍ବକ ନିଃସ୍ପୃହ, ମମତାହୀନ ଓ ନିରହଙ୍କାର ହେଲେ ଶାନ୍ତି ଲାଭ କରେ(୨/୭୧) ଓ ସେହି ତନ୍ମୟତା ଓ ସମତା ଭାବ ମଧ୍ୟରେ ବ୍ରାହ୍ମୀସ୍ଥିତି ଉପଲବ୍ଧି କରେ। ନିଷ୍କାମ କର୍ମ ସ୍ୱୟଂ ଏକ ଫଳ ହୋଇଯାଏ। ସନ୍ଥ ଜ୍ଞାନଦେବ କହିଲେ ଗଛରେ ଫଳ ଫଳେ, କିନ୍ତୁ ଫଳରେ ଆଉ କି ଫଳ ଫଳିବ?'' ତେଣୁ କର୍ମରେ ଯୋଗସ୍ଥ ହୋଇପାରିବା ହେଉଛି କର୍ମର ସଂପାଦନ କୁଶଳତା ବା ନିପୁଣତା ମାତ୍ର ସମତା ବା ବ୍ରାହ୍ମୀସ୍ଥିତି ଉପଲବ୍ଧି କରିବା ପାଇଁ ଅନେକ ଶୃଙ୍ଖଳାର ଆବଶ୍ୟକତା ଅଛି। ଦୁଃଖରେ ଉଦ୍‌ବିଗ୍ନ ନ ହେଲେ ଓ ସୁଖରେ ମୁହ୍ୟମାନ ନ ହେଲେ, ଦ୍ୱେଷ ରହିତ ହେଲେ, ଇନ୍ଦ୍ରିୟ ସଂଯମ କଲେ, କାମନା ତ୍ୟାଗ କଲେ ନିରହଙ୍କାର ହେଲେ ବୁଦ୍ଧ ବା ପ୍ରଜ୍ଞା ସ୍ଥିର ହୁଏ। ଗୀତା ଅନୁସାରେ ଅନାସକ୍ତି ହିଁ ଯୋଗର ଭିତ୍ତି। ଅନାସକ୍ତି ଭାବ ଆସିଲେ ମନ ସ୍ଥିର ହୁଏ। ବାହାରର କୌଣସି ବସ୍ତୁ ତା' ଉପରେ କୌଣସି ପ୍ରଭାବ ପକାଇ ପାରେ ନାହିଁ। ଫଳରେ କାମଟି ଉତ୍ତମ ରୂପେ ସମ୍ପାଦିତ ହୁଏ।

ମହର୍ଷି ବ୍ୟାସ ପୁତ୍ର ଶୁକଦେବଙ୍କୁ ତତ୍ତ୍ୱଜ୍ଞାନ ଦେଲେ। ଶିକ୍ଷା ପ୍ରଦାନର ଶେଷ ପର୍ଯ୍ୟାୟରେ ସେ ଶୁକଙ୍କୁ ରାଜର୍ଷି ଜନକଙ୍କ ନିକଟକୁ ପଠାଇଲେ। ଜନକ ବିଦେହ ଭାବରେ ପରିଚିତ ଥିଲେ। କାରଣ ତାଙ୍କର ଦେହବୋଧ ନ ଥିଲା। ସେ ନିଜକୁ ସର୍ବଦା ଆତ୍ମା ବୋଲି ଅନୁଭବ କରୁଥିଲେ। ଜନକ ଜାଣିଥିଲେ ବ୍ୟାସଙ୍କ ପୁତ୍ର ଶୁକ ତାଙ୍କ ପାଖକୁ ତତ୍ତ୍ୱଜ୍ଞାନ ଶିକ୍ଷା କରିବାକୁ ଆସୁଛନ୍ତି। ସୁତରାଂ ତା' ପୂର୍ବରୁ ସେ କେତେଗୁଡ଼ିଏ ବ୍ୟବସ୍ଥା କରିଥିଲେ। ଯେତେବେଳେ ଏହି ବାଳକ ରାଜପ୍ରାସାଦର ଦ୍ୱାରଦେଶରେ ଉପସ୍ଥିତ ହେଲେ, ସେତେବେଳେ ପ୍ରହରୀଗଣ ତାଙ୍କର କୌଣସି ଯତ୍ନ ନେଲେ ନାହିଁ। ସେମାନେ କେବଳ ତାଙ୍କୁ ବସିବା ପାଇଁ ଗୋଟିଏ ଆସନ ଦେଲେ। ସେଠାରେ ସେ ତିନି ଦିନ ତିନି ରାତି ବସି ରହିଲେ। କେହି ତାଙ୍କ ସାଙ୍ଗରେ କଥାବାର୍ତ୍ତା କଲେ ନାହିଁ। ଶୁକ ଥିଲେ ମହର୍ଷି ବ୍ୟାସଙ୍କ ପୁତ୍ର। ବ୍ୟାସ ଥିଲେ ସମଗ୍ର ଦେଶରେ ଜଣେ ସମ୍ମାନନୀୟ ବ୍ୟକ୍ତି। ତଥାପି ତାଙ୍କ ପୁତ୍ରକୁ ପ୍ରହରୀଗଣ ଭ୍ରୂକ୍ଷେପ କଲେ ନାହିଁ। ତିନି ଦିନ ପରେ ହଠାତ୍ ରାଜାଙ୍କ ମନ୍ତ୍ରୀ ଓ କର୍ମଚାରୀ ଆସି ତାଙ୍କୁ ଅତିଶୟ ସମ୍ମାନର ସହ ପାଛୋଟି ନେଲେ। ସେମାନେ ତାଙ୍କୁ ଏକ ସୁଶୋଭିତ ଗୃହକୁ ନେଲେ। ସୁଗନ୍ଧ ଜଳରେ ସ୍ନାନ କରାଇଲେ। ସୁଖାଦ୍ୟ ପରଷିଲେ। ଏହିପରି ଆଠ ଦିନ ପର୍ଯ୍ୟନ୍ତ ତାଙ୍କୁ ବିଳାସ ମଧ୍ୟରେ ରଖିଲେ। ମାତ୍ର ବ୍ୟବହାରର ପରିବର୍ତ୍ତନରେ ଶୁକଙ୍କ ଶାନ୍ତ ଗଭୀର ମୁଖମଣ୍ଡଳ ଟିକିଏ ମଧ୍ୟ ପରିବର୍ତ୍ତିତ ହେଲା ନାହିଁ। ଦ୍ୱାରଦେଶରେ ଅପେକ୍ଷା କରିଥିବା ସମୟରେ ସେ ଯେପରି ଥିଲେ, ସେହି ସକଳ ବିଳାସ ମଧ୍ୟରେ ବି ଠିକ୍ ସେପରି ଅଚଳ ରହିଲେ।

ତା'ପରେ ଶୁକଙ୍କୁ ରାଜା ଜନକଙ୍କ ନିକଟକୁ ନିଆଗଲା। ରାଜା ସିଂହାସନରେ ଉପବିଷ୍ଟ ଥାନ୍ତି। ନୃତ୍ୟ ଗୀତ ବାଦ୍ୟ ଓ ଅନ୍ୟାନ୍ୟ ଆମୋଦ ପ୍ରମୋଦର ବ୍ୟବସ୍ଥା ହୋଇଥାଏ। ରାଜା ତାଙ୍କୁ ଗୋଟିଏ ଦୁଗ୍ଧପୂର୍ଣ୍ଣ ପାତ୍ର ଦେଇ କହିଲେ, ''ଏହି ପାତ୍ରଟି ଧରି ସାତ ଥର ରାଜସଭା ପ୍ରଦକ୍ଷିଣ କରି ଆସ, ଯେପରି ଟୋପାଏ ହେଲେ ଦୁଗ୍ଧ ତଳେ ନ ପଡ଼େ।'' ଶୁକ ସେହି ପାତ୍ରଟି ଧରି ଗୀତବାଦ୍ୟ ଓ ସୁନ୍ଦରୀ ରମଣୀମାନଙ୍କ ମଧ୍ୟ ଦେଇ ସାତଥର ପ୍ରଦକ୍ଷିଣ କଲେ ଏବଂ ଟୋପାଏ ବି ଦୁଗ୍ଧ ତଳେ ପଡ଼ିଲା ନାହିଁ। ରାଜା ପ୍ରୀତ ହୋଇ କହିଲେ ''ଶୁକ! ପିତା ତୁମକୁ ଯାହା ଶିଖାଇଛନ୍ତି ଓ ତୁମେ ଯାହା ଶିକ୍ଷା କରିଛ, ମୁଁ କେବଳ ତା'ର ପୁନରାବୃତ୍ତି କରିପାରେ। ତୁମେ ତତ୍ତ୍ୱ ଉପଲବ୍ଧି କରିସାରିଛ। ଆଉ କୌଣସି ଶିକ୍ଷାର ଆବଶ୍ୟକତା ନାହିଁ। ବର୍ତ୍ତମାନ ପିତାଙ୍କ ନିକଟକୁ ଫେରିଯାଅ।'' ଶୁକ ଦୁଗ୍ଧପାତ୍ର ଧରି ପ୍ରଦକ୍ଷିଣ କଲାବେଳେ ଯୋଗସ୍ଥ ହେବାରୁ ବାହ୍ୟ ଆକର୍ଷଣ ତାଙ୍କୁ ପ୍ରଭାବିତ କରିପାରି ନ ଥିଲା ଓ ଫଳରେ ସେ କର୍ମଟିକୁ ଠିକ୍ ଭାବରେ ସମ୍ପାଦନ କଲେ। କର୍ମରେ ଏହି ଯୋଗ ହିଁ ଥିଲା ତାଙ୍କର କର୍ମକୁଶଳତା ବା କର୍ମନିପୁଣତା। ଏହା ସମାଧିର ସମଶ୍ରେଣୀୟ ଓ ଗୀତାର ଭାଷାରେ ବ୍ରାହ୍ମୀସ୍ଥିତି।

ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ଛାମୁ ଦେଇଛନ୍ତି ହରଷେ...



ତୁଷାରକାନ୍ତ ଶତପଥୀ

ହାସ୍ୟକବି ଯଦୁମଣି ମହାପାତ୍ର ନୟାଗଡ଼ ରାଜାଙ୍କୁ ଖଣ୍ଡେ ଜମି ମାଗିଥିଲେ। ବର୍ଷେ ପରେ ତାଙ୍କୁ ଚାକୁଣ୍ଡାଗଛ ଉଠୁଥିବା ଅତି ନିକୃଷ୍ଟ ଜମିରୁ ଖରାପ ଜମିଖଣ୍ଡେ ଦିଆଯାଇଥିଲା। ତା' ପରେ ରାଜା 'କ'ଣ ଯଦୁମଣି ଖୁସି ତ' ବୋଲି ପଚାରନ୍ତେ ଯଦୁମଣି କହିଥିଲେ ''ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ, ଏମନ୍ତ ଭୂଇଁ, ଚାକୁଣ୍ଡା ବୁଣିଲେ ଉଠଇ ନାହିଁ।'' ରାଜତନ୍ତ୍ରରେ ସେ ରାଜାଙ୍କ ଆଗରେ ଏପରି କହିବାର ସାହସ କରିଥିଲେ, ଯାହା ଗଣତନ୍ତ୍ରରେ ଆମେ କଲେ ସଙ୍ଗେ ସଙ୍ଗେ ''ଦେଶଦ୍ରୋହ ଅପରାଧରେ ଦଣ୍ଡ ପ୍ରଦାନ''କୁ ନିମନ୍ତ୍ରଣ କରେ।

ଆମ ମୁଖ୍ୟମନ୍ତ୍ରୀ ସରପଞ୍ଚମାନଙ୍କୁ ''କରୋନା ମୁକାବିଲା କରିବା ପାଇଁ ଜିଲାପାଳଙ୍କୁ କ୍ଷମତା ଅର୍ପଣ କରିଛନ୍ତି। ବିଜୁବାବୁ ଅବିଭକ୍ତ କୋରାପୁଟ ଜିଲାର ସୁମନୀ ଝୋଡିଆଙ୍କ ଆପତ୍ତି କ୍ରମେ ମହିଳାମାନଙ୍କୁ ''ନିଶା ନିବାରଣ ପାଇଁ ପୋଲିସ କ୍ଷମତା ଦେଇଥିବା''କୁ ଟପିଯାଇ ସେ ''ସରପଞ୍ଚମାନଙ୍କୁ କରୋନା ମୁକାବିଲା ପାଇଁ ଜିଲାପାଳ କ୍ଷମତା'' ଦେଇଛନ୍ତି। ଏହ ଅବସରରେ ''୭୩ ତମ ସମ୍ବିଧାନ ସଂଶୋଧନ ଜରିଆରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଦିଆଯାଇଥିବା କ୍ଷମତା'' ଉପରେ କିଛି ତଥ୍ୟ ମନେପଡିଗଲା। ଅଳ୍ପ ଖୋଜାଖୋଜିରେ ତାହା ଟିପାଖାତାରୁ ମିଳିଗଲା, ଯାହାର ବର୍ଣ୍ଣନା ଏଠାରେ ଉପସ୍ଥାପନ କରୁଛି। ବହୁ ପରୀକ୍ଷାନିରୀକ୍ଷା ପରେ ୧୯୯୨ ମସିହାରେ ପଞ୍ଚାୟତିରାଜ ବ୍ୟବସ୍ଥା ପାଇଁ ୭୩ତମ ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ ପାଇଁ ୭୪ତମ ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ ଗୃହୀତ ହୋଇଥିଲା। ୧୯୯୩ରେ ଉଭୟ ବିଲ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ଆଇନରେ ପରିଣତ ହେଲା।

ସମ୍ବିଧାନର ନବମ ଭାଗର ୨୪୩(ଛ)ଧାରାର ଏକାଦଶ ଅନୁସୂଚୀରେ ମୋଟ ୨୯ଟି ବିଷୟରେ ଗ୍ରାମପଞ୍ଚାୟତ ସଂସ୍ଥାଗୁଡ଼ିକୁ କାମ କରିବାକୁ କ୍ଷମତା ଦିଆଗଲା।

ସେଗୁଡିକ ହେଲା –କୃଷି ଓ କୃଷିଭିତ୍ତିକ ସମ୍ପ୍ରସାରଣ, ଭୂ-ଉନ୍ନୟନ, ଭୂ-ସଂସ୍କାର, ଚକବନ୍ଦୀ ଓ ମୃତ୍ତିକା ସଂରକ୍ଷଣ, କ୍ଷୁଦ୍ର ଜଳସେଚନ, ଜଳ ପରିଚାଳନା ଓ ଜଳଛାୟା ଉନ୍ନୟନ, ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ କୁକୁଡାପାଳନ, ମାଛ ଚାଷ, ସାମାଜିକ ଓ କୃଷିକ୍ଷେତ୍ର ବନୀକରଣ, କ୍ଷୁଦ୍ର ଜଙ୍ଗଲଜାତ ଦ୍ରବ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସହ କ୍ଷୁଦ୍ରଶିଳ୍ପ, ଖଦି, ଗ୍ରାମ୍ୟ ଓ କୁଟୀରଶିଳ୍ପ, ଗ୍ରାମ୍ୟ ବାସଗୃହ, ପାନୀୟଜଳ,ଜାଳେଣି ଓ ପଶୁଖାଦ୍ୟ, ରାସ୍ତା, ନାଳ, ପୋଲ, ଘାଟ, ଜଳପଥ ଓ ଗମନାଗମନର ଅନ୍ୟାନ୍ୟ ଉପାୟ, ଗ୍ରାମ୍ୟ ବିଦ୍ୟୁତୀକରଣ ସହ ବିଦ୍ୟୁତଶକ୍ତି ବଣ୍ଟନ, ଅଣପାରମ୍ପରିକ ଶକ୍ତି ଉତ୍ସ, ଦାରିଦ୍ର୍ୟ ଦୂରୀକରଣ ଯୋଜନା, ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା, ବୈଷୟିକ ପ୍ରଶିକ୍ଷଣ ଓ ବୃତ୍ତିଗତ ଶିକ୍ଷା, ପ୍ରୌଢ଼ ଓ ଅଣାନୁଷ୍ଠାନିକ ଶିକ୍ଷା, ପାଠାଗାର, ସାଂସ୍କୃତିକ କାର୍ଯ୍ୟକ୍ରମ, ବଜାର ଓ ମେଳା, ଚିକିତ୍ସାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡାକ୍ତରଖାନା ସମେତ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା କାର୍ଯ୍ୟକ୍ରମ, ପରିବାର କଲ୍ୟାଣ, ମହିଳା ଓ ଶିଶୁ କଲ୍ୟାଣ, ଭିନ୍ନକ୍ଷମ ଓ ମାନସିକ ଦୁର୍ବଳମାନଙ୍କ କଲ୍ୟାଣ ସମେତ ସମାଜ ମଙ୍ଗଳ, ଦୁର୍ବଳ ଶ୍ରେଣୀ ବିଶେଷକରି ତଫସିଲଭୁକ୍ତ ଜାତି ଓ ଜନଜାତି କଲ୍ୟାଣ, ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା ଓ ଗୋଷ୍ଠୀ ସମ୍ପତ୍ତିର ରକ୍ଷଣାବେକ୍ଷଣ।

ସେହିପରି ସମ୍ବିଧାନର ନବମ ଭାଗରେ ୨୪୩ (ବି) ଧାରାର ଦ୍ୱାଦଶ ଅନୁସୂଚୀରେ ମୋଟ ୧୮ଟି ବିଷୟରେ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ କାର୍ଯ୍ୟ କରିବା ପାଇଁ କ୍ଷମତା ଦିଆଗଲା। ଯଥା:- ସହରାଞ୍ଚଳ ଯୋଜନା ସମେତ ପୌର ଯୋଜନା, ଭୂମି ଉପଯୋଗ ଓ କୋଠା ନିର୍ମାଣର ନିୟନ୍ତ୍ରଣ, ଅର୍ଥନୈତିକ ଓ ସାମାଜିକ ବିକାଶ ଯୋଜନା, ରାସ୍ତା ଓ ପୋଲ, ଘରୋଇ ଶିଳ୍ପ ଓ ବାଣିଜ୍ୟ ଉଦ୍ଦେଶ୍ୟରେ ଜଳଯୋଗାଣ, ଜନସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ବର୍ଜ୍ୟବସ୍ତୁ ପରିଚାଳନା, ଅଗ୍ନି ସୁରକ୍ଷା ସେବା, ପୌରଜଙ୍ଗଲ, ପରିବେଶ ସୁରକ୍ଷା ଓ ପ୍ରୋତ୍ସାହନ, ଭିନ୍ନକ୍ଷମ ଓ ମାନସିକ ଅନଗ୍ରସରଙ୍କ ସମେତ ସମାଜର ଦୁର୍ବଳଶ୍ରେଣୀ ଲୋକଙ୍କ ସୁରକ୍ଷା, ବସ୍ତି ଉନ୍ନୟନ, ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ, ପାର୍କ, ଉଦ୍ୟାନ ଓ ଖେଳପଡିଆ ଭଳି ପୌରାଞ୍ଚଳ ସୁବିଧା ଯୋଗାଣ, ସାଂସ୍କୃତିକ, ଶିକ୍ଷାଗତ ଓ ନୈସର୍ଗିକ ଦିଗରେ ପ୍ରୋତ୍ସାହନ, ଶବସତ୍କାର ପାଇଁ ଶ୍ମଶାନ, କବରଖାନା ଓ ବୈଦ୍ୟୁତିକ ଶ୍ମଶାନ ପ୍ରତିଷ୍ଠା, ପଶୁ ନିଷ୍ଠୁରତା ନିବାରଣ, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସମେତ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ, ରାସ୍ତାରେ ଆଲୋକ, ଗାଡ଼ି/ବସ ରଖିବା ସ୍ଥାନ ଭଳି ସର୍ବସାଧାରଣ ସୁବିଧା ପ୍ରଦାନ ଓ କଂସେଇଖାନା ଏବଂ ଚମଡାଶିଳ୍ପ ନିୟନ୍ତ୍ରଣ।

କିନ୍ତୁ ବାସ୍ତବ କ୍ଷେତ୍ରରେ ପଞ୍ଚାୟତିରାଜ କି ସହରାଞ୍ଚଳର ସ୍ୱାୟତ୍ତଶାସନଅନୁଷ୍ଠାନଗୁଡ଼ିକସେହିକ୍ଷମତାସବୁକୁଜନତାଙ୍କ ସ୍ୱାର୍ଥରେ ଉପଯୋଗ କରିବାକୁ ଅଧିକାରପ୍ରାପ୍ତ କି, ଯେହେତୁ ଉପରମୁଣ୍ଡିଆମାନେ ନିଜ କ୍ଷମତା ଛାଡ଼ିବାକୁ ନାରାଜ?

କ୍ଷମତା ମିଳିଲେ ବି ସେମାନେ ଯେ ନିଃସ୍ୱାର୍ଥପର ଭାବେ ଗାନ୍ଧୀ କହିଥିବା ''ଯୋଜନାଟିଏ କଲାବେଳେ ସମାଜର ସବୁଠାରୁ ତଳେ ଥିବା ଲୋକଟିର ଏହାଦ୍ୱାରା କି ଲାଭ ହେବ, ତାହାକୁ ନଜରରେ ରଖି ଯୋଜନା କରିବ'' ଆଜିର ଦିନରେ ପାଳନ କରିବେ, ତାହା ସମ୍ଭବ କି?

tusar1950kanta@gmail.com

## ଚିରନ୍ତନୀ

ଆଦିକାଳୁଁ ଯା'ର ଚଳେ ଆଲୋଚନା
ଅବିରାମ ସେହି ରୂପର ସାଧନା
ରଚେ ଅହରହ ନବ ନବ ଭାଷା
କେତେ ଯୁଗ ଯୁଗ ଧରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!

(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଟୋ ଚାଳକଙ୍କୁ ଆର୍ଥିକ ସହାୟତା ମିଳୁ

ମହାଶୟ,

ଲକ୍‌ଡାଉନ୍ ଯୋଗୁ ମାସାଧିକ କାଳ ହେଲା ସାରା ଦେଶରେ ଅଟୋ ଚାଲିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହା ଦ୍ୱାରା ଅଟୋ ଚାଳକମାନେ ସେମାନଙ୍କ ଦୈନିକ ରୋଜଗାରରୁ ବଞ୍ଚିତ ହେଉଛନ୍ତି। ରାଶନ କାର୍ଡ ନ ଥିବା ହେତୁ ସେମାନେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ମାଗଣା ଚାଉଳ, ଗହମ, ଡାଲିରୁ ବଞ୍ଚିତ ହେଉଛନ୍ତି। କିନ୍ତୁ ଏଯାବତ ସରକାରଙ୍କ ତରଫରୁ ଏମାନଙ୍କୁ କୌଣସି ଆର୍ଥିକ ସହାୟତା ମିଳିନାହିଁ। ଫଳରେ ସେମାନଙ୍କ ଆର୍ଥିକ ଅବସ୍ଥା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏହିସବୁ ବିଷୟ ପ୍ରତି ଦୃଷ୍ଟି ଦେଇ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ତରଫରୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଗଲେ, ସେମାନଙ୍କ ଆର୍ଥିକ ଅବସ୍ଥା ସୁଦୃଢ଼ ହୋଇପାରିବ।

ସୌରୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୁରୀ ଜିଲ୍ଲାକୁ ଫେରିଲେଣି ୧,୩୭୧ ପ୍ରବାସୀ ହୋମ୍ କ୍ୱାରାଣ୍ଟାଇନରେ କେହି ରହିବେନି

**ପୁରୀ ଅଫିସ, ୧୦।୫:** କରୋନା ମୁକାବିଲା ନିମନ୍ତେ ଜାରି ଲକ୍‌ଡାଉନ କଟକଣାରେ ସାମାନ୍ୟ କୋହଳ ହେବା ପରେ ରବିବାର ସୁଦ୍ଧା ୧୩୭୧ ଜଣ ପ୍ରବାସୀ ପୁରୀ ଜିଲ୍ଲାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ପ୍ରବାସୀ ସରକାରଙ୍କ ପୋର୍ଟାଲରେ ପଞ୍ଜୀକରଣ କରିଥିବାବେଳେ ବାକି ପ୍ରବାସୀଙ୍କୁ କୃପାଜଳ ଇଞ୍ଜିନିୟରିଂ କଲେଜ ପରିସରରେ ଜିଲା ଅଭ୍ୟର୍ଥନା କେନ୍ଦ୍ରରେ ପଞ୍ଜୀକରଣ କରାଯାଇ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଉଛି। ଜନସଂଖ୍ୟା ଘନତ୍ୱ ଦୃଷ୍ଟିରୁ ପୁରୀ ରାଜ୍ୟର ପ୍ରଥମ ସ୍ଥାନରେ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ କେତେକ ନିଷ୍ପତ୍ତି ନେଇଛି। ଏଠାରେ ହୋମ୍ କ୍ୱାରାଣ୍ଟାଇନରେ କାହାକୁ ରହିବା ଲାଗି ଅନୁମତି ଦିଆଯିବ ନାହିଁ। ଯେଉଁ ପ୍ରବାସୀମାନେ ଫେରୁଛନ୍ତି ସେମାନଙ୍କୁ ୨୧ଦିନ ପର୍ଯ୍ୟନ୍ତ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରଖାଯିବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଆବଶ୍ୟକ ସମସ୍ତ ପ୍ରକାର ବ୍ୟବସ୍ଥା ଥିବା ସରକାରୀ ହଷ୍ଟେଲଗୁଡ଼ିକରେ ସେମାନଙ୍କୁ ରଖାଯିବାକୁ ବନ୍ଦୋବସ୍ତ କରାଯାଇଛି। ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଙ୍ଗରୋଧ ରହଣି ଲାଗି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିବା ଜିଲାପାଳ କହିଛନ୍ତି। ଆବଶ୍ୟକ ପଡ଼ିଲେ ଆହୁରି ଅଧିକ ଲୋକଙ୍କ ପାଇଁ ବ୍ୟବସ୍ଥା ହେବ। ଏତଦ୍‌ବ୍ୟତୀତ ସଙ୍ଗରୋଧ କେନ୍ଦ୍ର ଭାବେ କେତେକ ହୋଟେଲକୁ ସରକାରୀ ଭାବେ ଚିହ୍ନଟ କରାଯାଇଛି। ଏଗୁଡ଼ିକରେ ରହିବାକୁ ଇଚ୍ଛୁକ ବ୍ୟକ୍ତି ଆବଶ୍ୟକ ଦେୟ ଦେଇ ରହିପାରିବେ ବୋଲି କୁହାଯାଇଛି।

### ପଞ୍ଚାୟତ ଭୋଟରେ ମିଳିଥିବା ଜନସମର୍ଥନର ଋଣ ଶୁଝାଅ: ସମୀର

ଭୁବନେଶ୍ୱର, ୧୦।୫(ବ୍ୟୁରୋ): କରୋନା ମହାମାରୀ ସମୟରେ ଓଡ଼ିଶାକୁ ସୁରକ୍ଷିତ ରଖିବା ପାଇଁ ସବୁସ୍ତରରେ କାମ କରିବାର ଉଦ୍ୟମ ଜାରି ରହିଛି। ପ୍ରବାସୀ ଭଉଣୀଭାଇମାନେ ରାଜ୍ୟରେ ପହଞ୍ଚିବା ଆରମ୍ଭ କରିଛନ୍ତି। ଏହା ସମସ୍ତଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ। ପଞ୍ଚାୟତ ସ୍ତରରେ ସେମାନଙ୍କ କ୍ୱାରାଣ୍ଟାଇନ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରାଗଲେ କରୋନା ଯୁଦ୍ଧରେ ବଡ଼ ସଫଳତା ହେବ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟର ସମସ୍ତ ୬୭୯୮ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ ଜିଲା ପରିଷଦ ସଦସ୍ୟ, ଜିଲା ପରିଷଦ ସଭାପତି, ବ୍ଲକ ଅଧ୍ୟକ୍ଷମାନେ ଦାୟିତ୍ୱ ମୁଣ୍ଡାଇ କାମ କରିବାକୁ ପଡିବ। ସେମାନଙ୍କ ସୁପରିଚାଳନା ଓ ବାହାରୁ ଆସୁଥିବା ପ୍ରବାସୀଙ୍କ ଯତ୍ନ ନେବା ସମୟର ଆବଶ୍ୟକତା ରହିଛି ବୋଲି ସମୀର କହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ରାଜ୍ୟବାସୀ ଆମ ଉପରେ ଅତୁଟ ବିଶ୍ୱାସ ରଖି ଅଭୂତପୂର୍ବ ଜନସମର୍ଥନ ଦେଇଛନ୍ତି। ଏହି ବିଶ୍ୱାସକୁ ନିଷ୍ଠାର ସହ ପାଳନକରି ଆମର ଉତ୍ତରଦାୟିତ୍ୱ ପାଳନ କରିବା ସମୟ ଆସିଛି। ସମୟର ଆହ୍ୱାନକୁ ସ୍ୱୀକାରକରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରୁଥିବା ଲୋକଙ୍କୁ ନିଜ ପରିବାରର ସଦସ୍ୟଭାବେ ଗ୍ରହଣକରି ତାଙ୍କର ଯତ୍ନ ନେବା ଆବଶ୍ୟକ। ସମସ୍ତ ନିୟମ କାନୁନକୁ ପାଳନକରି ଟେମ୍ପୋରାରି ମେଡିକାଲ ସେଣ୍ଟର(ଟିଏମ୍‌ସି)ରେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିବା ପାଇଁ ସମସ୍ତଙ୍କୁ ସେ ନିବେଦନ କରିଛନ୍ତି।

# ପ୍ରବେଶ ପଥରେ ପ୍ରବାସୀଙ୍କ ହେବ ଥର୍ମାଲ ସ୍କ୍ରିନିଂ

- ଭୁବନେଶ୍ୱରର ୩ ସ୍ଥାନରେ ସ୍ୱାଗତ କେନ୍ଦ୍ର
- ରସୁଲଗଡ଼, ଖଣ୍ଡଗିରି, ଉତ୍ତରାଛକରେ ହେବ ଯାଞ୍ଚ

ଭୁବନେଶ୍ୱର, ୧୦।୫(ବ୍ୟୁରୋ)

ଏବେ ରାଜଧାନୀ ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ପ୍ରବାସୀ ଚାଲି ଚାଲି ହେଉ ଅବା ଗାଡିମୋଟରରେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି। ଏଥିସହ ବହୁ ପ୍ରବାସୀ ମଧ୍ୟ ସହରରେ ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ସେମାନଙ୍କୁ ଚିହ୍ନଟ ସହ କରୋନା ଲଢ଼େଇକୁ ନେଇ ସଚେତନ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନୂଆ ପଦକ୍ଷେପ ହାତକୁ ନେଇଛି। ଭୁବନେଶ୍ୱରର ମୁଖ୍ୟ ୩ ପ୍ରବେଶ ଦ୍ୱାରରେ ପ୍ରବାସୀଙ୍କ ପାଇଁ ୨୪ ଘଣ୍ଟିଆ ସ୍ୱାଗତ ଓ ସ୍କ୍ରିନିଂ ସେଣ୍ଟର ସ୍ଥାପନ କରାଯାଇଛି। ସେହି ସ୍ଥାନଗୁଡ଼ିକ ହେଲା ରସୁଲଗଡ଼ କୋଚିଲେଇ ହାଟ ନିକଟ ଆଶ୍ରମ ସ୍କୁଲ, ଖଣ୍ଡଗିରିର ତପୋବନ ସ୍କୁଲ ଓ ଉତ୍ତରା ଛକରେ ଥିବା କୃପାଜଳ ଇଂଜିନିୟରିଂ କଲେଜ। ସୋମବାରଠାରୁ ଏସବୁ ସେଣ୍ଟର କାର୍ଯ୍ୟ କରିବ। ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀମାନେ ସେଠାରେ ପହଞ୍ଚିବା କ୍ଷଣି ପ୍ରଥମେ ସେମାନଙ୍କୁ ସ୍ୱାଗତ କରାଯିବ। ଏହାପରେ ସେମାନଙ୍କର ଥର୍ମାଲ ସ୍କ୍ରିନିଂ ଟେଷ୍ଟ ହେବ। ଏଥିସହ ସେଠାରେ ପଞ୍ଜୀକରଣ ମଧ୍ୟ କରିବେ। ପରେ ସ୍ଥାନୀୟ ଜିଲା ପ୍ରଶାସନର ସହାୟତାରେ ନିଜ ଅଞ୍ଚଳକୁ ପଠାଇ ଦିଆଯିବ। ଭୁବନେଶ୍ୱରର ହୋଇଥିଲେ ବା ଯେଉଁମାନେ ରାଜଧାନୀରେ ରହିବାକୁ ଚାହିଁବେ ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ହେବ। ସେହିପରି ଯେଉଁମାନେ ହୋମ୍ କ୍ୱାରାଣ୍ଟାଇନ୍, ସରକାରୀ କ୍ୱାରାଣ୍ଟାଇନ କିମ୍ବା ଦେୟଯୁକ୍ତ (ପେଡ୍) କ୍ୱାରାଣ୍ଟାଇନ୍ ରହିବାକୁ ଚାହିଁବେ, ସେସମ୍ପର୍କରେ ମତ ନିଆଯିବା ପରେ ସେମାନଙ୍କୁ ସେଠାକୁ ପଠାଇ ଦିଆଯିବ ବୋଲି ରବିବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

କମିଶନର ଚୌଧାରୀଙ୍କ ସୂଚନାନୁସାରେ, ୩ ଜୋନ୍‌ର ଜୋନାଲ ଡେପୁଟି କମିଶନର ଏସବୁ ସେଣ୍ଟର ଦାୟିତ୍ୱରେ ରହିବେ। ସମ୍ପୃକ୍ତ ପ୍ରବାସୀଙ୍କ ହାତରେ କ୍ୱାରାଣ୍ଟାଇନ୍ ଷ୍ଟାମ୍ପ୍ ରହିବା ସହ ଘରେ କ୍ୱାରାଣ୍ଟାଇନ୍ ଷ୍ଟିକର ଲଗାଯିବ। ପ୍ରବାସୀ ଜଣକ କ୍ୱାରାଣ୍ଟାଇନ୍‌ରେ ରହୁଥିବା ସମୟରେ ତାଙ୍କ ସହ ଡାକ୍ତରୀ ଟିମ୍ ନିୟମିତ ଫୋନ୍ ମାଧ୍ୟମରେ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କଥା ହୋଇ ତଥ୍ୟ ନେବେ। କୌଣସି ଲକ୍ଷଣ ଦେଖାଦେଲେ ପ୍ରବାସୀମାନେ ନ ଲୁଚାଇ ଡାକ୍ତରୀଦଳକୁ ଜଣାଇବା ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟ ଜିଲାରୁ ଆସୁଥିବା ଲୋକେ ମଧ୍ୟ ଚାହିଁଲେ ଭୁବନେଶ୍ୱରରେ ଯେକୌଣସି କ୍ୱାରାଣ୍ଟାଇନ୍‌ରେ ରହିପାରିବେ। ନିଜ ଘର ଥିଲେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଅନୁମତି ମିଳିବ। ସେମାନେ ସାମାଜିକ ଦୂରତ୍ୱ ସହ ଜାରି ହୋଇଥିବା ଅନ୍ୟ ନିୟମକୁ ମାନିବାକୁ ପଡିବ ବୋଲି କମିଶନର କହିଛନ୍ତି।

# ସଙ୍ଗରୋଧରେ ରହିଲେ ରଥ ନିର୍ମାଣକାରୀ

**୨ ଭକ୍ତ ନିବାସରେ ୧୪୮ ସେବକ**

ପୁରୀ ଅଫିସ,୧୦।୫

ଜୁନ୍ ୨୩ରେ ରଥଯାତ୍ରା। ତେଣୁ କମ୍ ସମୟରେ କିପରି ରଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ଓ ଧାର୍ଯ୍ୟ ସମୟ ମଧ୍ୟରେ କାମ ସରିବ ତାହାକୁ ଗୁରୁତ୍ୱ ଦେଇଛି ଶ୍ରୀମନ୍ଦିର ପ୍ରଶାସନ। ମହାମାରୀ କରୋନାକୁ ଦୃଷ୍ଟିରେ ରଖି ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିଲାଗି ବିଭିନ୍ନ ପଦକ୍ଷେପ ନେଇଛି। ରବିବାର ପୁରୀରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ରଥ ନିର୍ମାଣକାରୀ ସେବକମାନେ ଯେପରି ଅନ୍ୟ କାହା ସଂସ୍ପର୍ଶରେ ନ ଆସନ୍ତି ସେମାନଙ୍କୁ କ୍ୱାରାଣ୍ଟାଇନ (ସଙ୍ଗରୋଧ)ରେ ରଖିବା ଲାଗି ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ରବିବାରଠାରୁ ରଥ ନିର୍ମାଣକାରୀ ମହାରଣା, ଭୋଇ, ରୂପକାର ଏବଂ କମାର ସେବକ ସଙ୍ଗରୋଧରେ ରହିଛନ୍ତି। ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ଏବଂ ନୀଳାଚଳ ଭକ୍ତ ନିବାସରେ ପ୍ରାୟ ୧୪୮ ସେବକ ରହିଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ରଥଖଳାରେ ନିର୍ମାଣ କାର୍ଯ୍ୟ ସରିବା ପରେ ସମ୍ପୃକ୍ତ ସେବକମାନେ ଭକ୍ତ ନିବାସକୁ ଆସିଥିଲେ। ସେଠାରେ ନାମ ପଞ୍ଜୀକୃତ କରାଯାଇ ସମସ୍ତଙ୍କୁ ରଖାଯାଇଛି। ଉନ୍ନୟନ ପ୍ରଶାସକଙ୍କ ସୂଚନା ମୁତାବକ, ଜଣେ ବ୍ୟକ୍ତିଙ୍କ ଦୈନନ୍ଦିନ ଚଳଣି ପାଇଁ ଯାହା ଆବଶ୍ୟକ ତାହାର ବ୍ୟବସ୍ଥା ହୋଇଛି। ଓଟିଡିସିର ପାନ୍ଥନିବାସକୁ ଖାଦ୍ୟ ଯୋଗାଇବା ଦାୟିତ୍ୱ ଦିଆଯାଇଛି। ରବିବାର ୧୪୮ ଜଣଙ୍କ ନାମ ରେଜିଷ୍ଟ୍ରେଶନ କରାଯାଇଥିଲା। ପ୍ରାୟ ସମସ୍ତେ ରହିଥିବା ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି। ସୂଚନାଥାଉ କି, ରଥ ନିର୍ମାଣକାରୀଙ୍କ ରହଣି ଲାଗି ଶ୍ରୀମନ୍ଦିର ପ୍ରଶାସନ ନୀଳାଦ୍ରି ଭକ୍ତ ନିବାସରେ ୧୦୧ ରୁମ୍, ଗୁଣ୍ଡିଚା ମନ୍ଦିର ଭକ୍ତ ନିବାସରେ ୭୦ ଏବଂ ନୀଳାଚଳ ଭକ୍ତ ନିବାସରେ ୩୫ଟି ରୁମ୍ ରଖିଛି।

# ମହାରାଷ୍ଟ୍ରରୁ ଟ୍ରେନ୍‌ରେ ଆସିଲେ ୧୧୬୩ ପ୍ରବାସୀ



ଟିଟିଲାଗଡ ରେଳଷ୍ଟେଶନରେ ଜଣେ ପ୍ରବାସୀଙ୍କ ସ୍କ୍ରିନିଂ କରାଯାଉଛି।

- ସ୍ୱତନ୍ତ୍ର ବସ୍ ଯୋଗେ ଗନ୍ତବ୍ୟସ୍ଥଳକୁ ପଠାଇଲା ପ୍ରଶାସନ
- ଫେରନ୍ତାଙ୍କ ମଧ୍ୟରେ ରହିଛନ୍ତି ୨୫ଜିଲାର ଲୋକେ
- ଆଜି ଟିଟିଲାଗଡରେ ଦିନ ୧୨ରୁ ରାତି ୧୨ଯାଏ କର୍ଫ୍ୟୁ

ଟିଟିଲାଗଡ଼, ୧୦।୫ (ଡି.ଏନ.ଏ.)

ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପରେ ମହାରାଷ୍ଟ୍ରରେ ଫସି ରହିଥିବା ପ୍ରବାସୀ ଓଡିଆମାନେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ରବିବାର ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ରାଜ୍ୟର ୨୫ଜିଲାର ୧୧୬୩ ପ୍ରବାସୀ ଅପରାହ୍ନ ୨ଟାରେ ଏଠାରେ ଓହ୍ଲାଇବା ପରେ ଏସକର୍ଟ ମଧ୍ୟରେ ୪୩ଟି ବସ୍ ଓ ୬ଟି ବୋଲେରୋ ଯୋଗେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି। ରାଜ୍ୟ କୋଭିଡ-୧୯ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଲୋହାନୀ, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ଏମ. ସନ୍ଦୀପ ସମ୍ପଦ, ପିଡି ଡ. ମହେଶ୍ୱର ସ୍ୱାଇଁ, ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ ପ୍ରମୁଖ ଷ୍ଟେଶନରେ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ଏଥିପାଇଁ ରବିବାର ପୂର୍ବାହ୍ନ ୯ଟାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ଟିଟିଲାଗଡ ସହରରେ କର୍ଫ୍ୟୁ ଜାରି କରାଯାଇଥିଲା। ସୋମବାର ମଧ ଆଉ ଏକ ଟ୍ରେନ୍ ଆସିବାକୁ ଥିବାରୁ ପୂର୍ବାହ୍ନ ୧୨ଟାରୁ ରାତ୍ର ୧୨ଟା ଯାଏ ଟିଟିଲାଗଡ ସହରରେ କର୍ଫ୍ୟୁ ଜାରି କରାଯାଇଛି। ଏହି କଟକଣାକୁ କୌଣସି ବ୍ୟକ୍ତି ଖିଲାପ କଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପୂର୍ବ ସୂଚନା ଅନୁଯାୟୀ ଦିନ ପ୍ରାୟ ୨ଟାରେ ମହାରାଷ୍ଟ୍ରରୁ ପ୍ରବାସୀ ଓଡିଆଙ୍କୁ ନେଇ ଆସିଥିବା ସ୍ୱତନ୍ତ୍ର ଟ୍ରେନ ଟିଟିଲାଗଡ ଷ୍ଟେଶନରେ ପହଞ୍ଚିଥିଲା। ଏଥିଲାଗି ଷ୍ଟେଶନ ପରିସରକୁ ରଙ୍ଗବେରଙ୍ଗ ବେଲୁନ, ସ୍ୱାଗତ ବ୍ୟାନରରେ ସଜାଯାଇଥିଲା। ପ୍ରବାସୀଙ୍କୁ ଜିଲାକ୍ରମରେ ଡକାଯିବା ପରେ ସେମାନଙ୍କ ହାତରେ ଷ୍ଟାମ୍ପ ଲଗାଯାଇଥିଲା। ପରେ ଉପସ୍ଥିତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପକ୍ଷରୁ ପ୍ରବାସୀଙ୍କ ସ୍କ୍ରିନିଂ କରାଯାଇଥିଲା। ଶ୍ରମିକଙ୍କ ସହାୟତା ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅନେକଗୁଡିଏ ଅସ୍ଥାୟୀ କାଉଣ୍ଟର ଖୋଲାଯାଇଥିଲା। ଫେରିଥିବା ପ୍ରବାସୀଙ୍କ ମଧ୍ୟରେ କଳାହାଣ୍ଡି ଜିଲାର ସର୍ବାଧିକ ୨୨୦ଜଣ ରହିଛନ୍ତି। ସେହିପରି ବଲାଙ୍ଗୀରର ୨୦୩, ଗଞ୍ଜାମ ୧୫୮, ବାଲେଶ୍ୱର ୧୪୩, ନୂଆପଡା ୫୯, ଢେଙ୍କାନାଳ ୫୦, ଅନୁଗୋଳ ୩୮, ସୁନ୍ଦରଗଡ ୩୭, ଭଦ୍ରକ ୩୪, ଖୋର୍ଦ୍ଧା ୩୨, କେନ୍ଦ୍ରାପଡା ୩୦, କଟକ ୨୯, ମୟୂରଭଞ୍ଜ ୨୮, ଗଜପତି ୨୪, ପୁରୀ ୧୬, ରାୟଗଡା ୧୫, ଯାଜପୁର ୧୪, ଜଗତ୍‌ସିଂହପୁର ୮, କେନ୍ଦୁଝର ୮, ନୟାଗଡ ୫, ବରଗଡ ୪, ସୁବର୍ଣ୍ଣପୁର ୪, କନ୍ଧମାଳ ୨, କୋରପୁଟ ଏବଂ ନବରଙ୍ଗପୁର ଜିଲାର ଜଣେ ଲେଖାଏ ପ୍ରବାସୀ ଆସିଥିବା ଜଣାଯାଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ଟ୍ରେନ ଆସିବା ପୂର୍ବରୁ ଏବଂ ପ୍ରବାସୀଙ୍କ ପ୍ରସ୍ଥାନ ପରେ ଷ୍ଟେଶନ ଅଞ୍ଚଳକୁ ବିଶୋଧନ କରାଯାଇଥିଲା। ଟିଟିଲାଗଡ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରବାସୀ ଏବଂ ଉପସ୍ଥିତ କର୍ମଚାରୀଙ୍କ ପାଇଁ ୧୪୦୦ ପ୍ୟାକେଟ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା।

# ଶ୍ରମିକଙ୍କ କାର୍ଯ୍ୟ ସମୟ ବୃଦ୍ଧିକୁ ବିରୋଧ

ଯାଜପୁର ଅଫିସ,୧୦।୫

କରୋନା ମହାମାରୀରେ ସାରା ବିଶ୍ୱ ଉବୁଟୁବୁ ହେଉଥିବାବେଳେ ଭାରତରେ ୫୨ କୋଟିରୁ ଅଧିକ ଶ୍ରମିକ ପ୍ରଭାବିତ ହୋଇଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ସେମାନେ ଫସି ରହିଥିବାବେଳେ ଜୀବିକା ହରାଇ ଆର୍ଥିକ ଅନଟନରେ ଦିନ କାଟୁଛନ୍ତି। ଏଭଳିସ୍ଥଳେ କେନ୍ଦ୍ର ସରକାର ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟ ସମୟ ୮ରୁ ୧୨ ଘଣ୍ଟାକୁ ବୃଦ୍ଧି କରିଛନ୍ତି। ଏହାକୁ ରାଜ୍ୟ ସରକାର ଗ୍ରହଣ କରଥିବାରୁ ଯାଜପୁର ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ(ଆଇଏନ୍‌ଟିୟୁସି) ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ତାହା ଓଡ଼ିଶାରେ କାର୍ଯ୍ୟକାରୀ ନ କରିବାକୁ ଆଇଏନ୍‌ଟିୟୁସି ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ଆଇଏନ୍‌ଟିୟୁସିର ସହ ସମ୍ପାଦକ ପରମାନନ୍ଦ ସେଠୀ ଏକ ବିବୃତିରେ ଜଣାଇଛନ୍ତି ଯେ, କେନ୍ଦ୍ର ସରକାର ଏଭଳି ଏକ ଅଧ୍ୟାଦେଶ ଜାରି କରିବାରୁ ଏହାର ସୁଯୋଗ ନେଇ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ କଳକାରଖାନାର ମାଲିକ ଓ ଠିକାଦାରମାନେ ଶ୍ରମିକ, କର୍ମଚାରୀମାନଙ୍କୁ ୮ ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କାର୍ଯ୍ୟ କରିବାକୁ ବାଧ କରିବେ। ତେଣୁ ୧୩୪ ବର୍ଷ ପୂର୍ବରୁ କାର୍ଯ୍ୟକାରୀ ହୋଇ ଆସୁଥିବା ଶ୍ରମିକମାନଙ୍କ ୮ ଘଣ୍ଟା କାର୍ଯ୍ୟ ସମୟକୁ ପରିବର୍ତ୍ତନ କଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଆଇଏନ୍‌ଟିୟୁସିର ଜିଲା ସଭାପତି ବିଦ୍ୟାଧର ମହାନ୍ତି ଚେତାବନୀ ଦେଇଛନ୍ତି। ସେହିପରି ମେସ୍କୋ ୱାର୍କର୍ସ ୟୁନିୟନର ସଭାପତି ଗଣେଶ୍ୱର ନାୟକ, ସମ୍ପାଦକ ମହମ୍ମଦ ସାବିର, ନୀଳାଚଳ ଇସ୍ପାତ ନିଗମର ଶ୍ରମିକ ନେତା ବାବୁଲି ପୂର୍ତ୍ତି ଓ ମହିରାମ ପୂର୍ତ୍ତି, ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘର ସମ୍ପାଦକ ମାଧବ ମହାପାତ୍ର, ନେସ୍କୋ ଠିକା ଶ୍ରମିକ ସଂଘର ସମ୍ପାଦକ ଶିବପ୍ରସାଦ ନାଥ ମଧ୍ୟ ଶ୍ରମିକଙ୍କ କାର୍ଯ୍ୟ ସମୟ ବୃଦ୍ଧିକୁ ନିନ୍ଦା କରିଛନ୍ତି। ଏହାସହିତ ବାହାର ରାଜ୍ୟରୁ ଫେରିଥିବା ଯାଜପୁର ଜିଲାର ପଞ୍ଜୀକୃତ ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କୁ କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କଳକାରଖାନାରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଶ୍ରମିକଙ୍କ ଆତ୍ମହତ୍ୟା: ୧୫ ଦିନ ପରେ ମାମଲା ରୁଜୁ

**ରୋହିତ ଫେରୋଟେକ୍ କାରଖାନା ନିର୍ଦ୍ଦେଶକଙ୍କ ନାମରେ ଦଫା ୩୦୬**

ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୧୦।୫

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ରୋହିତ ଫେରୋଟେକ୍ କାରଖାନାରେ ଜଣେ ଶ୍ରମିକଙ୍କ ଆତ୍ମହତ୍ୟା ଘଟଣାର ୧୫ ଦିନ ପରେ ଯଖପୁରା ଥାନାରେ ଏକ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଦ୍ୱାରା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଅଭିଯୋଗ, ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୋଲିସ ମୁଣ୍ଡ ନୁଆଁଇଛି। ଡିଆଇଜି (କେନ୍ଦ୍ର) ଆଶିଷ ସିଂଙ୍କ ହସ୍ତକ୍ଷେପ ପରେ ସାମାଜିକ କର୍ମୀ ଆଲୋକ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଯଖପୁରା ପୋଲିସ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଅନୁଯାୟୀ କାରଖାନା ନିର୍ଦ୍ଦେଶକ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଏକ ମାମଲା (ନଂ ୩୭/୨୦୨୦)ରେ ରୁଜୁ କରିଛି।

ମୃତକଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଦୋଷୀଙ୍କ ବିରୋଧରେ ଦଫା ୩୦୬ ଅନୁଯାୟୀ ମାମଲା ରୁଜୁ କରିବାକୁ ମାନବାଧିକାର କର୍ମୀ ବିଶ୍ୱାଳ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ନିବେଦନ କରିଥିଲେ। ଏନେଇ ଏନ୍‌ଏଚ୍‌ଆର୍‌ସି ତତ୍ପରତା ପ୍ରକାଶ କରି ୧୨୪୬/୧୮/୨୪/୨୦୨୦ରେ ଏକ ମାମଲା ପଞ୍ଜୀକୃତ କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଥିଲେ। ତଥାପି ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ମାନବାଧିକାର କର୍ମୀ ବିଶ୍ୱାଳ ଡିଆଇଜି ସିଂଙ୍କ ହସ୍ତକ୍ଷେପ ଲୋଡିଥିଲେ।

ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗ ବାଙ୍କୁଡ଼ା ଜିଲା ବିଷ୍ଣୁପୁର ଗ୍ରାମର ସୁନୀଲ କର୍ମକାର (୫୫) ଘରକୁ ଯାଇ ଗତ ମାର୍ଚ୍ଚ ୨୧ରେ ରୋହିତ ଫେରୋଟେକ୍ କାରଖାନାକୁ ଫେରିଥିଲେ। ସେ କାରଖାନାର ବ୍ରିକେଟ ପ୍ଲାଣ୍ଟ ସାଇଟ୍‌ରେ ଏ.କେ. ଘାତକ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ତେବେ ସେ ପଶ୍ଚିମବଙ୍ଗରୁ ଫେରିଥିଲେ ହେଁ କରୋନା ସଂକ୍ରମଣ ସମୟରେ ସରକାରଙ୍କ କୌଣସି ଗାଇଡ୍‌ଲାଇନକୁ ଠିକାସଂସ୍ଥା ମାନି ନ ଥିଲା। ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଇ ନ ଥିବାବେଳେ ୧୪ ଦିନ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ରଖାଯାଇ ନଥିଲା। ପୋଲିସ ପ୍ରଶାସନ ମଧ୍ୟ ଏ ସଂକ୍ରାନ୍ତରେ ଜାଣି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲା। ଅନ୍ୟପକ୍ଷରେ କର୍ମକାରଙ୍କୁ ୩ ମାସର ଦରମା ଦିଆଯାଇ ନ ଥିଲା। ଫଳରେ ଭୋକ ଉପାସରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗକାରୀ ମହାନ୍ତି ଯଖପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ତୁରନ୍ତ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାକୁ ଅଭିଯୋଗକାରୀ ମହାନ୍ତି ଓ ମାନବାଧିକାର କର୍ମୀ ବିଶ୍ୱାଳ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଯଖପୁରା ଆଇଆଇସି ଲକ୍ଷ୍ମଣ ଦଣ୍ଡସନାଙ୍କୁ ପଚାରିବାରେ ସେ କ;ହିଛନ୍ତି, ଆଲୋକ ମହାନ୍ତିଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଏନେଇ ତଦନ୍ତ ଚାଲିଛି। ତଦନ୍ତ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ୨୫% ଦରମା କାଟିବ ଇଣ୍ଡିଗୋ ଏୟାରଲାଇନ୍ସ

**ନୂଆଦିଲ୍ଲୀ,୧୦।୫:** ଦେଶର ସର୍ବବୃହତ୍ ଘରୋଇ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋ ଏୟାର ଲାଇନ୍ସ ଆର୍ଥିକ ବର୍ଷ ୨୦୨୦-୨୧ପାଇଁ ଏହାର କର୍ମଚାରୀଙ୍କ ବେତନରୁ ୫% ରୁ ୨୫% କାଟ କରିବା ପାଇଁ ନିଷ୍ପତ୍ତି ନେଇଛି। ତେବେ ବରିଷ୍ଠ ବର୍ଗର କର୍ମଚାରୀଙ୍କ କ୍ଷେତ୍ରରେ୨୫% ବେତନ କାଟ ହେବ ବୋଲି ଶୁକ୍ରବାର କମ୍ପାନୀ ପକ୍ଷରୁ ସୂଚନା ମିଳିଛି । କରୋନା ସଂକ୍ରମଣର ଭୟାବହତା କାରଣରୁ ମାର୍ଚ୍ଚ ତୃତୀୟ ସପ୍ତାହରୁ ସରକାରୀ ଓ ଘରୋଇ ବିମାନ ସେବାକୁ ସାମୂହିକ ବନ୍ଦ ରଖିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଣାଳୟ ନିର୍ଦ୍ଦେଶାବଳୀ ଜାରି କରିଥିଲା । ଏହି ନିଷ୍ପତ୍ତି ଅନୁସାରେ କମ୍ପାନୀ ଗୁଡିକ ସେବା ବନ୍ଦ ରଖିଛନ୍ତି । ସେବା ବନ୍ଦ ଥିବାରୁ ଏଭଳି ପରିସ୍ଥିତିରେ କର୍ମଚାରୀଙ୍କୁ ଶତ ପ୍ରତିଶତ ବେତନ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା କଷ୍ଟକର । ଏକ ଉଚ୍ଚସ୍ତରୀୟ ବୈଠକ ପରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ରଣଜୟ ଦତ୍ତ ଟୁଇଟ୍ ଓ ଇମେଲ ମାଧ୍ୟମରେ କର୍ମଚାରୀମାନଙ୍କୁ ଅବଗତ କରାଇଛନ୍ତି । ସେ ଆହୁରି କହିଛନ୍ତି ଯେ , ଗତ ମାର୍ଚ୍ଚ ଶେଷ ସପ୍ତାହରୁ କର୍ମଚାରୀଙ୍କ ବେତନ ହ୍ରାସ ଘୋଷଣା କରାଯାଇଥିଲା ।

# ସାଇକେଲରେ ଚେନ୍ନାଇରୁ କୋରେଇ ଫେରିଲେ ଯୁବକ



- ପଞ୍ଚାୟତ କ୍ୱାରାଣ୍ଟାଇନ୍‌ରେ ରହିଲେ
- ଶ୍ରୀକାକୁଲମ କ୍ୱାରାଣ୍ଟାଇନ୍‌ରେ ରହିଥିଲେ ୧୪ ଦିନ
- ସାଙ୍ଗରେ ଥିଲେ କେନ୍ଦୁଝରର ୫ଜଣ

ଯାଜପୁର ଅଫିସ/ କୋରେଇ (ସ୍ୱ.ପ୍ର) ୧୦।୫

ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରେ ଫସିରହିଥିବା ବହୁ ଓଡ଼ିଆ ପ୍ରବାସୀ ନିଜ ଗାଁକୁ କିଭଳି ଫେରିବେ ସେନେଇ ବହୁ ଉଦ୍ୟମ କରୁଛନ୍ତି। ଗାଡ଼ି, ଟ୍ରେନ ଚଳାଚଳ ହେଉ ନ ଥିବାରୁ କିଏ ସାଇକେଲ, ମୋଟରସାଇକେଲରେ ତ କିଏ ଚାଲିଚାଲି ଘରକୁ ଫେରୁଥିବା ଦେଖିବାକୁ ମିଳୁଛି। ଚେନ୍ନାଇର ଏକ ସିକ୍ୟୁରିଟି ସଂସ୍ଥାରେ କାର୍ଯ୍ୟରତ ୬ଜଣ ଓଡ଼ିଆ ସାଇକେଲରେ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହେଲେ ଯାଜପୁର ଜିଲା କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ କୋରାବନ୍ଦୀ ଗ୍ରାମର ଉମାକାନ୍ତ କର(୩୦)। ଅନ୍ୟ ୫ଜଣ କେନ୍ଦୁଝର ଜିଲାର ବୋଲି ଜଣାପଡ଼ିଛି। ଲକ୍‌ଡାଉନ୍ ଯୋଗୁ ଉମାକାନ୍ତ କାମ କରୁଥିବା ସଂସ୍ଥା ବନ୍ଦ ହୋଇଯାଇଥିଲା। ଫଳରେ ସେ ସେଠାରେ ଚଳିବା କଷ୍ଟକର ହେଲା। ତେଣୁ ଗତ ଏପ୍ରିଲ ୧୮ରେ ଉମାକାନ୍ତ ଓ ଅନ୍ୟ ୫ଜଣଙ୍କ ସହ ମିଶି ଚେନ୍ନାଇରୁ ସାଇକେଲରେ ନିଜ ଗାଁ ଅଭିମୁଖେ ବାହାରିଥିଲେ। ତାଙ୍କ ପାଖରେ ପ୍ରାୟ ୧୦୦୦ ଟଙ୍କା ଥିଲା। ହେଲେ ସେମାନଙ୍କୁ ଆନ୍ଧ୍ରର ଶ୍ରୀକାକୁଲମ୍‌ରେ ଅଟକା ଯାଇ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନିଆଯାଇଥିଲେ। ସେଠାରେ ୧୪ ଦିନ ରହିବା ପରେ ପୁଣି ସାଇକେଲ ଯାତ୍ରା କରି ଶନିବାର ଗାଁକୁ ଫେରିଛନ୍ତି ଉମାକାନ୍ତ। ସାଇକେଲରେ ୧୩୦୦ କିଲୋମିଟର ଦୂର ଗାଁକୁ ଆସିଥିଲେ ମଧ୍ୟ ଘରକୁ ଯାଇ ନ ଥିଲେ। ଜଣେ ସଚେତନ ଓ ଶୃଙ୍ଖଳିତ ନାଗରିକ ଭାବେ ପୁଣି କ୍ୱାରାଣ୍ଟାଇନରେ ରହିବାକୁ ଇଚ୍ଛା କରିଥିଲେ। ସେ ଅନ୍ଧାରୀ ପଞ୍ଚାୟତର କ୍ୱାରାଣ୍ଟାଇନ୍‌ରେ ରହିଥିବାବେଳେ ତାଙ୍କର ଏଭଳି ଚିନ୍ତାଧାରାକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ବିକ୍ରି ହେଉନି ଶୁଖୁଆ, ଚିନ୍ତାରେ ମତ୍ସ୍ୟଜୀବୀ

**କରୋନା ପ୍ରଭାବ**

- ଶୁଖୁଆ ବ୍ୟବସାୟରୁ ବର୍ଷକୁ ୫ କୋଟି ରୋଜଗାର
- ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରକୁ ଯାଇପାରୁ ନାହିଁ
- ୧୫ ହଜାର ଟନ୍ ଶୁଖୁଆ ନଷ୍ଟ ହେବା ଆଶଙ୍କା

କେନ୍ଦ୍ରାପଡ଼ା ଅଫିସ, ୧୦।୫

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଓ ରାଜନଗର ବ୍ଲକର ଅର୍ଥନୀତି ମାଛ ସଂଗ୍ରହ ଓ ଶୁଖୁଆ ବ୍ୟବସାୟ ଉପରେ ପର୍ଯ୍ୟବସିତ। ଏହି ୨ ବ୍ଲକର ୨୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ବର୍ଷକୁ ପ୍ରାୟ ୨୫ ହଜାର ଟନ୍ ଶୁଖୁଆ ବ୍ୟବସାୟ କରି ୫ କୋଟି ଟଙ୍କା ରୋଜଗାର କରିଥାନ୍ତି। ଦେଶରେ ଲକ୍‌ଡାଉନ୍ ଘୋଷଣା ହେବାପରେ ବାହାର ରାଜ୍ୟକୁ ମାଛ ଓ ଶୁଖୁଆ ଚାଲାଣ ହୋଇପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଆଗାମୀ ବର୍ଷାଦିନ ପୂର୍ବରୁ ଲକ୍‌ଡାଉନ ସମାପ୍ତ ନ ହେଲେ ଜୀବନ ଜୀବିକା ସଙ୍କଟରେ ପଡ଼ିବ ବୋଲି ସେମାନେ କହିଛନ୍ତି। ଏସମ୍ପର୍କରେ ଖରିନାସୀ ଗ୍ରାମର ସମରେନ୍ଦ୍ର ମଣ୍ଡଳ କୁହନ୍ତି, କରୋନା ସଂକ୍ରମଣ ଭୟ ଜୀବିକାକୁ ନଷ୍ଟ କରିଛି। ସମୁଦ୍ର ତଟବର୍ତ୍ତୀ ଖରିନାସୀ, ବଟିଘର, ପିତାସପଠା, କଂସାର ବଡଦାଣ୍ଡୁଆ, ପେଟଛେଲା, ଜମ୍ବୁ ଓ ରାମନଗର ଆଦି ଗ୍ରାମର ବହୁ ମତ୍ସ୍ୟଜୀବୀ ମାଛ ସଂଗ୍ରହ ଓ ଶୁଖୁଆ ବ୍ୟବସାୟ କରି ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି। ଏବେ ଏହା ଅମଳ ହେଉଥିଲେ ମଧ୍ୟ ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରକୁ ଯାଇପାରୁ ନାହିଁ। ଫଳରେ ବର୍ଷାଦିନେ ଶୁଖୁଆରେ ପୋକ ଲାଗି ନଷ୍ଟ ହେବା ଆଶଙ୍କା ରହିଛି ବୋଲି ସେ କହିଛନ୍ତି। କେନ୍ଦ୍ରାପଡାର ଶୁଖୁଆ ମଣ୍ଡି ବ୍ୟବସାୟୀ ବିକ୍ରମ ବେହେରାଙ୍କ କହିବାନୁସାରେ, ମତ୍ସ୍ୟଜୀବୀମାନେ ଜିଲାର ବିଭିନ୍ନ ଅଞ୍ଚଳରୁ ଲୁଣି ଓ ମଧୁର ଶୁଖୁଆ ସଂଗ୍ରହ କରି ଦେଶର ବିଭିନ୍ନ ରାଜ୍ୟକୁ ପଠାଇଥାନ୍ତି। ହେଲେ ଗାଡି ଚଳାଚଳ ବନ୍ଦ ଯୋଗୁ ମତ୍ସ୍ୟଜୀବୀଙ୍କ ନିକଟରୁ ଶୁଖୁଆ ସଂଗ୍ରହ କରିବା ସମ୍ଭବ ହେଉନାହିଁ। ତେବେ ଜିଲାରେ ଗତ ୪ ତାରିଖରୁ ୧୧ ଘଣ୍ଟା ଧରି ଗାଡି ଚଳାଚଳ ପାଇଁ ଅନୁମତି ମିଳିଛି। ଫଳରେ ଅଳ୍ପ ପରିମାଣର ଶୁଖୁଆ ସଂଗ୍ରହ ହୋଇଛି। ଏଥର ପ୍ରାୟ ୧୫ ହଜାର ଟନ୍ ଶୁଖୁଆ ନଷ୍ଟ ହେବ ବୋଲି ସେ ଆଶଙ୍କାବ୍ୟକ୍ତ କରିଛନ୍ତି। ଏନେଇ ରାଜ୍ୟ ସରକାର ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ପଦକ୍ଷେପ ନେବା ଆବଶ୍ୟକ ବୋଲି ମଣ୍ଡି ବ୍ୟବସାୟୀ ବେହେରା କହିଛନ୍ତି। ଏସମ୍ପର୍କରେ ଜିଲାମତ୍ସ୍ୟ ଅଧିକାରୀ ମମତା ମହାପାତ୍ର କୁହନ୍ତି, ଖାଦ୍ୟ ପରିବହନ ପାଇଁ ଗାଡି ଚଳାଚଳକୁ ଏବେ ଅନୁମତି ମିଳିଛି। ଶୁଖୁଆ ବ୍ୟବସାୟୀ ଏଥିରୁ ଲାଭ ଉଠାଇପାରିବେ।



ରାମନଗରସ୍ଥିତ ଏକ ଖଳାରେ ଗଦା ହୋଇଥିବା ଶୁଖୁଆ।

## ସଂକ୍ଷେପରେ

### ମାସ୍କ ନ ପିନ୍ଧିବାରୁ ୨୦ ଦେଲେ ଜରିମାନା

ନରାଜ,୧୦।୫(ଡି.ଏନ୍.ଏ.): ବାରଙ୍ଗ ଥାନା ଅଧୀନ ଗୋଡିସାହି ଫାଣ୍ଡି ନିକଟରୁ ମାସ୍କ ପିନ୍ଧି ନ ଥିବା ୨୦ ଜଣ ବାଇକ ଆରୋହୀଙ୍କଠାରୁ ପୋଲିସ ରବିବାର ପୂର୍ବାହ୍ଣରେ ଜରିମାନା ଆଦାୟ କରିଛି। ଏହି ଅବସରରେ ମୋଟ ୪ ହଜାର ଟଙ୍କା ଆଦାୟ କରାଯାଇଛି। ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ମଲିକ ଓ ବାରଙ୍ଗ ଥାନା ଏଏସ୍ଆଇ କୁଳମଣି ରାଉତ ଏହି ଜରିମାନା ଆଦାୟ କରିବା ସହ କରୋନା ମହାମାରୀରୁ ବର୍ତ୍ତିବା ପାଇଁ ମାସ୍କ ପିନ୍ଧିବା ନିମନ୍ତେ ଲୋକଙ୍କୁ ସଚେତନ କରାଇଥିଲେ।

### ଆର୍ମି ଅଫିସର ନାଁରେ ଲକ୍ଷାଧିକ ଟଙ୍କା ଠକେଇ

#### ମାତିଲେ ସାଇବର ଠକ

ଭୁବନେଶ୍ୱର,୧୦।୫ (ବ୍ୟୁରୋ): ପ୍ରଥମେ ନିଜକୁ ଆର୍ମି ଅଫିସର କହି ଲୋକଙ୍କ ବିଶ୍ୱାସ ଜନ୍ମାନ୍ତି। ଲୋକଙ୍କ ବିଶ୍ୱାସକୁ ଦୃଢ଼ କରିବା ପାଇଁ ଭିଡିଓ କଲରେ କଥା ହେବାବେଳେ ଆର୍ମି ପୋଷାକ ପିନ୍ଧି ଦର ମୂଲଚାଲ କରନ୍ତି। ଏହି ସୁଯୋଗରେ ଠକ ଜଣଙ୍କ ଜଣଙ୍କ ପିଛା ୭୦ରୁ ଦେଢ଼ ଲକ୍ଷ ଟଙ୍କା ଠକେଇ କରୁଛନ୍ତି। ଏହିପରି କଳାରାହାଙ୍ଗରେ ରହୁଥିବା ମାନସୀ ବାଳା ନାୟକ ଏଭଳି ଠକେଇର ଶିକାର ହୋଇ ରବିବାର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଆଦିତ୍ୟ କୁମାର ସାହୁ ନାମକ ବ୍ୟକ୍ତି ନିଜକୁ ଆର୍ମି ଅଫିସର ପରିଚୟରେ ଫେସବୁକ୍‌ରେ ତାଙ୍କର ଗାଡି ବିକ୍ରି ପାଇଁ ପୋଷ୍ଟ କରୁଛନ୍ତି। ମାନସୀ ଶସ୍ତାରେ ଗାଡି ମିଳୁଥିବା ଜାଣି ତାଙ୍କ ସହ ଯୋଗାଯୋଗ କରିଥିଲେ। ଆଦିତ୍ୟ ତାଙ୍କ ବିଶ୍ୱାସ ଜମାଇବା ପାଇଁ ନିଜର ଆର୍ମିର ସମସ୍ତ ପରିଚୟପତ୍ର ତାଙ୍କୁ ପଠାଇବାରୁ ମାନସୀ ବିଶ୍ୱାସରେ ଅଗ୍ରିମ ଆକାରରେ ୭ ହଜାର ଟଙ୍କା ଦେଇଥିଲେ। ପରେ ଗାଡିକୁ ଟେଷ୍ଟ ଡ୍ରାଇଭିଂ ପାଇଁ କହିବାରୁ ଆଦିତ୍ୟ ଟଙ୍କା ମାଗିଥିଲେ। ମାନସୀ ମନା କରିବାରୁ ଆଦିତ୍ୟ ନିଜ ଘର ପୁରୀ କହି ଠିକଣା ଦେବା ସହ ସମସ୍ୟା ଥିବାରୁ ଟଙ୍କା ମାଗୁଛି ବୋଲି ଜଣାଇଥିଲେ। ଏଥିରେ ମାନସୀ ରାଜି ହୋଇ ୪୦ ହଜାର ଟଙ୍କା ଅନ୍‌ଲାଇନ୍‌ରେ ଦେଇଥିଲେ। ଟଙ୍କା ନେବା ପରେ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ପ୍ରାଥମିକ ତଦନ୍ତ ବେଳେ ଠକ ଜଣଙ୍କ ଫେସ୍‌ବୁକ୍‌ରେ ଫେକ୍ ଆଇଡି ଖୋଲି ୧୦ ଜଣଙ୍କୁ ଠକେଇ କରିଥିବା ପଦାକୁ ଆସିଛି। କୋଲକାତାର ସଞ୍ଜୟ ଶର୍ମାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା, କେନ୍ଦ୍ରାପଡାର ବିନୋଦ ରାଉତଙ୍କ ଠାରୁ ୭୦ ହଜାର, ବ୍ରହ୍ମପୁରର ବିଭୂତି ଭୂଷଣ ଦାସ, ଅନୁଗୁଳର ଲିପୁନ ବେହେରା ଓ ଜଣେ ଆଇନଜୀବୀ ଠକେଇର ଶିକାର ହୋଇଛନ୍ତି। ପୂର୍ବରୁ ଏ ନେଇ କ୍ରାଇମବ୍ରାଞ୍ଚ ଏକ ସର୍କୁଲାର ଜାରି କରିଥିଲେ ମଧ ତାହା ପ୍ରଚାର ପ୍ରସାର ହୋଇ ନ ଥିବାରୁ ଏଭଳି ଠକ ବିଷୟରେ ଲୋକେ ନ ଜାଣି ପାରି ଶିକାର ହେଉଛନ୍ତି।

### ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ

#### ପାଣି ପିଇବାକୁ ବାହାନା କରିଥିଲେ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୧୦।୫ (ଡି.ଏନ୍.ଏ.): ଏୟାରପୋର୍ଟ ଥାନା ହାଜତରୁ ରବିବାର ସକାଳ ୮ଟାରେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ସେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଅମିତ ସ୍ୱରୂପ ମହାପାତ୍ର। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ ଗିରଫ କରିବାରେ ବିଫଳ ହୋଇଛି। ସୂଚନା ଅନୁଯାୟୀ, ଗତ ୧୯ତାରିଖରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଶିବ ବେହେରାଙ୍କୁ ଅମିତ୍ ଏବଂ ଅନ୍ୟ ଦୁଇ ଜଣ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଶିବଙ୍କ ଅଭିଯୋଗକ୍ରମେ ଏୟାରପୋର୍ଟ ଥାନା ପୋଲିସ ମାମଲା (ନଂ.୧୨/୨୦)ରୁଜୁକରି ଦୁଇ ଜଣଙ୍କୁ ଗିରଫ କରିଥିଲା। ହେଲେ ଅମିତ୍ ଫେରାର ହୋଇଯାଇଥିଲେ। ଅମିତ୍‌ଙ୍କୁ ପୋଲିସ ଶନିବାର ଧରିବା ପରେ ଥାନା ହାଜତରେ ରଖି ପଚରାଉଚରା କରୁଥିଲେ। ରବିବାର ସକାଳେ ତାଙ୍କୁ କୋର୍ଟ ଚାଲାଣ କରିବା ପାଇଁ କାଗଜପତ୍ର ପ୍ରସ୍ତୁତ କରାଯାଉଥିଲା। ସକାଳ ୮ଟା ରେ ଅଭିଯୁକ୍ତ ଅମିତ ସେଣ୍ଟ୍ରିଙ୍କୁ ପାଣି ମାଗିଥିଲେ। ସେଣ୍ଟ୍ରି ପାଣି ଆଣିବାକୁ ଯାଇଥିବା ବେଳେ ଡିସିଓଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ଅଭିଯୁକ୍ତ ଥାନାରୁ ଫେରାର ହୋଇଯାଇଥିଲେ। ଅମିତ୍ ଜଣେ ବ୍ରାଉନସୁଗାର ବେପାରୀ ବୋଲି ଜଣାପଡିଛି। ଅଭିଯୁକ୍ତ ଜଣଙ୍କ କିଭଳି ଚମ୍ପଟ ମାରିଲେ, ସେ ନେଇ ତଦନ୍ତ କରାଯିବ ବୋଲି ଜଣାପଡିଛି। ଯାହାର ଅବହେଳା ଥିବା ଜଣାପଡିବ, ତାଙ୍କୁ ନିଲମ୍ବିତ କରାଯିବ ବୋଲି ଡିସିପିଙ୍କ ଅଫିସ ସୂତ୍ରରୁ ଜଣାପଡିଛି।

# ପ୍ରଥମେ ବିରିୟାନୀ, ଏବେ ରଙ୍ଗମିଶା ଭାତ

ଭୁବନେଶ୍ୱର,୧୦।୫(ବ୍ୟୁରୋ)

### ୧୭ ତାରିଖ ପର୍ଯ୍ୟନ୍ତ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ

- ବହୁ ସ୍ଥାନରେ ଦିଆଯାଉନି ଖାଦ୍ୟ
- ସବୁଆଡ଼େ ପହଞ୍ଚିପାରୁନି ବିଏମ୍‌ସି ଟିମ୍



ଲକ୍‌ଡାଉନ୍ ସମୟରେ ଖାଇବାକୁ ପାଉ ନ ଥିବା ବୁଲା କୁକୁର ଓ ଗାଈଗୋରୁଙ୍କୁ ଖାଦ୍ୟ ଯୋଗାଇଦେବାକୁ ରାଜ୍ୟ ସରକାର ଗତ ମାର୍ଚ୍ଚରେ ୫୪ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। ୫ଟି ମହାନଗର ନିଗମ ସହ ୪୮ ପୌରପାଳିକା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏହି ଅର୍ଥ ବରାଦ କରାଯାଇଥିଲା। ମେ' ୯ ପର୍ଯ୍ୟନ୍ତ ଥିବା ଅବଧିକୁ ଏବେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ମହାନଗର ନିଗମ ଏବଂ ପୌରପାଳିକାକୁ ଅବଗତ କରାଯାଇଛି। ହେଲେ ଦିଆଯାଉଥିବା ଖାଦ୍ୟର ମାନ ଓ ପରିମାଣକୁ ନେଇ ବିଭିନ୍ନ ସ୍ଥାନରେ ଅଭିଯୋଗ ହେଉଛି। ବିଶେଷକରି ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳରେ ବିଏମ୍‌ସି ଟିମ୍ ବୁଲା ଜୀବଜନ୍ତୁଙ୍କୁ ଖାଇବାକୁ ଦେଇପାରି ନାହାନ୍ତି। ଏପରିକି ପ୍ରଥମେ ବିରିୟାନୀ ଦିଆଯାଉଥିବାବେଳେ ଏବେ ରଙ୍ଗମିଶା ଭାତ ଦେଖି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଇବାକୁ ୩୭ଦିନ ପାଇଁ ବିଏମ୍‌ସିକୁ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ମୋଟ ୭ଲକ୍ଷ ୪୦ ହଜାର ଟଙ୍କା ଦେଇଥିଲେ। ଏବେ ଆଉ ୧୪ଦିନ ପାଇଁ ୨ଲକ୍ଷ ୮୦ହଜାର ଟଙ୍କା ଅନୁଦାନ ମିଳିଛି। ଦିନକୁ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ କୁକୁରଙ୍କୁ ବିରିୟାନୀ, ଖେଚୁଡ଼ି ଏବଂ ଗାଈ ଓ ଷଣ୍ଢମାନଙ୍କୁ ଗୋଖାଦ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ କେବଳ ମୁଖ୍ୟରାସ୍ତାକୁ ଛାଡ଼ି ଅନ୍ୟ କୌଣସି ଅଞ୍ଚଳରେ ଖାଦ୍ୟ ଦିଆଯାଉ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଛି। ସହରରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ବୁଲା କୁକୁର ରହିଥିବାବେଳେ ୧୫୦୦ରୁ ଊର୍ଦ୍ଧ୍ୱ ଷଣ୍ଢ ରହିଛନ୍ତି। ହେଲେ ବିଏମ୍‌ସି କର୍ତ୍ତୃପକ୍ଷ ମୋଟ ୧୦ ହଜାର କୁକୁର ଓ ୧ହଜାର ଷଣ୍ଢ ଓ ଗାଈଗୋରୁଙ୍କ ପାଖରେ ପହଞ୍ଚିପାରିଛନ୍ତି। ଏତେବଡ଼ ସହର ହୋଇଥିଲେ ମଧ ୪ ଗାଡ଼ି ସହାୟତାରେ ମାତ୍ର ୧୬ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅନ୍ୟପକ୍ଷରେ ଏତେ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ ଦିଆଯାଉଥିବା ଖାଦ୍ୟର ମାନ ସମ୍ପୂର୍ଣ୍ଣ ଖରାପ ଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ବିରିୟାନୀ ଓ ଖେଚୁଡ଼ି ଦିଆଯାଉଥିବାବେଳେ ଏବେ କେବଳ ରଙ୍ଗପକା ଭାତ ଦିଆଯାଉଥିବା ଅନେକ ସ୍ଥାନରେ ଦେଖିବାକୁ ମିଳିଛି। ସେହିଭଳି ଷଣ୍ଢମାନଙ୍କୁ ଗୋଖାଦ୍ୟ କମ୍ ଏବଂ ପାଣି ଅଧିକ ଦିଆଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହାବାଦ୍ ଦିନକୁ ଦୁଇଥର ଖାଦ୍ୟ ଦେବାର ବ୍ୟବସ୍ଥା ରହିଥିଲେ ମଧ ପ୍ରଥମ କିଛିଦିନ ଛାଡ଼ି ବଳକା ଦିନମାନଙ୍କରେ ଦିନକୁ ଥରେ ଦିଆଯାଉଛି।

ଏନେଇ ବିଏମ୍‌ସି ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ କହିଛନ୍ତି, ଜୋନ୍ ଭାଗ କରାଯାଇ କୁକୁର ଓ ଗାଈଗୋରୁଙ୍କୁ ଖାଇବାକୁ ଦିଆଯାଉଛି। ରେସିଡେନ୍ସିଆଲ ଏରିଆରେ ସେମାନଙ୍କୁ ଖାଇବାକୁ ମିଳିଯାଉଥିବାରୁ ଆମେ କେବଳ ମାର୍କେଟ ଏରିଆ ଓ ମୁଖ୍ୟ ରାସ୍ତାରେ ଖାଦ୍ୟ ଦେଉଛୁ। ପ୍ରାୟ ୪ ହଜାର କୁକୁରଙ୍କୁ ଦିନକୁ ସାଢେ ୭ କୁଇଣ୍ଟାଲ ଖାଦ୍ୟ ଏବଂ ୨୦୦ ଷଣ୍ଢଙ୍କୁ ସାଢେ ୩ କଇଣ୍ଟାଲ ଗୋଖାଦ୍ୟ ଦିଆଯାଉଛି।

# ହସ୍ପିଟାଲ ଶଯ୍ୟାରେ ଅସହାୟ ଶ୍ରୀନିବାସ

କଟକ ଅଫିସ,୧୦।୫

- ପଚାରୁ ନାହାନ୍ତି ପରିବାର ଲୋକେ
- ଦୁଇ ଝିଅଙ୍କୁ ଦେଖିବାକୁ ମନ



ଗାଁରେ ତାଙ୍କର ଯୌଥ ପରିବାର। ୫ ଭାଇରେ ସେ ସବୁଠୁ ସାନ। ନିଜ ଲୋକ ଅନେକ ଅଛନ୍ତି। ତଥାପି ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ରେ ଏକୁଟିଆ ପଡ଼ିରହି ଛଟପଟ ହେଉଛନ୍ତି କଟକ ଜିଲା ବଡ଼ମ୍ବା ବଡ଼ବାରେଣା ଗ୍ରାମର ଶ୍ରୀନିବାସ ପଣ୍ଡା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ସେବା କରିବାକୁ ପାଖରେ ନିଜ ଲୋକ କେହି ନାହାନ୍ତି। ସାମାଜିକ କର୍ମୀ ଅଭିମନ୍ୟୁ ଦାସ ତାଙ୍କ ସେବା ଦାୟିତ୍ୱରେ ଥିବାବେଳେ ସରକାରୀ ସ୍ତରରେ ସହାୟତା ଆବଶ୍ୟକ ବୋଲି କହିଛନ୍ତି।

ଶ୍ରୀନିବାସ ମୁଖ କର୍କଟ ରୋଗରେ ପୀଡ଼ିତ। ପାଟିରେ ସଂକ୍ରମଣ ବ୍ୟାପିଯାଇ ଥିବାରୁ ଠିକ ଭାବେ କଥାବାର୍ତ୍ତା କରିପାରୁନାହାନ୍ତି। ଗୋଟିଏ ଜାଗାରେ ପଡ଼ିରହୁଛନ୍ତି। ଯିଏ ଯାହା କହିଲେ ବି କିଛି ଉତ୍ତର ଦେଉ ନାହାନ୍ତି। ଶ୍ରୀନିବାସଙ୍କ ବାପା ଓ ମା'ଙ୍କର ପରଲୋକ ହୋଇସାରିଥିବାବେଳେ ୬ବର୍ଷ ତଳେ ସହଧର୍ମିଣୀ ବବି ପଣ୍ଡାଙ୍କର ଏକ ଅଜଣା ରୋଗରେ ମୃତ୍ୟୁ ଘଟିଥିଲା। ଦୁଇ ଝିଅ ଏବେ ଶାଶୁ ଘରେ। କିଛି ଦିନ ହେବ ଶ୍ରୀନିବାସଙ୍କ ଦେହ ଭଲ ନ ଥିବା ଏବଂ ସବୁ ସମୟରେ ସେ ଘରେ ପଡ଼ି ରହୁଥିବା ଜଣେ ସମ୍ପର୍କୀୟ କହିଥିଲେ। ଖାଇବା ପିଇବା ଏକପ୍ରକାର ବନ୍ଦ ହୋଇଯାଇଥିଲା। ହେଲେ ଶନିବାର ସକାଳେ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ ବାରଣ୍ଡାରେ ଶ୍ରୀନିବାସ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଯାହା ପଚାରିଥିଲେ ବି ସେ କିଛି ଉତ୍ତର ଦେଇ ନ ଥିଲେ। ପରେ ଏ ସମ୍ପର୍କରେ ସାମାଜିକ କର୍ମୀ ଅଭିମନ୍ୟୁ ଖବର ପାଇ ତାଙ୍କୁ ଉଦ୍ଧାର କରିବା ସହ ଅସହାୟ ରୋଗୀ ଭାବେ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରିବାର ଲୋକ ଥିବା ସତ୍ତ୍ୱେ କେହି ସାହାଯ୍ୟ ସହଯୋଗ କରୁ ନ ଥିବାରୁ ଶ୍ରୀନିବାସ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ଶ୍ରୀନିବାସ ଏଭଳି ସମୟରେ ନିଜ ଦୁଇ ଝିଅଙ୍କୁ ଖୋଜୁଥିବା ଅଭିମନ୍ୟୁ କହିଛନ୍ତି।




ଲକ୍‌ଡାଉନ୍‌ରେ କାର୍ଯ୍ୟରତ ବିଏମ୍‌ସିର ସଫେଇ ଓ ଅନ୍ୟ କ୍ଷେତ୍ର କର୍ମଚାରୀଙ୍କୁ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ୟୁନିଟ୍-୩ସ୍ଥିତ ଏହାର ରାଜ୍ୟ ମୁଖ୍ୟାଳୟ ସମ୍ମୁଖରେ ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି।

## ୩୦କିମିକୁ ୩୦ହଜାର ନେଲେ ଅଟୋଚାଳକ

ଖୋର୍ଦ୍ଧା ଅଫିସ,୧୦।୫

କରୋନା ଲାଗି ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ ଜାରି ରହିଛି। ସରକାର ଯାନବାହନ ଚଳାଚଳ ଉପରେ କଟକଣା କରିଛନ୍ତି। ଏଭଳି ସମୟରେ ଗନ୍ତବ୍ୟ ସ୍ଥଳକୁ ଫେରିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକଙ୍କୁ ସହଯୋଗର ହାତ ବଢ଼ାଇବା ପରିବର୍ତ୍ତେ କେତେଜଣ ଅଟୋଚାଳକ ଶୋଷଣ କରୁଥିବା ଖୋର୍ଦ୍ଧା ଜିଲାରେ ଦେଖିବାକୁ ମିଳିଛି। ଭୁବନେଶ୍ୱରର ବିଭିନ୍ନ ଘରୋଇ କମ୍ପାନୀରେ କାର୍ଯ୍ୟରତ ଝାଡ଼ଖଣ୍ଡର ୪୦ଜଣ ଶ୍ରମିକ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ଲାଗି ୩୦କିଲୋମିଟରକୁ ଅଟୋ ଚାଳକଙ୍କୁ ୩୦ହଜାର ଟଙ୍କା ଭରଣା କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବା ଲାଗି ସରକାରଙ୍କ ପକ୍ଷରୁ ଅପରେଶନ ଶୁଭଯାତ୍ରା ପ୍ରକ୍ରିୟା ଜାରି ରହିଛି। ଏହିକ୍ରମରେ ଖୋର୍ଦ୍ଧା ଜିଲାରେ ବିଭିନ୍ନ ରାଜ୍ୟର ଫସିଥିବା ଶ୍ରମିକ ଜିଲା ପ୍ରଶାସନର ଅନୁମତି ନେଇ ନିଜ ରାଜ୍ୟକୁ ଯାତ୍ରା କରୁଛନ୍ତି। ଏହିକ୍ରମରେ ଝାଡଖଣ୍ଡରୁ ପ୍ରଥମ ପର୍ଯ୍ୟାୟରେ ୪ ବସ୍‌ରେ ୧୪୫ଜଣ ଫେରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରରେ ବିଭିନ୍ନ ଘରୋଇ କମ୍ପାନୀ ଅଧୀନରେ କାର୍ଯ୍ୟରତ ୪୦ଜଣ ଶ୍ରମିକ ଫେରିବା ଲାଗି ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଅନୁମତି ମିଳିବା ପରେ ଶନିବାର ସେମାନେ ଭୁବନେଶ୍ୱରରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ଲାଗି ଅଟୋ ବ୍ୟବସ୍ଥା କରିଥିଲେ। ୩୦ କିଲୋମିଟରକୁ ଅଟୋଚାଳକ ଜଣଙ୍କ ପିଛା ୫ଶହରୁ ୧ହଜାର ଟଙ୍କା ଦାବି କରିଥିଲେ। ଅନ୍ୟ ଉପାୟ ନ ପାଇ ଅଧିକ ଟଙ୍କା ଭରଣା କରି ସମସ୍ତ ଶ୍ରମିକ ୮ଟି ଅଟୋରେ ଖୋର୍ଦ୍ଧାରେ ପହଞ୍ଚିଥିଲେ। ରବିବାର ସକାଳେ ସେମାନେ ଝାଡଖଣ୍ଡରୁ ଆସିଥିବା ସ୍ୱତନ୍ତ୍ର ବସରେ ଯାତ୍ରା କରିଥିବା ଜଣାପଡିଛି।

# ବାଲିଅନ୍ତା ସାପ୍ତାହିକ ହାଟରେ ରହୁନି ସାମାଜିକ ଦୂରତ୍ୱ

ବାଲିଅନ୍ତା,୧୦।୫(ଡି.ଏନ୍.ଏ)

କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରକାର ଲକଡାଉନ ବୃଦ୍ଧି କରିଛନ୍ତି। ହେଲେ ଏଥିରେ କିଛି ନିୟମ କୋହଳ କରି ହାଟ, ବଜାର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କେତେଜଣ ଦୋକାନ ଓ ଗ୍ରାହକ ଏହାକୁ ଖାତିର କରୁ ନ ଥିବା ଦେଖିବାକୁ ମିଳୁଛି। ବାଲିଅନ୍ତାର ସାପ୍ତାହିକ ହାଟରେ ରବିବାର ଜନଗହଳି ହୋଇଥିଲା। ବାଲିଅନ୍ତା ମହାତ୍ମା ସେତୁ ନିକଟରୁ ବାଲିଅନ୍ତା କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ୧କି.ମି ବ୍ୟାପୀ ପୂର୍ତ୍ତ ବିଭାଗ ରାସ୍ତାପାର୍ଶ୍ୱରେ ଏହି ହାଟ ବସିଥିଲା। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିଥିଲେ। ତେବେ ଜନଗହଳି ଯୋଗୁ ସାମାଜିକ ଦୂରତା ଦିଗରେ ବ୍ୟତିକ୍ରମ ଦେଖାଯାଇଥିଲା। ବାଲିଅନ୍ତା ବଜାର ଛକରେ ମୁତୟନ ପୋଲିସ କର୍ମଚାରୀ ବ୍ୟବସାୟୀ ଓ ଲୋକଙ୍କୁ ବୁଝାଇବା ସହ ଲାଠିଚାର୍ଜମଧ କରିଥିଲେ। ବ୍ୟବସାୟୀଙ୍କ ଉପରେ ମାଡ଼ ଯୋଗୁ ହାଟକୁ ଆସିଥିବା ଗ୍ରାହକ ଛତ୍ରଭଙ୍ଗ ଦେଇଥିଲେ। ହାଟରେ ଥିବା ଅନ୍ୟ ଜଣେ ପୋଲିସ ଅଧିକାରୀ ବ୍ୟବସାୟୀମାନଙ୍କଠାରୁ ୨୦୦ରୁ ୫୦୦ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିଥିଲେ। ବନମାଳିପୁରରୁ ଆସିଥିବା ଜଣେ ଅଦା ରସୁଣ ବ୍ୟବସାୟୀଙ୍କଠାରୁ ପୋଲିସ ୫୦୦ଟଙ୍କା ଫାଇନ କାଟିଥିଲା। ତେବେ ୫୦୦ଟଙ୍କା ବିକ୍ରି ହୋଇ ନ ଥିବାବେଳେ ବ୍ୟବସାୟୀ ଜଣଙ୍କ ବାଧ ହୋଇ ପାଖରେ ରଖିଥିବା ଟଙ୍କା ଦେଇଥିଲେ। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଥାନାଧିକାରୀ ପ୍ରଦୀପ କୁମାର ରାଉତ କୁହନ୍ତି, ବ୍ୟବସାୟୀଙ୍କୁ ମାଡ଼ ମାରିବା ଘଟଣାକୁ ଅସ୍ୱୀକାର କରିଛନ୍ତି। ପୋଲିସ କର୍ମଚାରୀ କେବଳ ସଚେତନ କରୁଛନ୍ତି। କିନ୍ତୁ ବ୍ୟବସାୟୀମାନେ ସାମାଜିକ ଦୂରତ୍ୱ ନ ମାନି ପରିବା ବିକ୍ରି କରୁଛନ୍ତି। ପୋଲିସ ବାଧ ହୋଇ ସେମାନଙ୍କଠାରୁ ଜରିମାନା ଆଦାୟ କରୁଛି।



ବାଲିଅନ୍ତା ସାପ୍ତାହିକ ହାଟରେ ପୋଲିସ ସଚେତନ କରୁଛି।

# 'ଆକ୍ରମଣକାରୀଙ୍କୁ କଠୋର ଦଣ୍ଡ ମିଳୁ'

କଟକ ଅଫିସ,୧୦।୫



ବ୍ରହ୍ମପୁରରେ ଡାକ୍ତରଙ୍କ ଉପରେ ଆକ୍ରମଣ ଘଟଣାକୁ କଟକ ଏସ୍‌ସିବି ପିଜି ଡାକ୍ତର ସଂଘ ପକ୍ଷରୁ ମୁଁ ଦୃଢ଼ ନିନ୍ଦା କରୁଛି। ଏଭଳି ଦୁର୍ଦ୍ଦିନରେ ସବୁଠି ଜନସାଧାରଣ ଡାକ୍ତରଙ୍କୁ ଅକୁଣ୍ଠ ସମର୍ଥନ କରୁଥିବାବେଳେ କେତେଜଣ ମୁଷ୍ଟିମେୟ ଲୋକଙ୍କ କାର୍ଯ୍ୟକଳାପ ଆମକୁ ବ୍ୟଥିତ କରିଛି। ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡ ଦିଆଯିବା ସହ ଡାକ୍ତରମାନଙ୍କୁ ଜାତୀୟ ସୁରକ୍ଷା ଆଇନ ଅନୁଯାୟୀ ସୁରକ୍ଷା ପ୍ରଦାନ କରାଯାଉ।

**– ଡା. ଆଶିଷ କୁମାର ମିଶ୍ର, ସଭାପତି, ପିଜି ଡାକ୍ତର ସଂଘ, ଏସ୍‌ସିବି**

### ଜାତୀୟ ସୁରକ୍ଷା ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେଉ



ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ସବୁ ହସ୍ପିଟାଲରେ ଡାକ୍ତରଙ୍କ ସୁରକ୍ଷା ନିମନ୍ତେ ଜାତୀୟ ସୁରକ୍ଷା ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉ। ବାରମ୍ବାର ଏଭଳି ଘଟଣା ଆଉ ଡାକ୍ତରମାନଙ୍କ ଦ୍ୱାରା ବରଦାସ୍ତ କରାଯିବ ନାହିଁ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତକୁ କେବଳ ଗିରଫରେ ସୀମିତ ନ ରଖି ଉଚିତ ଦଣ୍ଡ ଦିଆଯାଉ।

**– ଡା. ବିଶ୍ୱନାଥ ପଟ୍ଟନାୟକ, ବରିଷ୍ଠ ଶଲ୍ୟ ଚିକିତ୍ସକ**

### କରୋନା ଯୋଦ୍ଧାଙ୍କୁ ଅସମ୍ମାନ କଷ୍ଟ ଦେଇଛି



ଏବେ ସବୁଠି ଡାକ୍ତରମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇ କରୋନା ବିରୋଧରେ ଦୃଢ଼ ମୁକାବିଲା କରୁଛନ୍ତି। ଏପରି ସମୟରେ କରୋନା ଯୋଦ୍ଧାଙ୍କୁ ଅସମ୍ମାନ ଆମକୁ ଅତ୍ୟନ୍ତ କଷ୍ଟ ଦେଇଛି। ବିନା ଦୋଷରେ ଡାକ୍ତରଙ୍କ ଉପରେ ଅମାନବୀୟ ଆକ୍ରମଣ ଘଟଣାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଏମିତି ହେଲେ ଡାକ୍ତରଙ୍କ ମନୋବଳ ଭାଙ୍ଗିବା ସହ ସମାଜର ଅମଙ୍ଗଳ ହୋଇପାରେ। ତେଣୁ ଏପରି କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ଅନୁରୋଧ କରୁଛି।

**– ଡାକ୍ତର ଜୟନ୍ତ ପଣ୍ଡା, କୋଭିଡ୍-୧୯ ସରକାରୀ ବୈଷୟିକ ମୁଖପାତ୍ର**

# ସାନିଟାଇଜର ଟନେଲ ଉଦ୍‌ଘାଟିତ



କଟକ ଅଫିସ୍,୧୦।୫

କଟକ କ୍ରିମିନାଲ କୋର୍ଟସ୍ ବାର୍ ଆଶୋସିଏସନ ପକ୍ଷରୁ ପ୍ରବେଶ ପଥରେ ଏକ ସାନିଟାଇଜର ଟନେଲ୍‌ର ଉଦ୍‌ଘାଟନ ହେଇଯାଇଛି। ଜିଲା ଓ ଦୌରାଜଜ୍ ରାଜ୍ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବାର କାଉନସିଲ ଇଣ୍ଡିଆର ସଭ୍ୟ ଦେବୀପ୍ରସାଦ ଧଳ, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅଜୟ ବରାଳ, ରଞ୍ଜିତ କେଶରୀ ରାୟ, ଅରୁଣ ମହାନ୍ତି, ଶୁଭ୍ରାଂଶୁ ମହାନ୍ତି ଓ ପ୍ରଦୀପ ପରିଡା, ସତ୍ୟବ୍ରତ ମହାନ୍ତିଙ୍କ ସହ କଟକର ସମସ୍ତ ଜୁଡିସିଆଲ ଅଫିସର ଉପସ୍ଥିତ ଥିଲେ। କ୍ରିମିନାଲ କୋଟସ୍ ବାର୍ ଆଶୋସିଏସନ ସଭାପତି କାମଦେବ କାନୁନଗୋ, ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ବିଭୂତି ଶତପଥୀ, କୋଷାଧ୍ୟକ୍ଷ ଶିଶିର ବିଶ୍ୱାଳ ଉକ୍ତ କାର୍ଯ୍ୟରେ ଆର୍ଥିକ ସହଯୋଗ କରିଛନ୍ତି। ଆସୋସିଏଶନ୍‌ର କାର୍ଯ୍ୟକାରୀ ସଭ୍ୟ ଶେକ୍ ଓସିଉଦ୍ଦିନ ଅହମଦ୍, ଅମିୟରଞ୍ଜନ ସ୍ୱାଇଁ, ରାଜକିଶୋର ମହାରଣା, ଯୋଗେଶ ଆଚାର୍ଯ୍ୟ, ସମରେନ୍ଦ୍ର ସେଠୀ, ଜ୍ୟୋତି ରଞ୍ଜନ ପରିଜା, ନିମେଇଁଚରଣ ନାୟକ, ଦଇତାରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩୭ ଦିନ ପରେ ପୁରୀକୁ ଫେରିଲା କରୋନା

ପୁରୀ ଅଫିସ,୧୦।୫

- ସଂଖ୍ୟା ୩ ଛୁଇଁଲା, ପୂର୍ବରୁ ଜଣେ ସୁସ୍ଥ ହୋଇଥିଲେ
- ଗ୍ରୀନ୍ ଜୋନରୁ ବାଦ୍ ପଡ଼ିପାରେ ପୁରୀ
- ରଥଯାତ୍ରା ପାଇଁ ସଙ୍କଟ ବଢ଼ିଲା

୩୭ ଦିନ ପରେ ପୁରୀ ଜିଲାକୁ ଫେରିଛି କରୋନା। ଜିଲାରୁ ରବିବାର ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଉଭୟେ ପଶ୍ଚିମବଙ୍ଗ ଫେରନ୍ତା ବୋଲି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସ୍ପଷ୍ଟ କରିବା ପରେ ଜିଲାବାସୀଙ୍କ ଚିନ୍ତା ବଢ଼ିଯାଇଛି। ଗ୍ରୀନ୍ ଜୋନରେ ଥିବା ପୁରୀ ଏବେ ଏହି ଜୋନରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଥିବାବେଳେ ମହାପ୍ରଭୁଙ୍କ ରଥଯାତ୍ରା ନେଇ ସଂକଟ ବଢ଼ିଲା ବୋଲି ସହରରେ ଚର୍ଚ୍ଚା ହେଉଛି।

କିଛିଦିନ ଧରି ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ପ୍ରବାସୀ ଓଡ଼ିଆଙ୍କ ପାଇଁ ଏହି ସଂଖ୍ୟା ବଢ଼ୁଥିବା ବେଳେ ପୁରୀ ଜିଲା କିନ୍ତୁ ଗ୍ରୀନ୍ ଜୋନରେ ଥିବାରୁ ଜିଲାବାସୀ ଆଶ୍ୱସ୍ତ ଅନୁଭବ କରୁଥିଲେ। ହେଲେ ଗତ କିଛିଦିନ ଧରି ପ୍ରବାସୀ ଓଡ଼ିଆ ଏବଂ ଅନ୍ୟ ରାଜ୍ୟରୁ ଲୋକେ ଜିଲାକୁ ପ୍ରବେଶ କରିବା ଆରମ୍ଭ କରିଛନ୍ତି। ଏହାରି ଭିତରେ ଏବେ ଜିଲାରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହେବା ସମସ୍ତଙ୍କ ଚିନ୍ତା ବଢାଇ ଦେଇଛି। ତେବେ ପୁରୀ ସହରରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତ ଦୁଇଜଣଙ୍କ ମଧ୍ୟରେ ଜଣେ ମହିଳା ଏବଂ ଜଣେ ପୁରୁଷ ଥିବାବେଳେ ସେମାନେ ସମ୍ପର୍କୀୟ ବୋଲି ଶୁଣିବାକୁ ମିଳୁଛି। ତେବେ ସେମାନେ ପଶ୍ଚିମବଙ୍ଗରୁ କେବେ ଆସିଥିଲେ, କ୍ୱାରାଣ୍ଟାଇନରେ ଥିଲେ ନା ନାହିଁ ତାକୁ ନେଇ ସହରବାସୀ ଭୟଭୀତ ହୋଇପଡ଼ିଥିବା ବେଳେ ପ୍ରଶାସନ ସେମାନଙ୍କ ଟ୍ରାଭେଲ ହିଷ୍ଟ୍ରି ଖୋଜିବା ସହ ଉଭୟେ କାହା କାହା ସଂସ୍ପର୍ଶରେ ଆସିଛନ୍ତି ତାହାର ଅନୁଧ୍ୟାନ ଆରମ୍ଭ କରିଦେଇଛି। ସମ୍ପୃକ୍ତ ଅଞ୍ଚଳକୁ ସାନିଟାଇଜ କରାଯାଇ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯିବ ବୋଲି ଜଣେ ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ମଧ ସଙ୍କଟ ବଢ଼ିଯାଇଛି। ଏହି କରୋନା କଟକଣା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା। ଶେଷରେ କେନ୍ଦ୍ର ସରକାରଙ୍କ ସର୍ତ୍ତମୂଳକ ଅନୁମତି ପରେ ୧୨ ଦିନ ବିଳମ୍ବରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଏବେ ୨ ଆକ୍ରାନ୍ତ ଚିହ୍ନଟ ପରେ ପୁରୀ ଗ୍ରୀନ୍ ଜୋନରୁ ବାଦ୍ ପଡିପାରେ ବୋଲି କୁହାଯାଉଛି। ସୂଚନାଥାଉ କି, ଏପ୍ରିଲ ୩ ତାରିଖରେ ପୁରୀ ଜିଲାର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ପିପିଲି ବ୍ଲକ ଦାନଗହିର ଗାଁର ସମ୍ପୃକ୍ତ ବ୍ୟକ୍ତିଙ୍କର ଦିଲ୍ଲୀ ନିଜାମୁଦ୍ଦିନ ଲିଙ୍କ୍ ରହିଥିଲା। କିଛିଦିନ ମେଡିକାଲରେ ରହି ଚିକିତ୍ସା ହେବା ପରେ ସେ ସୁସ୍ଥ ହୋଇ ଏବେ ଘରେ ଅଛନ୍ତି। ଏହାପରେ ପ୍ରାୟ ପ୍ରତିଦିନ ଜିଲାରୁ କୋଭିଡ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଥିଲା। ୩୬ଦିନ ଜିଲାରେ କେହି ଏହି ପ୍ରାଣଘାତୀ ଭୂତାଣୁ ଦ୍ୱାରା ଆକ୍ରାନ୍ତ ନ ଥିଲେ, ଯାହାକି ଜିଲାବାସୀଙ୍କୁ ଆଶ୍ୱସ୍ତି ଆଣି ଦେଇଥିଲା। ହେଲେ ରବିବାର ଗୋଟିଏ ଦିନରେ ୨ ଆକ୍ରାନ୍ତ ଚିହ୍ନଟ ହେବା ସମସ୍ତଙ୍କ ଚିନ୍ତା ବଢାଇ ଦେଇଛି।

**ସଂକ୍ଷେପରେ**

## ଧାନକଟା ମେଶିନ ପିଟି ହୋଇଯିବାରୁ ଚାଷୀଙ୍କ ପ୍ରାଣଗଲା

ଧାମନଗର, ୧୦।୫(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ କୋଠାର ପଞ୍ଚାୟତ ଦିନାଜପୁର ଗ୍ରାମର ମାଧବ ରାଉତ(୪୦) ନାମକ ଚାଷୀ ଧାନକଟା ମେଶିନରେ ପିଟି ହୋଇ ପ୍ରାଣ ହରାଇଛନ୍ତି। ଶନିବାର ରାତିରେ ଗୁରୁନଗର ଶାସନ ନିକଟ ଦଣ୍ଡାକୁଳ ପାଟରେ ମେଶିନ ଦ୍ୱାରା ଧାନ କଟାଯାଉଥିଲା। ମେଶିନ ଧାନ ଢାଳିବା ସମୟରେ ମାଧବ ପାଲ ସଜାଉଥିଲେ। ଏହି ସମୟରେ ମେଶିନ ପିଟି ହୋଇଯିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଭଦ୍ରକ ମେଡିକାଲ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଦିନାଜପୁର ଗ୍ରାମର ମାଧବ ଜଣେ ସଫଳ ଚାଷୀ ଭାବେ ପରିଚିତ। ସେ ବିଭିନ୍ନ ଆଧୁନିକ ପ୍ରଣାଳୀରେ ଧାନ ଚାଷ କରୁଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଧୁଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଧାନକଟା ମେଶିନକୁ ଜବତ କରାଯାଇ ଥାନାକୁ ଅଣାଯାଇଛି। ମାଧବଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି ।

## ଧାନକଟାକୁ କେନ୍ଦ୍ରକରି ଆକ୍ରମଣ, ଚାଷୀଙ୍କ ମୃତ୍ୟୁ

ବସ୍ତା, ୧୦।୫ (ଡି.ଏନ.ଏ)-ବାଲେଶ୍ୱର ଜିଲା ବସ୍ତା ବ୍ଲକ ପହଣା ଗ୍ରାମରେ ଧାନକଟାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣରେ ଯୋଗୁ ଗୌରାଙ୍ଗ ସୁର (୬୦) ନାମକ ଜଣେ ଚାଷୀଙ୍କର ମୃତ୍ୟୁ ହୋଇଛି। ଶନିବାର ସନ୍ଧ୍ୟାରେ ଗୌରାଙ୍ଗ ଧାନ କାଟି ଆଣି ରଖୁଥିଲେ। ଏହି ସମୟରେ ତାଙ୍କ ଉପରେ ଅତର୍କିତ ଭାବେ ସଂଘବଦ୍ଧ ଭାବେ ଆକ୍ରମଣ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ତାଙ୍କୁ ବସ୍ତା ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ସିଂଲା ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବାର୍ହା ଆକ୍ରମଣରେ ଜଣେ ଗୁରୁତର

କେନ୍ଦୁଝର, ୧୦।୫(ସ୍ୱ.ପ୍ର.)-କେନ୍ଦୁଝର ବନଖଣ୍ଡ ଅଧୀନ ତେଲକୋଇ ବନାଞ୍ଚଳର ଦୁର୍ଲଭପୁର ଗ୍ରାମରେ ବାର୍ହା ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ଅମରେନ୍ଦ୍ର ମହାପାତ୍ର। ସେ ନିକଟସ୍ଥ କାଜୁ ବଗିଚାକୁ ଯାଇଥିବା ବେଳେ ବାର୍ହା ଆକ୍ରମଣର ଶିକାର ହୋଇଥିଲେ। ବାର୍ହା ତାଙ୍କ ଜଙ୍ଘକୁ କାମୁଡି ଦେଇଥିଲା। ଅମରେନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

## ବିଦ୍ୟୁତ୍ ଆଘାତରେ ମହିଳା ଶ୍ରମିକଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୧୦।୫(ଡି.ଏନ.ଏ.)-ପୁରୁଷୋତ୍ତମପୁର ଥାନା ସୁନାଥର ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ମହିଳା ଶ୍ରମିକଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଥାନା ବିରିକୋଟ ଗ୍ରାମର ସୁଦେଷ୍ଣା ମୁଦୁଲି (୩୫)। ବାପଘର ଭାଟକୁମରଡାରେ ରହି ସୁଦେଷ୍ଣା ଶ୍ରମିକ ଭାବେ କାମ କରୁଥିଲେ। ଶନିବାର ଏକ ଘରକାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ମୃତ୍ୟୁ ଘଟିଥିଲା। ପୁରୁଷୋତ୍ତମପୁର ଥାନା ଏସ୍ଆଇ ରମେଶ ଚନ୍ଦ୍ର ପ୍ରଧାନ ରବିବାର ମୃତଦେହ ଜବତ କରି ନଂ.୧୩/୨୦ରେ ମାମଲା ରୁଜୁକରି ବ୍ୟବଚ୍ଛେଦ କରାଇଛନ୍ତି।

# ସୁରଟରୁ ୧,୧୭୨ ଗଞ୍ଜାମ ଆସିଲେ

ଛତ୍ରପୁର,୧୦।୫(ଡି.ଏନ.ଏ)

ଗୁଜୁରାଟ ସୁରଟରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ଆସିଥିବା ପୁଣି ଏକ ଟ୍ରେନ୍ ରବିବାର ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଛି। ପୂର୍ବରୁ କେରଳ ଓ ସୁରଟରୁ ୧୯ ଟ୍ରେନ୍ ଯୋଗେ ଜିଲାକୁ ଆସିଥିବା ଲୋକେ ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଥିଲେ। ହାଇକୋର୍ଟଙ୍କ ସ୍ଥଗିତାଦେଶ ଯୋଗୁ ଶନିବାର କୌଣସି ଟ୍ରେନ୍ ଏଠାକୁ ଆସି ନ ଥିଲା । ହାଇକୋର୍ଟଙ୍କ ଆଦେଶ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ ପରେ ପ୍ରବାସୀମାନେ ରାଜ୍ୟକୁ ଫେରିବା ଆରମ୍ଭ କରିଛନ୍ତି। ଶନିବାର ଗୋଟିଏ ଟ୍ରେନ ସୁରଟରୁ ଆସି ପହଞ୍ଚିଥିବା ବେଳେ



ଜଗନ୍ନାଥପୁର ଷ୍ଟେଶନରେ ଓହ୍ଲାଇଥିବା ପ୍ରବାସୀ ଓଡିଆ ।

ସୋମବାର ଆଉ ୩ ଏବଂ ତାମିଲନାଡୁରୁ ଆସୁଥିବା ଗୋଟିଏ ଟ୍ରେନ୍ ଜଗନ୍ନାଥପୁର ଷ୍ଟେଶନକୁ ଆସିବ ବୋଲି ସୂଚନା ମିଳିଛି। ପ୍ରବାସୀ ଓଡିଆଙ୍କୁ ଧରି ଶନିବାର ଅପରାହ୍ଣ ୧ଟା ୩୦ ମିନିଟ୍‌ରେ ଗୋଟିଏ ଶ୍ରମିକ ସ୍ପେଶାଲ ଟ୍ରେନ୍ ସୁରଟ ଛାଡିଥିଲା।

**ତାମିଲନାଡୁରୁ ୧, ସୁରଟରୁ ୩ ଟ୍ରେନ ପହଞ୍ଚିବ ଆଜି**

ଉକ୍ତ ଟ୍ରେନ୍‌ଟି ରବିବାର ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଅର୍ଥାତ୍ ସନ୍ଧ୍ୟା ୫ଟା ୨୦ରେ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିଥିଲା । ଏଥିରେ ମୋଟ ୧,୧୮୦ ପ୍ରବାସୀ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୧,୧୭୨ ଜଣ କେବଳ ଗଞ୍ଜାମ ଜିଲାର। ଅନ୍ୟ ୮ ଜଣଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାର ୨ ଓ ନୟାଗଡର ୬ ଜଣ ରହିଛନ୍ତି। ଜଗନ୍ନାଇପୁର ଷ୍ଟେଶନରେ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇ ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ବସ୍ ଯୋଗେ ପଠାଯାଇଥିଲା ।

# କ୍ୱାରାଣ୍ଟାଇନ୍‌ରେ ଥିବା ଲୋକଙ୍କୁ ଭେଟିବାକୁ ଗଲେ ହେବ ମାମଲା

ଛତ୍ରପୁର,୧୦।୫(ଡି.ଏନ୍.ଏ.)

ଦେଶର କରୋନା ହଟ୍‌ସ୍ପଟ୍ ଅଞ୍ଚଳରୁ ଗଞ୍ଜାମ ଜିଲାକୁ ଲୋକ ଆସି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅଛନ୍ତି। ବାରମ୍ବାର ତାଗିଦ ଓ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯିବା ପରେ ମଧ କେତେକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ସମ୍ପର୍କୀୟଙ୍କୁ ଭେଟିବାକୁ ଲୋକେ ଉଦ୍ୟମ କରୁଛନ୍ତି। ଏଭଳି ବ୍ୟକ୍ତିଙ୍କ ନାଁରେ ଆଇନ ଉଲ୍ଲଂଘନ ନେଇ ଥାନାରେ ମାମଲା ରୁଜୁ ହେବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଟୁଇଟ୍ କରି ଜଣାଇଛନ୍ତି। ସଂକ୍ରମଣ ରୋକିବା ଲାଗି କ୍ୱାରାଣ୍ଟାଇନ୍ ସେଣ୍ଟରଠାରୁ ଦୂରେଇ ରହିବାକୁ ଜିଲାବାସୀଙ୍କୁ ଜିଲାପାଳ ପୁନର୍ବାର ଅନୁରୋଧ କରିଛନ୍ତି। ଏଥିସହ ପୋଖରୀରେ ନ ଗାଧୋଇବା, ମାସ୍କ ଓ ଗ୍ଲୋଭ୍ସ ବ୍ୟବହାର, ସାମାଜିକ ଦୂରତ୍ୱ ରକ୍ଷା କରିବା, ଗୋଟିଏ ସ୍ଥାନରେ ୫ରୁ ଅଧିକ ଲୋକ ରୁଣ୍ଡ ନ ହେବା, ଗୁଜବ ସୃଷ୍ଟି ନ କରିବା ଓ ଗୁଜବକୁ ବିଶ୍ୱାସ ନ କରିବାକୁ ଜିଲାପାଳ ଅନ୍ୟ ଏକ ଟୁଇଟ କରି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

# ଉତ୍ତର ଓଡ଼ିଶାରେ ସ୍ଥିତି ବିଗୁଡୁଛି

ବାଲେଶର ଅଫିସ/ଭୋଗରାଇ/ଭଦ୍ରକ ଅଫିସ/ବାରିପଦା ଅଫିସ/କପ୍ତିପଦା, ୧୦।୫(ଡି.ଏନ.ଏ.)

- ଗୋଟିଏ ଦିନରେ ୨୨ପଜିଟିଭ
- ବାଲେଶ୍ୱର ୧୫, ଭଦ୍ରକ ୬, ମୟୂରଭଞ୍ଜ ୧

ଉତ୍ତରଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ରବିବାର ଗୋଟିଏ ଦିନରେ ୨୨ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏକାବେଳେ ଏତେସଂଖ୍ୟକ ପଜିଟିଭ୍ ବାହାରିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ୪ଜିଲାରେ ସ୍ଥିତି ଏକପ୍ରକାର ବିଗିଡିବାରେ ଲାଗିଛି। ସେମାନଙ୍କ ମଧ୍ୟରେ କେବଳ ବାଲେଶ୍ୱରରେ ୧୫ ହୋଇଥିବା ବେଳେ ଭଦ୍ରକରେ ୬ ଓ ମୟୂରଭଞ୍ଜ ଜିଲାରେ ଜଣେ ସଂକ୍ରମିତ ଅଛନ୍ତି। ବାଲେଶ୍ୱର ଜିଲାରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ୧୧ଜଣ ପଶ୍ଚିମବଙ୍ଗରୁ ଆସିଥିବା ବେଳେ ୩ଜଣ କେରଳ ଓ ଜଣେ ବାଙ୍ଗାଲୋରରୁ ଆସିଛନ୍ତି। ଭଦ୍ରକ ଜିଲାର ୬ ଓ ମୟୂରଭଞ୍ଜ ଜିଲାର ଜଣେ ସଂକ୍ରମିତ ସୁରଟ ଫେରନ୍ତା ବୋଲି ଜଣାପଡିଛି।

ବାଲେଶ୍ୱର ଜିଲାର ସଂକ୍ରମିତମାନେ ଭୋଗରାଇ ବ୍ଲକର। ସେମାନେ ବାହାରୁ ଆସି ବିଭିନ୍ନ ପଞ୍ଚାୟତ ପକ୍ଷରୁ କରାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ୧୧ପୁରୁଷ ଓ ୪ମହିଳା ଅଛନ୍ତି । ଉପଜିଲାପାଳ ନିଲୁ ମହାପାତ୍ରଙ୍କ ସହ ଡାକ୍ତରୀ ଟିମ୍ କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚି ସଂକ୍ରମିତମାନଙ୍କୁ ଆଣି ରବିବାର କୁରୁଡ଼ାସ୍ଥିତ ଜ୍ୟୋତି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୨ରେ ପହଞ୍ଚିଛି । ସେଥିମଧ୍ୟରୁ ୯ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୩୩ ଜଣେ ଚିକିତ୍ସାଧୀନ ଅଛନ୍ତି।

ଭଦ୍ରକ ଜିଲାରେ ରବିବାର ଚିହ୍ନଟ ହୋଇଥିବା ୬ଜଣଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ସଂକ୍ରମିତମାନେ କେଉଁ ଅଞ୍ଚଳର ତାହା ନିର୍ଦ୍ଦିଷ୍ଟ ଭାବେ ଜିଲା ପ୍ରଶାସନ ସୂଚନା ଦେଇନାହିଁ। ଏମାନଙ୍କ ମଧ୍ୟରୁ ୫ଜଣ ବାସୁଦେବପୁର ପୌରପାଳିକା ଅଞ୍ଚଳର ବୋଲି ଶୁଣିବାକୁ ମିଳିଛି। ୧୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି।

ସେହିପରି ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକରେ ଆଉ ଜଣେ ୩୭ ବର୍ଷୀୟ ବ୍ୟକ୍ତି ସଂକ୍ରମିତ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮ ଛୁଇଁଛି।

## ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

ଠାକୁରମୁଣ୍ଡା,୧୦।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେଶଡ଼ିହା ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ମହୁଲଡିହା ଥାନା ଅନ୍ତର୍ଗତ ଜାମୁନଣ୍ଡା ଗ୍ରାମର ମହେନ୍ଦ୍ର ସମାଡ଼। ସୂଚନା ଅନୁଯାୟୀ,ମହେନ୍ଦ୍ର ତାଙ୍କର ସମ୍ପର୍କୀୟ କେଶଡିହା ପୁରୁଣାପାଣି ଗ୍ରାମର ଲକ୍ଷ୍ମୀଧର ସମାଡ଼ଙ୍କ ଘରକୁ ଯାଇଥିଲେ। ଅପରାହ୍ନ୨.୩୦ ମିନିଟ ସମୟରେ ବର୍ଷା ଆସିଯିବାରୁ ଲକ୍ଷ୍ମୀଧର ଘର ନିକଟରେ ପକାଇଥିବା ମାଟି ଇଟା ନ ଭିଜିବା ପାଇଁ ମହେନ୍ଦ୍ର ଓ ଲକ୍ଷ୍ମୀଧରଙ୍କ ପରିବାରର ନନ୍ଦିଆ ସମାଡ଼, ରବୀନ୍ଦ୍ର ସମାଡ଼ , ଶୁଭାଶିନୀ ସାମାଡ଼ ଇଟାଗୁଡିକୁ ସଜାଡୁଥିଲେ। ଏହି ସମୟରେ ସେଠାରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୪ ଜଣ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମବାହିନୀ ସେମାନଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲା ବେଳେ ଅନ୍ୟ ୩ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କଲେ ସ୍ୱାସ୍ଥ୍ୟ ଟିମ୍



ନାରାୟଣପୁର ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ପ୍ରତିନିଧି ଦଳ।

ଗୋପାଳପୁର,୧୦।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଦ୍ରୁତ ଗତିରେ କରୋନା ପଜିଟିଭଙ୍କ ସଂଖ୍ୟା ବଢିବାରେ ଲାଗିଛି। ରବିବାର ଡବ୍ଲ୍ୟୁଏଚ୍ଓ, ଆଇସିଏମ୍ଆର ପ୍ରତିନିଧି ଦଳ ଦୁଇଟି ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଛନ୍ତି।

ମଧ୍ୟାହ୍ନରେ ଆଇସିଏମ୍ଆର ବୈଜ୍ଞାନିକ ଡାକ୍ତର ଜୟପ୍ରକାଶ କ୍ଷତ୍ରୀ ଓ ଡବ୍ଲ୍ୟୁଏଚ୍ଓ ଷ୍ଟେଟ୍ ପ୍ରୋଗ୍ରାମ ଅଫିସର ଡାକ୍ତର ନୀହାର ରାୟ ରଙ୍ଗେଇଲୁଣ୍ଡା ବ୍ଲକ କରାପଲ୍ଲୀ ଆଦର୍ଶ ବିଦ୍ୟାଳୟ ଓ ନାରାୟଣପୁର ପଞ୍ଚାୟତ ହାଇସ୍କୁଲ ସଙ୍ଗରୋଧ ଗୃହ ପରିଦର୍ଶନ କରିଥିଲେ। କେନ୍ଦ୍ର ଅଧିକାରୀ, ଏଏନ୍ଏମ୍ ଓ ଅନ୍ୟ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଖାଇବାକୁ ଠିକ୍ ଦିଆଯାଉଛି କି ନାହିଁ, ଅସୁସ୍ଥତା ଅନୁଭବ କଲେ ଚିକିତ୍ସା ହେଉଛି କି ନାହିଁ ବୁଝିଥିଲେ। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନାମ ପ୍ରତିଦିନ ତାଲିକା କରି ପ୍ରକାଶ କରିବାକୁ ପ୍ରତିନିଧି ଦଳ କହିଥିଲେ। ଜିଲାର ଅଧିକାରୀ ଓ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବଳାତ୍କାର ପରେ ତଣ୍ଟିଚିପି ହତ୍ୟା ସନ୍ଦେହ

ଦିଗପହଣ୍ଡି,୧୦।୫(ଡି.ଏନ.ଏ.)

**ନଦୀ ପଠାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ଦେଓଖାଳି ଗ୍ରାମ ନିକଟ କଣ୍ଟେଇଯୋଡ଼ି ନଦୀପଠାରୁ ଜଣେ ଯୁବତୀଙ୍କ କ୍ଷତାକ୍ତ ମୃତଦେହ ରବିବାର ପୋଲିସ ଉଦ୍ଧାର କରିଛି। ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଓ ଅନ୍ୟମାନେ ତଦନ୍ତ ଚଳାଇଛନ୍ତି। ଯୁବତୀଙ୍କ ନାକରୁ ରକ୍ତ ବାହାରୁଥିବା ସହ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ରାମ୍ପୁଡା ଚିହ୍ନ ଥିବାରୁ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି।

ପ୍ରକାଶ ଯେ, ରବିବାର ଯୁବତୀ ଜଣକ ଚାଷ ଜମିକୁ ଯାଇଥିଲେ। କାମସାରି ନଦୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ଝିଅ ଘରକୁ ପଳାଇଥିବ ଭାବି ମା’ ଫେରି ଆସିଥିଲେ। ଘରେ ଝିଅ ନ ଥିବା ଦେଖି ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପୂର୍ବାହ୍ନ ପ୍ରାୟ ୧୦ ଟାରେ ଗ୍ରାମର କେତେଜଣ ବ୍ୟକ୍ତି ନଦୀପଠାରେ ଯୁବତୀଙ୍କ ମୃତଦେହ ପଡିଥିବା ଦେଖି ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ନଂ.୨/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଅନ୍ତେବାସୀଙ୍କୁ ଗାଳିଦେଇ ଶିକ୍ଷକ ନିଲମ୍ବିତ

ଦିଗପହଣ୍ଡି,୧୦।୫(ଡି.ଏନ.ଏ.)

ସଙ୍ଗରୋଧ ଗୃହରେ ଅନ୍ତେବାସୀଙ୍କୁ ଗାଳିଗୁଲଜ କରିବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ଏନେଇ ଭିଡିଓ ଭାଇରାଲ ପରେ ସମ୍ପୃକ୍ତ ଶିକ୍ଷକଙ୍କୁ ବିଇଓ ନିଲମ୍ବିତ କରିଛନ୍ତି। ସେ ହେଲେ ଜକର ନୋଡାଲ ୟୁପି ସ୍କୁଲ ସହକାରୀ ଶିକ୍ଷକ ବିଶ୍ୱଜିତ୍ ପ୍ରଧାନ। ଦିଗପହଣ୍ଡି ବ୍ଲକ ଜକର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ ଗୃହ ଦାୟିତ୍ୱରେ ଥିବା ଶିକ୍ଷକ ବିଶ୍ୱଜିତ ଅନ୍ତେବାସୀଙ୍କୁ ଗାଳିଗୁଲଜ କରୁଥିବା ଭିଡିଓ ଶନିବାର ଭାଇରାଲ ହୋଇଥିଲା। ରବିବାର ତାଙ୍କୁ ନିଲମ୍ବିତ କରାଯାଇଥିବା ବିଇଓ ବସନ୍ତ କୁମାର ପଣ୍ଡା ଜଣାଇଛନ୍ତି। ବିଇଓଙ୍କ ନିର୍ଦ୍ଦେଶ କ୍ରମେ ଘଟଣା ସମ୍ପର୍କରେ ତଦନ୍ତ ପାଇଁ ରବିବାର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ଗୋଷ୍ଠୀ ସାଧନ କର୍ମୀ ସୁଦର୍ଶନ ସେଠୀ ଉକ୍ତ କେନ୍ଦ୍ରକୁ ଯାଇ ତଦନ୍ତ କରି ବିଇଓଙ୍କୁ ରିପୋର୍ଟ ଦେଇଥିଲେ। ବିଇଓ ସହକାରୀ ଶିକ୍ଷକ ବିଶ୍ୱଜିତ୍‌ଙ୍କୁ ଡିଇଓ ଅମୂଲ୍ୟ ପ୍ରଧାନଙ୍କ ନିର୍ଦ୍ଦେଶରେ ନିଲମ୍ବିତ କରିଛନ୍ତି।

# କୁମ୍ପି ଭାଙ୍ଗି କୋଭିଡ୍ ଫଣ୍ଡକୁ ଦାନକଲେ ଛାତ୍ର

କବିସୂର୍ଯ୍ୟନଗର, ୧୦।୫(ଡି.ଏନ୍.ଏ.)

ବର୍ଷକର ଖର୍ଚ୍ଚକୁ ସପ୍ତମ ଶ୍ରେଣୀ ଛାତ୍ର ସାର୍ଥକ କୁମାର କବିସୂର୍ଯ୍ୟନଗର ତହସିଲଦାର ପ୍ରକାଶ କୁମାର ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ (କୋଭିଡ୍)କୁ ଦାନ କରିଛନ୍ତି। ବାପା, ମା’ ଦେଇଥିବା ପକେଟ ମନିକୁ ଖର୍ଚ୍ଚ ନ କରି ସେ କୁମ୍ପିରେ ସଞ୍ଚୟ କରି ରଖିଥିଲେ। ଉକ୍ତ ୨୧୦୧ ଟଙ୍କା ସେ ଦାନ କରିଛନ୍ତି। ସାର୍ଥକ ହାଇକୋର୍ଟ ଓକିଲ ପ୍ରଭାତ କୁମାର ସାମଲଙ୍କ ପୁତ୍ର।



ତହସିଲଦାରଙ୍କୁ ଅର୍ଥ ପ୍ରଦାନ କରୁଛନ୍ତି ଛାତ୍ର।

## କୋଭିଡ୍ ହସ୍ପିଟାଲ ପାଇଁ ଜିଲାପାଳଙ୍କ ଅନୁଧ୍ୟାନ



ଜିଲାପାଳ ଓ ଅନ୍ୟମାନେ ପ୍ରସ୍ତାବିତ କୋଭିଡ୍ ହସ୍ପିଟାଲ ବୁଲି ଦେଖୁଛନ୍ତି।

ହିଞ୍ଜିଳିକାଟୁ,୧୦।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଅଧିକ କୋଭିଡ୍ ହସ୍ପିଟାଲ କରାଯିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲାରେ ବର୍ତ୍ତମାନ ଶୀତଳାପଲ୍ଲୀରେ କୋଭିଡ୍ ହସ୍ପିଟାଲ ଅଛି। ଆଗକୁ ହିଞ୍ଜିଳି, ଭଞ୍ଜନଗର, ଛତ୍ରପୁର ଓ ଶୀତଳାପଲ୍ଲୀସ୍ଥିତ ପାରଳା ଇଞ୍ଜିନିୟରିଂ କଲେଜରେ ମଧ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି। ହିଞ୍ଜିଳିକାଟୁ ଆର୍ଏମ୍‌ସି ବଜାର ପ୍ରାଙ୍ଗଣରେ ନିର୍ମାଣାଧୀନ କାଟାଗୋରୀ-୨ ସବ୍‌ଡିଭିଜନ ହସ୍ପିଟାଲକୁ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କରାଯିବ। ରବିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ମାଣାଧୀନ ଏହି ହସ୍ପିଟାଲ ବୁଲି ଦେଖିବା ସହ ଆନୁଷଙ୍ଗିକ ବ୍ୟବସ୍ଥା ଯାଞ୍ଚ କରିଥିଲେ। ହିଞ୍ଜିଳିକାଟୁ କୋଭିଡ୍ ହସ୍ପିଟାଲ ପାଇଁ ଡ଼ା ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ନୋଡ଼ାଲ ମେଡ଼ିକାଲ ଅଫିସର ଭାବେ ଚୟନ କରାଯାଇଛି। ସେହିପରି ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନୋଡ଼ାଲ ପ୍ରଶାସନିକ ଅଧିକାରୀ ଚୟନ କରାଯାଇଛି। ହସ୍ପିଟାଲ ପାଇଁ ଆବଶ୍ୟକ ସରଞ୍ଜାମ ଖୁବଶୀଘ୍ର ଆସିବ ବୋଲି ସୂଚନା ମିଳିଛି। ଜିଲାପାଳଙ୍କ ଗସ୍ତ ବେଳେ ତହସିଲଦାର ଗୋପୀନାଥ କୁଅଁର, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ପୌର ନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁପ୍ରମୁଖ ଉପସ୍ଥିତ ଥିଲେ।

# ବାଘଛାଲ ଜବତ ଘଟଣା: ୪ କୋର୍ଟ ଚାଲାଣ



ଜବତ ବାଘ ଛାଲ।



ବନ କର୍ମଚାରୀଙ୍କ ସହ ଗିରଫ ୪ ଅଭିଯୁକ୍ତ।

ଠାକୁରମୁଣ୍ଡା ,୧୦।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଧୀନସ୍ଥ ଟଙ୍ଗାବିଲାଠାରେ ଥିବା ଏକ ପରିତ୍ୟକ୍ତ ଘରେ କଲରାପତରିଆ ବାଘ ଚମଡ଼ାକୁ ବିକ୍ରି ପାଇଁ ମସୁଧା ଚାଲିଥିଲା। ଖବରପାଇ ଶନିବାର ବନ ବିଭାଗର ଏକ ଟିମ୍ ସେଠାରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ କାବୁ କରିବା ସହ ବିକ୍ରି ହେବାକୁ ଥିବା ବାଘ ଚମଡା ସହିତ ଏକ ବାଇକକୁ ଜବତ କରିଛି। ପରେ ଏହି ର୍ୟାକେଟରେ ସମ୍ପୃକ୍ତ ଥିବା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀଙ୍କୁ ମିଶାଇ ମୋଟ ୪ ଜଣକୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କରଞ୍ଜିଆ ଅଞ୍ଚଳର ସୁବାଷ ସାହୁ, କ୍ଷୀରୋଦ ମହାନ୍ତ, ରଣଜିତ ନାଏକ ଓ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଗଣେଶ ସିଂ। ଉଦ୍ଧାର ବାଘର ଚମଡ଼ା ୨ ବର୍ଷ ତଳର ବୋଲି ବନ ବିଭାଗ କରିଛି। ଡେପୁଟି ଡ଼ାଇରେକ୍ଟର କପିଳ ପ୍ରସାଦ ଦାସ,ଏସିଆର ରେଞ୍ଜର ରାମାକାନ୍ତ ମାଝୀ, ତାଳବନ୍ଧ ରେଞ୍ଜର ମଧୁସ୍ମିତା ଦାସ, ପୋଡ଼ାଡିହା ରେଞ୍ଜର ମଦନ ନାୟକଙ୍କ ସମେତ ବନ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# କରୋନା ଭୟ: କପ୍ତିପଦା ବଜାର ୭୨ ଘଣ୍ଟା ବନ୍ଦ

କପ୍ତିପଦା,୧୦।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଞ୍ଚଳରେ ରବିବାର ପୁଣି ଜଣେ ସୁରଟ ଫେରନ୍ତା କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଅଞ୍ଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଏହି ବ୍ଲକ ଅଞ୍ଚଳରୁ ଗତ ୭ ତାରିଖରେ ୪ ଓ ୯ ତାରିଖରେ ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ନିକଟସ୍ଥ ଉଦଳାବାସୀ ମଧ ନାନା ଆଶଙ୍କାରେ ରହିଛନ୍ତି। ରବିବାର ଚିହ୍ନଟ ହୋଇଥିବା ଆକ୍ରାନ୍ତ ଜଣକ ପୁରୁଷ ଓ ତାଙ୍କ ବୟସ ୩୫ ବର୍ଷ ବୋଲି ଜଣାପଡ଼ିଛି । ସେ ସୁରଟରେ କାମ କରୁଥିଲେ। ଗତ ୪ ତାରିଖରେ ଏକ ବସ୍‌ରେ ଆସି ସୋରରେ ଓହ୍ଲାଇଥିବା ବେଳେ ଏକ ଘରୋଇ କାର୍ ଯୋଗେ କପ୍ତିପଦା ଆସିଥିଲେ। ଘରକୁ ଆସିବା ପରେ ସେ କ୍ୱାରାଣ୍ଟାଇନ୍ ନିୟମ ଠିକ୍ ଭାବେ ନ ମାନି ପରିବାର ଓ ବଜାରର କିଛି ଲୋକଙ୍କ ସଂସ୍ପର୍ଶରେ ଆସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ରବିବାର ଅପରାହ୍ନରୁ ୭୨ ଘଣ୍ଟା ପର୍ଯ୍ୟନ୍ତ କପ୍ତିପଦା ବଜାର ସମ୍ପୂର୍ଣ୍ଣ ବନ୍ଦ ରଖାଯିବା ଲାଗି ନିଷ୍ପତ୍ତି ହୋଇଛି। ସଂକ୍ରମଣ ନ ବଢ଼ାଇବା ପାଇଁ ବୁଦ୍ଧିଜୀବୀ ଓ ବଜାର କମିଟି ସଦସ୍ୟଙ୍କ ସହ ଆଲୋଚନା ପରେ କେବଳ ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ ବୋଲି ବଜାର କମିଟି ସଭାପତି ସୁବାସ ଚନ୍ଦ୍ର ସାଏ କହିଛନ୍ତି।

ଆକ୍ରାନ୍ତ ଜଣକ ୪ ତାରିଖ ସନ୍ଧ୍ୟାରେ କପ୍ତିପଦା କଲେଜ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପହଞ୍ଚି ସେଠାରେ ରାତିରେ ରହିଥିଲେ। ୫ ତାରିଖରେ ତାଙ୍କୁ କପ୍ତିପଦା ହାଇସ୍କୁଲରେ ହୋଇଥିବା ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଥିଲା । ୬ ତାରିଖରେ ପରୀକ୍ଷା ପାଇଁ ତାଙ୍କର ସ୍ୱାବ୍ ନିଆଯାଇଥିବା ବେଳେ ୧୦ ତାରିଖରେ ରିପୋର୍ଟ ପଜିଟିଭ୍ ଆସିଛି। ତେବେ ସେ ଘରୋଇ କାର୍ ଡ୍ରାଇଭର ଓ କ୍ୱାରାଣ୍ଟାଇନ୍ କେନ୍ଦ୍ରର ସଫେଇ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବାରୁ ତାଙ୍କ ଟ୍ରାଭେଲ ହିଷ୍ଟ୍ରି ଠିକ୍ ଭାବେ ଯାଞ୍ଚ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଅଞ୍ଚଳବାସୀଙ୍କ ଦାବିକୁ ନେଇ ସ୍ଥାନୀୟ କପ୍ତିପଦା ସରପଞ୍ଚ ପ୍ରମୋଦ ସିଂ ପଞ୍ଚାୟତକୁ ସଟ୍‌ଡାଉନ କରିବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ତାଙ୍କୁ ପ୍ରଶାସନିକ ଅନୁମତି ମିଳି ନ ଥିବା ସେ କହିଛନ୍ତି ।

ସେହିପରି ପୂର୍ବ ଆକ୍ରାନ୍ତଙ୍କ ମଧ୍ୟରୁ ୬ ଜଣ ପିଙ୍ଗୁ ଗ୍ରାମର ହୋଇଥିବାବେଳେ ସେମାନେ ପିଙ୍ଗୁ ନୁଦୁଡିହା ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହୁଥିଲେ। ସେହିପରି ଜେଏସଜାମୁଡିହା ପଞ୍ଚାୟତ ଭଣ୍ଡାରିପାଳ ବାଲିପୋଷି ଗ୍ରାମର ଜଣେ ଆକ୍ରାନ୍ତ ପୋଡ଼ାଡିହା ମ.ଇ. ବିଦ୍ୟାଳୟ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହୁଥିଲେ। ପିଙ୍ଗୁ ନୁଦୁଡିହାରେ ଠିକ୍ ଭାବେ ସାନିଟାଇଜ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପିଙ୍ଗୁ କ୍ୱାରାଣ୍ଟାଇନ କେନ୍ଦ୍ରର ୧୦୦ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ଅଞ୍ଚଳକୁ କେହି ପ୍ରବେଶ ନ କରିବା ପାଇଁ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରାଯାଇଛି।



ଲକ୍‌ଡାଉନ ବେଳେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଡୁକୋନ ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ ସେୟାର କରିବାରେ ସକ୍ରିୟ ଥିବାବେଳେ ମାତୃଦିବସ ଅବସରରେ ମାଆ ଉଜ୍ଜାଲା ପାଡୁକୋନ ଓ ଶାଶୁ ଅଞ୍ଜୁ ଭାବନାନିଙ୍କ ପାଇଁ ଆବେଗଭରା ତଥ୍ୟ ପୋଷ୍ଟ କରିଛନ୍ତି। ଏଥିସହିତ ସେ ତାଙ୍କ ପିଲାବେଳର କିଛି ଫଟୋକୁ ମଧ୍ୟ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



# ସର୍ବବୃହତ୍ ଟ୍ୟୁଲିପ୍ ଗାର୍ଡେନ୍

**ଉତ୍ତରାଖଣ୍ଡ:** ବିଶ୍ୱର ସବୁଠୁ ବଡ଼ ଟ୍ୟୁଲିପ୍ ଗାର୍ଡେନ୍‌ର ସୌନ୍ଦର୍ଯ୍ୟ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହାକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂହ ରାୱତ୍। ଉତ୍ତରାଖଣ୍ଡର ମୁନ୍‌ସିୟାରୀଠାରେ ଥିବା ଟ୍ୟୁଲିପ୍ ଗାର୍ଡେନ ଦେଖିବା ପାଇଁ ଦେଶ ବିଦେଶର ବହୁ ପର୍ଯ୍ୟଟକ ଆସିଥାନ୍ତି। ଏବେ ଲକ୍‌ଡାଉନ୍ ପାଇଁ କଟକଣା ଥିବାରୁ ଏଠାକୁ କେହି ଆସୁନାହାନ୍ତି। କିନ୍ତୁ ଏବେ ଟ୍ୟୁଲିପ୍ ଫୁଲ ବଗିଚାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର। ହିମାଳୟ ପର୍ବତ ନିକଟରେ ଥିବା ଏହି ପରିବେଶର ସୌନ୍ଦର୍ଯ୍ୟ ଦେଖିବା ପରେ ଲୋକେ ନିଶ୍ଚିତ ରୂପେ ଆତ୍ମହରା ହୋଇଯିବେ। ସେଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ଅଫିସିଆଲ୍ ଟୁଇଟର ଆକାଉଣ୍ଟରେ ଏହାର ଫଟୋ ଏବଂ ଭିଡିଓ ପୋଷ୍ଟ କରିଛନ୍ତି।



ମୁଖ୍ୟମନ୍ତ୍ରୀ ଏହି ଫଟୋକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିବାର କିଛି ସମୟ ପରେ ତାହା ଭାଇରାଲ୍ ହେବାରେ ଲାଗିଛି। ଫଟୋ ଶେୟାର କରି ସେ କହିଛନ୍ତି, ଟ୍ୟୁଲିପ୍ ଗାର୍ଡେନ୍‌କୁ ନେଇ ତାଙ୍କ ଡ୍ରିମ୍ ପ୍ରୋଜେକ୍ଟ ସଫଳ ହୋଇଥିବାରୁ ସେ ବହୁତ ଖୁସି ଏବଂ ଏହାକୁ ସମସ୍ତଙ୍କୁ ଦେଖାଇବାକୁ ଚାହିଁଛନ୍ତି। ଲକ୍‌ଡାଉନ୍ ଯୋଗୁ ପର୍ଯ୍ୟଟକମାନେ ଏହି ଦୃଶ୍ୟ ଉପଭୋଗ କରିବାରୁ ବଞ୍ଚିତ ଥିବାବେଳେ ଏବେ ଏହାର ଫଟୋ ଓ ଭିଡିଓକୁ ଦେଖିବାର ସୁଯୋଗ ପାଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଏହି ଫଟୋ ଶେୟାର କରିବା ପରେ ଏବେ ଏହାକୁ ପ୍ରାୟ ୭ହଜାର ଲୋକ ପସନ୍ଦ କରିଥିବାବେଳେ ପାଖାପାଖି ଦେଢ଼ ହଜାର ଲୋକ ଏନେଇ ରିଟୁଇଟ୍ କରିଛନ୍ତି।

## କରୋନା ନେଇ କୁନ୍ଦ୍ରାଙ୍କୁ ଡରାଇଲେ ଶିଳ୍ପା



ଶିଳ୍ପା ସେଟ୍ଟି

**ମୁମ୍ବାଇ:** କରୋନା ଭାଇରସ କାରଣରୁ ଦେଶରେ ଲକ୍‌ଡାଉନ ୩.୦ ଜାରି ରହିଛି। ଏହି ସମୟରେ ପ୍ରାୟ ସବୁ ସେଲିବ୍ରିଟି ଘରେ ରହି ସମୟ କାଟୁଥିବା ବେଳେ ସମୟ ସମୟରେ ଏମାନଙ୍କର କିଛି ମଜାଳିଆ ଭିଡିଓ ଦର୍ଶକଙ୍କୁ ମନୋରଞ୍ଜନ ଦେଉଛି। ବଲିଉଡ୍ ନାୟିକା ଶିଳ୍ପା ସେଟ୍ଟିଙ୍କର ଏକ ଟିକ୍‌ଟକ୍ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହା ଦର୍ଶକ ତଥା ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି। ଉକ୍ତ ଭିଡିଓରେ ଶିଳ୍ପା ଫୋନରେ କାହା ସହ କଥା ହେଉଥିବା ଦେଖାଯାଉଛି। ଏହାପରେ ସେ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାକୁ କହୁଛନ୍ତି, 'ଜାଣିଛ ଆମ ପଡ଼ୋଶୀଙ୍କୁ କରୋନା ହୋଇଯାଇଛି'। ଆଉ ଏହା ଶୁଣିବା ପରେ ରାଜ ଡରି ଯାଇଛନ୍ତି। ସେ ସାଙ୍ଗେ ସାଙ୍ଗେ ୱାଶରୁମ୍ ଯାଇ ହାତମୁହଁ ଧୋଉଛନ୍ତି। ଦର୍ଶକଙ୍କୁ ଏହି ଭିଡିଓଟି ବେଶ୍ ପସନ୍ଦ ଆସିଛି। ଏହା ପୂର୍ବରୁ ମଧ୍ୟ ଶିଳ୍ପାଙ୍କର ଆଳୁ ପରଟାକୁ ନେଇ ଏକ ଭିଡିଓ ଖୁବ୍ ଭାଇରାଲ ହୋଇଥିଲା।

## କରୋନା ବିରୋଧୀ କବଚ

**ଅହମ୍ମଦାବାଦ:** ଗୁଜରାଟ ଜାମନଗରରେ ଥିବା ଗୁରୁ ଗୋବିନ୍ଦ ସିଂହ ହସ୍‌ପିଟାଲର ଡାକ୍ତରମାନେ କବଚ ନାମରେ ଏକ ସ୍ୱତନ୍ତ୍ର ଧରଣର ପୋଷାକ ତିଆରି କରିଛନ୍ତି। ଏଠାରେ ଡାକ୍ତରମାନେ ଚିକିତ୍ସା ନିମନ୍ତେ ଆବଶ୍ୟକ ପର୍ସନାଲ୍ ପ୍ରୋଟେକ୍ଟିଭ୍ ଇକ୍ୱିପ୍‌ମେଣ୍ଟ (ପିପିଇ) କିଟ୍‌ର ଅଭାବ ଦେଖିବା ପରେ ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ବିକଳ୍ପ ଚିନ୍ତା କରିଥିଲେ ଏବଂ କବଚ ନାମକ ଏକପ୍ରକାରର ଇକ୍ୱିପ୍‌ମେଣ୍ଟ ତିଆରି କରିଛନ୍ତି।

କରୋନା ଭାଇରସ୍ କାରଣରୁ ଏବେ ସବୁ ହସ୍‌ପିଟାଲରେ ପିପିଇ କିଟ୍ ନିହାତି ଆବଶ୍ୟକ। ଦିନକୁ ଦିନ ଏହି ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ସେମାନଙ୍କ ଚିକିତ୍ସା ନିମନ୍ତେ ଅଧିକ ପିପିଇ କିଟ୍ ଆବଶ୍ୟକ। କିନ୍ତୁ ଡାକ୍ତରଙ୍କ ଆବଶ୍ୟକତା ଅନୁସାରେ ଏହି ଉପକରଣ ଉପଲବ୍ଧ ହୋଇପାରୁନାହିଁ। ତେଣୁ ନିଜର ସୁରକ୍ଷା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହସ୍‌ପିଟାଲର ଡାକ୍ତରମାନେ ପିପିଇ କିଟ୍ ଡିଜାଇନ୍ ପ୍ରସ୍ତୁତ କରି ଏହା ତିଆରି କରିଛନ୍ତି। ଏହାର ନାଁ କବଚ ଦିଆଯାଇଛି ଏବଂ ଏଥିରେ ମୁଖ୍ୟତଃ ତିନୋଟି ବସ୍ତୁ ରହିଛି। ଏହି ଶୁଟ୍ ପୂରା ଶରୀରକୁ କଭର କରିବା ସହିତ ମୁହଁ ପାଇଁ ଏକ ଫେସ୍ ସିଲ୍ଡ ମଧ୍ୟ ତିଆରି ହୋଇଛି, ଯେଉଁଥିରେ ତ୍ରିସ୍ତରୀୟ ମାସ୍କ ରହିଛି। ଏହାକୁ ସାଉଥ୍ ଇଣ୍ଡିଆନ୍ ଟେକ୍ସଟାଇଲ୍ ରିସର୍ଚ୍ଚ ଆସୋସିଏଶନ୍ ଦ୍ୱାରା ପ୍ରମାଣିତ କରାଯାଇଛି। ଏହାର ଦାମ୍ ଏବେ ପ୍ରାୟ ୫୦୦ ଟଙ୍କା ରଖାଯାଇଛି।



## କମଲାଥଲଙ୍କ ଟଙ୍କିକିଆ ଇଡ୍‌ଲି



ତାମିଲନାଡୁର କୋଏମ୍ବାଟୁର ସହରଠାରୁ ପ୍ରାୟ ୨୦ କିଲୋମିଟର ଦୂର ପେରୁର ନିକଟରେ ଭାଦିଭେଲାମପାଲୟମ ଗାଁରେ ରହୁଥିବା ୮୫ ବର୍ଷୀୟା ବୃଦ୍ଧା କମଲାଥଲ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମସ୍ତଙ୍କ ଆଦରର ଦାଦିଭାବେ ପରିଚିତ କମଲାଥଲ ବେଶ୍ କିଛି ବର୍ଷ ହେବ ଲୋକଙ୍କୁ ୧ ଟଙ୍କାରେ ଇଡ୍‌ଲି, ଶମ୍ବର ଓ ଚଟନି ଖାଇବାକୁ ଦେଉଛନ୍ତି। ଏବେ କରୋନା ଭାଇରସ ସଂକ୍ରମଣ ପାଇଁ ସାରା ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ କମଲାଥଲ କିନ୍ତୁ ତାଙ୍କ ସେବା ବନ୍ଦ କରି ନାହାନ୍ତି। କେହି ଶ୍ରମିକ ଯେମିତି ଭୋକିଲା ନ ରହୁ ତାକୁ ଦୃଷ୍ଟିରେ ରଖି ସେ ଏବେବି ୧ ଟଙ୍କାରେ ଇଡ୍‌ଲି ଯୋଗାଇ ଦେଉଛନ୍ତି। ଲକ୍‌ଡାଉନ ସମୟରେ କିଏ କେତେ ପ୍ରକାର ଜିନିଷର ଦାମ୍ ବୃଦ୍ଧି କରି ବିକ୍ରି କରିଥିବା ବେଳେ କମଲାଥଲ କିନ୍ତୁ ଅନ୍ୟମାନଙ୍କଠାରୁ ଯେ ଭିନ୍ନ ତାହା ସ୍ପଷ୍ଟ ହୋଇଛି। ପାଖାପାଖି ୩୦ ବର୍ଷ ହେବ କମଲାଥଲ ଏହି କାମ କରୁଥିବା ବେଳେ ଲାଭ ଆଶାରେ ନୁହେଁ ବରଂ ଅନ୍ୟର ଭୋକ ମେଣ୍ଟାଇବାକୁ ସେ ଇଡ୍‌ଲି ବିକ୍ରି କରୁଥିବା କହିଛନ୍ତି। ଲକ୍‌ଡାଉନ ପୂର୍ବରୁ ସେ ଦୈନିକ ୧ହଜାର ଇଡ୍‌ଲି ତିଆରି କରୁଥିବା ବେଳେ ସବୁକାମ ସେ ଏକା କରନ୍ତି ବୋଲି କୁହନ୍ତି। ସେତେବେଳେ ଆଖପାଖ ଦୋକାନରେ ଇଡ୍‌ଲି ୬ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ କମଲାଥଲ କିନ୍ତୁ ୧ ଟଙ୍କାରେ ବିକ୍ରି କରନ୍ତି ବୋଲି କୁହନ୍ତି।

## ମୁମ୍ବାଇ ପୋଲିସକୁ ଆର୍ଥିକ ସହାୟତା ଦେଲେ ବିରୁଷ୍କା

**ମୁମ୍ବାଇ:** ବର୍ତ୍ତମାନ କରୋନା ଭାଇରସ୍ ବିରୋଧରେ ବିଶ୍ୱବ୍ୟାପୀ ଯୁଦ୍ଧ ଚାଲିଛି। ଏହାକୁ ରୋକିବାକୁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରିଦିଆଯାଇଛି। ସମସ୍ତଙ୍କୁ ଘରେ ରହିବାକୁ ନିବେଦନ କରାଯାଇଛି। ହେଲେ ଏଭଳି ପରିସ୍ଥିତିରେ ଜରୁରିକାଳୀନ ସେବାଗୁଡ଼ିକ ଖୋଲାଅଛି। ଡାକ୍ତର ଏବଂ ପୋଲିସ ଦିନରାତି ନିଜ କର୍ତ୍ତବ୍ୟରେ ନିୟୋଜିତ ଅଛନ୍ତି। ତେବେ ଏହି କରୋନା ଯୋଦ୍ଧାମାନଙ୍କୁ ସାହାଯ୍ୟ କରିବାପାଇଁ ଭାରତୀୟ କ୍ରିକେଟ୍ ଟିମ୍ ଅଧିନାୟକ ବିରାଟ୍ କୋହଲି ଆଗେଇ ଆସିଛନ୍ତି। ଏଥିରେ ତାଙ୍କ ସ୍ତ୍ରୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ତାଙ୍କ ସାଥିରେ ଅଛନ୍ତି। ଦୁହେଁ ମିଶି ମୁମ୍ବାଇ ପୋଲିସ ଫଣ୍ଡରେ ଆର୍ଥିକ ସହଯୋଗ କରିଛନ୍ତି। ଏ ବିଷୟରେ ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ମୁମ୍ବାଇ ପୋଲିସକୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେଇଥିବାରୁ ଧନ୍ୟବାଦ। 'ଆପଣଙ୍କ ଅବଦାନ ଆମମାନଙ୍କୁ ଏହି କୋଭିଡ-୧୯ ବିରୋଧରେ ଲଢ଼ିବାକୁ ସାହାଯ୍ୟ କରିବ।' ଏହାପୂର୍ବରୁ ମଧ୍ୟ ଉଭୟ ବିରୁଷ୍କା ପିଏମ୍ କେୟାର ଫଣ୍ଡ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଅର୍ଥ ଦାନ କରିଥିଲେ।



## ଝିଅକୁ କାନ୍ଧେଇ ୯୦୦ କି.ମି.

**ଲକ୍ଷ୍ନୌ:** ପିଲାମାନଙ୍କ ପ୍ରତି ମାଆର ମମତାର ପଟାନ୍ତର ନାହିଁ। ଏଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଦଉତ୍ତରପ୍ରଦେଶରେ। ଜଣେ ମହିଳା ତାଙ୍କର ୩ ବର୍ଷର ଝିଅକୁ କରୋନା ସଂକ୍ରମଣରୁ ବଞ୍ଚାଇବା ପାଇଁ ତାଙ୍କୁ କାନ୍ଧରେ ବୋହି ୯୦୦ କିଲୋମିଟର ଚାଲି ଚାଲି ଯାଇ ଆମେଠିରେ ପହଞ୍ଚିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ରୁକ୍‌ସାନା ବାନୋ ନାମ୍ନୀ ଏହି ୨୫ ବର୍ଷୀୟା ମହିଳାଙ୍କର ଝିଅ ନର୍ଗିସକୁ କରୋନା ସଂକ୍ରମଣ ହେବା ନେଇ ସେ ଆଶଙ୍କା କରିଥିଲେ। ଫଳରେ ସେ ଝିଅକୁ ଧରି ମଧ୍ୟପ୍ରଦେଶର ଇନ୍ଦୋର ସହରରୁ ଉତ୍ତରପ୍ରଦେଶର ଆମେଠି ଅଭିମୁଖେ ବାହାରିଥିଲେ। ଲକ୍‌ଡାଉନ ଯୋଗୁ ସାଧାରଣ ପରିବହନ ବନ୍ଦ ରହିଥିବାରୁ ଅନ୍ୟ ଉପାୟ ନ ପାଇ ତାଙ୍କୁ ଚାଲିଚାଲି ଯିବାକୁ ପଡ଼ିଥିଲା।

ଆମେଠିର ଜଗଦିଶପୁରରେ ରୁକ୍‌ସାନାଙ୍କ ଘର। ସେ ଓ ତାଙ୍କ ସ୍ୱାମୀ ଅକିବ୍ ଇନ୍ଦୋରରେ ରହୁଥିଲେ। ଅକିବ ଏକ ରେସ୍ତୋରାଁରେ କାମ କରୁଥିବାବେଳେ ରୁକ୍‌ସାନା ଘରୋଇ ସହାୟକ ଭାବେ କାମ କରୁଥିଲେ। ଇନ୍ଦୋରରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ସହରକୁ ଶଟ୍‌ଡାଉନ କରିଦିଆଗଲା। ତୃତୀୟ ଥର ଲକ୍‌ଡାଉନ ଅବଧି ବଢ଼ିବା ପରେ ସେ ଧୈର୍ଯ୍ୟହରା ହୋଇପଡ଼ିଥିଲେ। ଯଦି ଝିଅକୁ କରୋନା ହୁଏ ତେବେ କିପରି ବଞ୍ଚାଇବେ, ସେହି ଚିନ୍ତା ରୁକ୍‌ସାନାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥିଲା। ତେଣୁ ସେ କୌଣସି ପ୍ରକାରେ ଆମେଠି ଫେରିଯିବାକୁ ନିଷ୍ପତ୍ତି ନେଲେ। ସ୍ୱାମୀ ସାଙ୍ଗରେ ଯିବାକୁ ରାଜି ହେଲେନି। ତେଣୁ ଆମେଠି ଫେରୁଥିବା ୮ ଜଣ ସମ୍ପର୍କୀୟଙ୍କୁ ସାଥୀ କରି ରୁକ୍‌ସାନା ବୁଧବାର ରାତିରୁ ଚାଲିବା ଆରମ୍ଭ କଲେ। ସାଙ୍ଗରେ କିଛି ବିସ୍କୁଟ, ଜାମ୍ ଓ ପୋଷାକ ଧରି ସେ ବାହାରିଥିଲେ। ଗୋଟିଏ ଟ୍ରକ୍ ଓ ଗୋଟିଏ ଟ୍ରାକ୍ଟରରେ କିଛି ଦୂର ଯିବା ପରେ ୨୪ ଘଣ୍ଟା ଚାଲି ସେମାନେ ଶନିବାର ଲକ୍ଷ୍ନୌରେ ପହଞ୍ଚିଥିଲେ। ସେତେବେଳକୁ ସେମାନଙ୍କ ପାଦ କ୍ଷତାକ୍ତ ହୋଇଯାଇଥିଲା। ତେବେ ଅନ୍ୟ ଉପାୟ ନ ଥିବାରୁ କିଛି ସମୟ ବିଶ୍ରାମ ପରେ ସେମାନେ ପୁଣି ଚାଲିବା ଆରମ୍ଭ କରିଥିଲେ।



## ଟଙ୍କା ଦେଖି ଛାନିଆ



**ରାୟପୁର:** କରୋନା ରୋଗ ସଂକ୍ରମଣର ଆଶଙ୍କା ଲୋକଙ୍କୁ ଏଭଳି ଭୟଭୀତ କରିଛି ଯେ ଏବେ ରାସ୍ତାରେ ଟଙ୍କା ବିଡ଼ା ଦେଖିଲେ ବି ସନ୍ଦେହ କରୁଛନ୍ତି। ହୁଏତ କେହି କରୋନା ସଂକ୍ରମଣ କରିବା ପାଇଁ ରାସ୍ତାରେ ଟଙ୍କା ପକାଇ ଥାଇ ପାରନ୍ତି ବୋଲି ଭାବୁଛନ୍ତି। ଏମିତି ଏକ ଘଟଣା ଘଟିଛି ଛତିଶଗଡ଼ର ଦୁର୍ଗ ଅଞ୍ଚଳରେ ଥିବା କାଦମ୍ବରୀ ନଗରରେ। ଅଞ୍ଚଳର ରାସ୍ତା ଉପରେ ୫୦୦ ଏବଂ ୨୦୦ ଟଙ୍କିଆ ନୋଟ୍ ପଡ଼ିଥିବାର ଦେଖିବାକୁ ମିଳିଥିଲା। ରାସ୍ତାରେ କେହି ଟଙ୍କା ପକାଇ ତାହା ମାଧ୍ୟମରେ ଅଧିକ ସଂଖ୍ୟାରେ ଲୋକଙ୍କୁ କରୋନା ସଂକ୍ରମଣ କରାଇବା ପାଇଁ ଷଡ଼୍‌ଯନ୍ତ୍ର କରିଛି ବୋଲି ହଠାତ୍ ସବୁଆଡ଼େ ଖବର ପ୍ରସାରିତ ହୋଇଯାଇଥିଲା। ତେଣୁ ଭୟରେ କେହି ଟଙ୍କାକୁ ଉଠାଇ ନ ଥିଲେ। ପୋଲିସ୍ ପ୍ରଶାସନ ପହଞ୍ଚି ପ୍ରଥମେ ନୋଟଗୁଡ଼ିକର ସାନିଟାଇଜ୍ କରି ଏକାଠି କରିଥିଲା।

## ସମ୍ପର୍କ ଯୋଡ଼ୁଛି ବାଲ୍‌କୋନି

**ନୂଆଦିଲ୍ଲୀ:** ଜୀବନ ସଂଘର୍ଷରେ ବିଜେତା ହିଁ ପୃଥିବୀରେ ବଞ୍ଚିରହେ। ସର୍ଭାଇଭାଲ୍‌ର ଏହି କଠୋର ନିୟମ ଉପରେ ଜୀବଜଗତ ତିଷ୍ଠି ରହିଛି। ଆଉ ଯେଉଁମାନେ ହାରିଯାଇଛନ୍ତି, ସେମାନେ ବିଲୀନ ହୋଇଯାଇଛନ୍ତି ଦୁନିଆରୁ। ଖୋଜିବସିଲେ ଏମିତି ଅନେକ ଉଦାହରଣ ସହଜରେ ମିଳିଯିବ। କରୋନା ସଙ୍କଟ ସମୟରେ ସର୍ଭାଇଭାଲ ନିୟମର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି। ଖାସ୍ ସେଥିପାଇଁ ଭୂତାଣୁ ପଞ୍ଝାରେ ପଡ଼ିଥିବା ମଣିଷ ଏଥିରୁ ମୁକୁଳିବାକୁ ଖୋଜୁଛି ନୂଆ ନୂଆ ବାଟ। ଏପରି ପ୍ରତିକୂଳ ସମୟରେ ଭାରାକ୍ରାନ୍ତ ମନକୁ ହାଲୁକା କରିବା ଏକ ଜରୁରୀ ବିଷୟ ହୋଇଥିବାବେଳେ ବାଲ୍‌କୋନି ପାଲଟିଛି ମନୋରଞ୍ଜନର ନୂଆ ଠିକଣା। ଖାସ୍ କରି ସହରୀ ମଣିଷମାନେ ସନ୍ଧ୍ୟାରେ ପରିବାର ସହ ବାଲ୍‌କୋନିରେ ଏକାଠି ହେଉଛନ୍ତି। ସେମାନଙ୍କ ଭିତରେ ଥିବା ସୃଜନଶୀଳ ପ୍ରତିଭାର ପ୍ରଦର୍ଶନ କରୁଛନ୍ତି। କେବଳ ଏତିକି ନୁହେଁ, ସେମାନେ ଏଥିରେ ନିଜେ ଖୁସି ଅନୁଭବ କରିବା ସହ ଅନ୍ୟମାନଙ୍କ ମନୋବଳ ମଧ୍ୟ ବଢ଼ାଉଛନ୍ତି। ଏହାକୁ ଦେଖି ବିଶେଷଜ୍ଞମାନେ ଅନୁମାନ ଲଗାଇଲେଣି ଯେ, ଭୂତାଣୁ ପ୍ରଭାବିତ ପୃଥିବୀରେ ଆଗାମୀ ଦିନରେ ବାଲ୍‌କୋନି ହିଁ ସାଜିବ ସମ୍ପର୍କ ଯୋଡ଼ିବାର ନୂଆ ମାଧ୍ୟମ। ବାଙ୍ଗାଲୋର ନିବାସୀ ସନା ଅଗ୍ରୱାଲ ବାଲ୍‌କୋନିରେ ପିଆନୋ ବଜାଇ ନିଜ ଆପାର୍ଟମେଣ୍ଟର ସହବାସୀଙ୍କ ମନୋରଞ୍ଜନ କରୁଥିବାର ଏକ ଭିଡିଓ ନିକଟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେହିପରି ଗୁରଗାଓଁର ଏକ ଆପାର୍ଟମେଣ୍ଟରେ ରହୁଥିବା ପରିବାର ପରସ୍ପର ମଧ୍ୟରେ ବାଲ୍‌କୋନିରେ ଛିଡ଼ା ହୋଇ ଅନ୍ତାକ୍ଷରୀ କରୁଥିବା ଫଟୋ ମଧ୍ୟ ଚର୍ଚ୍ଚାକୁ ଆସିଛି। କୋଭିଡ୍-୧୯ ଲାଗି ଦିନକୁ ଦିନ କବାଟ ବନ୍ଦ ହେବାରେ ଲାଗିଥିବାବେଳେ ଲୋକମାନେ ବାଲ୍‌କୋନିକୁ ଆସି ମନୋରଞ୍ଜନ କରିବା ସକାରାତ୍ମକ ଚିନ୍ତାଧାରାକୁ ଦର୍ଶାଉଛି। କରୋନା ପାଇଁ ଫ୍ଲାଟ୍ ଏବଂ ଘର ବାହାର ଅସୁରକ୍ଷିତ ହୋଇପଡ଼ିଛି। ବାହାରକୁ ଗୋଡ଼ କାଢ଼ିଲେ ସଂକ୍ରମଣର ଭୟ ଘାରୁଛି। ଏହି କାରଣରୁ ବାଲ୍‌କୋନିରୁ ଅନ୍ୟମାନଙ୍କ ସହ ସମ୍ପର୍କ ଯୋଡ଼ିବାକୁ ପସନ୍ଦ କରୁଛନ୍ତି ଅନେକେ। କରୋନା ମହାମାରୀରୁ କେବେ ମୁକ୍ତି ମିଳିବ ସେ କଥାର କୌଣସି ନିର୍ଦ୍ଦିଷ୍ଟତା ନ ଥିବାବେଳେ କେବଳ ସକାରାତ୍ମକ ଚିନ୍ତାଧାରା ଏବଂ ସୁସ୍ଥ ରହିବାର କୌଶଳ ହିଁ ମୃତ୍ୟୁମୁଖରୁ ରକ୍ଷା କରିପାରିବ। ଏପରି ସମୟରେ ସାମାଜିକ ଦୂରତା ନିୟମ ଭିତରେ ପରସ୍ପର ମଧ୍ୟରେ ଯୋଡ଼ି ହୋଇ ରହିପାରିଲେ ଫାଇଦା ମିଳିବ ବୋଲି ମନସ୍ତତ୍ତ୍ୱବିତ୍‌ମାନେ କହିଛନ୍ତି।



## କୃତ୍ରିମ ରେଟିନା



ବେଶ୍ କିଛିବର୍ଷ ପରିଶ୍ରମ କରିବା ପରେ ଇଂଲଣ୍ଡର ବିଶେଷଜ୍ଞମାନେ କୃତ୍ରିମ ରେଟିନା ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ବିଶେଷଭାବରେ ଏହି ନୂଆ ରେଟିନା ଦୃଷ୍ଟିହୀନମାନଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି ଜଣାପଡ଼ିଛି। ଏହି ଗବେଷଣା ସମୟରେ ବିଶେଷଜ୍ଞମାନେ ଏକ ସୁସ୍ଥ ରେଟିନାର ଆଲୋକ ସମ୍ବେଦୀ କୋଷିକା (ଲାଇଟ୍ ସେନ୍‌ସିଟିଭ ସେଲ୍)କୁ ପରୀକ୍ଷାମୂଳକ ଭାବରେ ଗୋଟିଏ ଦୃଷ୍ଟିହୀନ ମୂଷା ଚକ୍ଷୁରେ ପ୍ରତିରୋପଣ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏହାଦ୍ୱାରା ଉକ୍ତ କୋଷିକା ସେହି ମୂଷାର ଚକ୍ଷୁ ଏବଂ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରଖିପାରିଥିଲା। ଏପରି ସଫଳତା ପାଇବା ପରେ ଏହି ପଦ୍ଧତି ମନୁଷ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ସଫଳ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଛନ୍ତି। ଏପରି କୃତ୍ରିମ ରେଟିନା ତିଆରି କରିବା ପୂର୍ବରୁ ସେମାନେ ଷ୍ଟେମସେଲ୍‌କୁ ୪ ମାସ ପର୍ଯ୍ୟନ୍ତ ଭିଟାମିନ୍ ଏବଂ ପ୍ରୋଟିନ୍ ଭିତରେ ରଖିଥିଲେ। ଉକ୍ତ ରେଟିନା ଆଲୋକକୁ ଚକ୍ଷୁରୁ ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚାଇବାରେ ସାହାଯ୍ୟ କରିବ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି

ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିଥାଏ। 'ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି' ବିଷୟକୁ ନେଇ ହୋଇଥିବା ଗବେଷଣାରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ୍‌ର ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡ଼ୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତି ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା।



## ନାସାର ନୂଆ ମଙ୍ଗଳ ଅଭିଯାନ



ମଙ୍ଗଳ ଗ୍ରହ ବିଷୟରେ ନୂଆନୂଆ ତଥ୍ୟ ଜାଣିବାକୁ ବିଭିନ୍ନ ଦେଶର ମହାକାଶ ବିଜ୍ଞାନୀମାନେ ସେମାନଙ୍କର ପ୍ରୟାସ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ମଙ୍ଗଳ ଗ୍ରହ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ଏକ ନୂଆ ମିଶନ ଆରମ୍ଭ କରିବାକୁ ଯାଉଛି। ଏହି ମିଶନକୁ କିପରି ସଫଳ କରାଯିବ ସେ ନେଇ ନାସାର ବୈଜ୍ଞାନିକମାନେ ଗତ କିଛି ମାସ ଧରି ଦିନରାତି ଏକାଠି କରିଦେଇଛନ୍ତି। ବିଶେଷଭାବରେ ମଙ୍ଗଳ ଗ୍ରହରେ ଜଳକୁ ନେଇ ଲାଗିରହିଥିବା ଆଲୋଚନାର ଏକ ସମାଧାନ ଖୋଜିବା ଏହି ମିଶନର ମୂଳ ଲକ୍ଷ୍ୟ ବୋଲି ନାସା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଯେହେତୁ ଏହି ମିଶନର ପ୍ରସ୍ତୁତି ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି ତେଣୁ ଏ ସମ୍ପର୍କରେ ଅଧିକ ତଥ୍ୟ ସମୟକ୍ରମେ ଜଣାପଡ଼ିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଖାଦ୍ୟ



ଡା. ନିତ୍ୟାନନ୍ଦ ସ୍ୱାଇଁ



ଅଧିକାଂଶ ରୋଗରୁ ମୁକ୍ତ ରହିବାର ରହିଛି ଦୁଇଟି ଉପାୟ। ତାହା ହେଲା– ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ପରିପାର୍ଶ୍ୱକୁ ରୋଗ ସୃଷ୍ଟିକାରୀ ଅଣୁଜୀବଗୁଡ଼ିକଠାରୁ ମୁକ୍ତ ରଖିବା। ଆମ ପ୍ରତ୍ୟେକଙ୍କ ଶରୀରରେ ରହିଛି ପ୍ରାକୃତିକ ରୋଗ ପ୍ରତିରୋଧକ ଶକ୍ତି। ଏହି ଶକ୍ତିକୁ ଡାକ୍ତରୀ ଭାଷାରେ 'ଇମ୍ୟୁନିଟି' ବୋଲି କହନ୍ତି। ଏହି ଇମ୍ୟୁନିଟି ବଳରେ ଶରୀର ଆପେ ଆପେ ନିଜକୁ ସୁରକ୍ଷିତ ତଥା ସୁସ୍ଥ ରଖିଥାଏ। ବିଶେଷଭାବରେ ଶରୀର ଭିତରକୁ ଅନୁପ୍ରବେଶ କରୁଥିବା ରୋଗ ସୃଷ୍ଟିକାରୀ ଅଣୁଜୀବଗୁଡ଼ିକ କବଳରୁ ଏହି ଶକ୍ତି ଶରୀରକୁ ରକ୍ଷା କରେ। ଫଳରେ ଆମେ ସଂକ୍ରମଣମୁକ୍ତ ତଥା ରୋଗମୁକ୍ତ ରହିପାରୁ।

ରୋଗ ପ୍ରତିରୋଧ ସାମର୍ଥ୍ୟ ପ୍ରକୃତିଦତ୍ତ। ଏହାର ଦାୟିତ୍ୱ ନେବା ପାଇଁ ପ୍ରକୃତି ଶରୀରରେ ଖଞ୍ଜିଛି ରୋଗ ପ୍ରତିରୋଧ ତନ୍ତ୍ର ବା ଇମ୍ୟୁନ ସିଷ୍ଟମ। ଏହି ଶରୀର ସୁରକ୍ଷା ତନ୍ତ୍ର ଆମଠାରେ ତଥା ସମସ୍ତଙ୍କ ଶରୀରରେ ଜନ୍ମରୁ ରହିଥାଏ। ତେବେ ବିଭିନ୍ନ ଅବସ୍ଥାରେ ଏହାର କାର୍ଯ୍ୟରେ ହ୍ରାସ କିମ୍ବା ବୃଦ୍ଧି ଘଟିପାରେ। ଅବଶ୍ୟ କଦବା କେମିତି କାହାଠାରେ ଇମ୍ୟୁନ ସିଷ୍ଟମ କାମ କରି ନ ଥାଏ। ଏଭଳି ଶିଶୁ ପାଇଁ ବାହାର ଦୁନିଆରେ ଜୀବନ ନିର୍ବାହ କରିବା ଆଦୌ ସମ୍ଭବ ନୁହେଁ। ଖାଦ୍ୟାଭାବ, ଦୂଷିତ ଜଳ, ଦୂଷିତ ବାୟୁ, ଶ୍ରମକାତର ଜୀବନଶୈଳୀ, ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ପ୍ରତି ଅବହେଳା, ମାଦକ ଦ୍ରବ୍ୟଗୁଡ଼ିକ ପ୍ରତି ଆଶକ୍ତି, ହତାସା, ଦୁଶ୍ଚିନ୍ତା, ଅବସାଦ, ମାନସିକ ଚାପ ଏବଂ ଦାରିଦ୍ର୍ୟ ଆଦି ଅବସ୍ଥା ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରେ ଏବଂ ରୋଗ ସୃଷ୍ଟିକୁ ସୁଗମ କରିଦିଏ।

"ରୋଗ ପ୍ରତିରୋଧ ସାମର୍ଥ୍ୟ ପ୍ରକୃତିଦତ୍ତ। ଏହାର ଦାୟିତ୍ୱ ନେବା ପାଇଁ ପ୍ରକୃତି ଶରୀରରେ ଖଞ୍ଜିଛି ରୋଗ ପ୍ରତିରୋଧ ତନ୍ତ୍ର ବା ଇମ୍ୟୁନ ସିଷ୍ଟମ। ଏହି ଶରୀର ସୁରକ୍ଷା ତନ୍ତ୍ର ଆମଠାରେ ତଥା ସମସ୍ତଙ୍କ ଶରୀରରେ ଜନ୍ମରୁ ରହିଥାଏ। ତେବେ ବିଭିନ୍ନ ଅବସ୍ଥାରେ ଏହାର କାର୍ଯ୍ୟରେ ହ୍ରାସ କିମ୍ବା ବୃଦ୍ଧି ଘଟିପାରେ। ଅବଶ୍ୟ କଦବା କେମିତି କାହାଠାରେ ଇମ୍ୟୁନ ସିଷ୍ଟମ କାମ କରି ନ ଥାଏ।"

ଶରୀରରେ ପ୍ରକୃତି ପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତି ଥିଲେ ମଧ୍ୟ ଶରୀରରେ ବି ଏହାକୁ ପ୍ରାକୃତିକ କି କୃତ୍ରିମ ଉପାୟରେ ଅର୍ଜନ କରିବା ସମ୍ଭବ। କେତେକ ରୋଗରେ ସଂକ୍ରମିତ ହୋଇଥିଲେ ପ୍ରଥମ ଥରର ସଂକ୍ରମଣରେ ଶରୀରରେ ପ୍ରାକୃତିକ ପଦ୍ଧତିରେ ଜାତ ହୋଇପଡ଼େ ପର୍ଯ୍ୟାପ୍ତ ପ୍ରତିରୋଧ ଶକ୍ତି। ଫଳରେ ଏହି ରୋଗ ପୁନର୍ବାର ହେବାର କ୍ୱଚିତ ପରିଲକ୍ଷିତ ହୋଇଥାଏ। ସେହିପରି ରୋଗ ପ୍ରତିରୋଧକ ଟିକା ନେଲେ ଟିକାର ପ୍ରକାରକୁ ଚାହିଁ କୃତ୍ରିମ ଉପାୟରେ ଶରୀରରେ ନିର୍ଦ୍ଦିଷ୍ଟ ପ୍ରତିରୋଧକ ଶକ୍ତି ତିଆରି ହୋଇ ନିର୍ଦ୍ଦିଷ୍ଟ ରୋଗ ଆକ୍ରମଣରୁ ଆମକୁ ମୁକ୍ତ ରଖିଥାଏ। ଏହି ପ୍ରତିଷେଧକ ଟିକା ନେଇ ଯକ୍ଷ୍ମା, ପୋଲିଓ, ଟିଟାନସ, ହାଡ଼ଫୁଟି, ମିଳିମିଳା, ହେପାଟାଇଟିସ୍ ଇତ୍ୟାଦିକୁ ଆମେ ନିବାରଣ କରିପାରୁଥିବା କଥା ଆପଣମାନେ ଜାଣନ୍ତି।

ରୋଗ ପ୍ରତିରୋଧ ତନ୍ତ୍ରରେ ଭାଗ ନେଇଥାଆନ୍ତି ବିଭିନ୍ନ କୋଷ, ତନ୍ତୁ ଏବଂ ଅଙ୍ଗ। ବିଶେଷକରି ରକ୍ତରେ ଥିବା ନିଉଟ୍ରୋଫିଲ, ଲିମ୍ଫୋସାଇଟ୍ ନାମକ ଶ୍ୱେତ ରକ୍ତକୋଷିକା ଇତ୍ୟାଦି ଲସିକା ଗ୍ରନ୍ଥି ବା ଲିମ୍ଫଗ୍ଲାଣ୍ଡ ଓ ପ୍ଲିହାର ଭୂମିକା ଏଥିରେ ଗୁରୁତ୍ୱପୂର୍ଣ୍ଣ। ରୋଗ ପ୍ରତିରୋଧର କାର୍ଯ୍ୟ ବଡ଼ ଜଟିଳ। ତେବେ ଜୀବାଣୁ–ଭୂତାଣୁଙ୍କଠାରେ ରହିଥିବା ନିର୍ଦ୍ଦିଷ୍ଟ ଉପାଦାନ ବା 'ଆଣ୍ଟିଜେନ୍' ବିରୋଧରେ ଇମ୍ୟୁନୋଗ୍ଲୋବୁଲିନ୍ ନାମକ ଆଣ୍ଟିବଡି ସଂଶ୍ଳେଷଣ କରି ଶରୀର ଜୀବାଣୁ–ଭୂତାଣୁଗୁଡ଼ିକର କ୍ଷତିକାରୀ ପ୍ରଭାବକୁ ଅକାମୀ କରିଦିଏ। ଏହାବ୍ୟତୀତ ରୋଗ ପ୍ରତିରୋଧରେ ଇମ୍ୟୁନୋଗ୍ଲୋବୁଲିନ୍ ସମେତ ଅନ୍ୟ କେତେକ ପ୍ରୋଟିନ୍ ଉପାଦାନ ଏବଂ କେତେକ ନିର୍ଦ୍ଦିଷ୍ଟ ପ୍ରକାର କୋଷିକା ମଧ୍ୟ ଅଂଶଗ୍ରହଣ କରିଥାଆନ୍ତି। ଖାଦ୍ୟାଭାବ ଲାଗି ରହିଲେ ଲସିକାଗ୍ରନ୍ଥି ଓ ପ୍ଲିହାର କାର୍ଯ୍ୟକାରିତା ଖୁବ୍‌ଶୀଘ୍ର ହ୍ରାସ ପାଇଯାଏ। ଏକ ଅନୁଧ୍ୟାନରୁ ପ୍ରକାଶ ଯେ, ଭାରତୀୟମାନଙ୍କ ମଧ୍ୟରୁ ୨୧ ପ୍ରତିଶତଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ପୁଣି ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଥାଇରଏଡ୍ ଇତ୍ୟାଦି ଭୋଗୁଥିଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ତେବେ ଖାଦ୍ୟ ତଥା ପୁଷ୍ଟି ଏବଂ ରୋଗ ସଂକ୍ରମଣ ମଧ୍ୟରେ ରହିଥିବା ସମ୍ପର୍କ ଏହି ପ୍ରବନ୍ଧଟିର ଆଲୋଚ୍ୟ ବିଷୟ।

ଆମ ଶରୀରର ମୁଖ୍ୟ ଉପାଦାନ ହେଉଛି ଜଳ। ଜଳକୁ ଛାଡ଼ିଦେଲେ ପୁଷ୍ଟିସାର ବା ପ୍ରୋଟିନ୍, ସ୍ନେହସାର ବା ଫ୍ୟାଟ୍, ଶ୍ୱେତସାର ବା କାର୍ବୋହାଇଡ୍ରେଟ୍, ଧାତୁସାର ବା ମିନେରାଲସ ଏବଂ ଭିଟାମିନଗୁଡ଼ିକୁ ନେଇ ଶରୀର ଗଠିତ। ତେବେ ଏହିସବୁ ଉପାଦାନ ମିଳେ ଖାଦ୍ୟରୁ। ଚିନି, ଲୁଣ, ଜଳ ଓ ତେଲକୁ ଛାଡ଼ିଦେଲେ ପ୍ରାୟ ପ୍ରତ୍ୟେକ ଖାଦ୍ୟଦ୍ରବ୍ୟରେ ଏହି ସମସ୍ତ ଉପାଦାନ ରହିଛି। ମାତ୍ର ଖାଦ୍ୟଭେଦରେ କେଉଁ ଉପାଦାନର ପରିମାଣ ବେଶି ତ ଅନ୍ୟ କେଉଁ ଉପାଦାନ କମ୍। ଖାଦ୍ୟ ଉପାଦାନମାନ ଆମର ତିନୋଟି ପ୍ରଧାନ କାମ କରିଥାଆନ୍ତି। ଏମାନେ ଆମକୁ କାମ କରିବା ନିମନ୍ତେ ଶକ୍ତି ଯୋଗାଇଥାଆନ୍ତି। ଶରୀର ଗଠନ କରିବା ସହ ଶରୀରର କ୍ଷତିପୂରଣ କରିଥାଆନ୍ତି ଏବଂ ସର୍ବୋପରି ଶରୀରକୁ ସୁରକ୍ଷିତ ରଖିଥାଆନ୍ତି। ଅବଶ୍ୟ ପ୍ରତ୍ୟେକ କାର୍ଯ୍ୟରେ ସବୁ ଖାଦ୍ୟ ଉପାଦାନର ଊଣାଅଧିକ ଅବଦାନ ରହିଛି। ଶ୍ୱେତସାର, ଓ ସ୍ନେହସାର ମୁଖ୍ୟତଃ ଶକ୍ତି ଯୋଗାଉଥିବା ବେଳେ ଶରୀରର ଗଠନ ଓ କ୍ଷତିପୂରଣରେ ସହାୟକ ହୋଇଥାଏ ପୁଷ୍ଟିସାର। କିନ୍ତୁ ପୁଷ୍ଟିସାର, ଭିଟାମିନ୍ ଓ ଖଣିଜ ଲବଣ ଆମ ଶରୀରକୁ ସୁରକ୍ଷା ପ୍ରଦାନ କରିଥାଆନ୍ତି।

ସେଥିପାଇଁ ଶରୀର ନିମନ୍ତେ ଖାଦ୍ୟର ଅଭାବ ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି କ୍ଷମତା ବା ସୁରକ୍ଷା ପ୍ରଦାନ କାର୍ଯ୍ୟ ବ୍ୟାହତ ହୋଇପଡ଼େ ଏବଂ ଜୀବାଣୁ–ଭୂତାଣୁ ସଂକ୍ରମଣ ପଥ ସୁଗମ ହୋଇଥାଏ। ପ୍ରକୃତରେ ପୁଷ୍ଟି ଓ ସଂକ୍ରମଣ ମଧ୍ୟରେ କ୍ରିୟାଶୀଳ ହୋଇଥାଏ ଏକ ଦୁଷ୍ଟଚକ୍ର। ଯେପରିକି ଶରୀର ଖାଦ୍ୟ ଅଭାବର ଶିକାର ହୋଇପଡ଼ିଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇ ଜୀବାଣୁ–ଭୂତାଣୁ ଆଦି ଶରୀରକୁ ଆକ୍ରମଣ କରି ନାନା ରୋଗ ଜାତ କରିଥାଆନ୍ତି। ଅପରପକ୍ଷରେ, ଜୀବାଣୁ–ଭୂତାଣୁଙ୍କ ସଂକ୍ରମଣର ଶିକାର ହୋଇପଡ଼ିଲେ ତାହା ସୃଷ୍ଟି କରି ପକାଏ ଖାଦ୍ୟାଭାବ ଏବଂ ଶରୀର ପୂର୍ବରୁ ଖାଦ୍ୟାଭାବ ଭୋଗୁଥିଲେ ଅବସ୍ଥା ଆହୁରି ଗୁରୁତର ଧାରଣ କରେ। ଏବେ ପୁଷ୍ଟିବିଜ୍ଞାନୀମାନେ ବ୍ୟବହାର କରୁଛନ୍ତି ଏକ ନୂତନ ବିଜ୍ଞାନ ଶବ୍ଦ। ତାହା ହେଲା 'ଇମ୍ୟୁନୋନ୍ୟୁଟ୍ରିଏଣ୍ଟସ' ବା ରୋଗ ପ୍ରତିରୋଧକ ଶକ୍ତିରେ ସହାୟକ ହୋଇପାରୁଥିବା ଖାଦ୍ୟ ଉପାଦାନ। ଯେଉଁ ଯେଉଁ ଖାଦ୍ୟ ଉପାଦାନ ରୋଗ ପ୍ରତିରୋଧକ ଶକ୍ତିର ପ୍ରୋତ୍ସାହନକାରୀ, ସେଗୁଡ଼ିକ ସମ୍ବନ୍ଧରେ ନିମ୍ନରେ ଉଲ୍ଲେଖ କରାଯାଉଛି।

**ପୁଷ୍ଟିସାର (ପ୍ରୋଟିନ୍):** ଦୃଢ଼ ତଥା କାର୍ଯ୍ୟକ୍ଷମ ରୋଗ ପ୍ରତିରୋଧକ ଶକ୍ତି ପାଇଁ ପୁଷ୍ଟିସାର (ପ୍ରୋଟିନ୍)ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖାଦ୍ୟରେ ଏହାର ଅଭାବ ହେଲେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡ଼େ। କାରଣ ଏହାର କ୍ରିୟା କୋଷ ବିଭାଜନ ଉପରେ ଇମ୍ୟୁନୋଗ୍ଲୋବୁଲିନ୍, ସାଇଟୋକାଇନସ ଏବଂ ଆକ୍ୟୁଟ ଫେଜ ପ୍ରୋଟିନ୍‌ଙ୍କ ଭଳି ଉପାଦାନଗୁଡ଼ିକ ଉପରେ ନିର୍ଭର କରେ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ କାର୍ଯ୍ୟକ୍ଷମ ରଖେ। ସେଥିପାଇଁ ଖାଦ୍ୟରେ ପୁଷ୍ଟିସାରର ଅଭାବ ହେଲେ ଏବଂ ଅପପୁଷ୍ଟି ଜାତ ହେଲେ ରୋଗ ପ୍ରତିରୋଧକ ଶକ୍ତି ଉପରେ ପ୍ରତିକୂଳ ପ୍ରଭାବ ପଡ଼ି ତାହା ଦୁର୍ବଳ ହୋଇପଡ଼େ। ଏହାର ଅଭାବ ହେଲେ ଶ୍ୱାସନଳୀ, ପରିପାକ ନଳୀ ଏବଂ ମୂତ୍ର ନଳୀର ଭିତର ଆବରଣର ଶ୍ଳୈଷ୍ମିକ ଝିଲ୍ଲୀ ତାହା ସୁସ୍ଥତା ହରାଇ ବସୁଥିବାରୁ ପ୍ରୋତ୍ସାହନ ପାଇଯାଏ ଜୀବାଣୁ–ଭୂତାଣୁ ସଂକ୍ରମଣ। ପୁଷ୍ଟିସାରର ପ୍ରଧାନ ଖାଦ୍ୟଗୁଡ଼ିକ ହେଲା–ଭାତ, ରୁଟି, ମାଛ, ମାଂସ, ଅଣ୍ଡା ଇତ୍ୟାଦି।

**ଭିଟାମିନ୍ 'ଏ' :** ଭିଟାମିନ୍ 'ଏ' ଶ୍ୱାସନଳୀ ଓ ପରିପାକ ନଳୀର ଶ୍ଳୈଷ୍ମିକ ଝିଲ୍ଲୀ ବା ଭିତର ଆବରଣର ସୁସ୍ଥତା ରକ୍ଷା କରେ। ଜୀବାଣୁ–ଭୂତାଣୁ ଇତ୍ୟାଦିକୁ ଗିଳିପକାଉଥିବା କୋଷମାନ ଏବଂ ସେହି ଅଣୁଜୀବଗୁଡ଼ିକୁ ନଷ୍ଟ କରିଦେଉଥିବା ଲାଇସୋଜାଇମ୍ ନାମକ ଉପାଦାନର କାର୍ଯ୍ୟକ୍ଷମତା ଅତୁଟ ରଖେ ଭିଟାମିନ୍ 'ଏ'। ଏହି ଭିଟାମିନ୍‌ର ଅଭାବ ହେଲେ ଶ୍ଳୈଷ୍ମିକ ଝିଲ୍ଲୀ ତାହାର ସୁସ୍ଥତା ହରାଇ ବସେ। ତା'ସହ ଜୀବାଣୁ–ଭୂତାଣୁ ଇତ୍ୟାଦିକୁ କାବୁ କରୁଥିବା କୋଷମାନ ଏବଂ ଲାଇସୋଜାଇମ୍ ଉପାଦାନ ହ୍ରାସ ପାଏ। ଫଳରେ ଅଣୁଜୀବଗୁଡ଼ିକ ଆକ୍ରମଣ ପ୍ରତିହତ ହୋଇ ନ ପାରିବାରୁ ରୋଗ ଆକ୍ରମଣ ସୁଗମ ହୋଇଥାଏ। ଅଧିକ ଭିଟାମିନ୍ 'ଏ' ଖାଇବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ଏବଂ ରୋଗ ସଂକ୍ରମଣ ହାର ଊଣା ହୋଇଯାଏ। ଭିଟାମିନ୍ 'ଏ'ର ପ୍ରଧାନ ଖାଦ୍ୟଗୁଡ଼ିକ ହେଲା, ସବୁପ୍ରକାର ଶାଗ, ପାଳଙ୍ଗ, ବନ୍ଧାକୋବି, ଲେଉଟିଆ ଶାଗ, ପୋଇ, ଟମାଟୋ, କନ୍ଦମୂଳ, ଗାଜର, ପାଚିଲା ଅମୃତଭଣ୍ଡା, ଆମ୍ବ, ପଣସ, ପାଚିଲା କଖାରୁ, କ୍ଷୀର, ଲହୁଣି, ଅଣ୍ଡାର କେଶର, ମାଛ, ମାଂସ ଓ କଳିଜା ଇତ୍ୟାଦି।



–'ଅଭୀପିସା', ସେକ୍ଟର–୬,
ପ୍ଲଟ ନଂ–୧୧୩୧, ସିଡିଏ, କଟକ–୧୪
ମୋ : ୮୩୨୮୯୭୫୧୧୮

## ବିଷାକ୍ତ ଷ୍ଟାଇରିନ୍ ଗ୍ୟାସ୍



ଇଂ. ମାୟାଧର ସ୍ୱାଇଁ

ଚଳିତମାସ ୭ ତାରିଖ ରାତିରେ ବିଶାଖାପାଟଣାର ଏକ ରାସାୟନିକ କାରଖାନାରୁ ଷ୍ଟାଇରିନ୍ ଗ୍ୟାସ୍ ଲିକ୍ ହୋଇ ୧୧ ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ପ୍ରାୟ ଏକ ହଜାରରୁ ଅଧିକ ବ୍ୟକ୍ତି ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଏହା କାରଖାନାଠାରୁ ପ୍ରାୟ ତିନି କିମି ବ୍ୟାପି ପରିସରରେ ଥିବା ଗ୍ରାମଗୁଡ଼ିକର ଲୋକଙ୍କୁ ପ୍ରଭାବିତ କରିଛି।

ଏହି ଷ୍ଟାଇରିନ୍ କ'ଣ ଏବଂ ଏହାର ପ୍ରୟୋଗ ସମ୍ବନ୍ଧରେ ଏଠାରେ ଉଲ୍ଲେଖ କରାଯାଉଛି। ଏହା ହେଉଛି ଏକ ବର୍ଣ୍ଣହୀନ, ମଧୁରସ୍ୱାଦ ବିଶିଷ୍ଟ ଗୋଟିଏ ସାଂଶ୍ଲେଷିକ ତରଳ ପଦାର୍ଥ। ବେଞ୍ଜିନ୍‌ରୁ ଏହାକୁ ସଂଶ୍ଲେଷଣ କରାଯାଇଥାଏ। ଏହା ଅତି ସହଜରେ ବାଷ୍ପୀଭୂତ ହୋଇଯାଇଥାଏ। ଏହି ଗ୍ୟାସ ହେଉଛି ଅତିମାତ୍ରାରେ ଦହନୀୟ ଏବଂ ଜଳିବା ପରେ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ। ଏହା ମଧ୍ୟ ଉତନିଲବେଞ୍ଜିନ, ଭାଇନଲବେଞ୍ଜିନ ଏବଂ ଫିନାଇଲ୍‌ଇଥେନ ନାମରେ ଜଣା। ଏହା କେତେକ ତରଳ ପଦାର୍ଥରେ ଦ୍ରବୀଭୂତ ହେଉଥିଲେ ସୁଦ୍ଧା ଜଳରେ ସହଜରେ ଦ୍ରବୀଭୂତ ହୁଏନାହିଁ। ଷ୍ଟାଇରିନ୍ ପ୍ରାକୃତିକ ଅବସ୍ଥାରେ ଅଳ୍ପ ପରିମାଣରେ କେତେକ ଉଦ୍ଭିଦ ଓ ଖାଦ୍ୟ ଯଥା: ଡାଲଚିନି, କଫି ଓ ବାଦାମରେ ଥାଏ। ଜର୍ମାନୀ ରସାୟନବିଜ୍ଞାନୀ ଏଡୁଆର୍ଡ ସାଇମନ ୧୮୯୩ରେ ଆମେରିକୀୟ ସୁଇଟ୍‌ଗମ୍ ଗଛର ରେଜିନ୍ (ରସ)ରୁ ଗୋଟିଏ ଉଦବାୟୀ ତରଳ ପଦାର୍ଥ ଆବିଷ୍କାର କରିଥିଲେ। ସେ ଏହାର ନାମ 'ଷ୍ଟାଇରଲ୍' ରଖିଥିଲେ, ଯାହା ପରେ 'ଷ୍ଟାଇରିନ୍' ନାମରେ ଜଣାଗଲା। ସେ ଲକ୍ଷ୍ୟ କରିଥିଲେ ଯେ, ଏହା ବାୟୁ, ଆଲୋକ, ତାପ ସଂସ୍ପର୍ଶରେ ଆସି ରବର ଭଳି ଏକ କଠିନ ପଦାର୍ଥରେ ପରିଣତ ହେଉଛି। ସେ ଏହି ପଦାର୍ଥର ନାମ ଷ୍ଟାଇରଲ୍ ଅକ୍ସାଇଡ୍ ରଖିଥିଲେ। ଷ୍ଟାଇରିନ୍ ମୁଖ୍ୟତଃ ପଲିଷ୍ଟାଇନ୍ ପ୍ଲାଷ୍ଟିକ୍ ଓ ରେଜିନ୍ ଉତ୍ପାଦନରେ ବ୍ୟବହୃତ ହୁଏ। ଏହା ବ୍ୟତୀତ ସାଂଶ୍ଲେଷିକ ରବର, ପଲିଷ୍ଟର ଓ ରଙ୍ଗ ପ୍ରସ୍ତୁତି ପାଇଁ ଏହାକୁ ବ୍ୟବହାର କରାଯାଏ। ଏଥିରୁ ପ୍ରସ୍ତୁତ ପ୍ଲାଷ୍ଟିକ ମୁଖ୍ୟତଃ ପ୍ୟାକେଜିଂ ଶିଳ୍ପରେ ବ୍ୟବହୃତ ହୁଏ। ଖାଦ୍ୟପଦାର୍ଥ ସମେତ ବିଭିନ୍ନ ପଦାର୍ଥକୁ ଦୂର ଜାଗାକୁ ନିରାପଦରେ ପଠାଇବା ପାଇଁ ବ୍ୟବହୃତ ଫୋମ୍ (ଫେଣ)ରବର ହେଉଛି ଏହି ପ୍ଲାଷ୍ଟିକ୍। ଏହା ମଧ୍ୟ ପାଇପ୍ ଓ ଫିଟିଂ, ଟ୍ୟାଙ୍କ୍, ଆଲୋକ ଫିଟିଙ୍ଗ୍ ଓ କଳଙ୍କି ବିରୋଧୀ ଉତ୍ପାଦରେ ବ୍ୟବହୃତ ହେଉଛି। ଫାଇଭର କାଚ ଓ କୃତ୍ରିମ ମାର୍ବଲରେ ଏହା ମଧ୍ୟ ଅଛି। ଏହା ପଲିଷ୍ଟାଇରିନ୍ ଫିଲ୍‌ପ ନିର୍ମାଣରେ ବ୍ୟବହୃତ ହୁଏ।





୨୦୧୮ ମସିହାରେ ସମଗ୍ର ପୃଥିବୀରେ ୩୫ ନିୟୁତ ଟନ୍ ଷ୍ଟାଇରିନ୍ ଉତ୍ପାଦନ କରାଯାଇଥିଲା। ସାଂଶ୍ଲେଷିକ ଉପାୟରେ ଇଥାଇଲ୍‌ବେଞ୍ଜିନ୍‌ର ଅଧିକାଂଶ ଷ୍ଟାଇରିନ୍ ଉତ୍ପାଦିତ ହେଉଛି। ପୃଥିବୀରେ ଉତ୍ପାଦିତ ପ୍ରାୟ ସମସ୍ତ ଇଥାଇଲ୍‌ବେଞ୍ଜିନ୍ ଏହି କାର୍ଯ୍ୟରେ ପ୍ରୟୋଗ କରାଯାଉଛି।

ଷ୍ଟାଇରିନ୍ ହେଉଛି ଗୋଟିଏ ବିଷାକ୍ତ ରାସାୟନିକ ପଦାର୍ଥ। ଅଳ୍ପ ସମୟ ପାଇଁ ମଧ୍ୟ ଏହା ସଂସ୍ପର୍ଶରେ ଆସିଲେ ଚର୍ମ ଓ ଆଖିରେ ଜଳାପୋଡ଼ା ହୋଇଥାଏ। ପେଟ ଭିତରକୁ ଗଲେ ଏହା ପେଟରୋଗ ସୃଷ୍ଟି କରିଥାଏ। ଶ୍ୱାସପ୍ରଶ୍ୱାସରେ ଏହାର ପରିମାଣ ବଢ଼ିଗଲେ ମୁଣ୍ଡ ବୁଲାଇବା ସଙ୍ଗେସଙ୍ଗେ ମନୁଷ୍ୟ ଚେତା ହରାଇ ବସେ। ଏହା ସ୍ନାୟବିକ ବ୍ୟବସ୍ଥାକୁ ଆକ୍ରାନ୍ତ କରିବା ସଙ୍ଗେ ସଙ୍ଗେ ଆକ୍ରାନ୍ତକୁ ଦୁର୍ବଳ କରିଦିଏ। ଏହାଦ୍ୱାରା ଶ୍ରବଣ ଶକ୍ତି ମଧ୍ୟ ହ୍ରାସ ପାଇଥାଏ। ଅନ୍ୟପକ୍ଷରେ ଏହା ସଂସ୍ପର୍ଶରେ ଆସିଲେ ରକ୍ତ କର୍କଟ ରୋଗ ହୁଏ ବୋଲି କେତେକ କଥାରୁ ପ୍ରମାଣ ପାଇଲେ ସୁଦ୍ଧା ଏହା ପ୍ରମାଣିତ ହୋଇନାହିଁ। ଅନ୍ତର୍ଜାତୀୟ କ୍ୟାନ୍‌ସର ଗବେଷଣା ସଂସ୍ଥା ଏହା ମନୁଷ୍ୟ ପ୍ରତି ସମ୍ଭାବ୍ୟ କ୍ୟାନ୍‌ସର ସୃଷ୍ଟିକାରୀ ବୋଲି ପ୍ରକାଶ କରିଛି।

–୭୦, ଲକ୍ଷ୍ମୀବିହାର, ଫେଜ୍–୧,
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪



## ସ୍ୱାସ୍ଥ୍ୟ ସୂଚନା

➔ମାଛରେ ପ୍ରୋଟିନ୍ ଭରି ରହିଛି। ତେଣୁ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

➔ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ ହେଉଛି ଟମାଟୋ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ନିୟମିତ ଟମାଟୋ ଖାଇଲେ କ୍ୟାନ୍‌ସର ଆଶଙ୍କା କମ୍ ରହିଥାଏ।

➔ସୁସ୍ଥ ରହିବାକୁ ହେଲେ ପୁଷ୍ଟିକର ଖାଦ୍ୟ ବ୍ୟତୀତ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ସୁନିଦ୍ରା ପାଇଁ ଆମକୁ କେତେକ ଦିଗ ପ୍ରତି ନଜର ଦେବାକୁ ପଡ଼ିଥାଏ। ବେଡ୍‌ରୁମ୍‌ର ପରିବେଶକୁ ସବୁବେଳେ ଶାନ୍ତ ରଖନ୍ତୁ। ଏହାବ୍ୟତୀତ ଶୋଇବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ।

➔ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ଏବଂ ଜୁସ୍ ସାମିଲ କରନ୍ତୁ।

➔ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିୟମିତ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।



➔ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ହେଲା ସୂର୍ଯ୍ୟକିରଣ। ତେଣୁ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାକୁ ଚେଷ୍ଟା କରନ୍ତୁ।

➔ପ୍ରତିଦିନ କିଛି ସମୟ ଆରୋବିକ୍ ଏକ୍ସରସାଇଜ କରନ୍ତୁ। ଏହା ନିଜକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବା ସହ ମାନସିକତାକୁ ସକାରାତ୍ମକ ରଖିଥାଏ।

➔ସବୁବେଳେ ଭେରାଇଟ୍ ଖାଦ୍ୟ ଖାଆନ୍ତୁ। ହେଲେ ଏହି ଖାଦ୍ୟଗୁଡ଼ିକ ଭିଟାମିନଯୁକ୍ତ ହୋଇଥିବା ଆବଶ୍ୟକ।

# ହାଟରୁ ଶ୍ରମିକ ନେବାକୁ ରାଜି ନୁହନ୍ତି ମାଲିକ

## ଏକତ୍ରିତ ରହୁଥିବାରୁ ସଂକ୍ରମଣ ଭୟ

**ଭୁବନେଶ୍ୱର, ୧୦।୫ (ବ୍ୟୁରୋ)**

ସାରା ଦେଶରେ କରୋନାର କାୟା ଦିନକୁ ଦିନ ବୃଦ୍ଧି ପାଉଛି। କାମଧନ୍ଦା ନପାଇ ଶ୍ରମିକ ଶ୍ରେଣୀର ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍‌ରେ ସରକାର କରୋନା କଟକଣାରେ ସାମାନ୍ୟ କୋହଳ କରିଛନ୍ତି। ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ମିଳିଛି। ଏଥିରେ ଶ୍ରମିକଙ୍କ ଆବଶ୍ୟକ ଥିଲେ ସୁଦ୍ଧା କରୋନା ସଂକ୍ରମଣ ଭୟ ଯୋଗୁ ଅଧିକାଂଶ ମାଲିକ ଶ୍ରମିକଙ୍କୁ କାର୍ଯ୍ୟରେ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଯାହା ସେମାନଙ୍କ ଜୀବିକା ପ୍ରତି ସମସ୍ୟା ସୃଷ୍ଟି କରିଛି। ସ୍ମାର୍ଟ ସିଟି ଭୁବନେଶ୍ୱରର ଶ୍ରମିକ ହାଟ ଭାବେ ପରିଚିତ ନୟାପଲ୍ଲୀର ଇନ୍ଦ୍ରଧନୁ ମାର୍କେଟ, ସିଆର୍‌ପି ଛକ, ଡେଲ୍‌ଟା ଛକ, ଜୟଦେବ ବିହାର ଏହିପରି ସହରର ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଭିନ୍ନ ବର୍ଗର ଶ୍ରମିକ ସକାଳ ୮ଟାରୁ ଆସି ହାଟରେ ଛିଡ଼ା ହେଉଛନ୍ତି। ସହରର ବିଭିନ୍ନ ସ୍ଥାନରୁ ଶ୍ରମିକମାନେ ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ ହେଉଥିବାରୁ କୌଣସି ବର୍ଗର କଣ୍ଟ୍ରାକ୍ଟର କିମ୍ବା ଘରୋଇ ମାଲିକମାନେ ଏହି ଶ୍ରମିକଙ୍କୁ ନେବାକୁ ରାଜି ହେଉନାହାନ୍ତି। ଗୋଟିଏ ପଟେ ସଂକ୍ରମଣର ଭୟ ଅନ୍ୟପଟେ ପ୍ରଶାସନର ନାନା କଟକଣା କିଛି ଅଂଶରେ ପ୍ରତିବନ୍ଧକ ସାଜିଛି।

> “ବିଏମସି ପରିସୀମା ଅଞ୍ଚଳ ମଧ୍ୟରେ ସରକାରୀ କାର୍ଯ୍ୟ କରିବାକୁ ଅନୁମତି ଥିଲେ ସୁଦ୍ଧା ସଂକ୍ରମଣର ଭୟ ଓ ନାନା କଟକଣା ପାଇଁ କାମ କରିବାକୁ ସାହସ ପାଉନାହିଁ। ଏହାସହ ବିଭିନ୍ନ ସ୍ଥାନରୁ ଶ୍ରମିକମାନେ ଗୋଟିଏ ଜାଗାରେ ଏକତ୍ର ରହୁଥିବାରୁ ସଂକ୍ରମଣର ଆଶଙ୍କା ଅଧିକ ରହୁଛି। ସେଥିପାଇଁ ସର୍ତ୍ତକତା ସହ ବଳକା କାମ ଶେଷ କରିବା ପାଇଁ ଭଲ ଜାଣିଥିବା ଶ୍ରମିକଙ୍କୁ ଡାକୁଛୁ ।
> **ବୀରେନ୍ଦ୍ର ମିଶ୍ର, କଣ୍ଟ୍ରାକ୍ଟର**

> “ସରକାରଙ୍କ ନିୟମାବଳୀ ପ୍ରକାଶ ପରେ ସହରର ପ୍ରମୁଖ ଶ୍ରମିକ ହାଟରେ ଶ୍ରମିକଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। କିନ୍ତୁ ସଂକ୍ରମଣର ଭୟ ପାଇଁ ଘରୋଇ ମାଲିକ ଓ କଣ୍ଟ୍ରାକ୍ଟରମାନେ ୨୦ ଜାଗାରେ ୧୦ ଜଣ ଶ୍ରମିକଙ୍କୁ ନେଉଛନ୍ତି। ଫଳରେ ବହୁ ଶ୍ରମିକ କାମ ବା ମାଲିକଙ୍କ ଅପେକ୍ଷାରେ ରହି ଘରକୁ ଫେରିବାକୁ ବାଧ୍ୟ ହେଉଛନ୍ତି ।
> **ଆଦିତ୍ୟ ବେହେରା, ଶ୍ରମିକ ସୁପର ଭାଇଜର**

> “ମୁଁ ଗତ ୧୦ଦିନ ହେଲା ଶ୍ରମିକ ହାଟକୁ ଆସୁଛି। ବହୁ ଅପେକ୍ଷା ପରେ ୪ ଥର କାମ ମିଳିଛି। ଘର ଓ ପରିବାର ପୋଷିବା ପାଇଁ ଇଚ୍ଛା ନ ଥିଲେ ସୁଦ୍ଧା କାମ କରିବାକୁ ଆସୁଛି।
> **ସଞ୍ଜୟ ପାତ୍ର, ଶ୍ରମିକ, ରାମପୁର ବସ୍ତି**

> “ପରିବାର ଚଳାଇବା ପାଇଁ ଟଙ୍କାର ଆବଶ୍ୟକତା ରହିଛି। ସେଥିପାଇଁ କାମ କରିବାକୁ ପଡ଼ିବ। ବହୁ ଆଶା ନେଇ ଏହି ଶ୍ରମିକ ହାଟକୁ ସକାଳ ୮ଟା ଭିତରେ ଆସି ଛିଡା ହେଉଛି। ଗତ ୧୫ ଦିନରେ ୯ରୁ ୧୦ ଦିନ କାମ କରିଛି। ସେଥି ମଧ୍ୟରେ ନାନା ଭୟ ଓ ମାଲିକ ଘରର ଲୋକଙ୍କ ମନରେ ନାନା ସନ୍ଦେହ ମୋ ପ୍ରତି ରହୁଛି। ଏହାସତ୍ତ୍ୱେ ମଧ୍ୟ ମୋ କାମ ଜାରି ରଖିଛି।
> **ସୁଦର୍ଶନ ମହାରଣା, ମିସ୍ତ୍ରି, ଭରତପୁର**

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଜଳିଗଲା ନଡ଼ା ବୋଝେଇ ଟ୍ରକ
### ବର୍ତ୍ତିବା ଲାଗି ପୋଖରୀରେ ଭର୍ତ୍ତିକଲେ

**ଗୋପ,୧୦।୫(ଡି.ଏନ.ଏ.):** ଗୋପ ବ୍ଲକ ଅଧୀନ ଛଇତନା ପଞ୍ଚାୟତ ଅନ୍ତର୍ଗତ ଗଇଣ୍ତ୍ରଳ ଗ୍ରାମ ନିକଟରେ ରବିବାର ରାସ୍ତାରେ ଓହଳିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ନଡ଼ା ବୋଝେଇ ଟ୍ରକ ଜଳିଯାଇଥିଲା। ଡ୍ରାଇଭର ନିଜର ଜୀବନ ବଞ୍ଚାଇବାକୁ ଯାଇ ଗାଡ଼ିଟିକୁ ନିକଟସ୍ଥ ପୋଖରୀରେ ଭର୍ତ୍ତି କରି ଦେଇଥିଲେ। ଖବରପାଇ ଗୋପ ଦମକଳ କେନ୍ଦ୍ରର ୨ଟି ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନାଯୋଗ୍ୟ, ମଧ୍ୟାହ୍ନରେ ଗଇଣ୍ତ୍ରଳ ଗାଁରୁ (ନଂ. ଓଆର୍ ୧୩-ଏ ମ-୯୮୦୭)ବିଶିଷ୍ଟ ଟ୍ରକ ଯୋଗେ ଛତୁ ଚାଷ ଲାଗି ଫୁଲ ବୋଝେଇ ନଡ଼ା ନେଇ ଟ୍ରକଟି ଆସୁଥିଲା। ମାତ୍ର ଗାଁ ନିକଟରେ ପୂର୍ବରୁ ଓହଳି ରହିଥିବା ବିଦ୍ୟୁତ୍ ତାର ଏହି ନଡ଼ା ଉପରେ ଲାଗି ଯିବାରୁ ହଠାତ୍ ନିଆଁ ଲାଗିଯାଇଥିଲା। ନିକଟରେ ଯାଉଥିବା ଲୋକମାନେ ହୋହଲ୍ଲା କରିବାରେ ଟ୍ରକ ଡ୍ରାଇଭର ଗାଡ଼ିରେ ନିଆଁ ଜଳୁଥିବା ଜାଣିପାରିଥିଲେ। ନିଜ ଜୀବନ ସହ ଗାଡ଼ିରେ ଆଉ ୩, ୪ ଜଣ ଥିବା ଲେବର ଓ ହେଲପରର ଜୀବନ ବଞ୍ଚାଇବାକୁ ଯାଇ ଡ୍ରାଇଭର ଜଣଙ୍କ ରାସ୍ତାକଡ଼ରେ ଥିବା ଏକ ବଡ଼ ପୋଖରୀ ମଧ୍ୟକୁ ଟ୍ରକ ନେଇଯାଇଥିଲେ। ଫଳରେ ଗାଡ଼ିରେ ଥିବା ଲୋକମାନେ ବାହାରକୁ ଆସିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଦମକଳ କେନ୍ଦ୍ର ଅଧିକାରୀ ପ୍ରସନ୍ନ ବେହେରା ଓ ସୁକାନ୍ତ ଜେନାଙ୍କ ନେତୃତ୍ୱରେ ୨ଗୋଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ରିପୋର୍ଟ ଲେଖିବା ସୁଦ୍ଧା ଟ୍ରକଟି ପୋଖରୀ ଭିତରେ ରହିଛି ।

### ଗାତରେ ପଡ଼ି ବାର୍‌ହା ମୃତ

**ଖୁଣ୍ଟୁଣୀ,୧୦।୫(ଡି.ଏନ.ଏ.):** ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୋଳଥପଙ୍ଗି ଓ ଖମାରନୂଆଗାଁ ମଧ୍ୟବର୍ତ୍ତୀ ହାତୀ ଚଲାପଥ ଗୋଚରଜମି ଉପରେ ଏକ କାରଖାନାର ପାଚେରି ନିର୍ମାଣ ପାଇଁ ଖୋଳାଯାଇଥିବା ଏକ ଗାତରେ ପଡ଼ି ରବିବାର ଏକ ବାର୍‌ହାର ମୃତ୍ୟୁ ଘଟିଛି। ଖବରପାଇ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା ଘଟଣାସ୍ଥଳରେ ପହଞ୍ଚି ବାର୍‌ହା ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପୋତି ଦେଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷେ ସରକାରଙ୍କ କାରଖାନା ପ୍ରୀତି ଯୋଗୁ ଜଙ୍ଗଲର ହାତୀ ଚଲାପଥକୁ ଗାତ ଖୋଳି ଦେଉଥିବାରୁ ହାତୀମାନେ ମଧ୍ୟ ଏବେ କୋଳଥପଙ୍ଗି ଗ୍ରାମ ଭିତରେ ପଶିବା ସହ ଲୋକଙ୍କ ଚାଷ ନଷ୍ଟ କରୁଥିବା ଶଙ୍ଖପୋଲ ଗୋଚର ସୁରକ୍ଷା ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି।

### ରିଲିଫ ପାଣ୍ଠିକୁ ଦେଲେ ଜନ୍ମୋତ୍ସବ ଅର୍ଥ

**କଟକ ଅଫିସ,୧୦।୫:** ଜନ୍ମଦିନକୁ ନିଆରା ଶୈଳୀରେ ପାଳନ କରିଛନ୍ତି କଟକର ଆସିଫ ଅମିନ। କୌଣସି ଉତ୍ସବ ନ ମନାଇ ସେ ଏହି ଅର୍ଥକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ରବିବାର ସେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟି ୩ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। ଏହି ଅର୍ଥ ରାଜ୍ୟରେ କରୋନା ମୁକାବିଲାରେ ଖର୍ଚ୍ଚ କରାଗଲେ ଜନ୍ମଦିନ ସାର୍ଥକ ହେବ ବୋଲି ଆସିଫ କହିଥିଲେ।

### ଡ୍ରିମ୍‌ସ କଲେଜରେ ବିଶ୍ୱ ମାତୃ ଦିବସ

**କଟକ ଅଫିସ,୧୦।୫:** ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ଆନୁକୂଲ୍ୟରେ ରବିବାର ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ କହିଥିଲେ ଯେ, ପ୍ରତ୍ୟେକ ସନ୍ତାନ ପାଇଁ ମା'ର ଭୂମିକା ଅତୁଳନୀୟ। ମା'ର ସମ୍ମାନ ଓ ସେବାଯତ୍ନ ପ୍ରତ୍ୟେକଙ୍କର ଧ୍ୟେୟ ହେବା ଉଚିତ। ସାମାଜିକ ଗଣମାଧ୍ୟମର ଉପଯୋଗ କରି ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଦୀପ୍ତ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା'ର ସ୍ନେହ,ମମତା ପାଖରେ ସଂସାରର ସବୁ ଐଶ୍ୱର୍ଯ୍ୟ ତୁଚ୍ଛ ବୋଲି କହିଥିଲେ। ଅଧ୍ୟକ୍ଷା ଅନସୂୟା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

# ଚିହ୍ନଟ ବ୍ୟକ୍ତି କୋଭିଡ୍ କେୟାର ସେଣ୍ଟରରେ ରହିବେ

- ଟିଏମ୍‌ସି ପରିଚାଳନା ନେଇ ଜାରି ହେଲା ନୂଆ ଗାଇଡଲାଇନ
- ଗର୍ଭବତୀ, ଦିବ୍ୟାଙ୍ଗ, ରୋଗୀଙ୍କୁ ଆଗୁଆ କୋଭିଡ୍ ପରୀକ୍ଷା କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୦।୫(ବ୍ୟୁରୋ)**

ବାହାର ରାଜ୍ୟରୁ ବହୁ ଲୋକ ଓଡ଼ିଶା ଫେରୁଛନ୍ତି। ସେମାନଙ୍କୁ ୨୧ଦିନ ପର୍ଯ୍ୟନ୍ତ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର(ଟିଏମ୍‌ସି) କ୍ୱାରାଣ୍ଟାଇନ୍‌ରେ ରଖିବାକୁ ପଡ଼ିବ। ଟିଏମ୍‌ସିଗୁଡ଼ିକ କିପରି ପରିଚାଳନା କରାଯିବ ସେ ନେଇ ରାଜ୍ୟ ସରକାର ରବିବାର ଆଉ ଏକ ଗାଇଡଲାଇନ ଜାରି କରିଛନ୍ତି। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଜିଲାପାଳ, ମହାନଗର ନିଗମ କମିଶନର ଏବଂ ପୌରପାଳିକା ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। କ୍ୱାରାଣ୍ଟାଇନ୍‌ରେ ରହିବାବେଳେ କ'ଣ କରା ନ ଯିବ ସେ ବିଷୟରେ ଓଡ଼ିଆରେ ଲେଖି ଟିଏମ୍‌ସିରେ ଝୁଲାଇବାକୁ ପଡ଼ିବ। ପ୍ରାଥମିକ ସ୍କ୍ରିନିଂ ପରେ ଯେଉଁମାନଙ୍କ କରୋନା ଲକ୍ଷଣ ଥିବ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଦୂରରେ ରଖିବାକୁ ହେବ ଅଥବା କୋଭିଡ୍ କେୟାର ସେଣ୍ଟରକୁ ପଠାଇବାକୁ ପଡ଼ିବ। ଯେଉଁ କ୍ୱାରାଣ୍ଟାଇନ୍ ସେଣ୍ଟର ଖାଲି ପଡ଼ିଥିବ ସେଗୁଡ଼ିକୁ କୋଭିଡ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଆଯାଇଛି। ଜିଲାପାଳମାନେ ଏହାକୁ କଡ଼ାକଡ଼ି ଭାବେ ତଦାରଖ କରିବେ। ଗର୍ଭବତୀ ମହିଳା, ଶିଶୁଙ୍କୁ କ୍ଷୀର ଦେଉଥିବା ମା', ୫ ବର୍ଷରୁ କମ୍ ଶିଶୁ, ଦିବ୍ୟାଙ୍ଗ, କିନ୍ନର ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ଏବଂ ମଧୁମେହ, ବୃକ୍କ ଜନିତ କିମ୍ବା ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କୁ ପ୍ରାଥମିକତା ଭିତ୍ତିରେ କୋଭିଡ-୧୯ ପରୀକ୍ଷା କରିବାକୁ ଗାଇଡଲାଇନରେ ପରାମର୍ଶ ଦିଆଯାଇଛି। ଯଦି କରୋନା ନେଗେଟିଭ ହୋଇଥିବ ତେବେ ସେମାନଙ୍କୁ ଘରକୁ ପଠାଇ ଦେବାକୁ କୁହାଯାଇଛି। ଯଥାସମ୍ଭବ ଟିଏମ୍‌ସିଗୁଡ଼ିକୁ ସିସିଟିଭି ନଜରରେ ରଖିବା ସହିତ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି। ସୁରଟ ଓ କେରଳରୁ ବହୁ ସଂଖ୍ୟକ ଶ୍ରମିକ ଗ୍ରାମକୁ ଫେରୁଥିବାରୁ ସେଠାରେ ବହୁ ସଂଖ୍ୟାରେ କୋଭିଡ୍ ପଜିଟିଭ ଚିହ୍ନଟ ହେଉଛନ୍ତି। ଏଥିରେ ଭୟଭୀତ ନ ହେବାକୁ ରାଜ୍ୟ ସରକାର ସେହି ଜିଲାର ସରପଞ୍ଚମାନଙ୍କୁ ପରାମର୍ଶ ଦେଇଛନ୍ତି।

# ପୁରୀ କୋଭିଡ୍ ହସ୍ପିଟାଲ ବୁଲିଲେ ୫-ଟି ସଚିବ

**ପୁରୀ ଅଫିସ,୧୦।୫**



ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇବଢୁଛି। ମହାମାରୀ କରୋନା ଯେଉଁଭଳି ବ୍ୟାପୁଛି ତାହା ସମସ୍ତଙ୍କୁ ଭୟଭୀତ କରିଦେଇଛି। ତେବେ କରୋନା ମୁକାବିଲା ପାଇଁ ପୁରୀ ଜିଲାରେ କିପରି ପ୍ରସ୍ତୁତି ରହିଛି ତାହାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର। ଉଭୟେ ଗୋପବନ୍ଧୁ ଆର୍ୟୁବେଦ ମହାବିଦ୍ୟାଳୟ ଏବଂ ସଂକ୍ରାମକ ରୋଗ ଚିକିତ୍ସାଳୟ (ଆଇଡିଏଚ୍) ପରିସରରେ ଥିବା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଦୁଇ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଆକ୍ରାନ୍ତଙ୍କ ନିମନ୍ତେ ୧୦୦ ଶଯ୍ୟା ପ୍ରସ୍ତୁତ କରି ରଖାଯାଇଛି। ତେବେ କୋଭିଡ୍ ଜନିତ ସମସ୍ତ ପରିସ୍ଥିତିର ସମ୍ମୁଖୀନ ନିମନ୍ତେ ପ୍ରସ୍ତୁତ ରହିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ବଲୱନ୍ତ ସିଂ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ

# ମଦ ଦୋକାନରୁ ଚୋରି, ୫ ଗିରଫ

**କଟକ ସଦର,୧୦।୫(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତା ସୋମପୁରସ୍ଥିତ ଏକ ମଦ ଦୋକାନରୁ ଚୋରି କରିବା ଅଭିଯୋଗରେ କିଶନନଗର ଥାନା ପୋଲିସ ରବିବାର ୫ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ କଣ୍ଡରାପଟି ଗ୍ରାମର ରାକେଶ ରାଉତ, ସ୍ମୃତିରଞ୍ଜନ ରାଉତ, ସନ୍ତୋଷ ନାୟକ, ଆଶୁତୋଷ ନାୟକ ଓ ଅଭିଜିତ୍ ନାୟକ। ଏମାନଙ୍କ ନିକଟରୁ ୪ସିସି କ୍ୟାମେରା, ହାର୍ଡଡିସ୍କ ଓ କମ୍ପ୍ୟୁଟର ମନିଟର ଜବତ କରାଯାଇଛି। ସୂଚନାଥାଉ କି, ଗତ ଏପ୍ରିଲ ୨୩ ତାରିଖ ରାତିରେ ଦୋକାନ ବନ୍ଦ ଥିବା ସମୟରେ ଅଭିଯୁକ୍ତମାନେ ଶଟର ଭାଙ୍ଗି ବିଭିନ୍ନ କିସମର ମଦ ସହ ସାମଗ୍ରୀ ଚୋରି କରି ନେଇଥିଲେ।

# ହିତାଧିକାରୀଙ୍କ ପାଇଁ କିରୋସିନ ମୂଲ୍ୟ ଧାର୍ଯ୍ୟ

**ପୁରୀ ଅଫିସ, ୧୦।୫**

ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ କିରୋସିନ ମୂଲ୍ୟରେ ଲିଟର ପିଛା ୧୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ଘଟିଛି। ଜିଲାକୁ ୮ଟି ପାଇକାରୀ ଯୋଗାଣ ସଂସ୍ଥା କିରୋସିନ ତେଲ ଯୋଗାଉଥିବା ବେଳେ ଡିଲରମାନେ ସେମାନଙ୍କ ପରିବହନ ଓ ପରିଚାଳନା ଖର୍ଚ୍ଚ ସହ କମିଶନକୁ ମିଶାଇ ମୂଲ୍ୟ ନିର୍ଦ୍ଧାରଣ କରିଥାନ୍ତି। ଯୋଗାଣ କେନ୍ଦ୍ରଠାରୁ ଖୁଚୁରା ଦୋକାନ ପର୍ଯ୍ୟନ୍ତ ଲିଟର ପିଛା ପରିବହନ ମୂଲ୍ୟ ୫କିମି ପର୍ଯ୍ୟନ୍ତ ୨୯ ପଇସା, ୫ରୁ ୨୦କିମି ପର୍ଯ୍ୟନ୍ତ ୩୫ ପଇସା ଏବଂ ୨୦ରୁ ୫୦କିମି ପର୍ଯ୍ୟନ୍ତ ୪୩ ପଇସା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ଡିଲରମାନେ ପ୍ରତି ଲିଟର ପିଛା ୭୨ ପଇସା କମିଶନ ଭାବେ ଆଦାୟ କରିବାକୁ ଜିଲାପାଳ ବଲୱନ୍ତ ସିଂ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କେବଳ ପୁରୀ ସହର ପାଇଁ କିରୋସିନ ଲିଟର ପିଛା ୧୪ଟଙ୍କା ୭୨ ପଇସା ଧାର୍ଯ୍ୟ କରାଯାଇଛି। ଏହି ଦରରେ କାର୍ଡଧାରୀମାନେ କଣ୍ଟ୍ରୋଲ ଡିଲରଙ୍କଠାରୁ ତେଲ ପାଇପାରିବେ। ଜିଲାର ଅନ୍ୟ ଅଞ୍ଚଳରେ ବିଭିନ୍ନ ଖର୍ଚ୍ଚକୁ ମିଶାଇ ଭିନ୍ନ ଭିନ୍ନ ମୂଲ୍ୟ ଧାର୍ଯ୍ୟ କରାଯିବ ବୋଲି ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଧାନ ସଂଗ୍ରହ ନେଇ ଚାଷୀ ଅସନ୍ତୋଷ

**କାକଟପୁର,୧୦।୫(ଡି.ଏନ.ଏ.)**

କାକଟପୁର ବ୍ଲକ ଅନ୍ତର୍ଗତ ସେବା ସମବାୟ ମାଧ୍ୟମରେ ଖରିଫ ଧାନ ସଂଗ୍ରହ ପାଇଁ ମୋଟ ୧୫ଟି ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଥିଲା। ଅଦିନିଆ ବର୍ଷା ଏବଂ କରୋନା ମହାମାରୀ ଫଳରେ ଲକଡାଉନ ଘୋଷଣା ଧାନ ସଂଗ୍ରହରେ ବାଧକ ସାଜିଲା। ଏବେ ରବି ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଜାଗେଶ୍ୱରୀ, ଧନିତ୍ରୀ, ସନ୍ତରଷ, ଚିତ୍ରେଶ୍ୱରୀ, ଓଥକା, ଲତାହରଣ, ଗମ୍ଭାରୀପଦା, ସୁହାଣପୁର ଓ ରାଏସ ଆଦି ୯ଗୋଟି ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ମଣ୍ଡି ପ୍ରତି ୧୦୦ରୁ ୧୫୦ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଟୋକନ ଇସ୍ୟୁ କରାଯାଇଛି। ଫଳରେ ଏତେ କମ ପରିମାଣର ଧାନ କ୍ରୟ କରାଗଲେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଭୟରେ ସମ୍ପାଦକମାନେ ମଣ୍ଡି ଖୋଲିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଗୋଟିଏପଟେ ମଣ୍ଡି ଖୋଲୁ ନ ଥିବାବେଳେ ଅନ୍ୟପଟେ ଧାନ ବିକ୍ରି ନ ହେବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରେଜିଷ୍ଟ୍ରାର କୋ-ଅପରେଟିଭ ଭୁବନେଶ୍ୱରଙ୍କ ଚିଠି ନଂ. ୯୪୭୭ ତା ୪/୫/୨୦୨୦ରିଖ ନିର୍ଦ୍ଦେଶ ମୁତାବକ ପୁରୀ-ନିମାପଡା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ଦାୟିତ୍ୱ ପୁରୀ ଜିଲାପାଳଙ୍କୁ ଦିଆଯାଇଛି। ତେବେ ପଞ୍ଜୀକୃତ ସୋସାଇଟି ମାଧ୍ୟମରେ ପ୍ରାୟ ମଣ୍ଡି ପିଛା ୨୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଗମ୍ଭାରୀପଦା ସେବା ସମବାୟ ସମିତି ଦୁର୍ଗାଚରଣ ଖୁଣ୍ଟିଆ, ଚାଷୀ କୈଳାସ ଲେଙ୍କା, ଓଥକା ଗ୍ରା.ପର ସରପଞ୍ଚ ଯୁଗୋଳ କିଶୋର ରାଉତ, ଚାଷୀ ଲକ୍ଷ୍ମୀଧର ଖୁଣ୍ଟିଆ, ଚାଷୀ ସୁକାନ୍ତ ନାୟକ ପ୍ରମୁଖ ସ୍ମାରକପତ୍ର ମାଧ୍ୟମରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ନିର୍ବିଘ୍ନରେ କାମ କରିବାକୁ ଅନୁମତି ଦିଆଯାଉ

## ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ ସଂଘର ଦାବି

**କଟକ ଅଫିସ, ୧୦।୫**

ଲକ୍‌ଡାଉନରେ କାମ ବନ୍ଦ ଯୋଗୁ ପ୍ରାୟ ଦେଢ ମାସ ହେଲା ରାଜ୍ୟର ୧୦ହଜାରରୁ ଅଧିକ ମେଡିକାଲ ରିପ୍ରେଜେଣ୍ଟେଟିଭ ଘରେ ବସିଛନ୍ତି । ଏହି ସମୟରେ କ୍ଷେତ୍ର କାର୍ଯ୍ୟ ବନ୍ଦ ହେବା ସତ୍ତ୍ୱେ ସାମାଜିକ ଗଣମାଧ୍ୟମ ଓ ଟେଲିଫୋନ ଯୋଗେ ସମ୍ପର୍କ ରଖି ଅଳ୍ପ କିଛି କାମ କରିପାରିଛନ୍ତି। ମାତ୍ର ନିଜ କ୍ଷେତ୍ର ସହ ଭଲ ଭାବେ ସମ୍ପର୍କ ରଖିବା ସମ୍ଭବ ନ ଥିଲା । ସେଲ୍‌ସ ପ୍ରମୋଶନ କାମରେ ବାଧା ଉପୁଜିବାରୁ ବିତରଣ ବ୍ୟବସ୍ଥା ବି ପ୍ରଭାବିତ ହୋଇଛି। ଫଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ଜୀବନ ରକ୍ଷାକାରୀ ଔଷଧ ବଜାରରେ ମିଳୁ ନାହିଁ। ଏଥିଯୋଗୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏବେ ଗ୍ରୀନ୍ ଏବଂ ଅରେଞ୍ଜ ଜୋନରେ ନିର୍ବିଘ୍ନରେ କାମ କରିବାକୁ ଅନୁମତି ଦେବା ପାଇଁ ଓଡ଼ିଶା ମେଡିକାଲ ରିପ୍ରେଜେଣ୍ଟେଟିଭ ସଂଘ ଦାବି କରିଛି। ନଚେତ୍ ଅନେକ ଲୋକ ଚାକିରି ହରାଇବା ସହ ଛୋଟ ଓ ମଧ୍ୟମ ଧରଣର କମ୍ପାନୀଗୁଡିକ ବନ୍ଦ ହୋଇଯିବ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି। ଏ ନେଇ ସଂଘ ଆଗାମୀ ଦୁଇଦିନ ମଧ୍ୟରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି ରାଜ୍ୟ ସଭାପତି ଶୁଭଙ୍କର ଦାସ ଏବଂ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

## ଫଟୋରେ ଖବର



ଭୁବନେଶ୍ୱର ଉପକଣ୍ଠ ଦୟାନଦୀ ପଠାରେ ଜଣେ ଚାଷୀ ଗେଣ୍ଡୁଫୁଲ ଗଛରେ କୀଟନାଶକ ସ୍ପ୍ରେ କରୁଛନ୍ତି।



ନନ୍ଦିଘୋଷ ରଥର ମହାରଣା ରବିବାର ଚକର ଅଖ ନିର୍ମାଣ ପାଇଁ କାଠ ଚିରଟ ଶୁଭାରମ୍ଭ କରୁଛନ୍ତି।



ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ରାସ୍ତାପାର୍ଶ୍ୱ ଦୟାନଦୀରୁ ମେଶିନ ସହାୟତାରେ ବେଆଇନ ଭାବେ ବାଲି ଉଠାଣ କରାଯାଉଛି।



ପଶ୍ଚିମବଙ୍ଗରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିବା ପ୍ରବାସୀମାନେ ରବିବାର ରୁପାଲି ଛକରେ ଚାଲିଚାଲି ଯାଉଛନ୍ତି।

# ସ୍କୁଲ ଗୃହ ମରାମତିରେ ଦୁର୍ନୀତି ଅଭିଯୋଗ



ବାଉଁଶ ବହ୍ଲା ପକାଇ ନିର୍ମାଣ କରାଯାଇଥିବା ରୋଷେଇ ଗୃହ।

**କଣାସ,୧୦।୫(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଧାନାକେରା ପଞ୍ଚାୟତର ଶରଧାପୁର ଗ୍ରାମରେ ଥିବା ବିଶେଶ୍ୱର ଉପ୍ରା ସ୍କୁଲ ଗୃହ ମରାମତି ଓ ରୋଷେଇ ଗୃହ ନିର୍ମାଣରେ ଦୁର୍ନୀତି ହୋଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଫନୀରେ ଉକ୍ତ ବିଦ୍ୟାଳୟ ଭାଙ୍ଗିଯାଇଥିବାରୁ ବିଦ୍ୟାଳୟ ମରାମତି ପାଇଁ ୨ଲକ୍ଷ ଟଙ୍କା ଏବଂ ବିଦ୍ୟାଳୟ ରୋଷେଇ ଗୃହ ନିର୍ମାଣ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ତେବେ ପୁରୁଣା ଗୃହ ନିର୍ମାଣ କରା ନ ଯାଇ ନୂତନ ଗୃହରେ ରଙ୍ଗ ମରାଯାଇ ୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ରୋଷେଇ ଗୃହ ନିର୍ମାଣ ବଦଳରେ ଦୁଇଟି ବିଦ୍ୟାଳୟ ଗୃହର ମଧ୍ୟସ୍ଥାନରେ କମ୍ ଖର୍ଚ୍ଚରେ ବାଉଁଶ ବହ୍ଲା ସାହାଯ୍ୟରେ ଆଜବେଷ୍ଟସ ପକାଇ ଅର୍ଥ ଆତ୍ମସାତ୍ କରିଥିବା ଗ୍ରାମର ପ୍ରଶାନ୍ତ ଜେନା, ରାଜେଶ ଜେନା, ବିଶ୍ୱରଞ୍ଜନ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଦୁଇଟି କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତଙ୍କୁ ପଚାରିବାରୁ ସେ ମୁଖ୍ୟକଥାକୁ ଏଡ଼ାଇ ଦେଇ ଦୁଇଟିଯାକ କାର୍ଯ୍ୟରୁ ଯାହା ବଳକା ଅର୍ଥ ରହିଥିଲା ବିଦ୍ୟାଳୟକୁ ରାସ୍ତା ନ ଥିବାରୁ ୧୫୦ଫୁଟ୍ ରାସ୍ତା ନିର୍ମାଣ କରାଯାଇଥିବା କହିଛନ୍ତି। ତେଣୁ ଏ ସମ୍ପର୍କରେ ଜିଲାପାଳ ଧ୍ୟାନଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଗଛ ପଡ଼ି ବୃଦ୍ଧ ମୃତ

**ନୟାଗଡ଼ ଅଫିସ,୧୦।୫:** କାଳବୈଶାଖୀ ପ୍ରଭାବରେ ରବିବାର ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ପବନ ହୋଇଛି। ଏହି ସମୟରେ ଏକ ଗଛ ପଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ତହସିଲ ଅଧୀନ ଜହ୍ନିପପଦା ଗାଁର ଭ୍ରମରବର ନାୟକ(୭୦)। ଭ୍ରମରବର ଘରକୁ ଫେରିବାବେଳେ ଅପରାହ୍ନରେ ପବନବର୍ଷା ହୋଇଥିଲା। ଫଳରେ ସେ ଜହ୍ନିପଦା ହରେକୃଷ୍ଣପୁର ରାସ୍ତାର ଏକ କୁଡିଆ ଘରେ ଅଟକି ଯାଇଥିଲେ। ତେବେ ନିକଟରେ ଥିବା ଏକ ଗଛ ପଡି ଘର ଭାଙ୍ଗି ଯିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ରସୁଲପୁର, ୧୦।୫ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତର ବେଆଇନ ବାଲିଘାଟରୁ ବାଲି ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ୨ଟି ଟ୍ରାକ୍ଟର ଜବତ କରାଯାଇଛି। ଏଥିସହ ସେମାନଙ୍କଠାରୁ ୧୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ଗତ କିଛି ଦିନ ଧରି ଉକ୍ତ ବିଦାଦୀୟ ବାଲିଘାଟରୁ ବାଲି ଚାଲାଣ ହେଉଥିବା ନେଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନିକଟରେ ଅଭିଯୋଗ ହେଉଥିଲା। ଶନିବାର ରାତିରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନିକ ଅଧିକାରୀ ଓ କୁଆଖିଆ ଥାନା ଏସ୍‌ଆଇ ରାଜକିଶୋର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଘାଟ ଉପରେ ଚଢାଉ କରିଥିଲେ। ସେହି ସମୟରେ ୨ଟି ଟ୍ରାକ୍ଟରକୁ ଜବତ କରାଯାଇଥିଲା।

### ସେତୁ ପୂର୍ଣ୍ଣାଙ୍ଗ ପାଇଁ ୯୨.୨୫ ଲକ୍ଷ ମଞ୍ଜୁର



**ବରୀ(ସ୍ୱ.ପ୍ର.)/ରତ୍ନଗିରି, ୧୦।୫ (ଡି.ଏନ୍.ଏ.):** ବରୀ ବ୍ଲକ ବାଲିବିଲ ପଞ୍ଚାୟତ ଅଧୀନ ଢିଅସାହି ରାଜସ୍ୱ ଗ୍ରାମକୁ ଯାତାୟାତ ସୁବିଧା ପାଇଁ ଦୁଧେଇ ନଦୀ ଉପରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ବାଲିବିଲ-ଢିଅସାହି ସେତୁ ପୂର୍ଣ୍ଣାଙ୍ଗ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୯୨.୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେତୁ କାର୍ଯ୍ୟାରମ୍ଭ ପାଇଁ ବିଧାୟିକା ସୁନନ୍ଦା ଦାସ ଏହାର ଶୁଭ ଦେଇଥିବା ଜଣାପଡ଼ିଛି। ଏହି ଅବସରରେ ବିଭାଗୀୟ କର୍ତ୍ତୃପକ୍ଷ, ଠିକାସଂସ୍ଥା, ବାଲିବିଲ ସରପଞ୍ଚ ସନ୍ତୋଷ ସାମଲ, ସଦିଚ୍ଛା ସାମଲ, ଉପେନ୍ଦ୍ର ଜେନା, ଶିକ୍ଷାବିତ୍ ବୃନ୍ଦାବନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ସେତୁ ନିର୍ମାଣ ପାଇଁ ୨୦୧୧ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୪.୬୧ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଥିଲା। ମାତ୍ର ଦାୟିତ୍ୱରେ ଥିବା ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହା ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନି। ଉକ୍ତ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଢିଅସାହିର ୨୧୧ ପରିବାର ସମେତ ବାଲିବିଲ, ଅଳିପୁର, କୋରଡପିପଲ, କ୍ଷେମେଶ୍ୱର, ଭବାନୀପୁର ଗ୍ରାମବାସୀ ଓ ଚାରଷୀମାନେ ଉପକୃତ ହୋଇପାରିବେ।

### କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲିଲେ କଂଗ୍ରେସ ନେତ୍ରୀ



**ରସୁଲପୁର, ୧୦।୫ (ଡି.ଏନ୍.ଏ.):** ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ତଥା ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ସ୍ମୃତିରେଖା ପହି ଧର୍ମଶାଳା ଓ ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତର କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ କେତେକ କ୍ୱାରାଣ୍ଟାଇନ୍ ସେଣ୍ଟର ପରିସର ପରିଷ୍କାର ପରିଚ୍ଛନ୍ନ ନ ଥିବା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରସୁଲପୁର ବ୍ଲକ ନଠୁଆବର ଓ ରାହାମ୍ଭା ପଞ୍ଚାୟତରୁ କରୋନା ପଜିଟିଭ ଚିହ୍ନଟ ହେବା ପରେ କଂଗ୍ରେସ ନେତ୍ରୀ ପହି ଉକ୍ତ ପଞ୍ଚାୟତକୁ ଯାଇ ଲକ୍‌ଡାଉନ୍ କଟକଣା ପାଳନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା କଣ୍ଟେନମେଣ୍ଟ ଜୋନ୍‌ରେ ଠିକ୍ ଭାବେ ସାନିଟାଇଜେଶନ କରାଯାଉ ନ ଥିବା ନେଇ ସେ ଧର୍ମଶାଳା ବିଡିଓ ସ୍ମିତା ରଥଙ୍କ ସହ ଫୋନ୍‌ରେ ଆଲୋଚନା କରିଥିଲେ।

# ପ୍ରଥମେ ଖଣିଖନନ, ପରେ ନିଲାମ

**ରାସ୍ତା ନିର୍ମାଣକାରୀ କମ୍ପାନୀକୁ ଅନୁକମ୍ପା**
- ଲିଜ୍ ୨ ହଜାର କ୍ୟୁବିକ୍ ମିଟର
- ଦିନକୁ ୨୦୦ରୁ ଉର୍ଦ୍ଧ୍ୱ ଟ୍ରିପ୍ ଯାଉଛି ମୋରମ
- ଧରପଗଡ଼ ନ ଥିବାରୁ ରାଜସ୍ୱ ହାନି

**ନୟାଗଡ଼ ଅଫିସ/ରଣପୁର, ୧୦।୫(ସ୍ୱ.ପ୍ର.)**

ନୟାଗଡ ଜିଲାର ରଣପୁର ତହସିଲ ଅଧୀନରେ ଥିବା ମୋରମ ଖଣି ବେଆଇନ ଭାବେ ଖନନ ଚାଲିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ। ବରଂ ଅନିୟମିତତାକୁ ଲୁଚାଇବା ପାଇଁ ସମ୍ପୃକ୍ତ ଖଣିକୁ ଲିଜ୍ ଦିଆଯାଇ ପୁଣି ଲୁଟ୍ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏପରି ଖଣି ଖନନ ଝରପଡା ଆରଆଇ ସର୍କଲର ଜଙ୍କିଆ ପଞ୍ଚାୟତ ଅରଖପଦା ଅଞ୍ଚଳରେ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ସରକାରୀ ଭାବେ ୨ହଜାର କ୍ୟୁବିକ୍ ମିଟର ମୋରମ ନେବା ପାଇଁ ଅନୁମତି ଥିବାବେଳେ ହାଇୱା ଯୋଗେ ଦିନକୁ ୨୦୦ରୁ ଅଧିକ ଟ୍ରିପ୍ ମୋରମ ବୁହା ଚାଲିଛି। ଏନେଇ ବିଭିନ୍ନ ସମୟରେ ତହସିଲ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ପ୍ରଶ୍ନ ଉଠୁଛି ସରକାରଙ୍କ ରାଜସ୍ୱ ହାନି କରି ରାସ୍ତା ନିର୍ମାଣକାରୀ କମ୍ପାନୀକୁ ଅନୁକମ୍ପା ଦେଖାଇବାର ରହସ୍ୟ କ'ଣ ହୋଇପାରେ। ଏପରି ଅନିୟମିତତା ପଛରେ କେଉଁମାନେ ସଂଶ୍ଲିଷ୍ଟ ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରାଯାଇଛି। ଅଭିଯୋଗ ଅନୁସାରେ



କୋଲକାତା-ମାଡ୍ରାସ ୧୬ନଂ ଜାତୀୟ ରାଜପଥକୁ ୬ଲେନ ବିଶିଷ୍ଟ କରିବା ପାଇଁ ନୟାଗଡ ଓ ଖୋର୍ଦ୍ଧା ଜିଲାର ରାଜପଥ କାର୍ଯ୍ୟ ଜାରି ରହିଛି। ତେବେ ରାସ୍ତା ନିର୍ମାଣ ପାଇଁ ଏକ କମ୍ପାନୀ ଅରଖପଦା ଅଞ୍ଚଳରୁ ପ୍ରାୟ ୧ବର୍ଷ ହେଲା ମୋରମ ଉଠାଇ ଆସୁଛି। କାଗଜପତ୍ର ଯାଞ୍ଚ ପରେ ମେ' ୭ରେ ରଣପୁର ତହସିଲ ପକ୍ଷରୁ ମୋରମ ନେବା ପାଇଁ ଏହି ଖଣିରୁ ଅନୁମତି ମିଳିଥିବା ଜଣାପଡ଼ିଛି। ତେବେ ଅନୁମତି ନ ଥାଇ କିପରି ସମ୍ପୃକ୍ତ କମ୍ପାନୀ ପ୍ରାୟ ୧ବର୍ଷ ହେଲା ମୋରମ ଉଠାଇ ଆସୁଥିଲା ତାହା ତଦନ୍ତସାପେକ୍ଷ। ଅନ୍ୟପକ୍ଷେ ୧ହଜାର କ୍ୟୁବିକ୍ ମିଟର ମୋରମ ନେବା ପାଇଁ ୩୮, ୮୬୦ ଟଙ୍କା ହିସାବରେ ୨ ହଜାର କ୍ୟୁବିକ ମିଟର ପାଇଁ ଲିଜ୍ ଦିଆଯାଇଛି। ଏହି ଲିଜ୍ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଦିଆଯାଇଛି। ଦିନକୁ ୨୦୦ ଟ୍ରିପ ହାଇୱା ଯୋଗେ ମୋରମ ଚାଲାଣ କରାଗଲେ ୨ରୁ ୩ଦିନ ଭିତରେ ଅନୁମତି ପାଇଥିବା ମୋରମ ଚାଲାଣ ଶେଷ ହୋଇଯିବ। ତେବେ ମୋରମ ଚାଲାଣ ଠିକ୍‌ରେ ହେଉଛି କି ନାଁ ତା'ର ଯାଞ୍ଚ ହେଉ ନ ଥିବାରୁ ଅନିୟମିତତାକୁ ରୋକି ହେଉନି। ଏନେଇ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ କହିଛନ୍ତି, କମ୍ପାନୀ କିଛି ଅସାମାଜିକ ଲୋକଙ୍କୁ ଧରି ବେଆଇନ ଖଣି ଖନନ କାର୍ଯ୍ୟ ଚାଲୁ ରଖିଛି। ଅଭିଯୋଗ କଲେ ଧମକଚମକ ଦେଇ ମୁହଁ ବନ୍ଦ କରାଯାଉଛି। ଏହି ବେଆଇନ କାର୍ଯ୍ୟରେ କିଛି ନାମୀଦାମୀ ଲୋକ ସାମିଲ ଅଛନ୍ତି। ତେଣୁ ଏହାର ତଦନ୍ତ କରାଯିବା ଦରକାର। ନଚେତ ସମ୍ପୃକ୍ତ ଖଣି ଆଉ କିଛି ଦିନ ପରେ ୧୫୦ ଫୁଟର ଗର୍ତ୍ତ ହୋଇଯିବ। ଏବେ ୭୦ ଫୁଟରୁ ଅଧିକ ଗର୍ତ୍ତ ହୋଇସାରିଲାଣି। ଏ ସମ୍ପର୍କରେ ରଣପୁର ତହସିଲଦାର ସଞ୍ଜୟ ସାମନ୍ତରାୟ କହିଛନ୍ତି, ୨ହଜାର କ୍ୟୁବିକ ମିଟର ମୋରମ ଉଠାଇବା ପାଇଁ ୨ଟି ଲିଜ୍ ଦିଆଯାଇଛି। କମ୍ପାନୀ ଅଧିକ ମୋରମ ନେଉଥିବା ଅଭିଯୋଗ ଆସିଲେ ତଦନ୍ତ କରାଯିବା ସହ ପୁଣି ନୂଆ ରୟାଲିଟି କଟାଯିବ ଓ ଫାଇନ ଆଦାୟ କରାଯିବ। ଏନେଇ ଝରପଡ଼ା ଆରଆଇ ରାଜ ସାହୁ କହିଛନ୍ତି, ଏ ସର୍କଲରେ ମୋରମ ଖଣି ଲିଜ୍ ଦିଆଯାଇଥିବା ନେଇ ମୋତେ ଅବଗତ କରାଯାଇ ନାହିଁ। ରସିଦ୍ କିଏ କାଟିଛନ୍ତି ତାହା ମଧ୍ୟ ମୋତେ ଜଣାନାହିଁ।

## ସାଇକେଲରେ ସିକନ୍ଦରାବାଦ୍‌ରୁ ବାହାରିଥିଲେ ଅବଦୁଲ

- ପାଖରେ ଥିଲା ୩୫୦ ଟଙ୍କା
- ୪୦୦ କିଲୋମିଟର ସାଇକେଲ ଚଳାଇବା ପରେ ଟ୍ରକରେ ଆସିଥିଲେ
- କଟକରୁ ଚାଲିଚାଲି ବିରିଡ଼ି ଆସିଲେ

**ଜଗତ୍‌ସିଂହପୁର ଅଫିସ,୧୦।୫**

ଲକ୍‌ଡାଉନ ଯୋଗୁ ଜୀବିକା ହରାଇ ବାହାର ରାଜ୍ୟରେ ଦୁର୍ଦ୍ଦଶା ଭୋଗିଥିବା ଜଣେ ଓଡ଼ିଆ ପ୍ରବାସୀ ହେଲେ ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ତଳପାଟର ଅବଦୁଲ ମୁନିନ୍। ସେ ତେଲଙ୍ଗାନାର ସିକନ୍ଦରାବାଦ୍ ପାରାଡାଇଜ୍ ଅଞ୍ଚଳର ଏକ ହୋଟେଲରେ କାମ କରୁଥିଲେ। ହୋଟେଲ ବନ୍ଦ ହୋଇଯିବାରୁ ସେଠାରେ ଅଧିକ ଦିନ ରହିବାକୁ ନିରାପଦ ମଣି ନ ଥିଲେ। ହେଲେ ଫେରିବାକୁ ଟ୍ରେନ୍ ନ ଥିଲା କି ବସ୍। ପାଖରେ ଥିଲା କେବଳ ଏକ ପୁରୁଣା ସାଇକେଲ ଓ ୩୫୦ ଟଙ୍କା। ମନକୁ ଦୃଢ଼ କରି ଗତ ୧ ତାରିଖରେ ଅବଦୁଲ ବାହାରିଥିଲେ ଗାଁ ଅଭିମୁଖେ। କଦଳି, ପାଉଁରୁଟି ଖାଇ ଭୋକ ମେଣ୍ଟାଇବା ସହ ସନ୍ଧ୍ୟାରେ ମୁଖ୍ୟରାସ୍ତା କଡ଼ ଏକ ବସ୍ ଷ୍ଟପ୍‌ରେ ରହିଥିଲେ। ୨ ତାରିଖ ସକାଳୁ ପୁଣି ଯାତ୍ରା ଆରମ୍ଭ କରିଥିଲେ। ବାଟରେ କେତେଜଣ ପୋଲିସ ତାଙ୍କୁ ଖାଇବାକୁ ଦେଇଥିଲେ। ସନ୍ଧ୍ୟାରେ ରାସ୍ତାପାର୍ଶ୍ୱ ଏକ ଛୋଟ ମନ୍ଦିର ଚଉତୁରାରେ ଶୋଇ ପଡିଥିଲେ। ୩ ତାରିଖରେ ସନ୍ଧ୍ୟାରେ ଆଉ ଏକ ବସ୍ ଷ୍ଟପ୍‌ରେ ରାତ୍ରିଯାପନ କରିଥିଲେ। କିନ୍ତୁ ଭୋକରେ ରହିବାକୁ ପଡ଼ିଥିଲା। ୪ ତାରିଖରେ କିଛି ଦୂର ଆସିଲା ପରେ ହାଲିଆ ଲାଗିଥିଲା। ସୌଭାଗ୍ୟକୁ ଏକ ଢାବା ନଜରକୁ ଆସିଥିଲା। ଉକ୍ତ ସ୍ଥାନ ବିଜୟୱାଡା-ବିଶାଖାପଟ୍ଟନମ୍ ମଧ୍ୟରେ ଥିବାବେଳେ ଅବଦୁଲଙ୍କ ଯାତ୍ରା ପାଖାପାଖି ୪୦୦ କିଲୋମିଟର ହୋଇ ଯାଇଥିଲା। ସେଠାରେ ୭୦ ଟଙ୍କା ଦେଇ ଡାଲି, ଭାତ ଖାଇଥିଲେ। ତଥାପି ସାଇକେଲ ଚଳାଇବାକୁ ବଳ ପାଉ ନ ଥିଲା। ନିକଟରେ ଏକ ଟ୍ରକ୍ ଛିଡା ହୋଇଥିବା ଦେଖି ତାଙ୍କୁ ସହଯୋଗ ମାଗିଥିଲେ। ପ୍ରଥମେ ଟ୍ରକ୍ ଚାଳକ ରାଜି ହୋଇ ନ ଥିଲେ। ସେଠାରେ ଥିବା ଅନ୍ୟ ଏକ ଟ୍ରକ୍ ଚାଳକ ବୁଝାଶୁଝା କରିବାରୁ ଅବଦୁଲଙ୍କ ଇଚ୍ଛାପୁରମ୍‌ରେ ପହଞ୍ଚିବା ଆଶା ଉଜ୍ଜୀବିତ ହୋଇଥିଲା। ସାଇକେଲ ଛାଡି ସେ ଟ୍ରକ୍ ଚାଳକଙ୍କ ଛାତ ଉପରକୁ ଚଢିଯାଇଥିଲେ। ଇଚ୍ଛାପୁରମ୍‌ରେ ପହଞ୍ଚିଲା ପରେ ଟ୍ରକ୍ ଚାଳକ ତାଙ୍କୁ ଖାଇବାକୁ ଦେବା ସହ ଭଦ୍ରକ ଯାଉଥିବା ଅନ୍ୟ ଏକ ଟ୍ରକ୍ ଚାଳକଙ୍କୁ ଅନୁରୋଧ କରି ବସାଇ ଦେଇଥିଲେ। ଏହି ଟ୍ରକ୍ ୫ ତାରିଖ ସକାଳେ କଟକ ଲିଙ୍କରୋଡ୍‌ରେ ଛାଡି ଚାଲି ଯାଇଥିଲା। ପରେ ଅବଦୁଲ ୩ ଘଣ୍ଟା ଚାଲି ଚାଲି ଆସି ବିରିଡ଼ି ଥାନାରେ ପହଞ୍ଚିଥିଲେ। ପରେ ସେ ବାଲିଆଷ୍ଟୋର ନିକଟ ଅଳକା ବିଦ୍ୟାଳୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ।

## ୧୦ହଜାର ପ୍ରବାସୀଙ୍କ ପାଇଁ ୧୭୮ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର

**ଚଣ୍ଡିଖୋଲ, ୧୦।୫ (ଡି.ଏନ୍.ଏ.)**

**କରୋନା ମୁକାବିଲା ନିମନ୍ତେ ସମୀକ୍ଷା ବୈଠକ**



ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲାପାଳ ରଞ୍ଜନ କୁମାର ଦାସ ଓ ଅନ୍ୟମାନେ।

ରାଜ୍ୟ ବାହାରୁ ଓଡ଼ିଆ ଶ୍ରମିକମାନେ ଫେରୁଥିବା ବେଳେ ସେମାନଙ୍କ ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧୀନ ୪୩ ପଞ୍ଚାୟତକୁ ପ୍ରାୟ ୧୦ହଜାର ପ୍ରବାସୀ ଫେରିବାକୁ ଥିବା ବେଳେ ସେମାନଙ୍କ ପାଇଁ ୧୭୮ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ପ୍ରସ୍ତୁତ କରାଯାଇଛି। ଉକ୍ତ ଶିବିରରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ମାସ୍କ, ଗ୍ଲୋବ, ସାନିଟାଇଜର, ହ୍ୟାଣ୍ଡୱାଶ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି ବୋଲି ରବିବାର ଆୟୋଜିତ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ବିଧାୟକ ଅମର ପ୍ରସାଦ ଶତପଥୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଶିବିର ମଧ୍ୟକୁ ବାହାର ଲୋକଙ୍କୁ ପ୍ରବେଶ ନିଷେଧ କରିବା ସହ ସେଠାରେ ୧୪୪ ଧାରା ଜାରି କରିବା ଓ ବିଶୃଙ୍ଖଳାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ବିଧାୟକ ଶତପଥୀ ପରାମର୍ଶ ଦେଇଥିଲେ। ଜିଲାର ପ୍ରାୟ ୫୮ ହଜାର ପ୍ରବାସୀ ଓଡ଼ିଆ ଫେରିବାକୁ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରେ ବଡ଼ଚଣା ବ୍ଲକର ୭ ହଜାର ୩୮ଜଣ ରହିଛନ୍ତି। ତେବେ ସେମାନଙ୍କ ପରିବାର ସଦସ୍ୟଙ୍କୁ ମିଶାଇଲେ ଏହି ସଂଖ୍ୟା ୧୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଅସ୍ଥାୟୀ ଶିବିରରେ ରହୁଥିବା ପ୍ରବାସୀଙ୍କ ମଧ୍ୟରେ ଖାଦ୍ୟ କମିଟି, ସାଂସ୍କୃତିକ କମିଟି ଓ ସ୍ୱଚ୍ଛତା କମିଟି କରି ପରିଚାଳନା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବିଡିଓ ଅଜିତ ନାରାୟଣ ଗିରି, ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି, ଡା. ରଶ୍ମୀରଞ୍ଜନ ପଶାୟତ, ଏସ୍‌ଡିଓ ଶୈଳେସ ରଞ୍ଜନ ପଟେଲ, ଭାଗ୍ୟଧର ମଲିକ, ଅରବିନ୍ଦ ସାମଲ, ବିନୋଦିନୀ ସାହୁ, ବିପିନ ବିହାରୀ ଜେନା ଉପସ୍ଥିତ ଥିଲେ। ଏହାପରେ ବିଧାୟକ ଶତପଥୀ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁଷଣ୍ଡପୁର ପଞ୍ଚାୟତର ମହାଖଳା ସେବାଶ୍ରମଠାରେ ହୋଇଥିବା କୋଭିଡ୍-୧୯ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ଯାଇ ଭିତ୍ତିଭୂମି ଯାଞ୍ଚ କରିଥିଲେ।

## କଟିକଟା କଣ୍ଟେନମେଣ୍ଟ ଅବଧି ୨୪ ଯାଏ ବୃଦ୍ଧି

**ଯାଜପୁର ଅଫିସ,୧୦।୫**

ଯାଜପୁର ଜିଲା ଦଶରଥପୁର ବ୍ଲକ କଟିକଟା କଣ୍ଟେନମେଣ୍ଟ ଜୋନ ଅବଧିକୁ ଜିଲାପାଳ ରଞ୍ଜନ କୁମାର ଦାସ ଆସନ୍ତା ୨୪ ତାରିଖ ରାତି ୮ଟା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି କଣ୍ଟେନମେଣ୍ଟ ଜୋନ୍‌ରେ କଟିକଟା, ବିରଜାପୁର, ମହାନ୍ତିପାଟଣା, ଅକରପଦା ଓ ଦେଓପଡା ଗ୍ରାମ ରହିଛି। ପରୀକ୍ଷାରେ ତତ୍ପରତା, ସ୍ୱାବ ସଂଗ୍ରହ, ସାମାଜିକ ଦୂରତା ବଜାୟ ଆଦି କାର୍ଯ୍ୟ ସମ୍ପାଦନ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲାପାଳ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୬ ତାରିଖରେ କଟିକଟା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିଲା।

## ଧର୍ମଶାଳା ବ୍ଲକରୁ ୨ କରୋନା ପଜିଟିଭ୍ ଚିହ୍ନଟ

- ଉଭୟେ ସୁରଟରୁ ଫେରି କ୍ୱାରାଣ୍ଟାଇନରେ ଥିଲେ
- କଳିଙ୍ଗନଗରସ୍ଥିତ ଟାଟା କୋଭିଡ୍-୧୯ ହସ୍ପିଟାଲରେ ଭର୍ତ୍ତି ହେଲେ ସଂକ୍ରମିତ

**ଧର୍ମଶାଳା, ୧୦।୫ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଞ୍ଚଳରେ ପ୍ରଥମକରି ରବିବାର ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବ୍ଲକ ଅଧୀନ ଦେଉଦା ପଞ୍ଚାୟତର ଓ ଅନ୍ୟ ଜଣେ ପଟୁଣିଆ ପଞ୍ଚାୟତର ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି। ସେମାନେ ନିକଟରେ ଗୁଜରାଟର ସୁରଟରୁ ଫେରିଥିଲେ। ଯାଜପୁର ଜିଲାରେ ପୂର୍ବରୁ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ିଥିବା ବେଳେ ଏବେ ସୁରଟ ଫେରନ୍ତାଙ୍କୁ ନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ ରାଜ୍ୟର ବିଭିନ୍ନ ଜିଲାକୁ ସୁରଟରୁ ଫେରୁଥିବା ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରୁ ଅଧିକାଂଶ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଧର୍ମଶାଳା ବ୍ଲକକୁ ଶନିବାର ସୁଦ୍ଧା ୨୬ଜଣ ସୁରଟରୁ ଫେରିଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସମସ୍ତଙ୍କୁ ପଞ୍ଚାୟତ ତରଫରୁ କରାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି। ତେବେ ସେମାନଙ୍କର ସ୍ୱାବ୍ ନମୁନା ଟେଷ୍ଟ ପାଇଁ ପଠାଯାଇଥିବା ବେଳେ ୨ଜଣ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ଏହାପରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ବିଡିଓ ସ୍ମିତା ରଥ ଓ ଥାନାଧିକାରୀ ସରୋଜ ସାହୁ ଦେଓଦା ଉଭୟ କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚି ରୋଗୀ ଦ୍ୱୟଙ୍କୁ କଳିଙ୍ଗନଗରସ୍ଥିତ ଟାଟା କୋଭିଡ୍-୧୯ ହସ୍ପିଟାଲକୁ ପଠାଇଛନ୍ତି। ଏଥିସହିତ ଦୁଇଟି ଯାକ କ୍ୱାରାଣ୍ଟାଇନ ସେଣ୍ଟରକୁ ଚଣ୍ଡିଖୋଲ ଦମକଳବାହିନୀ ପକ୍ଷରୁ ବିଶୋଧିତ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି।

## କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି

**ଖଣ୍ଡପଡା,୧୦।୫(ସ୍ୱ.ପ୍ର.)**

ରବିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଗ୍ରାମରେ କଚ୍ଚାଘର ଭାଙ୍ଗିଯାଇଛି। ଚାଳ, ଟିଣ ଓ ଆଜବେଷ୍ଟସ ଉଡ଼ି ଯାଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାସ୍ତା ପାର୍ଶ୍ୱ ଗଛ ଡ଼ାଳ ଭାଙ୍ଗି ପଡ଼ିବାରୁ ଖଣ୍ଡପଡ଼ା-କଣ୍ଟିଲୋ ମଧ୍ୟରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଖଣ୍ଡପଡ଼ା-କଣ୍ଟିଲୋ ଓ ଖଳିସାହି-ଆଡକଟା ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ମୁଖ୍ୟ ରାସ୍ତା ଉପରେ ପଡି ରହିଥିବା ଗଛଡାଳଗୁଡ଼ିକୁ ହଟାଇବା ନିମନ୍ତେ ସ୍ଥାନୀୟ ବାସିନ୍ଦା ଲାଗି ପଡିଛନ୍ତି। ଏହାଛଡା କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ କୁଆପଥର ବର୍ଷା ଯୋଗୁ ପରିବା ଚାଷୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ଓ ପବନର ପ୍ରଭାବରେ ଆମ୍ବ ଝଡ଼ି ପଡ଼ି ନଷ୍ଟ ହୋଇଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି।

## ବିରିଡ଼ି ଅଞ୍ଚଳରେ ବଢୁଛି ରାହାଜାନି

**ବିରିଡ଼ି,୧୦।୫(ଡି.ଏନ.ଏ.)**

ଲକ୍‌ଡାଉନ ଯୋଗୁ ବିରିଡ଼ି ବ୍ଲକ ଅଞ୍ଚଳର ବିରିଡ଼ି, ବାଲିଆ, ବାଲିଆଷ୍ଟୋର, ଅଣଖିଆ, ହାଜିପୁର, ଦଳେଇ ଘାଇ, କଇଜଙ୍ଗା ଓ ୨୨ ମୌଜା ଆଦି ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡ଼ି ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି। ଏସବୁ ବଜାର ସନ୍ଧ୍ୟା ହେବା ମାତ୍ରେ ଜନଶୂନ୍ୟ ହୋଇପଡୁଛି। ଫଳରେ ଅଞ୍ଚଳରେ ରାହାଜାନି ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବିରିଡ଼ି ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ୨୨ ମୌଜା ଅଞ୍ଚଳରେ ଅସାମାଜିକ ଲୁଟ୍‌ପାଟ କରିବା ଆରମ୍ଭ କରି ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ବାଲିଆ ଷ୍ଟୋରର ଔଷଧ ଦୋକାନୀ ଅନନ୍ତ ନାରାୟଣ ସାହୁଙ୍କୁ ୩ଜଣ ଯୁବକ ବନ୍ଧୁକ ଓ ଭୁଜାଲି ଦେଖାଇ ତାଙ୍କ ସୁନାଚେନ ଓ ମୁଦି ଛଡ଼ାଇ ନେଇଛନ୍ତି। ସେ ଦୋକାନ ବନ୍ଦ କରି ବାଇକ୍ ଯୋଗେ ଘରକୁ ଯାଉଥିଲେ। ଏହି ସମୟରେ ସମ୍ପୃକ୍ତ ୩ ମୁଖାପିନ୍ଧା ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ବାଲିଆଷ୍ଟୋର-୨୨ ମୌଜାରାସ୍ତାର ଭଞ୍ଜ ବେହେରାଙ୍କ ଘର ନିକଟରେ ଅଟକାଇଥିଲେ। ପରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମୁଦି ଓ ଚେନ୍ ଛଡ଼ାଇ ବାଲିଆ ଷ୍ଟୋର ଆଡ଼କୁ ପଳାଇଥିଲେ। ଏନେଇ ଅନନ୍ତ ନାରାୟଣ ବିରିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗାଁ ପୋଖରୀକୁ ପୋତିଦେଲେ ଯୁବକ

**ବାଲିକୁଦା,୧୦।୫(ସ୍ୱ.ପ୍ର.)**

**ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ**

ବାଲିକୁଦା ତହସିଲର ମାଳ ଅନନ୍ତପୁର ଆର୍‌ଆଇ ସର୍କଲ ଅଧୀନ ଜଗନ୍ନାଥପୁର ଗାଁରେ ଥିବା ଏକ ସରକାରୀ ପୋଖରୀକୁ ସେହି ଗ୍ରାମର ଜଣେ ଯୁବକ ପୋତିବାରେ ଲାଗିଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ବାଲିକୁଦା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ଘଟଣାସ୍ଥଳକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ଏହାର ତଦନ୍ତ କରାଇଛନ୍ତି। ରାଜସ୍ୱ ନିରୀକ୍ଷକ ଯୁବକଙ୍କୁ ବାରଣ କରିବା ପରେ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକ ପୋଖରୀକୁ ପୋତିବା ଦ୍ୱାରା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର କାଳନ୍ଦୀ ସ୍ୱାଇଁ, ପଞ୍ଚାନନ ସାହୁ, ସର୍ବେଶ୍ୱର ମହାରଣା, ବୁଲାକି ସ୍ୱାଇଁ ପ୍ରମୁଖ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ।

## ୧୪୩ ନମୁନା ନେଗେଟିଭ

**ରସୁଲପୁର, ୧୦।୫ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ଥିବା ୩୦ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ରାଜ୍ୟରୁ ଫେରିଥିବା ଶ୍ରମିକମାନଙ୍କୁ ରଖାଯାଇଛି। ଉକ୍ତ କେନ୍ଦ୍ରଗୁଡ଼ିକରେ ରହୁଥିବା ୧୫୫ଜଣ କୋଲକାତା ଫେରନ୍ତାଙ୍କର ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା। ପୂର୍ବରୁ ୩ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ରବିବାର ସୁଦ୍ଧା ଅନ୍ୟ ୧୪୩ ଜଣଙ୍କ ରିପୋର୍ଟ ଆସିଛି। ସମସ୍ତ ରିପୋର୍ଟ ନେଗେଟିଭ୍ ଥିବା ଜଣାପଡ଼ିଛି।

## ନିଷ୍କାସନ ପଥ ବନ୍ଦ: ରାସ୍ତାରେ ଜମୁଛି ପାଣି

**ଖଣ୍ଡପଡା,୧୦।୫(ସ୍ୱ.ପ୍ର.)**



ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମର ମୁଖ୍ୟ ରାସ୍ତା ସମେତ ମର୍ଦ୍ଦରାଜପୁର- ହରିଚନ୍ଦନପୁର ରାସ୍ତାରେ ସାମାନ୍ୟ ବର୍ଷା ହେଲେ ବର୍ଷା ପାଣି ଜମି ରହୁଛି। ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ସାଙ୍ଗକୁ ଜଳ ନିଷ୍କାସନ ପଥ ବନ୍ଦ ହୋଇଯାଇଥିବାରୁ ରାସ୍ତା ପାଣି ଘରେ ପଶୁଛି। ରବିବାର ଅପରାହ୍ନରେ ହଠାତ୍ କାଳ ବୈଶାଖୀ ସାଙ୍ଗକୁ ସାମାନ୍ୟ ବର୍ଷା ହେବାଯୋଗୁ ରାସ୍ତା ଉପରେ ବର୍ଷା ପାଣି ଜମିବା ସହ ଏହା ପାର୍ଶ୍ୱରେ ଥିବା ଘରଗୁଡିକରେ ପାଣି ପଶିଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ମର୍ଦ୍ଦରାଜପୁର ଗ୍ରାମବାସୀ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମିଳିନି ରାଶନ କାର୍ଡ: ବହୁ ପରିବାର ଦୁର୍ଦ୍ଦଶାରେ

**ଲକ୍‌ଡାଉନ୍ ପରେ ବଢ଼ିଛି ଦୁଃଖ**
- ଭୋକ ଉପାସରେ ଦିନ କାଟୁଛନ୍ତି ଗରିବ, ଦିନ ମଜୁରିଆ ପରିବାର
- ରାଶନକାର୍ଡ ନ ଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁନି ସରକାରୀ ସହାୟତା
- ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ଯୋଗାଇ ଦେବାକୁ ଦାବି

**ବିଞ୍ଝାରପୁର, ୧୦।୫ (ଡି.ଏନ୍.ଏ.)**

କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ରୋକିବାକୁ ସାରା ଦେଶରେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଜାରି ରହିଛି। ଏଥିଯୋଗୁ ପ୍ରାୟ ସବୁ କ୍ଷେତ୍ରରେ କାର୍ଯ୍ୟ ବନ୍ଦ ହୋଇଯାଇଥିବାରୁ ଦିନ ମଜୁରିଆ ଓ ଗରିବ ଶ୍ରେଣୀର ଲୋକେ ଯେପରି ଅସୁବିଧା ନ ଭୋଗନ୍ତି, ସେଥିଲାଗି ରାଶନ କାର୍ଡଧାରୀଙ୍କୁ ୩ମାସର ରାଶନ ସାମଗ୍ରୀ ଆଗୁଆ ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଞ୍ଚଳର ହଜାର ହଜାର ଗରିବ ପରିବାର ରାଶନ କାର୍ଡ ପାଇ ନ ଥିବାରୁ ସେମାନେ ଏହାର ସୁବିଧା ପାଇପାରିନାହାନ୍ତି। ଏ ନେଇ ବ୍ଲକ ଅଞ୍ଚଳର ସାମାଜିକ କର୍ମୀ ଅବଦୁଲ କାଦିର ଖାଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ତାଙ୍କ କହିବା ଅନୁସାରେ ୨୦୧୧ ଜନଗଣନା ଅନୁସାରେ ୪୦,୬୩୦ ଗରିବ ପରିବାର ଥିଲେ। ଇତିମଧ୍ୟରେ ପ୍ରାୟ ୧୦ ବର୍ଷ ବିତି ସାରିଥିବାରୁ ଏହି ସଂଖ୍ୟା ନିଶ୍ଚିତ ଭାବେ ବୃଦ୍ଧି ପାଇଥିବ। ମାତ୍ର ଏବେ ବ୍ଲକ ଅଞ୍ଚଳର ୪୦,୧୫୨ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ତେବେ ପ୍ରାୟ ୫ହଜାର ଗରିବ ପରିବାର ରାଶନ କାର୍ଡରୁ ବଞ୍ଚିତ ହୋଇଥିବା ବେଳେ ଲକ୍‌ଡାଉନ୍ ସମୟରେ ଭୋକ ଉପାସରେ ଦିନ କାଟୁଛନ୍ତି ବୋଲି ସାମାଜିକ କର୍ମୀ ଖାଁ କହିଛନ୍ତି। ବ୍ଲକ ଅଧୀନ ଅରେଇ ପଞ୍ଚାୟତର ଭଗବାନ ମଳିକ, ମନୋରଞ୍ଜନ ମଳିକ, ଉତ୍ତଙ୍ଗରା ପଞ୍ଚାୟତର ହେମଲତା ବେହେରା, ରଣପୁର ପଞ୍ଚାୟତର ବୀଣାପାଣି ନାୟକ, ସୁମିତ୍ରା ନାୟକ, ବିକ୍ରମ ନାୟକ, ମନୀଷା ନାୟକଙ୍କ ସମେତ ବ୍ଲକର ୨୯ଗୋଟି ପଞ୍ଚାୟତର ଶହ ଶହ ଗରିବ ଦିନ ମଜୁରିଆ ପରିବାରଙ୍କ ନାମରେ ରାଶନ କାର୍ଡ ନାହିଁ। ଫଳରେ ଉକ୍ତ ପରିବାର ଖାଦ୍ୟ ସୁରକ୍ଷା ଯୋଜନାର ଲାଭ ପାଇପାରୁ ନାହାନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ଗରିବ ପରିବାରକୁ ରାଶନ କାର୍ଡ ଯୋଗାଇ ଦେବାକୁ ସାମାଜିକ କର୍ମୀ ଖାଁ ଦାବି କରିଛନ୍ତି। ଏ ସମ୍ପର୍କରେ ବଜାର ନିରୀକ୍ଷକ ଶୁଭାଙ୍ଗି ରାୟଙ୍କୁ ପଚାରିବାରେ ଏବେ ୪୦,୧୫୨ ପରିବାରଙ୍କୁ ରାଶନ ସାମଗ୍ରୀ ଦିଆଯାଉଛି। ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ନୂତନ କାର୍ଡଧାରୀଙ୍କୁ ଖୁବ୍ ଶୀଘ୍ର ରାଶନ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ସୋମବାର, ମେ ୧୧, ୨୦୨୦



## ସଂକ୍ଷେପରେ

### ମାର୍କେଟ କମ୍ପ୍ଲେକ୍ସ ମାଲିକଙ୍କ ମହାନତା
### ବ୍ୟବସାୟୀଙ୍କ ୨ ମାସର ଭଡ଼ା ଛାଡ଼

ବନ୍ତ, ୧୦।୫(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବଜାର ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାରିଣୀ କମ୍ପ୍ଲେକ୍ସର ମାଲିକ ତଥା ପୁରୁଷୋତ୍ତମପୁର ଗ୍ରାମର ଖଗେଶ୍ୱର ବିଶ୍ୱାଳଙ୍କ ସ୍ତ୍ରୀ କମଳା ବିଶ୍ୱାଳ ଲକ୍‌ଡାଉନ୍ ପାଇଁ ବ୍ୟବସାୟୀମାନଙ୍କୁ ୨ମାସର ଘର ଭଡା ଛାଡ କରି ମହାନତା ଦେଖାଇଛନ୍ତି । ସେଠାରେ ବ୍ୟବସାୟୀମାନେ ପ୍ରାୟ ୮ ବର୍ଷ ଧରି ବ୍ୟବସାୟ କରି ଆସୁଛନ୍ତି। ଏଭଳି କାର୍ଯ୍ୟ ପାଇଁ ବ୍ୟବସାୟୀମାନେ କୃତଜ୍ଞତା ଜଣାଇଛନ୍ତି।

### ଶ୍ରମିକଙ୍କୁ ମିଳି ନାହିଁ ଚୂଡ଼ାନ୍ତ ଦେୟ

ଯୋଡ଼ା, ୧୦।୫(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଥିବା ଏକାଧିକ ଖଣିର ଲିଜ୍ ଅବଧି ମାର୍ଚ୍ଚ ୩୧ ତାରିଖରେ ସରିବା ପରେ ମଧ ଖଣିରେ କାର୍ଯ୍ୟରତ ଶ୍ରମିକମାନଙ୍କର ଚୂଡ଼ାନ୍ତ ଦେୟ ଖଣି ଲିଜ୍‌ଧାରୀ କମ୍ପାନୀମାନେ ପ୍ରଦାନ କରୁ ନ ଥିବା ଶ୍ରମିକ ସଂଗଠନ ଏଆଇଟିୟୁସି ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗରେ କୁହାଯାଇଛି ଯେ, ବିଭିନ୍ନ ଖଣିରେ କାମ କରୁଥିବା ଶ୍ରମିକମାନେ ଲିଜ୍ ଅବଧିର ପରିସମାପ୍ତି ପରେ ମଧ ସେମାନଙ୍କର ପ୍ରାପ୍ୟ ବୋନସ୍, ଛୁଟି ପଇସା, ଗ୍ରାଚ୍ୟୁଇଟି ଏବଂ ଚୂଡ଼ାନ୍ତ ଦେୟ ପାଇନାହାନ୍ତି। ଆଶା ଓ ଆଶଙ୍କାରେ ଏହି ଖଣି ଶ୍ରମିକମାନେ ରହିଥିବା ବେଳେ ଶ୍ରମିକ ସଂଗଠନ ପକ୍ଷରୁ କେନ୍ଦ୍ରୀୟ ଶ୍ରମ ସଚିବ, ନୂଆଦିଲ୍ଲୀ ଓ ଡେପୁଟି ମୁଖ୍ୟ ଶ୍ରମ କମିଶନର ଭୁବନେଶ୍ୱରଙ୍କୁ ଏ ବାବଦରେ ଅଭିଯୋଗପତ୍ର ଦିଆଯାଇଛି। ଖଣି କାର୍ଯ୍ୟ ବନ୍ଦ ହେବାର ୨ ଦିନ ମଧରେ ଶ୍ରମିକମାନଙ୍କର ଫାଇନାଲ ପେମେଣ୍ଟ ଦେବାର ପ୍ରାବଧାନ ଥିଲେ ହେଁ, ଖଣି କମ୍ପାନୀଗୁଡ଼ିକ ଏଥିରେ ଖିଲାପ କରି ଆସୁଛନ୍ତି। ଏ ସଂକ୍ରାନ୍ତରେ କୌଣସି ଖଣି କମ୍ପାନୀର ଅଧିକାରୀମାନଙ୍କ ସହିତ ଯୋଗାଯୋଗ ହୋଇପାରି ନାହିଁ। କାରଣ ଅଧିକାଂଶ ଖଣି ଅଧିକାରୀ ଲକ୍‌ଡାଉନ୍ ଥିବାରୁ ନିଜ ଅଞ୍ଚଳକୁ ଚାଲି ଯାଇଛନ୍ତି।

# ଚାଲି ଚାଲି ଆସି ଥକି ପଡ଼ିଲେ

- ପଶ୍ଚିମବଙ୍ଗରୁ କେନ୍ଦ୍ରାପଡ଼ା ଫେରୁଥିଲେ
- ୩୫୦ କି.ମି. ପରେ ବାରିପଦାରେ ଅସୁସ୍ଥ ହୋଇ ପଡ଼ିଲେ

ବାରିପଦା ଅଫିସ, ୧୦।୫

କରୋନା ସଂକ୍ରମଣକୁ ରୋକିବା ପାଇଁ ତୃତୀୟ ପର୍ଯ୍ୟାୟରେ ହୋଇଥିବା ଲକ୍‌ଡାଉନ ସମୟରେ ବିଭିନ୍ନ ସ୍ଥାନରେ ଫସି ରହିଥିବା ଶ୍ରମିକମାନେ ଏବେ ଘରମୁହାଁ ହୋଇଛନ୍ତି। କିଏ ବସ୍‌ରେ ତ ଆଉ କିଏ ଟ୍ରେନ୍‌ରେ ଆସୁଛନ୍ତି। ସେହିଭଳି କେତେକ ବାଇକ୍ ଓ ସାଇକେଲ୍‌ରେ ମଧ ଫେରୁଛନ୍ତି। ଯେଉଁମାନଙ୍କ ପାଖରେ କିଛି ସୁବିଧା ନାହିଁ ସେମାନେ ଚାଲି ଚାଲି ପଳାଇ ଆସୁଛନ୍ତି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବାଲିଆପାଟଣା ପଞ୍ଚାୟତର ସଞ୍ଜୟ କୁମାର ଜେନା (୩୯) ପଶ୍ଚିମବଙ୍ଗରୁ ଚାଲିଚାଲି ଗାଁକୁ ଫେରୁଥିବା ବେଳେ ବାରିପଦାଠାରେ ଥକି ପଡ଼ିଥିଲେ। ୩ ଦିନ ହେଲା ସେ କିଛି ଖାଇ ନ ଥିବାରୁ ଅସୁସ୍ଥ ହୋଇ ପଡ଼ିଥିଲେ। ରବିବାର ଅପରାହ୍ନରେ ପାଲବଣି ଗୋଲେଇଠାରେ ଥିବା ବସ୍‌ଷ୍ଟପଠାରେ ପଡ଼ି ଯାଇଥିଲେ। ଖବର ପାଇ ସବୁଜ ସୁନ୍ଦର ବାହିନୀର ଆବାହକ ଜିତେନ୍ଦ୍ର ମହାନ୍ତି ସେଠାରେ ପହଞ୍ଚି ତାଙ୍କୁ ସହାୟତା କରିଥିଲେ। କିଛି ଖାଦ୍ୟ ପଦାର୍ଥ ଦେବା ପରେ ତାଙ୍କ ଠିକଣା ବୁଝି ବାଲିପାଟଣା ସରପଞ୍ଚ କିଶୋର କୁମାର ଜେନାଙ୍କ ସହିତ ଆଲୋଚନା କରିଥିଲେ। ତାଙ୍କୁ ନେବା ପାଇଁ ସରପଞ୍ଚ ଏକ ଗାଡ଼ି ପଠାଇଥିବା ବେଳେ ଉକ୍ତ ଗାଡ଼ି ବାରିପଦାରେ ପହଞ୍ଚିବା ପରେ ସଞ୍ଜୟଙ୍କୁ ନିଜ ପଞ୍ଚାୟତର କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ନିଆଯିବ ବୋଲି ଜଣାପଡ଼ିଛି।


ବସ୍‌ଷ୍ଟପ୍‌ଠାରେ ସଞ୍ଜୟଙ୍କୁ ଖାଦ୍ୟ ଓ ପାଣି ଦିଆଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ସଞ୍ଜୟ ପଶ୍ଚିମବଙ୍ଗର ମାଲଦା ଜିଲାରେ ଏକ ଠିକା ସଂସ୍ଥା ଦ୍ୱାରା ରେଳ ଟ୍ରାକ୍‌ରେ କାମ କରୁଥିଲେ। ୪୫ ଦିନ ହେଲାଣି ଲକ୍‌ଡାଉନ ଯୋଗୁଁ ତାଙ୍କ ପାଖରେ ଥିବା ଅର୍ଥ ସରି ଯାଇଥିଲା। ଘରକୁ ଯିବା ଲାଗି ନାମ ପଞ୍ଜୀକରଣ କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ନିରାଶ ହୋଇ ସେ ତାଙ୍କ ପଞ୍ଚାୟତର ସରପଞ୍ଚଙ୍କ ସହିତ ଆଲୋଚନା କରିଥିଲେ। ହେଲେ ଘରକୁ ଫେରିବା ପାଇଁ ଗାଡ଼ି ନ ମିଳିବାରୁ ୩ ଦିନ ତଳେ ମାଲଦାରୁ କେନ୍ଦ୍ରାପଡ଼ା ଅଭିମୁଖେ ବାହାରିଥିଲେ। ପ୍ରଥମେ ମାଲଦାରୁ ଏକ ଟ୍ରକ୍‌ରେ ୧୫୦ କି.ମି ଆସିଥିଲେ। ପରେ ସେ ଉକ୍ତ ସ୍ଥାନରୁ ଚାଲିଚାଲି ପ୍ରାୟ ୩୫୦ କି.ମି ଦୂର ବାରିପଦାରେ ପହଞ୍ଚିଥିଲେ।

## ଜଙ୍ଗଲରୁ ବୃଦ୍ଧାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

- ସମ୍ପର୍କୀୟା ବୋହୂ ନିଖୋଜ
- ହତ୍ୟା ସନ୍ଦେହ

ବଡ଼ବିଲ, ୧୦।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ବଳିତା ଗାଁ ନିକଟ ଜଙ୍ଗଲରୁ ଜଣେ ବୃଦ୍ଧାଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ସେ ହେଉଛନ୍ତି ଯୋଡ଼ା ଥାନା ଲହଣ୍ଡାମୁଣ୍ଡା ସାହିର ୭୦ବର୍ଷୀୟା ବୁଦୁନି ମୁଣ୍ଡା। ବୃଦ୍ଧାଙ୍କ ସାଙ୍ଗରେ ଯାଇଥିବା ସମ୍ପର୍କୀୟା ବୋହୂ ନିଖୋଜ ଅଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପୁଅ ସାହେବ ମୁଣ୍ଡା ଅଭିଯୋଗ କରିଛନ୍ତି।

ଶନିବାର ସକାଳେ ବୁଦୁନି ମୁଣ୍ଡା ତାଙ୍କର ସମ୍ପର୍କୀୟା ବୋହୂ ଓ ୩ଜଣ ଛୋଟ ନାତିନାତୁଣୀ ଜାଳେଣି କାଠ ସଂଗ୍ରହ କରିବା ପାଇଁ ବଳିତା ଜଙ୍ଗଲକୁ ଯାଇଥିଲେ। କିଛି ସମୟ ପରେ ସମ୍ପର୍କୀୟା ବୋହୂ ୩ ଛୁଆଙ୍କୁ ପାଣି ଆଣିବାକୁ ପଠାଇ ଦେଇଥିଲେ। ଛୁଆମାନେ ପାଣି ଆଣି ଫେରିବା ପରେ ଉଭୟଙ୍କୁ ଆଉ ଜଙ୍ଗଲରେ ନ ପାଇ ଘରକୁ ଫେରିଆସିଥିଲେ। ସବୁ କଥା ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଶନିବାରଠାରୁ ଖୋଜାଖୋଜି କରିବା ପରେ ରବିବାର ସକାଳେ ଜଙ୍ଗଲରୁ ଅର୍ଦ୍ଧଦଗ୍ଧ ମୃତଦେହକୁ ଠାବ କରାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଏବେ ସୁଦ୍ଧା ସମ୍ପର୍କୀୟା ବୋହୂଙ୍କ କୋଣସି ଖବର ମିଳିପାରି ନାହିଁ। ପାଲିସ ସମସ୍ତ ପାରିପାର୍ଶ୍ୱିକ ଅବସ୍ଥାକୁ ଦୃଷ୍ଟିରେ ରଖି ଖୋଳତାଡ଼ ଆରମ୍ଭ କରିଛି।

## ବନ୍ତକୁ ଫେରିଲେ ୯୨ ପ୍ରବାସୀ ଓଡ଼ିଆ

ବନ୍ତ,୧୦।୫(ଡି.ଏନ୍.ଏ.)

ଲକ୍‌ଡାଉନ୍ ସମୟରେ ଅନ୍ୟ ରାଜ୍ୟରୁ ଭଦ୍ରକ ଜିଲା ବନ୍ତ ବ୍ଲକକୁ ଶନିବାର ସୁଦ୍ଧା ୯୨ ଜଣ ପ୍ରବାସୀ ଓଡ଼ିଆ ଫେରିଥିବା ସୂଚନା ମିଳିଛି । ଗତ ୨ ତାରିଖରେ ୫, ୩ରେ ୧୧, ୪ରେ ୧୯, ୫ରେ ୧୧, ୬ରେ ୧୮, ୭ରେ ୯, ୮ରେ ୧୦ ଓ ୯ ତାରିଖରେ ୯ ଜଣ ଫେରିଥିବା ଜଣାଯାଇଛି । ସେମାନଙ୍କ ମଧ୍ୟରୁ ଆନ୍ଧ୍ରପ୍ରଦେଶରୁ ୧, ବିହାରରୁ ୧, ଗୁଜରାଟରୁ ୪୩, ଝାଡ଼ଖଣ୍ଡରୁ ୨, କର୍ନାଟକରୁ ୪, କେରଳରୁ ୭, ମହାରାଷ୍ଟ୍ରରୁ ୩, ରାଜସ୍ଥାନରୁ ୬, ତାମିଲନାଡୁରୁ ୨, ତେଲଙ୍ଗାନାରୁ ୫, ପଶ୍ଚିମବଙ୍ଗରୁ ୧୮ ଜଣ ଆସିଥିବା ସୂଚନା ମିଳିଛି । ସମସ୍ତ ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି ।



ଅନ୍ୟ ରାଜ୍ୟରୁ ବସ୍ ଯୋଗେ ଫେରିଥିବା ପ୍ରବାସୀ ଓଡ଼ିଆ ।

## ଚିତ୍ର ମାଧ୍ୟମରେ ସଚେତନତା ବାର୍ତ୍ତା

ଖଇରା, ୧୦।୫(ଡି.ଏନ.ଏ.)

ଦେଶରେ କରୋନା ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଛି । ବାଲେଶ୍ୱର ଜିଲା ଖଇରା ବ୍ଲକରେ ୩ଜଣ କୋଲକାତା ଫେରନ୍ତା ସଂକ୍ରମିତ ଏବେ ଚିକିତ୍ସାଧୀନ ଅଛନ୍ତି। ଏ ଦିଗରେ ସତର୍କ ରହିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବିଜ୍ଞାପନ ମାଧ୍ୟମରେ ସଚେତନ କରାଯାଉଛି। ହେଲେ ଅଧିକାଂଶ ଲୋକ ନିୟମକୁ ଉଲ୍ଲଂଘନ କରି ଚାଲିଛନ୍ତି। ସିମୁଳିଆ ନିର୍ବାଚନମଣ୍ଡଳୀ ସମେତ ସାରା ରାଜ୍ୟବାସୀଙ୍କୁ ନିଆରା ଢଙ୍ଗରେ ସଚେତନତା ବାର୍ତ୍ତା ଦେବା କାର୍ଯ୍ୟ ଆରମ୍ଭ କରିଛନ୍ତି ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ରବିବାର ମଧ୍ୟାହ୍ନରେ ଖରାକୁ ଭ୍ରୁକ୍ଷେପ ନ କରି ସେ ଧୋବାଗଡିଆ-ରାଣିତାଲ ରାସ୍ତାର ବାରାପୁର, ଧୋବାଗଡିଆ ଏବଂ କୁପାରୀ-ସୋର ରାସ୍ତାର କୁପାରୀ, ନହଙ୍ଗ, ଖଇରା ଥାନା ନିକଟରେ ରାସ୍ତା ଉପରେ ପେଣ୍ଟିଂ ମାଧ୍ୟମରେ ସଚେତନତା ବାର୍ତ୍ତା ଦେବାକୁ ଉଦ୍ୟମ କରିଛନ୍ତି । କରୋନା ଭୂତାଣୁ ଚିତ୍ର ଆଙ୍କି ତା ଉପରେ ଘରେ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ, ସାମାଜିକ ଦୂରତା ନିୟମକୁ ମାନିବା ଭଳି ସଚେତନା ବାର୍ତ୍ତା ଲେଖୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ଏଥିରେ ଦୁଙ୍ଗୁରା ପଞ୍ଚାୟତ ସମିତିସଭ୍ୟ ପ୍ରକାଶ ଲେଙ୍କା, ଶଶାଙ୍କ ଶେଖର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଚିତ୍ର ମାଧମରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୁଝାଉଛନ୍ତି।

## ନେସ୍କୋ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି

ଜଳେଶ୍ୱର, ୧୦।୫(ସ୍ୱ.ପ୍ର)

ଦେଶରେ କାର୍ଯ୍ୟରତ ପୋଲିସ, ଡାକ୍ତର, ନର୍ସ, ସଫେଇ କର୍ମଚାରୀ ଓ ଗଣମାଧ୍ୟମ କର୍ମଚାରୀଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରି ଜୀବନବୀମାର ବ୍ୟବସ୍ଥା କରିଥିବା ବେଳେ ସବୁ ବେଳେ ବିପଦକୁ ହାତେଇ ନେଇଥିବା ନେସ୍କୋ କର୍ମଚାରୀଙ୍କୁ ସେଥିରେ ସାମିଲ କରିବା ଲାଗି ଶନିବାର ନେସ୍କୋ ଶକ୍ତି କର୍ମଚାରୀ ସଂଘ ଦାବି ଜଣାଇଛି। ସେମାନେ କମ୍ପାନୀର ମୁଖ୍ୟ, ଜିଲାପାଳ ଓ ଶକ୍ତି ବିଭାଗ ସଚିବଙ୍କ ଦୃଷ୍ଟିଆକର୍ଷଣ କରିଥିବା ଜଣାଯାଇଛି। ଜଣେ ବିଦ୍ୟୁତ୍ କର୍ମଚାରୀ ୨୪ ଘଣ୍ଟିଆ କାର୍ଯ୍ୟ କରିଥାଏ। ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ଶକ୍ତି ହୋଇଥିବାରୁ ଏଥିରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ବୀମା ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି।

## ମହାରାଷ୍ଟ୍ରରୁ ୧୫୮ ଗଞ୍ଜାମ ଆସିଲେ

ଭଞ୍ଜନଗର,୧୦।୫(ଡି.ଏନ୍.ଏ.)

ମହାରାଷ୍ଟ୍ରର ମୁମ୍ବାଇରୁ ବାହାରିଥିବା ସ୍ୱତନ୍ତ୍ର ଟ୍ରେନ ଯୋଗେ ଗଞ୍ଜାମ ଜିଲାର ୧୫୮ଜଣ ଟିଟିଲାଗଡ଼ ଠାରେ ରବିବାର ଓହ୍ଲାଇଥିଲେ। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଯାଇଥିବା ୪ଟି ସ୍ୱତନ୍ତ୍ର ବସ୍ ଯୋଗେ ସେମାନଙ୍କୁ ଗଞ୍ଜାମ ଅଣାଯାଉଛି। ରାତି ପ୍ରାୟ ୧୦ଟା ବେଳକୁ ସେମାନେ କଳିଙ୍ଗା ଘାଟି ଅତିକ୍ରମ କରିଥିବା ଜଣାପଡ଼ିଛି। ସେମାନଙ୍କୁ ଖଲ୍ଲିକୋଟ, ବେଗୁନିଆପଡ଼ା ଓ ବେଲଗୁଣ୍ଠା ବ୍ଲକ ଅଭିମୁଖେ ନିଆଯିବା ଯୋଜନା ହୋଇଛି। ଗଞ୍ଜାମ କନ୍ଧମାଳ ଜିଲା ସୀମା ଦୁର୍ଗାପ୍ରସାଦଠାରେ ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଅଧିକାରୀ ବସ୍‌କୁ ଅପେକ୍ଷା କରି ରହିଛନ୍ତି।

## ବଜ୍ରପାତରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୧୦।୫(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ଧୋଡାପଲ୍ଲୀ ସନ୍ନିକଟ ଜଙ୍ଗଲରେ ରବିବାର ସନ୍ଧ୍ୟାରେ ବଜ୍ରପାତ ଘଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଛାମୁଣ୍ଡା ନିମସାହିର ରାମଚନ୍ଦ୍ର ଗୌଡ଼ (୩୩)। ଗୁରୁତର ସୁନୀଲ ରାଉତଙ୍କୁ ଜଗନ୍ନାଥପ୍ରସାଦ ମେଡିକାଲରେ ଭର୍ତ୍ତି କରାଯାଇଛି। ରାମଚନ୍ଦ୍ର ଓ ସୁନୀଲ କାଜୁ ତୋଳିବାକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଗୃହରକ୍ଷୀ ସୌଜନ୍ୟ କୁମାର ନାୟକ ଖବର ପାଇ ସୁନୀଲଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ।

## ଖବରକାଗଜ ବିତରକ, ଗରିବଙ୍କୁ ରାଶନ ସାମଗ୍ରୀ ବାଣ୍ଟିଲା ଭାଜପା


ଭାଜପା କର୍ମୀମାନେ ରାଶନ ସାମଗ୍ରୀ ବଣ୍ଟନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୧୦।୫

କରୋନା ମୁକାବିଲା ପାଇଁ ହୋଇଥିବା ଲକ୍‌ଡାଉନ୍‌ରେ ପ୍ରଭାବିତ ହୋଇଥିବା ଖବରକାଗଜ ବିତରକଙ୍କୁ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସହରର ବିତରକଙ୍କୁ ସମ୍ମାନିତ କରାଯିବା ସହ ମାସ୍କ, ଚାଉଳ, ଡାଲି, ଅଟା, ତେଲ, ଲୁଣ ଆଦି ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ପ୍ରାୟ ୨୦୦ ବିତରକ ଓ ଅସହାୟଙ୍କୁ ଏହା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଭାଜପା ପୂର୍ବତନ ଜିଲା ସଭାପତି କାହ୍ନୁଚରଣ ପତି ପରିଚାଳନା କରିଥିବା ବେଳେ ବରିଷ୍ଠ ନେତା ଶିଶିର ପାଢୀ ଓ କାମନା ପାଢୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ବ୍ରହ୍ମପୁର

### ସୂର୍ଯ୍ୟ ଚାରିପଟେ ବଳୟ

କି.ଉଦୟଗିରି,୧୦।୫ (ଡି.ଏନ.ଏ.)

ଜି.ଉଦୟଗିରି ସହର ସମେତ ଆଖପାଖ ଅଞ୍ଚଳରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ରୁ ଅଧ ଘଣ୍ଟା ଧରି ସୂର୍ଯ୍ୟଙ୍କ ଚାରିପଟେ ଏକ ବଳୟ ଦୃଶ୍ୟମାନ ହୋଇଥିଲା। ବହୁ ଲୋକ ବାହାରକୁ ଆସି ଏହି ଦୃଶ୍ୟ ଦେଖିଥିଲେ। ସୂର୍ଯ୍ୟ ଦେବତା ବଳୟ ସୃଷ୍ଟି କରି ଆମମାନଙ୍କୁ କରୋନାରୁ ସୁରକ୍ଷା ଦେଉଛନ୍ତି ବୋଲି ଅନେକ ଲୋକେ ଆଲୋଚନା କରିଥିଲେ।



## ଜିଲା ବାହାର ଶ୍ରମିକଙ୍କୁ ନେଇ ଠିକାସଂସ୍ଥାରେ ଉତ୍ତେଜନା

- କ୍ୱାରାଣ୍ଟାଇନରେ ରଖିବାକୁ ଦାବିକଲେ ଗ୍ରାମବାସୀ
- ପୂର୍ବରୁ ଫସି ରହିଥିବା କହିଲେ କର୍ତ୍ତୃପକ୍ଷ

ଦାରିଙ୍ଗବାଡ଼ି,୧୦।୫(ଡି.ଏନ.ଏ)

ସରକାର ଗ୍ରୀନ୍‌ଜୋନ୍‌ରେ ଲକ୍‌ଡାଉନ୍ କଟକଣା କୋହଳ କରିଛନ୍ତି। ଚାଷକାର୍ଯ୍ୟ ସମେତ ବିଭିନ୍ନ ଉନ୍ନୟନମୂଳକ କାମ ସାମାଜିକ ଦୂରତା ରଖି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଏକ ଠିକାସଂସ୍ଥାରେ ଜିଲା ବାହାର ଶ୍ରମିକ କାମ କରୁଥିବା ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି।

ପ୍ରକାଶ ଯେ, ବ୍ଲକର ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମାଠାରେ ଏକ ଠିକାସଂସ୍ଥାର କ୍ରସରକୁ ଲାଗିଥିବା କ୍ୟାମ୍ପକୁ ବାହାରୁ ଶ୍ରମିକ ଆସି କାମ କରୁଥିବା ଅଞ୍ଚଳବାସୀ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ତହସିଲଦାର ନୀତିଶ କୁମାର ତ୍ରିପାଠୀ, ଆଇଆଇସି କୌଶିକ ମାଝୀ ଏବଂ ବିଡିଓ ଜଗଦୀଶ ଷଡ଼ଙ୍ଗୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ଉକ୍ତ ସଂସ୍ଥାକୁ ଗତ କିଛିଦିନ ହେଲା ବାହାର ଅଞ୍ଚଳର ଶ୍ରମିକମାନେ ଲୁଚିକରି ଆସି କାମ କରୁଛନ୍ତି। ଜିଲା ବାହାରୁ ଶ୍ରମିକ ଆସି ଏଠାରେ କାମ କଲେ ଆମେ ଆଉ କରୋନା କବଳରୁ ସୁରକ୍ଷିତ ରହିପାରିବୁ ନାହିଁ। କାରଣ କମ୍ପାନୀ ଲୋକେ ସ୍ଥାନୀୟ ଅଞ୍ଚଳ ଦୋକାନବଜାରକୁ ଆସୁଛନ୍ତି। ତେଣୁ ବାହାରୁ ଆସିଥିବା ଶ୍ରମିକଙ୍କୁ ଚିହ୍ନଟ କରି ପ୍ରଥମେ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ଟେଷ୍ଟ ପରେ କାମରେ ନିୟୋଜିକ କରାଯାଉ। ରବିବାର ଅଞ୍ଚଳବାସୀ ଉକ୍ତ କ୍ରସରରେ ପହଞ୍ଚି ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ଏନେଇ ପଚାରିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା।

ଏନେଇ ଠିକାସଂସ୍ଥାର ଆକାଉଣ୍ଟାଣ୍ଟ କମଳାକାନ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସଂସ୍ଥାକୁ କୌଣସି ଲୋକଙ୍କୁ ଅଣାଯାଇନାହିଁ। ଲକ୍‌ଡାଉନ ପୂର୍ବରୁ ପ୍ରାୟ ୪୦ ଜଣ କର୍ମଚାରୀ ଫସି ରହିଥିବାବେଳେ ଠିକାସଂସ୍ଥା ପକ୍ଷରୁ ସବ୍‌କଣ୍ଟ୍ରାକ୍ଟ ଦିଆଯାଇଥିବା ସଂସ୍ଥାର ପ୍ରାୟ ୧୨ ଜଣ ରାଜ୍ୟ ବାହାର ଶ୍ରମିକ ମଧ ଫସି ରହିଛନ୍ତି।

ଏନେଇ ତହସିଲଦାର ତ୍ରିପାଠୀ କହିଛନ୍ତି ସୀମା ସିଲ୍ ହୋଇଛି, କୌଣସି ବ୍ୟକ୍ତି ଜିଲାବାହାରୁ ଆସିଲେ ଜଣାପଡ଼ିବ। ଆଜିପର୍ଯ୍ୟନ୍ତ ସେଭଳି କେହି ଲୁଚି ଆସିନାହାନ୍ତି।

## ସ୍ତ୍ରୀଙ୍କ ଆତ୍ମହତ୍ୟା ପରେ ଜୀବନ ହାରିଲେ ସ୍ୱାମୀ

ଦିଗପହଣ୍ଡି,୧୦।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବଡ଼ଡିମୁଳା ପଞ୍ଚାୟତ ବୀର ପଦ୍ମନାଭପୁର ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ବିଷପିଇ ଆତ୍ମହତ୍ୟା କରିବା ପରେ ସ୍ୱାମୀ ଗାମୁଛାରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଏସ୍. ଦୁର୍ଲଭ ରେଡ୍ଡୀ ଓ ସ୍ତ୍ରୀ ଗୌରୀ।

ପ୍ରକାଶ ଯେ, ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ଦୁର୍ଲଭଙ୍କ ସ୍ତ୍ରୀ ଗୌରୀ ଶୁକ୍ରବାର କୀଟନାଶକ ପିଇ ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବି.ଏନ୍‌ପୁର ପୋଲିସ ମୃତଦେହ ଜବତ କରି ରବିବାର ବ୍ୟବଚ୍ଛେଦ କରାଇଥିଲେ। ରବିବାର ସକାଳେ ଖବର ପାଇବା ପରେ ସ୍ୱାମୀ ଦୁର୍ଲଭ ଗ୍ରାମ ନିକଟ ବଣବନ୍ଧ ପୋଖରୀ ହିଡ ବରଗଛରେ ଗାମୁଛାରେ ଫାଶି ଲଗାଇ ଝୁଲି ପଡିଥିଲେ। କେତେଜଣ ବ୍ୟକ୍ତି ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କ ସାନଭାଇ ପହଞ୍ଚି ବଞ୍ଚିଥିବା ଭାବି ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ତଳକୁ ଓହ୍ଲାଇଥିଲେ। ଖବର ପାଇ ଦିଗପହଣ୍ଡି ଥାନା ଏଏସ୍‌ଆଇ ବି.ଲାଛମେୟା ରେଡ୍ଡୀ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ନଂ. ୩/୨୦ରେ ରୁଜୁକରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଛନ୍ତି। ଖବର ଲେଖା ହେବାବେଳକୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥିତ ପୋଷ୍ଟ ମୋର୍ଟମ କେନ୍ଦ୍ରରେ ରହିଛି।

## ଘରେ ପଶି ଟଙ୍କା, ସୁନା ଚୋରି

ଚିକିଟି,୧୦।୫(ଡି.ଏନ.ଏ.)

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଇଲାକାରେ କିଛି ଦିନର ନୀରବତା ପରେ ପୁଣି ଚୋରି ହୋଇଛି। ଶନିବାର ବିଳମ୍ବିତ ରାତିରେ ଲିଆଖାଇ ଗ୍ରାମର ହରିଜନ ସାହିରେ ପୁଣି ଚୋରି ହୋଇଛି। ବୃନ୍ଦାବନ ନାଇକଙ୍କ ବାଡିପଟ କବାଟ ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ୭୦ ହଜାର ଟଙ୍କା ଓ ୨ ତୋଳା ସୁନା ଅଳଙ୍କାର ଲୁଟି ନେଇଛନ୍ତି। ରବିବାର ସକାଳୁ ପରିବାର ଲୋକେ କେ.ନୂଆଗାଁ ଥାନାରେ ଏତଲା ଦେବା ପରେ ଥାନାଧିକାରୀ ମାଧବନନ୍ଦ ନାୟକ ପହଞ୍ଚି ତଦନ୍ତ କରି ଫେରିଛନ୍ତି ।

## ଅନ୍ତେବାସୀଙ୍କୁ ଭେଟୁଛନ୍ତି ସମ୍ପର୍କୀୟ



ଗେଟ୍ ପାଖରେ ସମ୍ପର୍କୀୟ ଅନ୍ତେବାସୀଙ୍କୁ କିଛି ଦେଉଛନ୍ତି।

କବିସୂର୍ଯ୍ୟନଗର,୧୦।୫

ଗଞ୍ଜାମ ଜିଲାରେ କରୋନା ତୀବ୍ର ଗତିରେ କାୟା ବିସ୍ତାର କରିବାରେ ଲାଗିଛି। ସରକାର କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ନ ଯିବାକୁ ସାଧାରଣ ଲୋକ, ସମ୍ପର୍କୀୟଙ୍କୁ ତାଗିଦ୍ କରୁଛନ୍ତି। ଅନ୍ତେବାସୀ ମୋବାଇଲ ମାଧ୍ୟମରେ ନିଜର ଆବଶ୍ୟକତା ସହ ପାନ, ପୁଡ଼ିଆ ଆଦି ମଗାଉଛନ୍ତି। ଫଳରେ ନିଜ ପରିବାରକୁ ମଧ୍ୟ ବିପଦ ମୁହଁକୁ ଠେଲି ଦେଉଛନ୍ତି। କବିସୂର୍ଯ୍ୟ ବଳଦେବ ବିଜ୍ଞାନ କଲେଜ ସଙ୍ଗରୋଧ ଗୃହରେ ଥିବା ଜଣେ ଅନ୍ତେବାସୀଙ୍କ ସ୍ୱାବ୍ ଟେଷ୍ଟ ପଜିଟିଭ ବାହାରିଥିବା ନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକ ସୂଚନା ଦେଇଛନ୍ତି। ମାତ୍ର ଅନ୍ତେବାସୀଙ୍କ ପରିବାର ବର୍ଗ ଓ ସମ୍ପର୍କୀୟ ନିତିଦିନ ଆସି ଗେଟ୍ ପାଖରେ ବାହାର ସାମଗ୍ରୀ ଦେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏପରି କି ଜଣେ ଅନ୍ତେବାସୀ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ମଧ ଅଭିଯୋଗ କରିଛନ୍ତି। ସଙ୍ଗରୋଧରେ ପୋଲିସ କର୍ମୀ ନିଯୁକ୍ତି କରାଯିବ ବୋଲି ଏନ୍‌ଏସି ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ଜିଲାପାଳ କ୍ଷମତା ପ୍ରୟୋଗ କଲେ ୨ ସରପଞ୍ଚ

**ସପ୍ତାହ ପାଇଁ ୨ ପଞ୍ଚାୟତ ୨୦ ଘଣ୍ଟିଆ ଶଟ୍‌ଡାଉନ୍**

ପୋଲସରା,୧୦।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ମଧୁପଲ୍ଲି ଓ ମନ୍ଦାର ସରପଞ୍ଚ ମୁଖ୍ୟମନ୍ତ୍ରୀ ଦେଇଥିବା ଜିଲାପାଳ କ୍ଷମତାର ପ୍ରୟୋଗ କରିଛନ୍ତି। ଏହି କ୍ଷମତା ପ୍ରୟୋଗ କରି ଉଭୟ ସରପଞ୍ଚ ସେମାନଙ୍କ ପଞ୍ଚାୟତକୁ ରବିବାର ଠାରୁ ସପ୍ତାହେ ପର୍ଯ୍ୟନ୍ତ ୨୦ ଘଣ୍ଟିଆ ଶଟ୍‌ଡାଉନ୍ କରିଛନ୍ତି। ପୂର୍ବାହ୍ନ ୧୧ଟା ଠାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଔଷଧ ଦୋକାନକୁ ଛାଡିଦେଲେ ଅନ୍ୟ ସମସ୍ତ ଦୋକାନବଜାର ବନ୍ଦ ରହିବ। ଅତ୍ୟାବଶ୍ୟକୀୟ ସାମଗ୍ରୀ ନେବା ଲାଗି ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ।

ଗଞ୍ଜାମ ଜିଲାରେ କରୋନା ଦ୍ରୁତ ଗତିରେ ବ୍ୟାପୁଛି। ଶୁକ୍ରବାର ପୋଲସରା ଅଞ୍ଚଳର ଏକ ସଙ୍ଗରୋଧ ଗୃହରେ ଜଣେ ସୁରଟ ଫେରନ୍ତାଙ୍କ ମୃତ୍ୟୁ ହୋଇଥିଲା। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀଙ୍କ ସୁରକ୍ଷା ଲାଗି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ମଧୁପଲ୍ଲିର ମହିଳା ସରପଞ୍ଚ କସ୍ତୁରି କରଣ ଓ ମନ୍ଦାର ସରପଞ୍ଚ କାଳୀ ଚରଣ ନାୟକ ପ୍ରକାଶ କରିଛନ୍ତି। ବାହାରୁ ଯେପରି କୌଣସି ଲୋକ ପଞ୍ଚାୟତ ଭିତରକୁ ନ ଆସିପାରିବେ ସେ ନେଇ ପ୍ରବେଶ ପଥକୁ ସିଲ୍ କରାଯାଇଥିବା ସେ କହିଛନ୍ତି। ଯେଉଁ ୪ ଘଣ୍ଟା ଦୋକାନ ବଜାର ଖୋଲା ରହିବ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧି କିଣାକିଣି କରିବାକୁ ସେମାନେ ଲୋକଙ୍କୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

**ଭୁବନ, ୧୦।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଆଦିପୁରା ଗ୍ରାମର ବୀରବର ଦାସ (୪୮)ଙ୍କ ରବିବାର ଅପରାହ୍ନରେ ବଜ୍ରପାତରେ ମୃତ୍ୟୁ ଘଟିଛି। ଗୋବିନ୍ଦପୁର ପାଟ ନିକଟରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ପରିବାର ଲୋକଙ୍କ କହିବା କଥା, ବୀରବର ମଇଁଷି ଚରାଇବାକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା। ଫେରିବାରେ ବିଳମ୍ବ ହେବାରୁ ତାଙ୍କୁ ଖୋଜାଖୋଜି କରାଯାଇଥିଲା। ପାଟ ନିକଟରୁ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଠାବ କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମୃତ ଟ୍ୟାଙ୍କର ଚାଳକଙ୍କ ଶେଷକୃତ୍ୟ

**ଢେଙ୍କାନାଳ ଅଫିସ, ୧୦।୫:** ଢେଙ୍କାନାଳ ଶକ୍ତିସୁଗାର କମ୍ପାନୀ ମୁଖ୍ୟ ଫାଟକ ସଂଲଗ୍ନ ପାର୍କିଂ ଅଞ୍ଚଳରୁ ଏକ ମଦ କମ୍ପାନୀ ପାଇଁ ସ୍ପିରିଟ୍ ନେବାକୁ ଆସି ଅଟକି ରହିଥିବାବେଳେ ୩ ଟ୍ୟାଙ୍କର ଚାଳକଙ୍କ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ୩ ଜଣଙ୍କ ଶେଷକୃତ୍ୟ ପରିବାର ଲୋକଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଛି। କଟକରେ ଚିକିତ୍ସାଧୀନ ଅବସ୍ଥାରେ ରୁବେଲ ଭାରତୀଙ୍କ ମୃତ୍ୟୁ ଘଟିଥିଲା। ଶନିବାର କଟକରେ ତାଙ୍କର ଶେଷକୃତ୍ୟ ସରିଥିଲା। ରବିବାର ଢେଙ୍କାନାଳ ପୌରସଂସ୍ଥାର ଏକ ଶ୍ମଶାନରେ ଦିଲୀପ ଭାରତୀ ଏବଂ ହରେରାମ ଭାରତୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତେବେ ଏହାକୁ କେତେଜଣ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ମୃତଦେହ ସଂସ୍କାର ହୋଇଥିବା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କହିଛନ୍ତି। ସମ୍ପୃକ୍ତ ୩ଜଣଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଏ ନେଇ ନଂ.୧୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ପଲଲହଡ଼ା, ୧୦।୫(ଡି.ଏନ.ଏ.):** ପାଲଲହଡ଼ା ବ୍ଲକ ବଡିସୁଆଁ ପଞ୍ଚାୟତ ପୁରୁଣାପଣି ଗ୍ରାମର ନୁନ୍ଦୁଲାଲ ବୋଇପାଇ (୫୦) ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରାହ୍ନ ପ୍ରାୟ ୪ଟାରେ ସେ ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ପାଟିଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

# କରୋନା ପାଇଁ କଇଁଚି ବନ୍ଦ

## ବୃତ୍ତି ଚିନ୍ତାରେ ବାରିକ

**ବିପିନ ବିହାରୀ ସେଠୀ**
**ଭୁବନ, ୧୦।୫**

ଜୀବନ ଆଉ ଜୀବିକା ମଝିରେ ଛିଡ଼ା ହୋଇଛି ଭୂତାଣୁ। ଦେଢ଼ମାସ ହେଲା ଦୋକାନରେ ଝୁଲୁଛି ତାଲା। କରୋନା ପାଇଁ ଚାଲୁନି କଇଁଚି। ହାତବାନ୍ଧି ବସିଛନ୍ତି ପାର୍ଲର, ସେଲୁନ ଦୋକାନୀ। ଲୋକଙ୍କୁ ନିରନ୍ତର ସେବା ଯୋଗାଇ ପେଟ ପୋଷୁଥିବା ଏହି ମେହନତି ମଣିଷଙ୍କ ରୋଜଗାରର ବାଟ ବନ୍ଦ ହୋଇଯାଇଛି। ସରକାରୀସ୍ତରରେ କୌଣସି ସହାୟତା ଘୋଷଣା ନ ହେବା ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି। ଏଭଳି ପରିସ୍ଥିତିରେ ପେଟ ପାଇଁ ନିତି ସଂଘର୍ଷ କରୁଛନ୍ତି ଢେଙ୍କାନାଳ ଜିଲା ଭୁବନ ଏନ୍ଏସିର ୨୮ ସେଲୁନ ଦୋକାନୀ।

ସମ୍ପୃକ୍ତ ଦୋକାନୀମାନେ କୌଳିକ ବୃତ୍ତିକୁ ନେଇ ପରିବାର ପ୍ରତିପୋଷଣ କରିଥାନ୍ତି। କରୋନା ସଂକ୍ରମଣ ପ୍ରତିରୋଧ ଲାଗି ସରକାରୀ ନିର୍ଦ୍ଦେଶ ଅନୁଯାୟୀ ମାର୍ଚ୍ଚ ୧୯ରୁ ସମସ୍ତ ସେଲୁନ୍, ପାର୍ଲର ବନ୍ଦ ରହିଛି। ହେଲେ ପେଟ ପୋଷିବାର ମୁଖ୍ୟ ମାଧ୍ୟମ ବନ୍ଦ ହୋଇଯିବାପରେ ଉପୁଜିଛି ସମସ୍ୟା। ଗ୍ରାମାଞ୍ଚଳର କାରିଗରମାନେ ଘରକୁ ଘର ବୁଲି ସେବା ଯୋଗାଇ ଦେଉଛନ୍ତି। ହେଲେ ସହରାଞ୍ଚଳରେ କଟକଣା କଡ଼ାକଡ଼ି କରାଯାଇଥିବାରୁ ସମ୍ପୃକ୍ତ ସେଲୁନ୍ ଦୋକାନୀ ହାତବାନ୍ଧି ବସିଛନ୍ତି। ସହାୟତା ଯୋଗାଇ ଦେବାକୁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଗୁହାରି କେହି ଶୁଣୁ ନ ଥିବା ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ବର୍ଗର ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଥିବାବେଳେ ସେଲୁନ୍‌ଦୋକାନୀ ଏଥିରୁ ବାଦ୍ ପଡ଼ିବା କ୍ଷୋଭର ବିଷୟ ବୋଲି ଦୋକାନୀମାନେ କହିଛନ୍ତି।

ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, କେତେକ ସଙ୍ଗଠନ ପକ୍ଷରୁ ସେଲୁନ ଦୋକାନୀଙ୍କୁ ଶୁଖିଲା ଖାଦ୍ୟ ପ୍ୟାକେଟ୍ ଦିଆଯାଇଥିଲା। ହେଲେ ସରକାରଙ୍କ ପକ୍ଷରୁ ସେଲୁନ୍ ଦୋକାନୀଙ୍କ ଲାଗି କୌଣସି ସହାୟତା ଆସିନାହିଁ। ଆସିଲେ ସେମାନଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

**ଆମ ଗୁହାରି କେହି ଶୁଣୁନାହାନ୍ତି**



ଲକ୍‌ଡାଉନ ଯୋଗୁ ପାଖାପାଖି ଦୁଇମାସ ହେଲା ଦୋକାନ ବନ୍ଦ। ଦୋକାନ ଖୋଲାଥିବା ସମୟରେ ଭଲ ବ୍ୟବସାୟ ହେଉଥିଲା। ପରିବାର ହସଖୁସିରେ ଚଳିଯାଉଥିଲା। ହେଲେ ଏବେ ଦୁଇଓଳି ଖାଇବାକୁ ଯୋଗାଡ଼ କରିବା କଷ୍ଟକର ହୋଇପଡ଼ିଲାଣି। ଆମ ଗୁହାରି କେହି ଶୁଣୁନାହାନ୍ତି। ବାଧ ହୋଇ ଘରକୁ ଘର ବୁଲି କେତେଜଣଙ୍କ ଚୁଟି କାଟି ଗୁଜୁରାଣ ମେଣ୍ଟାଉଛି।

- କରୁଣାକର ବାରିକ

**୫ କର୍ମଚାରୀଙ୍କ ରୋଜଗାର ବନ୍ଦ**



ଏକତାଳି ପଞ୍ଚାୟତରୁ ଆସି ଭୁବନ ଏନ୍ଏସିରେ ସେଲୁନ୍ କରିଛି। ଦୋକାନରେ ୫ଜଣ କାରିଗର କାମ କରୁଥିଲୁ। କରୋନା ସଂକ୍ରମଣ ଭୟ ଥିବା କହି ସରକାର ଦୋକାନ ବନ୍ଦ କରିଦେଲେ। ସେହିଦିନଠାରୁ ବ୍ୟବସାୟ ଠପ୍। ସଞ୍ଚିତ ଅର୍ଥ ସରିଗଲାଣି। ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ଲିଖିତ ଭାବେ ଜଣାଇଛୁ। ସରକାର ନିଶ୍ଚୟ ଆମ କଥା ବିଚାର କରିବେ ବୋଲି ଆଶା ଅଛି।

- ଅଜୟ କୁମାର ବାରିକ

# ନବଭାରତ ପକ୍ଷରୁ ଶୌଚାଳୟ ଉଦ୍‌ଘାଟିତ





ଉଦ୍‌ଘାଟନ କାର୍ଯ୍ୟକ୍ରମରେ କମ୍ପାନୀ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

**ଓଡ଼ାପଡ଼ା, ୧୦।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରାସ୍ଥିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ ହାଇସ୍କୁଲ ଏବଂ ମା' ଲଙ୍ଗବାଉତି ସରକାରୀ ହାଇସ୍କୁଲ ପରିସରରେ ନବଭାରତ ଭେଞ୍ଚର୍ସ ପକ୍ଷରୁ ମଙ୍ଗଳବାର ନୂତନ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀର ୨୦୧୯-୨୦ବର୍ଷର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ (ସିଏସ୍ଆର୍) ଆନୁକୂଲ୍ୟରେ ଏହାକୁ ନିର୍ମାଣ କରାଯାଇଛି। କମ୍ପାନୀର ଉପସଭାପତି ଯଶୋବନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ଜିଏମ୍ ଡି.କେ ପଣ୍ଡା, ଡିଜିଏମ୍ ଆର.ଏସ୍. ସିଂ, ମାନବ ସମ୍ବଳ ମୁଖ୍ୟ ଜେ.କେ. ପ୍ରଧାନ ଏବଂ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ଉପସ୍ଥିତ ଥିଲେ। ଏହି ଶୌଚାଳୟ ଦ୍ୱାରା ସତ୍ୟମ୍ ଶିବମ୍ ସୁନ୍ଦରମ୍ ହାଇସ୍କୁଲର ୧୬୪ ଏବଂ ଲଙ୍ଗବାଉତି ସ୍କୁଲର ୭୬ଜଣ ଛାତ୍ରୀଛାତ୍ର ଉପକୃତ ହେବେ। କୋଭିଡ୍-୧୯ ଗାଇଡ୍ ଲାଇନ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।





ସମ୍ମାନିତ ହୋଇଥିବା କରୋନା ଯୋଦ୍ଧା ଏବଂ ଅନୁଷ୍ଠାନର କର୍ମକର୍ତ୍ତାମାନେ।

# ସମ୍ମାନିତ ହେଲେ କରୋନା ଯୋଦ୍ଧା

**କାମାକ୍ଷାନଗର, ୧୦।୫(ଡି.ଏନ.ଏ.)**

କାମାକ୍ଷାନଗରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପିପୁଲ୍ସ ଫର୍ ସ୍ମାଇଲ' ପକ୍ଷରୁ ରବିବାର କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କରୋନା ସଙ୍କଟ ସମୟରେ ସ୍ୱାସ୍ଥ୍ୟ ବିଭାଗ, ପୋଲିସ କର୍ମଚାରୀମାନେ ନିଃସ୍ୱାର୍ଥପର ଭାବେ ସେବା କରି ଆସୁଛନ୍ତି। ସେମାନଙ୍କ ମନୋବଳ ବଢ଼ାଇବା ଲାଗି ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଏହି ଉପଲକ୍ଷେ ପ୍ରାରମ୍ଭରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ରେକୁଳାର ହାଡ଼ଯୋଡ଼ା ବୈଦ୍ୟ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ପୁଣ୍ୟଶ୍ଳୋକ ପତି କହିଲେ, ଏପରି କାର୍ଯ୍ୟକ୍ରମ ଦ୍ୱାରା କର୍ମଚାରୀଙ୍କ ମନୋବଳ ବଢ଼ିବ। ସାମାଜିକ ଦୂରତା ରକ୍ଷା, ମାସ୍କ ପିନ୍ଧିବା ସହ ଲକ୍‌ଡାଉନ୍ ନିୟମ ପାଳନ କଲେ କରୋନାକୁ ହରାଇବା ସମ୍ଭବ ବୋଲି ସେ ମତବକ୍ତ କରିଥିଲେ। ଅନୁଷ୍ଠାନର ସଭ୍ୟ ଶୁଭାଶିଷ ରାଉତ, ମଦନ ଚନ୍ଦ୍ର ବେହେରା, ଦେବୀଦତ୍ତ ମହାପାତ୍ର, ସନ୍ତୋଷ ରାଉତ, ହୃଷୀକେଶ ସାହୁ, ରଞ୍ଜନ ବେହେରା, ବିନୋଦ ମଲ୍ଲିକ, ରଞ୍ଜିତ ମଲ୍ଲିକ, ଅଜୟ ମଲ୍ଲିକ, ବିଶ୍ୱମ୍ଭର ସାହୁ, ଅଶୋକ ସାହୁ, ଶାନ୍ତନୁ ନାୟକ, ରାକେଶ ଦେହୁରୀ, ରୀତେଶ ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ।

# ଜିଲାକୁ ଆସିଲେଣି ୬୨୦ ପ୍ରବାସୀ

**ଢେଙ୍କାନାଳ ଅଫିସ, ୧୦।୫**

ଢେଙ୍କାନାଳ ଜିଲାକୁ ରବିବାର ସୁଦ୍ଧା ୬୨୦ଜଣ ପ୍ରବାସୀ ଆସିଥିବା ଜଣାପଡ଼ିଛି। ମୁଖ୍ୟତଃ ଗୁଜରାଟ, ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ରାଜସ୍ଥାନ ରାଜ୍ୟରୁ ସମ୍ପୃକ୍ତ ପ୍ରବାସୀ ଆସିଛନ୍ତି। ସେମାନଙ୍କ ମଧ୍ୟରେ କେବଳ ଗୁଜରାଟରୁ ୧୫୨ଜଣ ଆସିଛନ୍ତି। ରବିବାର ଗୁଜରାଟରୁ ପ୍ରବାସୀ ଓଡ଼ିଆଙ୍କୁ ଧରି ଏକ ଟ୍ରେନ୍ ଆସି ଟିଟିଲାଗଡ଼ ରେଳ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନ୍‌ରେ ଜିଲାର ୫୦ଜଣ ଆସିଥିଲେ। ସେମାନଙ୍କୁ ଆଣିବା ଲାଗି ପ୍ରଶାସନ ପକ୍ଷରୁ ୨ଟି ସ୍ୱତନ୍ତ୍ର ବସ୍ ପଠାଯାଇଛି। ସେହିପରି ଅମରାବତୀରୁ ୨ ଟ୍ରେନ୍ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିଛି। ପ୍ରତି ଟ୍ରେନ୍‌ରେ ଢେଙ୍କାନାଳର ୩୦ଜଣ ଆସିଛନ୍ତି। ସେମାନଙ୍କୁ ମଧ୍ୟ ୨ଟି ବସ୍‌ରେ ପୃଥକ୍ ଭାବେ ଆଣିବା ବ୍ୟବସ୍ଥା କରାଯାଇଛି। ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଏଥିଲାଗି ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାକୁ ୨୭ ହଜାର ପ୍ରବାସୀ ଫେରିବାକୁ ପଞ୍ଜୀକୃତ ହୋଇଛନ୍ତି।

# ୨୮୦ ଲିଟର ମଦ ଜବତ, ଜଣେ ଗିରଫ

**ପରଜଙ୍ଗ/କାମାକ୍ଷାନଗର, ୧୦।୫(ଡି.ଏନ୍.ଏ.)**

- ଲକ୍‌ଡାଉନ୍‌ରେ ର୍ୟାକେଟ୍ ସକ୍ରିୟ
- ଚାଲାଣର ମାଧ୍ୟମ ଦାମୀ ଗାଡ଼ି

ଲକ୍‌ଡାଉନ୍ ସମୟରେ ଦାମୀ ଗାଡ଼ିରେ ଚାଲାଣ ହେଉଛି ମଦ। ଢେଙ୍କାନାଳ ଜିଲା ପରଜଙ୍ଗ ଏବଂ କଙ୍କଡ଼ାହାଡ଼ ଥାନା ଅଞ୍ଚଳରୁ ପୋଲିସ ଚଢ଼ାଉ କରି ୨୮୦ ଲିଟର ମଦ ଜବତ କରିବା ପରେ ଏଥିରେ ବିଧିବଦ୍ଧ ଭାବେ ଏକ ର୍ୟାକେଟ୍ କାମ କରୁଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି।

କାର୍‌ରେ ମଦ ଚାଲାଣ ବେଳେ ପରଜଙ୍ଗ ପୋଲିସ ହାତରେ ଧରାପଡ଼ିଛନ୍ତି କନ୍ଦରସିଂହା ଗ୍ରାମର ବିଚିତ୍ର ନାଏକ। ତାଙ୍କଠାରୁ ୨୦୦ ଲିଟର ଚୋରା ମହୁଲି ମଦ ଜବତ କରାଯାଇଛି। କାର୍ (ନଂ. ଓଆର ୧୯ ଇ ୮୩୮୩)ରେ ଚୋରା ମହୁଲି ମଦ ଚାଲାଣ କରାଯାଉଥିବା ସୂଚନା ପାଇ ଥାନାଧିକାରୀ ସନ୍ତୋଷ ପ୍ରଧାନ ସଦଳବଳ ଆମ୍ବପଲାସ-କନ୍ଦରସିଂହା ରାସ୍ତାରେ ଛକି ରହିଥିଲେ। ବିଚିତ୍ର ଗାଡ଼ିରେ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ ଅଟକାଇଥିଲା। ଅଭିଯୁକ୍ତ ଖସିପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ଯାଞ୍ଚ ବେଳେ ଏକ ବ୍ଲାଡରରେ ଥିବା ୨୦୦ ଲିଟର ମଦକୁ ପୋଲିସ ଜବତ କରିଥିଲା। ଏ ନେଇ ନଂ. ୧୦୭/୨୦ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।





ଜବତ ମଦ, କାର ସହ ଗିରଫ ଅଭିଯୁକ୍ତ।

ସେହିପରି କଙ୍କଡ଼ାହାଡ଼ ପୋଲିସ ଶନିବାର ଅପରାହ୍ନରେ ତାରିଣୀପଶିରୁ ୮୦ ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତ ଜଣକ ଏକ ମୋପେଡ୍ (ନଂ. ଓଡି ୦୬-୪୦୯୬)ରେ ମଦ ନେଇଯାଉଥିଲେ। ପୋଲିସକୁ ଦେଖି ସେ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଉଫୁନା ପକ୍ଷରୁ ମାସ୍କ ବଣ୍ଟନ

**ଢେଙ୍କାନାଳ ଅଫିସ, ୧୦।୫:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା ଅନୁଷ୍ଠାନ ପକ୍ଷରୁ ମାତୃଦିବସ ଉପଲକ୍ଷେ ରବିବାର ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଛି। ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ କରୋନା ମହାମାରୀ ବିରୋଧରେ ଲଢ଼େଇ କରିବା ଲାଗି ଆହ୍ୱାନ ଦେଇଥିଲେ। ଉଫୁନା ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ବାହାଦୁର ପାଟସାହାଣୀ, ସଭ୍ୟ ଲକ୍ଷ୍ମୀଧର ବାରିକ, ବିଶ୍ୱ ଓଡ଼ିଆ ସମାଜର ମନୋଜ ସାହୁ, ବିଚିତ୍ରାନନ୍ଦ ମହାନ୍ତି, ଆତ୍ମପ୍ରକାଶ ପାଇକରାୟ, ଆଇନଜୀବୀ ଟହଲି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପ୍ରବାସୀ ଓଡ଼ିଆଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଉଫୁନା ପକ୍ଷରୁ ଦାବି କରାଯାଇଛି।

# ନିରାଶ୍ରୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ

**ଢେଙ୍କାନାଳ ଅଫିସ, ୧୦।୫**

ଢେଙ୍କାନାଳ ଜିଲା ଭାଜପା ପକ୍ଷରୁ ନିରାଶ୍ରୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଗଁଦିଆ ବ୍ଲକର ଦେଓଗାଁ, ଗୁଣ୍ଡୁରାପଶି, ସୋରିଶିଆପଦା ପଞ୍ଚାୟତର ମହିଷାକଡା ଗ୍ରାମରେ ରହୁଥିବା ବାସହୀନ ଗରିବ ପରିବାରକୁ ଡାଲି, ଚାଉଳ, ଚୁଡ଼ା, ଚିନି ପ୍ରଦାନ କରାଯାଇଥିଲା। ଏଥିସହ ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା ସହ ଅନ୍ୟ ନିୟମ ମାନିବାକୁ ସଚେତନ କରାଯାଇଥିଲା। ଜିଲା ଉପସଭାପତି ନବକିଶୋର ଗୁରୁ, ରତିକାନ୍ତ ସାହୁ, କପିଳାସ ମଣ୍ଡଳ ସଭାପତି ଶୈଳେନ୍ଦ୍ର ସିଂ, ସନ୍ତୋଷ ମିଶ୍ର, ନିବାରଣ ଖଟୁଆ, ନରହରି ପ୍ରଧାନ, ଅଶୋକ ନାଥ, ପ୍ରତାପ ପତି, ପ୍ରହ୍ଲାଦ ମହାନ୍ତି, ଜ୍ଞାନୋଦୟ ଦାସ, ସୁଶାନ୍ତ ସାହୁ, ଉଗ୍ରସେନ ସାହୁ, ରୋହିତ ପ୍ରଧାନ, ହେମନ୍ତ ନାଥ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି।





କିନ୍ନରଙ୍କୁ ଡିଗ୍ନିଟି କିଟ୍ ପ୍ରଦାନ କରାଯାଉଛି।

# 'ସହାୟତା ପାଇଁ ସର୍ବଦା ପ୍ରସ୍ତୁତ କିନ୍ନର'

**ଢେଙ୍କାନାଳ ଅଫିସ, ୧୦।୫**

କିନ୍ନର ସମାଜ ସହାୟତା କରିବାକୁ ସର୍ବଦା ପ୍ରସ୍ତୁତ। ସୁଯୋଗ ମିଳିଲେ ପ୍ରଶାସନକୁ ସମସ୍ତ ପ୍ରକାର ସହାୟତା କରାଯିବ ବୋଲି ଢେଙ୍କାନାଳ ପୌରାଞ୍ଚଳର ବନମାଳିପ୍ରସାଦସ୍ଥିତ ହିମାଳୟ ବସ୍ତିରେ ରହୁଥିବା କିନ୍ନର ସମାଜ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଜିଲା ରେଡ୍‌କ୍ରସ୍ ରାପିଡ୍ ରେସ୍‌ପନ୍ସ ଟିମ୍ ପକ୍ଷରୁ ବସ୍ତିରେ ନିଆରା ଢଙ୍ଗରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳନ କରାଯାଇଥିଲା। ଏହି ଉପଲକ୍ଷେ କିନ୍ନରଙ୍କୁ କରୋନାର ଭୟାବହତା, ସଂକ୍ରମଣ ରୋକିବାର ଉପାୟ, ସାମାଜିକ ଦୂରତ୍ୱ ଅବଲମ୍ବନ, ମାସ୍କ ବ୍ୟବହାର, ସାବୁନରେ ହାତ ଧୋଇବା ଆଦି ବିଭିନ୍ନ ବିଷୟରେ ସଚେତନ କରାଯାଇଥିଲା। ପ୍ରତି କିନ୍ନରଙ୍କୁ ଡିଗ୍ନିଟି କିଟ୍ ପ୍ରଦାନ କରାଯାଇଥିଲା। ଉକ୍ତ କିଟ୍‌ରେ ଲୁଗା, ପ୍ୟାଣ୍ଟ, ଗାମୁଛା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ମାସ୍କ, ସାନିଟାଇଜର ଏବଂ ଶୁଖିଲା ଖାଦ୍ୟ ରହିଥିଲା। ଏହି ଅବସରରେ ବସ୍ତିର ଛବି କିନ୍ନର କହିଲେ, ସୁଯୋଗ ମିଳିଲେ ଜନସାଧାରଣଙ୍କ ସେବା କରିବାକୁ କିନ୍ନର ସମାଜ ଆଗେଇ ଆସିବ। ପ୍ରାରମ୍ଭରେ ଛବି କିନ୍ନର ଏବଂ ଜିଲା ରେଡ୍‌କ୍ରସ୍ ସୋସାଇଟି ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣି କେକ୍ କାଟିଥିଲେ। ରାଜକିଶୋର ବେହେରା ରେଡ୍‌କ୍ରସ୍‌ର ଲକ୍ଷ୍ୟ, କାର୍ଯ୍ୟକ୍ରମ, ଭାରତୀୟ ରେଡ୍‌କ୍ରସ୍‌ର ଜନ୍ମ ବୃତ୍ତାନ୍ତ ଏବଂ ରେଡ୍‌କ୍ରସ୍‌ର ପ୍ରତିଷ୍ଠାତା ଜନ୍ ହେନେରୀ ଡୁନାଣ୍ଟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅକ୍ଷୟ ଜେନା, ନାରାୟଣ ପୋଦ୍ଦାର, ଦିଲୀପ ସାହାଣୀ, ରାମେଶ୍ୱର ମାଇତି, ସୌମ୍ୟବ୍ରତ ସାହୁ, ଶିବ ପ୍ରସାଦ ପଣ୍ଡା, ରଶ୍ମିତା ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫଳ ଗାଡ଼ିରୁ ଲୁଟ୍, ୩ ଗିରଫ

**ଆଠମଲ୍ଲିକ,୧୦।୫(ଡି.ଏନ.ଏ.)**

ରାୟପୁରରୁ-ତାଳଚେର ଫଳ ନେଇ ଆସି ଫେରୁଥିବା ଏକ ପିକ୍‌ଅପ ଭ୍ୟାନରୁ ଲୁଟ୍ ଅଭିଯୋଗରେ ଅନୁଗୋଳ ଜିଲା କିଆକଟା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆଠମଲ୍ଲିକ ଥାନା ମଧ୍ୟପୁର ଗ୍ରାମର ପ୍ରଶାନ୍ତ ମେହେର, ହାଡିବନ୍ଧୁ ମେଣ୍ଡୁଲୀ ଓ ତେଣ୍ତେଇପାଲିର ଅଭିମନ୍ୟୁ ପ୍ରଧାନ। ପୋଲିସ ନମ୍ବର ୨୦/୨୦ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି। ଆଇଆଇସି ଓନାମ ଲାକ୍ରା କହିଛନ୍ତି, ପିକ୍‌ଅପ୍ ଭ୍ୟାନ (ନଂ. ସିଜି୦୪ଏନ୍ଏ-୬୮୭୭)କୁ ଅଭିଯୁକ୍ତମାନେ ମୁଛପୁର ଛକରେ ଅଟକାଇ ୮୨୦୦ ଟଙ୍କା ଓ ଗୋଟିଏ ପାଲ ଲୁଟ୍ କରିଥିଲେ। ପରେ ସେମାନେ ଏକ ବାଇକ୍ (ନଂ.ଓଡି୨୭-୪୩୨୨) ଯୋଗେ ଫେରାର ହୋଇଯାଉଥିବା ଖବର ପାଇ ପୋଲିସ ସୁବର୍ଣ୍ଣପୁର ଛକରୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୮୦୦୦ ଟଙ୍କା ଓ ପାଲ ଜବତ କରାଯାଇଥିବା ଆଇଆଇସି ପ୍ରକାଶ କରିଛନ୍ତି।

# ଓଲଟିଲା ଗ୍ୟାସ୍ ଟ୍ୟାଙ୍କର

**ଛେଣ୍ଡିପଦା,୧୦।୫(ସ୍ୱ.ପ୍ର)**

ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଜରପଡ଼ା ଥାନା ତୁବେ ଗ୍ରାମ ନିକଟରେ ରବିବାର ଅପରାହ୍ନରେ ଏକ ଗ୍ୟାସ ଟ୍ୟାଙ୍କର ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଚାଳକଙ୍କ ସମେତ ୩ଜଣ ଆହତ ହୋଇଛନ୍ତି। ଅପରାହ୍ନ ପ୍ରାୟ ୫ଟାରେ ଟ୍ୟାଙ୍କରଟି ସମ୍ବଲପୁରରୁ କଟକ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତମାନଙ୍କୁ ସ୍ଥାନୀୟ ଲୋକେ ଅନୁଗୋଳ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ଥାନା ସେକେଣ୍ଡ ଅଫିସର ଆଶିଷ କୁମାର ସ୍ୱାଇଁ କହିଛନ୍ତି, ଘଟଣାସ୍ଥଳରେ ଟେକ୍ନିସିଆନ ଟିମ୍ ପହଞ୍ଚିଛନ୍ତି। ଟ୍ୟାଙ୍କରଟିକୁ ଅନ୍ୟ ଗାଡ଼ି ସହାୟତାରେ ସେଠାରୁ ସ୍ଥାନାନ୍ତର କରାଯିବ।



ଶ୍ରୀକ୍ଷେତ୍ର ଦୋଳବେଦି କମାରଶାଳରେ କମାର ସେବକ ଡୁମ୍ବର ବଳା ପ୍ରସ୍ତୁତ କରୁଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୧୧ ମେ, ୨୦୨୦



## ସଂକ୍ଷେପରେ

### ରିଲିଫ ପାଣ୍ଠିକୁ ସହାୟତା



**ବଇଣ୍ଡା, ୧୦।୫(ଡି.ଏନ.ଏ.):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ପକ୍ଷରୁ ସରପଞ୍ଚ ଜଳଧର ସାହୁଙ୍କ ନେତୃତ୍ୱରେ ସଂଗ୍ରହ କରାଯାଇଥିବା ୧୧,୧୦୧ ଟଙ୍କା ରବିବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ସରପଞ୍ଚଙ୍କ ସହ ପଞ୍ଚାୟତ ବିଜେଡି ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ରାଉତ, ସନ୍ତୋଷ ପ୍ରଧାନ, କୁମୁଦ ଚନ୍ଦ୍ର ପ୍ରଧାନ, ଶଙ୍କର ପାତ୍ର ପ୍ରମୁଖ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଜରିଆରେ ଉକ୍ତ ଅର୍ଥ ରିଲିଫ ପାଣ୍ଠିକୁ ପ୍ରଦାନ କରିଥିଲେ।

### ପୁରୁଣାମାଣତ୍ରୀରେ ମାସ୍କ ବଣ୍ଟନ

**ଆଠମଲ୍ଲିକ,୧୦।୫(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ଛକରେ ଯୁବ ନେତା ବିଜୟା ନନ୍ଦ ଚାଉଳିଆଙ୍କ ଉଦ୍ୟମରେ ମାସ୍କ ବଣ୍ଟନ କରାଯାଇଛି। ଏଥିସହ ବାରମ୍ବାର ସାବୁନରେ ହାତ ଧୋଇବା, ସାମାଜିକ ଦୂରତ୍ୱ ମାନିବା, ଅତି ଜରୁରୀ ନ ଥିଲେ ପଦାକୁ ନ ବାହାରିବା ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉଦୀପ ପ୍ରଧାନ, ଶୂନ୍ୟବାସୀ ଦଳବେହେରା, ପ୍ରକାଶ ପ୍ରଧାନ, ତରଣୀସେନ କଅଁର, ତରୁଣ ଭୁକ୍ତା, ଫକୀର ମହାନନ୍ଦିଆ, ହିମାଂଶୁ କୁମ୍ଭାର, ଯାଗେଶ୍ୱର ଦୀପ ପ୍ରମୁଖ ସାମିଲ ଥିଲେ।

### ସୁବାସଙ୍କୁ ଶ୍ରଦ୍ଧାଞ୍ଜଳି

**ବଇଣ୍ଡା, ୧୦।୫(ଡି.ଏନ.ଏ.):** ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ତଥା ବିଜେଡି ନେତା ସୁବାସ ଚୌହାନଙ୍କ ମରଶରୀର ବରଗଡ ଜିଲା ପଦ୍ମପୁର ଆମ୍ବବାହାଲ ଗ୍ରାମକୁ ନିଆଯାଉଥିବା ବେଳେ ଆଠମଲ୍ଲିକ ବିଜେଡି ପକ୍ଷରୁ କିଶୋରନଗର ବ୍ଲକ ବଇଣ୍ଡା ନିକଟସ୍ଥ ଜାମ୍ବୁନାଳୀଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦର ପୂର୍ବତନ ସଦସ୍ୟ ତିମିର ନାୟକ, ନୁନୁକାପଶି ସରପଞ୍ଚ ଜଳଧର ସାହୁ, ତପନ ସାହୁ, ସନ୍ତୋଷ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ଛେଣ୍ଡିପଦା,୧୦।୫(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ ଗ୍ରାମ ବଅଁରଡିହ କୋଡାସାହିରୁ ପୋଲିସ ରବିବାର ୬୦ ଲିଟର ଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଶରତ ପଧାନ ଦେଶୀ ମଦ ରଖିଥିବା ଖବରପାଇ କୋଡାସାହିରେ ଚଢ଼ାଉ କରାଯାଇଥିଲା। ତାଙ୍କ ଘର ପଛପାଖରେ ମଦ ଥିବା ୩ଟି ଜାରକିନ ଜବତ କରି ତାଙ୍କୁ ଗିରଫ କରାଯାଇଥିଲା। ଏସ୍‌ଆଇ ପ୍ରଫୁଲ୍ଲ ରାଉତ ଏ ନେଇ ନଂ. ୯୩ରେ ମାମଲା ରୁଜୁ କରିଛନ୍ତି।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ଛେଣ୍ଡିପଦା,୧୦।୫(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା କଣଲୋଇ ଗ୍ରାମରେ ଜମିବାଡି ବିବାଦକୁ ନେଇ ଜଣେ ମହିଳାଙ୍କୁ ମାଡ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ସରସ୍ୱତୀ ସାହୁଙ୍କୁ ପଡୋଶୀ ମଳୟ କୁମାର ମାଝି, ତାଙ୍କ ସ୍ତ୍ରୀ କବିତା ମାଝି ଓ ପୁଅ ବିଭୂତି ମାଝି ଘରୁ ବାହାର କରି ତାଲା ପକାଇଦେଇଥିଲେ। ବାଗଡିଆ ଫାଣ୍ଡିରେ ସରସ୍ୱତୀ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ, ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ଉପସ୍ଥିତିରେ ଘରକୁ ଯାଇଥିଲେ। ଅନ୍ୟମାନେ ଚାଲିଯିବା ପରେ ମଳୟଙ୍କ ପରିବାର ଆସି ସରସ୍ୱତୀ ଓ ତାଙ୍କ ଭାଉଜ ଶାନ୍ତିଲତାଙ୍କୁ ମାଡ଼ ମାରିଥିଲେ। ଫାଣ୍ଡି ଅଧିକାରୀ ଅବଦୁଲ ୱାସିମ ଖାନ ନଂ. ୧୪୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

### ବଜ୍ରପାତରେ ୩ ଗୁରୁତର

**ପାଲଲହଡ଼ା,୧୦।୫(ଡି.ଏନ୍.ଏ.):** ପାଲଲହଡ଼ା ଉପଖଣ୍ଡ ଝାରବେଡା ପଞ୍ଚାୟତର ଝରଲୋ ଗ୍ରାମର ରବିବାର କାଳବୈଶାଖୀ ବେଳେ ବଜ୍ରପାତ ଘଟି ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସରୋଜିନୀ ସିଙ୍ଗିରାଇ, ଝିଅ ପ୍ରିୟଙ୍କା ସିଙ୍ଗରାଇ, ପୁଅ ହିରଣ୍ୟ ସିଙ୍ଗରାଇ। ସେମାନଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବ୍ଲକ ଅଧକ୍ଷ ନବକିଶୋର ନାୟକ ଡାକ୍ତରଖାନାକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ପନ୍ଦର ସହ ପଡ଼ିଲା କୋଭିଡ୍ ପାଦ

**ଅନୁଗୋଳ ଅଫିସ, ୧୦।୫**

ଗ୍ରୀନ୍ ଜୋନ୍‌ରେ ଥିବା ଅନୁଗୋଳକୁ ଛୁଇଁଛି ମହାମାରୀ କରୋନା ଭୂତାଣୁ। ଏକାବେଳେ ୧୫ ପଜିଟିଭ୍‌ଙ୍କୁ ନେଇ ଜିଲାରେ ପାଦ ଥାପିଛି କୋଭିଡ-୧୯। ରବିବାର ସକାଳେ ୧୩ ସଂକ୍ରମିତଙ୍କ ରିପୋର୍ଟ ଆସିବା ପରେ ତତ୍ପରତା ପ୍ରକାଶ କରିଛି ଜିଲା ପ୍ରଶାସନ। ଏହି ୧୫ ପଜିଟିଭଙ୍କ ମଧ୍ୟରୁ ୧୩ଜଣ ସୁରଟ ଓ ଜଣେ ମହାରାଷ୍ଟ୍ର ଫେରନ୍ତା ହୋଇଥିବା ବେଳେ ଅନ୍ୟ ଜଣେ ସ୍ଥାନୀୟ ଯୁବକ ବୋଲି ଜଣାପଡ଼ିଛି। ତେବେ ସମସ୍ତେ କ୍ୱାରାଣ୍ଟାଇନରେ ଥିବାରୁ ଜିଲାବାସୀ ଭୟଭୀତ ହୁଅନ୍ତୁ ନାହିଁ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ଆଶ୍ୱାସନା ଦେଇଛନ୍ତି। ସମସ୍ତ ସଂକ୍ରମିତଙ୍କୁ ତାଳଚେରଠାରେ ନିର୍ମିତ କୋଭିଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସକାଳେ ଅନୁଗୋଳ ଜିଲାରେ ୧୩ ପଜିଟିଭ ଥିବା କୁହାଯାଇଥିଲା। ସେହିପରି ସନ୍ଧ୍ୟାରେ ଆଉ ୨ ଜଣଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଥିବା ସୂଚନା ଦିଆଯାଇଥିଲା। ଆକ୍ରାନ୍ତମାନଙ୍କ ବୟସ ୨୧ରୁ ୩୬ ବର୍ଷ ମଧ୍ୟରେ ହୋଇଥିବା ବେଳେ ୧୩ଜଣ ନିକଟରେ ସୁରଟରୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିଲେ। ତେବେ ସଂକ୍ରମିତ ଯୁବକମାନଙ୍କ ମଧ୍ୟରୁ ସର୍ବାଧିକ ଆଠମଲ୍ଲିକ ବ୍ଲକ ଅଞ୍ଚଳର। ଅନ୍ୟମାନେ ଅନୁଗୋଳ, ବଅଁରପାଳ ଓ ଛେଣ୍ଡିପଦାର ବୋଲି ଜଣାପଡ଼ିଛି। ଅନୁଗୋଳ ଜିଲାରେ କରୋନା ଆକ୍ରାନ୍ତଙ୍କ ଥିବା ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ହଇଚଇ ଖେଳିଯାଇଥିଲା। ଏପରି କି ଅନୁଗୋଳ ସହର ସହ ଜିଲାର ବିଭିନ୍ନ ବଜାର ପୂର୍ବାହ୍ନରୁ ଖାଁ ଖାଁ ହୋଇଯାଇଥିଲା। ଜରୁରୀ କାମରେ ବାହାରିଥିବା ଲୋକମାନେ ମଧ ଶୀଘ୍ର ଘରକୁ ପଳାଇ ଯାଇଥିବା ଦେଖାଯାଇଥିଲା। ପରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତହସିଲଦାର ନେହୁରୁ ମାଝି, ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ମେଡିକାଲ ଟିମ୍‌ର ସୁବାସ ଚନ୍ଦ୍ର ବେହେରା, ଅନୁଗୋଳ ପୌରପାଳିକା କର୍ମଚାରୀ ପ୍ରମୁଖଙ୍କ ସହ ଅନ୍ୟମାନେ ସମସ୍ତ ଆକ୍ରାନ୍ତଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଳଚେରରେ ହୋଇଥିବା କୋଭିଡ-୧୯ ହସ୍ପିଟାଲକୁ ପଠାଇଥିଲେ। ସକାଳେ ରିପୋର୍ଟ ଆସିଥିବା ୧୩ଜଣଙ୍କ ମଧ୍ୟରୁ ୧୨ ଜଣଙ୍କୁ ପଜିଟିଭ୍ ୱାର୍ଡରେ ରଖାଯାଇଥିବାବେଳେ ସ୍ଥାନୀୟ ଅଞ୍ଚଳର ସଂକ୍ରମିତ ଯୁବକଙ୍କୁ ଅବଜରଭେସନ୍ ଗୃହରେ ରଖାଯାଇଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲାକୁ ପାଖାପାଖି ୧୭ ହଜାର ପ୍ରବାସୀ ଆସିବେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଇଥିଲା। କିନ୍ତୁ ଶନିବାର ସୁଦ୍ଧା ୫୪୦ ଜଣ ଫେରିଥିବାବେଳେ ସୁରଟ ଓ ମହାରାଷ୍ଟ୍ରରୁ ୧୦୯ ଜଣ ରବିବାର ଓଡ଼ିଶା ଆସିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



ଜିଲାରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଅନୁଗୋଳ ପୋଲିସ ହେଲମେଟ, ଗ୍ଲୋବ ଆଦି ପିନ୍ଧି ସଜାଗ ହୋଇଯାଇଛି।

- କରୋନା ମ୍ୟାପ୍‌ରେ ଯୋଡ଼ିହେଲା ଅନୁଗୋଳ ଜିଲା
- ସକାଳେ ଆସିଥିଲା ୧୩, ସନ୍ଧ୍ୟାରେ ୨ ସ୍ୱାବ୍ ପଜିଟିଭ
- ୧୩ ସୁରଟ୍, ୧ ମହାରାଷ୍ଟ୍ର ଓ ସହରର ଜଣେ ଯୁବକ ସଂକ୍ରମିତ

## ସଂକ୍ରମିତ ଅନୁଗୋଳ ଯୁବକ ଜୀବନବୀମା ଏଜେଣ୍ଟ

**ଅନୁଗୋଳ ଅଫିସ, ୧୦।୫**

ସକାଳେ ରିପୋର୍ଟ ଆସିଥିବା ୧୩ ପଜିଟିଭଙ୍କ ମଧ୍ୟରୁ ଜଣେ ଅନୁଗୋଳ ସହରର ଯୁବକ ବୋଲି ଜଣାପଡ଼ିବା ପରେ ପ୍ରଶାସନ, ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ତାଙ୍କ ଘର ସମ୍ମୁଖରେ ପହଞ୍ଚିଥିଲେ। ଯୁବକ ଜଣଙ୍କ କିପରି ସଂକ୍ରମିତ ହେଲେ ସେ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପ୍ରଶାସନ କହିଛି, ଯୁବକ ଜଣଙ୍କ ଭୁବନେଶ୍ୱରରେ ରହୁଥିଲେ। ସେ ଜୀବନବୀମା ଏଜେଣ୍ଟ ଭାବେ କାର୍ଯ୍ୟ କରନ୍ତି। ସ୍ତ୍ରୀଙ୍କ ମେଡିସିନ୍ ନେବାକୁ ସେ ଅନୁଗୋଳସ୍ଥିତ ଘରକୁ ଗତ ୫ ତାରିଖରେ ଆସିଥିଲେ। ସାହିଲୋକ ହୋହଲ୍ଲା କରିବାରୁ ପ୍ରଶାସନ ଓ ପୋଲିସ ପକ୍ଷରୁ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଉଥିଲା। ୬ ତାରିଖରେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ପଜିଟିଭ୍ ରିପୋର୍ଟ ଆସିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ସେ କାହା ସହ ମିଶିଛନ୍ତି, କେଉଁ କେଉଁ ଅଞ୍ଚଳରେ ଯାତାୟାତ କରିଛନ୍ତି ତାହାର ଅନୁଧ୍ୟାନ କରାଯାଉଛି।



ଅନୁଗୋଳ ସହରରେ କରୋନା ଆକ୍ରାନ୍ତ ଜଣାପଡ଼ିବା ପରେ ପୋଲିସର ତତ୍ପରତା।

## ଆକ୍ରାନ୍ତଙ୍କ ତଥ୍ୟ ଲିକ୍, ହେବ ତଦନ୍ତ

**ଅନୁଗୋଳ ଅଫିସ, ୧୦।୫**

ଅନୁଗୋଳ ଜିଲାର ୧୩ ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ ଲିକ୍ ହୋଇଯାଇଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ନିକଟରୁ ଜିଲା ପ୍ରଶାସନ ପାଖକୁ ଆସିଥିବା ସଂକ୍ରମିତଙ୍କ ନାଁ, ଠିକଣା ଆଦିର ତାଲିକା ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ଏହାକୁ ନେଇ ଜିଲା ପ୍ରଶାସନ ଅଡୁଆରେ ପଡ଼ିଥିବା ବେଳେ କିଭଳି ଭାଇରାଲ ହେଲା ତାହାର ଅନୁସନ୍ଧାନ କରାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଅନୁଗୋଳ ସହରର ଜଣେ ଯୁବକ ସଂକ୍ରମିତ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯିବା କଥା। ତାଙ୍କ ସଂସ୍ପର୍ଶରେ ଆସିଥିବା ପରିବାର ଲୋକଙ୍କୁ କ୍ୱାରାଣ୍ଟାଇନ୍ କରିବା କଥା। କିନ୍ତୁ ଖବର ଲେଖା ହେବା ପର୍ଯ୍ୟନ୍ତ ସଂକ୍ରମିତ ଯୁବକଙ୍କ ଘରକୁ ସାନିଟାଇଜ୍ କରାଯାଇ ନାହିଁ କି ତାଙ୍କ ପରିବାରକୁ କ୍ୱାରାଣ୍ଟାଇନ ସେଣ୍ଟରକୁ ନିଆଯାଇ ନାହିଁ। ସେହିପରି ପ୍ରବାସୀମାନେ ଥିବା ସଙ୍ଗରୋଧ କେନ୍ଦ୍ର ସାନିଟାଇଜ୍ କରାଯାଇ ନାହିଁ। ଏ ସମ୍ପର୍କରେ ଜିଲାପାଳ ମହାନ୍ତି କହିଛନ୍ତି, ସଂକ୍ରମିତ ଚିହ୍ନଟ ହୋଇଥିବା ସ୍ଥାନ ଗୁଡ଼ିକୁ ତୁରନ୍ତ ସାନିଟାଇଜ୍ କରାଯିବ। ଆକ୍ରାନ୍ତ ଯୁବକଙ୍କ ଟ୍ରାଭେଲ ହିଷ୍ଟ୍ରି ସମ୍ପର୍କରେ ଯାଞ୍ଚ ସହ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ।



ଜିଲାପାଳ ମନୋଜ କୁମାର ମହାନ୍ତି।

## ବଦଳାଇଲେ ରେଡ୍‌ଜୋନ୍ ନିଷ୍ପତ୍ତି

**ଅନୁଗୋଳ ଅଫିସ, ୧୦।୫:** ଅନୁଗୋଳ ଜିଲାର କରୋନା ଆକ୍ରାନ୍ତଙ୍କ ସମ୍ପର୍କରେ ସକାଳେ ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଦେଇଥିଲା। ସେଥିମଧ୍ୟରୁ ଜଣେ ଆକ୍ରାନ୍ତ ସ୍ଥାନୀୟ ଅଞ୍ଚଳର ହୋଇଥିବା ଜଣାପଡ଼ିବା ପରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ତୁରନ୍ତ ଜିଲାକୁ ରେଡ୍‌ଜୋନ୍ ଘୋଷଣା କରିଥିଲେ। କିନ୍ତୁ କିଛି ସମୟ ପରେ ସେ ଏକ ଜରୁରୀ ଖବରଦାତା ସମ୍ମିଳନୀ ଡକାଇଥିଲେ। ସେଥିରେ ଜିଲାପାଳ କହିଥିଲେ ଯେ, ଅନୁଗୋଳ ଜିଲାକୁ ରେଡ୍‌ଜୋନ୍ ଭାବେ ଘୋଷଣା କରାଯାଇ ନାହିଁ। ଏପରି ଘୋଷଣା ତାଙ୍କ କ୍ଷମତା ବାହାରେ। ଏହା କେବଳ ରାଜ୍ୟ ସରକାର କରିପାରିବେ। ସରକାରଙ୍କ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଅନୁଗୋଳ ଜିଲା ପୂର୍ବ ଭଳି ଗ୍ରୀନ୍ ଜୋନ୍‌ରେ ରହିବ ବୋଲି ଜିଲାପାଳ ମହାନ୍ତି ପ୍ରକାଶ କରିଥିଲେ।

## ଅସ୍ଥାୟୀ ମେଡିକାଲ ବାହାରେ ୧୪୪ ଧାରା

**ଅନୁଗୋଳ ଅଫିସ, ୧୦।୫**

କରୋନା ସଂକ୍ରମଣ ତାଲିକାକୁ ଆସିଯିବା ପରେ ଅନୁଗୋଳ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ରବିବାର ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ଅଞ୍ଚଳରେ ଚେକିଂ ଚାଲିଛି। ସହରକୁ ଆସୁଥିବା ଲୋକମାନେ କେଉଁ କାମରେ ଆସୁଛନ୍ତି, ଅନୁମତି ନେଇଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଉଛି ବୋଲି ଏସ୍‌ଡିପିଓ ଅଶ୍ୱିନୀ ସାହୁ ସୂଚନା ଦେଇଛନ୍ତି। ସହରର ଶିମିଳିପଡ଼ା, ହେମସୁରପଡ଼ା, ରାଜା ଛକ, ହରିମହୁରୀ ଛକ, ମିଶ୍ରପଡ଼ା ଛକ, ହୁଲୁରିସିଂହା, ଛେଳିଆପଡ଼ା, ରାଣୀଗୋଡ଼ା, ଥାନା ଛକ, ସର୍କିଟ ହାଉସ ଛକ, ଜଗନ୍ନାଥ ମନ୍ଦିର, କାଲଟାକ୍ସ ଛକ, ଗାନ୍ଧୀମାର୍ଗ ଆଦିରେ ଯାଞ୍ଚ କରାଯାଉଛି। ସେହିପରି ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ଆସିବା ପର୍ଯ୍ୟନ୍ତ ଅନୁଗୋଳ ସବୁଜ ଜୋନ୍‌ରେ ରହିବ ଓ ପୂର୍ବ କଟକଣା ବଳବତ୍ତର ରହିବ ବୋଲି କୁହାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଜିଲାର ସମସ୍ତ ଅସ୍ଥାୟୀ ମେଡିକାଲ ଶିବିର ଚତୁଃପାର୍ଶ୍ୱର ୧ ଶହ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି ରହିବ। ବିନା ଅନୁମତିରେ କୌଣସି ଅଣସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ଏହା ନିକଟକୁ ଯାଇ ପାରିବେ ନାହିଁ। ଉଲ୍ଲଂଘନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ବାଳିକା ଉଚ୍ଚ ବିଦ୍ୟାଳୟରେ କରାଯାଇଥିବା କ୍ୱାରାଣ୍ଟାଇନ ସେଣ୍ଟର।

# ବଇଣ୍ଡା ୭୨ ଘଣ୍ଟା ଶଟ୍‌ଡାଉନ
## ଜିଲାପାଳ କ୍ଷମତା ବ୍ୟବହାର କଲେ ସରପଞ୍ଚ

**ବଇଣ୍ଡା, ୧୦।୫ (ଡି.ଏନ.ଏ.):** ଅନୁଗୋଳ ଜିଲାରେ ରବିବାର ୧୩ କରୋନା ସଂକ୍ରମିତ ଚିହ୍ନଟ ପରେ ସଂକ୍ରମଣ ରୋକିବାକୁ ନୁନୁକାପଶି ସରପଞ୍ଚ ଜଳଧର ସାହୁ ଜିଲାପାଳଙ୍କ କ୍ଷମତା ବ୍ୟବହାର କରି ବଇଣ୍ଡା ସହ ପଞ୍ଚାୟତକୁ ୭୨ ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। ଉକ୍ତ ନିଷ୍ପତ୍ତି (ଚିଠି ନଂ.୬୩/୧୦।୦୫।୨୦୨୦) ସମ୍ପର୍କରେ ସେ ଆଠମଲ୍ଲିକ ଉପଜିଲାପାଳ, କିଶୋରନଗର ବିଡିଓ, ତହସିଲଦାର ଏବଂ ହଣ୍ଡପା ଆଇଆଇସିଙ୍କୁ ଅବଗତ କରାଇଛନ୍ତି। ଚିଠିରେ ସରପଞ୍ଚ ଉଲ୍ଲେଖ କରିଛନ୍ତି ଯେ, ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବଇଣ୍ଡା ଛକ ପଡୁଥିବାରୁ ବାହାର ରାଜ୍ୟରୁ ଓଡ଼ିଶା ଫେରୁଥିବା ପ୍ରବାସୀମାନେ ବଇଣ୍ଡାଠାରେ ଗାଡ଼ିରୁ ଓହ୍ଲାଇ ବିଭିନ୍ନ ସାମଗ୍ରୀ କିଣାକିଣି କରୁଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ସୁରକ୍ଷିତ ନୁହନ୍ତି। କେବଳ ଏହି ସମୟ ମଧ୍ୟରେ ଜରୁରିକାଳୀନ ସାମଗ୍ରୀ ଔଷଧ, ଓମ୍‌ଫେଡ, ପନିପରିବା, ଫଳ, ତେଜରାତି ଦୋକାନ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲାଯାଇପାରିବ। ଜରୁରୀ କାମ ନ ଥିଲେ ଘରୁ ଲୋକେ ନ ବାହାରିବାକୁ ସରପଞ୍ଚ ସାହୁ ନିବେଦନ କରିଛନ୍ତି।




ନୁନୁକାପଶି ପଞ୍ଚାୟତରେ ଥିବା ବଇଣ୍ଡା ଷ୍ଟେଶନ।

## ଟାଙ୍ଗିଆରେ ଆକ୍ରମଣ, ୨ ଗୁରୁତର

**କଣିହାଁ, ୧୦।୫(ଡି.ଏନ.ଏ.):** କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ଚନ୍ଦ୍ରଶେଖରପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ଗଣ୍ଡଗୋଳ ଯୋଗୁ ୨ ଜଣ ଗୁରୁତର ହୋଇଛନ୍ତି। ସମଲ ଥାନା ସୂତ୍ରରୁ ପ୍ରକାଶ, ସୁଲୋଚନା ପ୍ରଧାନଙ୍କ ୨ ପୁଅ ସୁମନ୍ତ ଓ ଦୁଷ୍ମନ୍ତ ସେହି ଗ୍ରାମର ନରେଶ ପ୍ରଧାନ ଏବଂ କ୍ଷୀରୋଦ ପ୍ରଧାନଙ୍କୁ ମଜୁରି ଟଙ୍କା ମାଗିବାରୁ ଗଣ୍ଡଗୋଳ ହୋଇଥିଲା। ନରେଶ ଓ କ୍ଷୀରୋଦ ଏକ ଟାଙ୍ଗିଆରେ ଆକ୍ରମଣ କରିବାରୁ ସୁମନ୍ତ ଓ ଦୁଷ୍ମନ୍ତ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ସୁଲୋଚନାଙ୍କ ଅଭିଯୋଗ କ୍ରମେ ନଂ. ୮୮/୨୦ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

## ଆତଙ୍କ ଖେଳାଇ ୨ ଗିରଫ



ଗିରଫ ଦୁଇ ଅଭିଯୁକ୍ତ।

**କଣିହାଁ, ୧୦।୫(ଡି.ଏନ.ଏ.):** କଣିହାଁ ବ୍ଲକ ଏନ୍‌ଟିପିସି ଥାନା ଆମ୍ବପାଳ ଗ୍ରାମରେ ଶନିବାର ବନ୍ଧୁକ ଦେଖାଇ ଆତଙ୍କ ଖେଳାଇବା ସହ ଚାନ୍ଦା ଆଦାୟ ଅଭିଯୋଗରେ ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସୁଶୀଲ କୁମାର ଦାସ ଓ ସମଲ ଥାନା ବିଲିଣ୍ଡାର ଲିପକ ବେହେରା। ଆମ୍ବପାଳର ଅରୁଣ ନାଏକଙ୍କ ଅଭିଯୋଗ ଆଧାରରେ ଉଭୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, ଅଭିଯୁକ୍ତମାନେ ଏକ ବାଇକ୍‌ରେ ଆସି ବନ୍ଧୁକ ଓ ମାରଣାସ୍ତ୍ର ଧରି ଚାନ୍ଦା ମାଗିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ପହଞ୍ଚିବା ଦେଖି ଅଭିଯୁକ୍ତମାନେ ଜଙ୍ଗଲ ଆଡ଼କୁ ପଳାଇ ଯାଇଥିଲେ। ରାତିରେ ଉଭୟଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ନଂ. ୭୩/୨୦ରେ ମାମଲା ରୁଜୁ କରାଯାଇଛି।

## ଫଟୋରେ ଖବର



ଅନୁଗୋଳ ମେଡିକାଲ ଛକଠାରେ ଥିବା ଏକ ତେଜରାତି ଦୋକାନରେ ରବିବାର ଗ୍ରାହକଙ୍କ ମଧ୍ୟରେ ନାହିଁ ସାମାଜିକ ଦୂରତ୍ୱ।



ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟକୁ ରବିବାର ସାନିଟାଇଜ୍ କରାଯାଉଛି। (ଫଟୋ- ବୁବୁ)

## ସଂକ୍ଷେପରେ

### ଲକ୍‌ଡାଉନ୍ ଯୋଗୁ ଚିନ୍ତାରେ ଅଟୋ ଚାଳକ

**କେଗାଁ,୧୦।୫(ଡି.ଏନ.ଏ.):** ଲକ୍‌ଡାଉନ୍ ଫଳରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ଥିବା ଅଟୋ ଚାଳକ ଆର୍ଥିକ ଦୁର୍ଗତି ଦେଇ ଗତି କରୁଛନ୍ତି। ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିବା ଏହି ଚାଳକମାନେ ଲକ୍‌ଡାଉନ୍ ଯୋଗୁ ଘରେ ବସି ରହିଛନ୍ତି। ସେମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ଅପରପକ୍ଷରେ ଋଣ କରି ଅଟୋ କିଣିଥିବାରୁ ଏବେ ପରିଶୋଧ କରିବା କାଠିକର ପାଠ ହୋଇଛି। ଏହି ପରିସ୍ଥିତିରେ ସମସ୍ତ ଅଟୋ ଚାଳକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ଲକ୍‌ଡାଉନ୍ ନ ଉଠିବା ଯାଏ ଋଣଟଙ୍କା ପରିଶୋଧରେ ମହଲତ ଦେବାକୁ ଗୋଲାମୁଣ୍ଡା ଅଟୋ ଚାଳକ ସଂଘ ଦାବି କରିଛି।

### ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ଲାଞ୍ଜିଗଡ଼,୧୦।୫(ଡି.ଏନ.ଏ):** କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ରବିବାର ଲାଞ୍ଜିଗଡ ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି କରୋନା ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଲାଞ୍ଜିଗଡ, ବସନ୍ତପଡା, ଛତ୍ରପୁର, ଚମ୍ପାଦେଇପୁରର ବିଭିନ୍ନ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହା ସହ ମନରେଗା କାର୍ଯ୍ୟସ୍ଥଳ ବୁଲି ଦେଖିଛନ୍ତି। ଚମ୍ପାଦେଇପୁରଠାରେ ଜୟ ମା' ମାଣିକେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାସ୍କ ପ୍ରସ୍ତୁତି ସଂପର୍କରେ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ପିଡି ଡିଆରଡିଏ ପ୍ରଭାତ ମହାପାତ୍ର, ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ମୁନୀନ୍ଦ୍ର ହୋନ୍ନାଗା, ଏବିଡିଓ ବିଭୁତିଭୂଷଣ ଶତପଥୀ, ସହକାରୀ ଯନ୍ତ୍ରୀ ରେଣୁକା ଠାକୁରଙ୍କ ସମେତ ବିଭିନ୍ନ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଓ ବିଜୁ ଯୁବବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ।

### ପରୀକ୍ଷା ଲାଗି ଗଲା ୪୬ଜଣଙ୍କ ସ୍ୱାବ୍, ରକ୍ତ ନମୁନା

**ବୌଦ୍ଧ,୧୦।୫(ସ୍ୱ.ପ୍ର.):** ରାଜ୍ୟରେ ଧୀରେ ଧୀରେ କରୋନା ମହାମାରୀର ରୂପ ନେଉଛି। ପ୍ରତିଦିନ ବିଭିନ୍ନ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗ୍ରୀନ ଜୋନ୍‌ରେ ବୌଦ୍ଧ ଜିଲା ରହିଥିଲେ ମଧ୍ୟ ପ୍ରତିଦିନ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ଜିଲାବାସୀଙ୍କ ମନରେ ଭୟ ସୃଷ୍ଟି କରିଛି। ଜିଲାରେ ପୂର୍ବରୁ ୩୭୭ ଜଣଙ୍କ ରକ୍ତ ଓ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ରବିବାର ପୁଣି ୪୬ ଜଣଙ୍କ ରକ୍ତ ଓ ସ୍ୱାବ୍ ନମୁନା ସଂଗ୍ରହ କରାଯାଇପରୀକ୍ଷା ଲାଗି ପଠାଯାଇଛି। କ୍ୱାରାରଣ୍ଟାଇନ ସେଣ୍ଟର ଗୁଡିକରେ ରହିଥିବା କେତେଜଣ ଲୋକଙ୍କଠାରେ ଥଣ୍ଡା ଓ କାଶ ଭଳି ଲକ୍ଷଣ ରହିଥିଲେ ମଧ୍ୟ ଏ ଯାଏ ମିଳିଥିବା ରିପୋର୍ଟରେ ପଜିଟିଭ ନ ଆସିବା ଆଶ୍ୱସ୍ତିର ବିଷୟ ହୋଇଛି। ତେବେ ଜିଲାରେ ଯେଉଁଭଳି ଭାବେ ଲକ୍‌ଡାଉନ ନିୟମକୁ ଉଲ୍ଲଂଘନ କରାଯାଉଛି ତାହା ଯେକୌଣସି ସମୟରେ ଘାତକ ହୋଇପାରେ। ସାମାଜିକ ଦୂରତା ନିୟମ ପାଳନ ନ କଲେ ସଂକ୍ରମଣ ରୋକିବା ସମ୍ଭବ ହେବ ନାହିଁ ବୋଲି ସିଡିଏମ୍‌ଓ ଡ. ଲକ୍ଷ୍ମୀଧର ସାହୁ ପ୍ରକାଶ କରିଛନ୍ତି।

## ସରକାରୀ କଟକଣା ମାନୁ ନାହାନ୍ତି ମଦ ବ୍ୟବସାୟୀ

- ଚୋରା ମଦ କାରବାର ବଢ଼ିଛି
- ସରକାରୀ ବିଦେଶୀ ମଦ ଦୋକାନ ପଛପଟେ ଚାଲିଛି କାରବାର

**ସୋନପୁର,୧୦।୫(ନି.ପ୍ର.)**

ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ଅବଧିରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ କେତେକ ସର୍ତ୍ତରେ ଦେଶବ୍ୟାପୀ ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଓଡ଼ିଶା ସରକାର ଏଭଳି ପରିସ୍ଥିତିରେ ମଦ ଦୋକାନ ଖୋଲିବାକୁ ଅନୁମତି ଦେଇ ନାହାନ୍ତି। ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନିଜ ଜିଲା ସୁବର୍ଣ୍ଣପୁରରେ ଲକ୍‌ଡାଉନ୍ କଟକଣା ସତ୍ତ୍ୱେ ଫାଇଦା ଉଠାଇ ଚାଲିଛନ୍ତି ଜିଲା ଓ ପଡୋଶୀ ଜିଲାର କେତେକ ମଦ ମାଫିଆ। ସେମାନେ ସରକାରଙ୍କ ସବୁ କଟକଣାକୁ ଫୁ କରି ବେଆଇନ ମଦର ପସରା ମେଲାଇ ମୁନାଫା କମାଉଛନ୍ତି।

ସୁବର୍ଣ୍ଣପୁର ଜିଲାରେ ମଦ କାରବାର କରୁଥିବା ବହୁ ବ୍ୟବସାୟୀ ଏହି କଟକଣା ସମୟର ଭରପୂର ସୁଯୋଗ ନେଇଛନ୍ତି। ଲକ୍‌ଡାଉନ୍ ସମୟରେ ଚଞ୍ଚକତା କରି ବ୍ୟାପକ ଷ୍ଟକ୍ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ଆଗରେ ସିଲ୍ ଥିବା ବେଳେ ପଛ ପଟେ ବିକ୍ରି ହେଉଛି। ସେହିପରି ସ୍ୱୀକୃତିପ୍ରାପ୍ତ ମଦ ଭାଟି ସମ୍ମୁଖରେ ଓ ଗାଁ ଗହଳିରେ ଏଭଳି ସମୟରେ ଖୋଲାଖୋଲି ଚୋରା ଦେଶୀ ମଦ ବିକ୍ରି ହେଉଛି।



ଜଙ୍ଗଲ ଭିତରେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି।

ଲକ୍‌ଡାଉନ୍ ସମୟରେ ଜିଲାରେ ମଦ ମିଳିବାରେ ସେପରି କିଛି ଅସୁବିଧା ହେଉ ନ ଥିବା କେତେକ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି। ଅନ୍ୟପକ୍ଷରେ ଦେଶୀ ମଦଭାଟି ସିଲ୍ ପରେ ଏହା ବେଆଇନ ମଦ ପ୍ରସ୍ତୁତକାରୀଙ୍କୁ ଆଶୀର୍ବାଦ ସ୍ୱରୂପ ହୋଇଥିଲା। ଗାଁ ଗାଁରେ ଏବେ ଏଭଳି ମଦଭାଟି ଚାଲିଛି। ଜଙ୍ଗଲ ଭିତରେ ନାଳ ଓ ନଦୀ ପାର୍ଶ୍ୱରେ ଛୋଟ ମଦଭାଟି ଏବେ କୁଟୀର ଶିଳ୍ପରେ ପରିଣତ ହୋଇଛି। ଏହି ଛୋଟ ଭାଟିରୁ ବିଭିନ୍ନ ଗାଁ ଓ ସହରକୁ ମଦ ପରିବହନ ଅନାୟାସରେ ହେଉଛି। ଗରିବ ଶ୍ରମଜୀବୀ ସର୍ବସ୍ୱାନ୍ତ ହେଉଛନ୍ତି। ଚୋରା ମଦ ବିଷାକ୍ତ ହୋଇଥିଲେ ତାହା ମୃତ୍ୟୁର କାରଣ ମଧ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି। ଯାହା ପୋଲିସ ଓ ଅବକାରୀ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏ ସଂକ୍ରାନ୍ତରେ ଆମେ ଅବକାରୀ ଅଧୀକ୍ଷକ ସାମୁଏଲ ଏକ୍କାଙ୍କ ମତାମତ ଲୋଡିଥିଲୁ, ସେ କୁହନ୍ତି ସରକାର ମଦ ବିକ୍ରି ବନ୍ଦ ରଖିଛନ୍ତି। ହେଲେ କେତେକ ଅସାମାଜିକ ବ୍ୟକ୍ତି ଚୋରା ମଦ କାରବାରକୁ ପ୍ରୋତ୍ସାହିତ କରୁଛନ୍ତି। ଆମେ ପ୍ରତ୍ୟହ ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରି ମଦଭାଟି ଭାଙ୍ଗୁଛୁ। ଏପରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଛୁ।

ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ମାମଲା ବୃଦ୍ଧି ପାଉଛି। ଗତ ଏପ୍ରିଲ ମାସରେ ୩୫ଟି ମାମଲା ରୁଜୁ ହେବା ସହିତ ୨୫ ଜଣଙ୍କୁ ଗିରଫ କରାଯାଇଛି। ତେବେ ଜଙ୍ଗଲ ଭିତରେ ଚଢାଉ ସମୟରେ ଅଭିଯୁକ୍ତମାନେ ଖସି ଯିବାରେ ସକ୍ଷମ ହେଉଛନ୍ତି। ସୁବର୍ଣ୍ଣପୁର ଜିଲାରେ ମାସକୁ ସାଢେ ୩ ଲକ୍ଷ ଲିଟରରୁ ଅଧିକ ଦେଶୀ ଓ ବିଦେଶୀ ମଦ ବିକ୍ରି ହୋଇଥାଏ। ଏହି ହିସାବ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନ ଅନୁଯାୟୀ ହୋଇଥିବା ବେଳେ ବେଆଇନ ମଦ ଦୋକାନରୁ ହିସାବ କଲେ ଏହା ୫ ଲକ୍ଷ ଲିଟରରୁ କମ୍ ହେବ ନାହିଁ। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ସୁବର୍ଣ୍ଣପୁର ଜିଲାରେ ଗତ ଫେବୃୟାରୀ ମାସରେ ଦେଶୀ ଭାଟି ମଦ ୧ଲକ୍ଷ ୯୯ହଜାର ୨୪୭ଲିଟର, ବିଅର ୧ଲକ୍ଷ ୧୮ହଜାର ୫୨୮ଲିଟର ଓ ବିଦେଶୀ ମଦ ୩୩ହଜାର ୫୫୦ଲିଟର ବିକ୍ରି ହୋଇଥିଲା। ଜିଲାର ସୋନପୁର, ବୀରମହାରାଜପୁର ଓ ବିନିକାରେ ଅବକାରୀ ଥାନା ରହିଛି। ଏହି ୩ଟି ଅବକାରୀ ଥାନା ଅଧୀନରେ ମୋଟ ୧୨ଟି ବିଦେଶୀ ମଦ ଦୋକାନ, ୨୨ଟି ଦେଶୀ ମଦ ଭାଟି, ୨ଟି ବାର ଓ ଗୋଟିଏ ବିଅର ବାର ଅଛି। ଜିଲାରୁ ମାସକୁ ପ୍ରାୟ ଦେଢ କୋଟି ଟଙ୍କା ରାଜସ୍ୱ ମଦରୁ ସଂଗ୍ରହ ହୋଇଥାଏ ବୋଲି ଜଣାପଡିଛି।

### ମହାରାଷ୍ଟ୍ରରୁ ପିକ୍‌ଅପ୍ ଭ୍ୟାନ୍‌ରେ ଆସିଲେ ୧୭ ଶ୍ରମିକ

**କେଗାଁ, ୧୦।୫(ଡି.ଏନ.ଏ.)**

କରୋନା ପାଇଁ ପ୍ରବାସୀ ଶ୍ରମିକ ଘରମୁହାଁ ହୋଇଛନ୍ତି। ରବିବାର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକକୁ ମହାରାଷ୍ଟ୍ରରୁ ୧୭ ଶ୍ରମିକ ଏକ ପିକ୍‌ଅପ୍ ଭ୍ୟାନରେ ଆସିଛନ୍ତି। ସେମାନେ ମୁମ୍ବାଇରୁ ଚାଲି ଚାଲି ନାଗପୁର ଆସିବା ପରେ ପୋଲିସ ପ୍ରଶାସନ ଅନୁମତି ମାଗି ଏକ ପିକ୍‌ଅପ୍ ଭଡ଼ା କରି ରାୟପୁର ଦେଇ ଖରିଆରୋଡରେ ପହଞ୍ଚି ଥିଲେ। ସେଠାରେ କାଗଜପତ୍ର ତନଖି ପରେ ସେମାନଙ୍କୁ ଓଡ଼ିଶା ସୀମାକୁ ଆସିବାକୁ ଅନୁମତି ଦିଆଯାଇଥିଲା। ଉକ୍ତ ଶ୍ରମିକମାନେ ଗୋଲାମୁଣ୍ଡା ବ୍ଲକ କେଗାଁଠାରେ ପହଞ୍ଚିବା ପରେ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନଙ୍କ ଉପସ୍ଥିତିରେ କେଗାଁ ପଞ୍ଚାୟତ ଅଧୀନ ସାନଚେରଗାଁ ମହାବିଦ୍ୟାଳୟ ପରିସରରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସମସ୍ତ ଶ୍ରମିକ ଗୋଲାମୁଣ୍ଡା ବ୍ଲକର ଜାମଝରନ, ଅମଠା ଓ ବାଗବାହାଲ ଗ୍ରାମର ବୋଲି ଜଣାପଡିଛି।

## ସୁବାସ ଚୌହାନଙ୍କୁ ଶ୍ରଦ୍ଧାଞ୍ଜଳି, ଶେଷଦର୍ଶନ



ସମ୍ବଲପୁରରେ ରବିବାର ସୁବାସ ଚୌହ୍ୱାନଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

**ସମ୍ବଲପୁର,୧୦।୫ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନଙ୍କ ରବିବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ମୃତ୍ୟୁ ଘଟିଛି। ଏହି ଖବର ଜଣାପଡ଼ିବା ପରେ ସାରା ପଶ୍ଚିମ ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି। ତେବେ ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ପୈତୃକ ଗ୍ରାମ ବରଗଡ଼ ଜିଲା ପଦ୍ମପୁର ନେବା ସମୟରେ ଅପରାହ୍ନ ପ୍ରାୟ ୨ ଟାରେ ସମ୍ବଲପୁର ଜେଲ୍ ଛକରେ ଅଟକି ଥିଲା। ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମକର୍ତ୍ତା, ସାମାଜିକ ଅନୁଷ୍ଠାନର ସଦସ୍ୟ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ରହି ତାଙ୍କ ଶେଷ ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, କୁଚିଣ୍ଡା ବିଧାୟକ କିଶୋର ନାୟକ, ଶ୍ରମିକ ନେତା ବିଜୟ ମହାନ୍ତି, ଗୋକୁଳ ମେହେର, ପୂର୍ବତନ ବିଜେଡି ଜିଲାସଭାପତି ପ୍ରମୋଦ ରଥ, ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ସଞ୍ଜୀତ ମହାନ୍ତି, ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ଶାହା, ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର ବହିଦାରଙ୍କ ସମେତ ନେତା, କର୍ମକର୍ତ୍ତା ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

### ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କୁ ଆକ୍ରମଣ ନେଇ ଜାତୀୟ ମାନବାଧିକାର କମିଶନରେ ମାମଲା

**ଲାଞ୍ଜିଗଡ଼,୧୦।୦୫(ଡି.ଏନ.ଏ.)**

ତାମିଲନାଡୁର ତିରୁପୁରଠାରେ କାର୍ଯ୍ୟରତ ଓଡିଆ ଶ୍ରମିକମାନଙ୍କୁ ଦରମା ଦିଆଯାଉ ନାହିଁ। ଲକ୍ ଡାଉନ୍ ସମୟରେ ଅଧିକ ଖଟା ଯାଉଛି। ହେଲେ ଖାଇବାକୁ ଦିଆଯାଉ ନାହିଁ। ଏହାର ବିରୋଧ କଲେ କମ୍ପାନୀ ମାଲିକ ସିକ୍ୟୁରିଟି ଗାର୍ଡ ଲଗାଇ ମାଡ ମାରୁଛନ୍ତି। ଏ ନେଇ କଳାହାଣ୍ଡି ଜିଲାର ଯୁବ ଲେଖକ ତଥା ସମାଜକର୍ମୀ ସୁଶୀଲ କୁମାର ବାଗ ଜାତୀୟ ମାନବାଧିକାର କମିଶନ ନିକଟରେ ଫେରାଦ ହୋଇଛନ୍ତି। ରବିବାର ସେ କମିଶନଙ୍କୁ ଅନଲାଇନ୍‌ରେ ଅଭିଯୋଗ କରିଛନ୍ତି। ତୁରନ୍ତ ଶ୍ରମିକଙ୍କୁ ଉଦ୍ଧାର ସହ କମ୍ପାନୀ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସୁଶୀଲ କମିଶନଙ୍କୁ ନିବେଦନ କରିଛନ୍ତି।

### ନିମ୍ନମାନର ଖାଦ୍ୟ ଯୋଗାଣ ଭିଡିଓ ଭାଇରାଲ

**ଖପ୍ରାଖୋଲ, ୧୦।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର କ୍ୱାରାଣ୍ଟାଇନ୍ ସେଣ୍ଟରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରାଜ୍ୟ ବାହାରୁ ଫେରିଥିବା ୫ ଜଣ ଶ୍ରମିକ ରହୁଛନ୍ତି। ସେମାନଙ୍କୁ ଖାଇବାରେ ଭାତ, ଡାଲି, ଲେମ୍ବୁ, ପିଆଜ ଦିଆଯାଉଥିବା ଭିଡିଓ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଥିଲା। ଏନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଶ୍ରମିକଙ୍କୁ ଠିକ୍ ଖାଦ୍ୟ ଦିଆଯାଉଛି ବୋଲି ସେ କହିଛନ୍ତି। ଯେଉଁ ହୋଟେଲରୁ ଖାଦ୍ୟ ଯୋଗାଣ ହେଉଥିଲା ତାକୁ ଯଦି ଶ୍ରମିକମାନେ ଲୁଚାଇ ଦେଇଥିବେ ତେବେ ସେ ଏହା କହିପାରିବେ ନାହିଁ ବୋଲି କହିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବମ୍ବେରୁ କନ୍ଧମାଳ ସାଇକେଲ୍‌ରେ ଆସିଲେ ୫ଶ୍ରମିକ

**ଗୁଡଭେଲା/କନ୍ଧମାଳ, ୧୦।୫(ଡି.ଏନ.ଏ.)**

ବୌଦ୍ଧ ଜିଲା କନ୍ଧମାଳ ଥାନା ଅଞ୍ଚଳର ୫ଜଣ ଶ୍ରମିକ ସାଇକେଲରେ ବମ୍ବେରୁ ନିଜ ଗାଁକୁ ଫେରିଛନ୍ତି। ଦୀର୍ଘ ୮ଦିନର ସାଇକେଲ ଯାତ୍ରା ପରେ ଶନିବାର ରାତିରେ କନ୍ଧମାଳରେ ପହଞ୍ଚିଥିଲେ। ପରେ ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ଖୋଲା ଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସମ୍ପୃକ୍ତ ଶ୍ରମିକମାନେ ହେଲେ କନ୍ଧମାଳ ଥାନା ଅନ୍ତର୍ଗତ ଆମ୍ବଗାଁ ଗ୍ରାମର ପ୍ରଭାସ ରଣା(୨୪), କୁଲେଶ୍ୱର ରଣା(୧୯), ପଞ୍ଚାୟତ ପଶାୟତ(୧୯), ଦୀପକ ରଣା(୨୧) ଓ ଲୁନ୍ଦୁରୁବାହାଲ ଗ୍ରାମର ସୂର୍ଯ୍ୟକାନ୍ତ ରଣା (୨୦)। ଶ୍ରମିକମାନଙ୍କ କହିବାନୁସାରେ ମେ ୨ତାରିଖରୁ ସେମାନେ ବମ୍ବେରୁ ୫ଟି ସାଇକେଲରେ କନ୍ଧମାଳ ଅଭିମୁଖେ ବାହାରି ଥିଲେ। ଆର୍ଥିକ ସମସ୍ୟା ଦେଖାଦେବାରୁ ବାଟରେ ଦୁଇଟି ସାଇକେଲ ବିକ୍ରି କରି ଦେଇଥିଲେ। ତିନିଟି ସାଇକେଲରେ ସେମାନେ ବହୁକଷ୍ଟରେ ଦୀର୍ଘପଥ ଅତିକ୍ରମ କରି ଆସିଛନ୍ତି ବୋଲି କହିଛନ୍ତି। ସୂଚନା ଅନୁସାରେ ବମ୍ବେର ଏକ କାରଖାନାରେ ସେମାନେ କାମ କରୁଥିଲେ। ଲକ୍‌ଡାଉନ୍ ପରେ କାରଖାନା ବନ୍ଦ ହୋଇ ଯାଇଥିଲା। ପାଖରେ ଥିବା ଟଙ୍କା ସରି ଯିବା ପରେ ଚିନ୍ତାରେ ପଡି ଯାଇଥିଲେ। ଏପଟେ ଘର ମାଲିକ ଭଡ଼ା ଟଙ୍କା ଦେବାକୁ ଜୋର କରିଥିଲେ। ଏହି ପରିସ୍ଥିତିରେ ସେମାନେ ସାଇକେଲରେ ଘରକୁ ଫେରି ଆସିବାକୁ ସ୍ଥିର କରିଥିଲେ। ଫେରିବା ବାଟରେ ଶନିବାର ଅପରାହ୍ନରେ ବଲାଙ୍ଗୀର ଜିଲା ତୁଷୁରା ସହର ଦେଇ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲା। ଏ ନେଇ ଅବଗତ ହେବା ପରେ ପୋଲିସ ଟିମ୍ ସେମାନଙ୍କୁ ଶୁଖିଲା ଖାଦ୍ୟ ଖାଇବାକୁ ଦେଇଥିବା ତୁଷୁରା ଅସ୍ଥାୟୀ ଗେଟ୍‌ରେ ଥିବା ପୋଲିସ ଏଏସ୍‌ଆଇ ଯୁବରାଜ କୁମାର କହିଛନ୍ତି।



କନ୍ଧମାଳରେ ପହଞ୍ଚିବା ପରେ ବମ୍ବେରୁ ସାଇକେଲ୍‌ରେ ଫେରିଥିବା ପ୍ରବାସୀ ଶ୍ରମିକ।

## ୧୭ଶହ କିମି ସାଇକେଲରେ ଘରକୁ ଫେରିଲେ ୮ପ୍ରବାସୀ

**ସୋହେଲା,୧୦।୫(ଡି.ଏନ.ଏ.)**

ପେଟପାଟଣା ପାଇଁ ନିଜ ଭିଟାମାଟି ଛାଡି ଗୁଜରାଟର ସୁରଟ ଯାଇଥିଲେ। ହେଲେ ଲକ୍‌ଡାଉନ୍ ପରେ କର୍ମସଂସ୍ଥାନ ହରାଇ ହାହୁତାଶ ମଧ୍ୟରେ ଦିନ କାଟୁଥିବା ୮ପ୍ରବାସୀ ଓଡ଼ିଆ ଶ୍ରମିକ ଶେଷରେ ସାଇକେଲରେ ଓଡ଼ିଶା ଫେରି ଆସିବାକୁ ନିଷ୍ପତ୍ତି ନେଇଥିଲେ। ଗତ ୨ତାରିଖ ସକାଳୁ ସାଇକେଲରେ ଓଡ଼ିଶା ଅଭିମୁଖେ ବାହାରିଥିଲେ ପୁରୀ ଜିଲା କଣାସ ବ୍ଲକ କାଳିଘଡି ଗ୍ରାମର ସର୍ବେଶ୍ୱର ରାଉତରାୟ, ପିଣ୍ଟୁ ଉଦନରାୟ, ସିଦେନ ବଳିୟାର ସିଂ, ଅଶୋକ ପାସିଂ, ଖୋର୍ଦ୍ଧା ଡାଙ୍ଗପଡାର ପ୍ରମୋଦ ସାମନ୍ତରାୟ, ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଭୁଅନମୁହି ଗ୍ରାମର ଗୋରା ବେହେରା, ଯୁଧେଷ୍ଠି ବେହେରା ଓ ହଞ୍ଜିଲିକାଟୁ ବ୍ଲକ ଗିରିଆ ନାରାୟଣପୁର ଗ୍ରାମର ଟୁନୁ ଭୋଳ ପ୍ରମୁଖ ଶ୍ରମିକ। ରବିବାର ସକାଳେ ସେମାନେ ଓଡ଼ିଶା ସୀମା ବରଗଡ ଜିଲା ସୋହେଲା ବ୍ଲକ ଲୁହୁରାଚଟି ଚେକ୍‌ଗେଟ୍‌ରେ ପହଞ୍ଚିବା ପରେ ଦୀର୍ଘ ୯ଦିନର ପ୍ରାୟ ୧୭ଶହ କିମି ସାଇକେଲ ଯାତ୍ରା ସମ୍ପର୍କରେ ବଖାଣିଥିଲେ। ଘରକୁ ଫେରିବାର ଅନ୍ୟ କୌଣସି ଉପାୟ ନ ପାଇ ଆମେ ସମସ୍ତେ ସାଇକେଲରେ ଫେରିବାକୁ ନିଷ୍ପତ୍ତି ନେଇ ବାହାରିଥିଲୁ। ଯେଉଁଠି ଟିକିଏ ସୁବିଧା ମିଳୁଥିଲା ବିଶ୍ରାମ ନେଇ ପୁଣି ଯାତ୍ରା ଆରମ୍ଭ କରୁଥିଲି। ନିଜ ରାଜ୍ୟରେ ପାଦ ଦେବା ପରେ ଖୁସି ଲାଗୁଛି ବୋଲି ଶ୍ରମିକମାନେ କହିଛନ୍ତି।

### ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ବାଲିଶଙ୍କରା, ୧୦।୫ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ୍ ତଥା କିଞ୍ଜିରକେଲା ଥାନା ଅଧୀନ କିନିକିବନ୍ଧ ଗାଁର ଫଟିକାପଡା ଛକରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫେରୁଆମରା ଗ୍ରାମର ପ୍ରମୋଦ ଓରାମ (୩୦)। ସେ ମରାମତି ପାଇଁ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ। ହେଲେ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କିଞ୍ଜିରକେଲା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହି ଘଟଣା ପରେ ତାଙ୍କ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘରଲୋକେ ମଧ ମ୍ରିୟମାଣ ହୋଇପଡ଼ିଛନ୍ତି।

## ବଡ଼ଭାଇ କଟୁରି ଚୋଟରେ ସାନଭାଇ ଜୀବନ ଗଲା

**ପାଟଣାଗଡ଼, ୧୦।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅନ୍ତର୍ଗତ ଧଉରାଦାଦର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ବଡଭାଇ କଟୁରି ଚୋଟର ସାନଭାଇ ଗୋବର୍ଦ୍ଧନ ଶବରଙ୍କ ଜୀବନ ଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ବଡ଼ଭାଇ ଶିବଶଙ୍କର ଶବରଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଜବତ ହୋଇଛି। ମୃତକଙ୍କ ମା' ଲଳିତା ଶବରଙ୍କ ଏତଲାକ୍ରମେ ପାଟଣାଗଡ଼ ଥାନାରେ ଏକ ମାମଲା (ନଂ. ୯୫/୨୦)ରୁଜୁ କରି ପୋଲିସ ଶିବଶଙ୍କରଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ ଜାରି ରଖିଛି। ଅପରାହ୍ନରେ ଗୋବର୍ଦ୍ଧନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପାଟଣାଗଡ଼ ଥାନା ଅଧିକାରୀ କେ. ପ୍ରିୟଙ୍କା ରାଉତରାୟ ଏବଂ ଉପଖଣ୍ଡ ପୋଲିସ ଅଧିକାରୀ ସୁରେଶ ନାଏକ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଘରୋଇ କଳହକୁ ନେଇ ଦୁଇଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।

## ଫଟୋରେ ଖବର



ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁରେ ଜଣେ ବ୍ୟବସାୟୀ ବାଉଁଶ ତିଆରି ସାମଗ୍ରୀ ନେଇ ବିକ୍ରି କରିବାକୁ ଯାଉଛନ୍ତି।

## ଭିଡିଓ କଲ୍‌ରେ ଆଶୀର୍ବାଦ ନେଲେ ନବଦମ୍ପତି

### ଶାଶୁଘରେ ଏକା ପହଞ୍ଚିଲେ କନ୍ୟା

**ସମ୍ବଲପୁର,୧୦।୫ (ବ୍ୟୁରୋ)**

ମହାମାରୀ କରୋନା ଅନେକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। କେତେକଙ୍କ ରୋଜଗାର ଛଡାଇ ନେଇଛି। ଲୋକଙ୍କ ଜୀବନ ଜୀବିକା ମଧ ବଦଳି ଯାଇଛି। କଟକଣା ଯୋଗୁ ମାଙ୍ଗଳିକ କାର୍ଯ୍ୟକ୍ରମ ଯଥା ବିବାହ, ବ୍ରତ ଆଦି ବନ୍ଦ ରହିଛି। ଦିନ ଧାର୍ଯ୍ୟ ହୋଇଥିଲେ ବି ଅନେକ ବିବାହ କାର୍ଯ୍ୟକ୍ରମକୁ ପରିବାର ଲୋକେ ସ୍ଥଗିତ ରଖିଛନ୍ତି। ହେଲେ ସମ୍ବଲପୁର ସହରର ଜଣେ ଯୁବତୀ ଏହି ସମୟରେ ବିବାହ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

ସମ୍ବଲପୁର ମୁଦିପଡା ଅଞ୍ଚଳର ସୁକନ୍ୟା ଦେବୀଙ୍କ ଝିଅ ପୂଜା ଠାକୁର। ତାଙ୍କ ବିବାହ ଟାଟା ଜାମସେଦପୁରର ଆକାଶ କୁମାରଙ୍କ ସହ ହେବାକୁ ସ୍ଥିର ହୋଇଥିଲା। ଉଭୟଙ୍କ ନିର୍ବନ୍ଧ ଲକ୍‌ଡାଉନ୍ ଘୋଷଣା ପୂର୍ବରୁ ସରିଯାଇଥିଲା। ମେ ୩ ତାରିଖ ଲକ୍‌ଡାଉନ୍ ଖୋଲିବା ପରେ ମେ ୮ ତାରିଖ ବିବାହ ପାଇଁ ସ୍ଥିର ହୋଇଥିଲା। ହେଲେ ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ବୃଦ୍ଧି ହେବାରୁ ପରିବାର ବର୍ଗ ନିରାଶ ହୋଇଥିଲେ। ଉଭୟ ପରିବାର ମଧ୍ୟରେ ବିବାହ ସ୍ଥଗିତ କରିବା ନେଇ ଆଲୋଚନା ହୋଇଥିଲା। ହେଲେ ଉଭୟ କନ୍ୟା ଓ ବରର ମାଙ୍ଗଳିକ ଦୋଷ ଥିବାରୁ ସେମାନେ ଶୀଘ୍ର ବିବାହ କରିବା ପାଇଁ ତାଙ୍କ ପଣ୍ଡିତ ପରାମର୍ଶ ଦେଇଥିଲେ। ଶେଷରେ ସାମାଜିକ ଦୂରତ୍ୱ ପାଳନ କରି ବିବାହ କରିବାକୁ ଉଭୟ ପକ୍ଷ ସ୍ଥିର କରିଥିଲେ। ବିବାହର ଦୁଇଦିନ ପୂର୍ବରୁ କନ୍ୟାଙ୍କ ଭାଉଜ ଝାଡ଼ଖଣ୍ଡ ସୀମାକୁ ପୂଜାଙ୍କୁ ନେଇ ଯାଇଥିଲେ। ସେଠାରେ ବର ପକ୍ଷରୁ ଦୁଇଜଣ ବ୍ୟକ୍ତି ଆସି କନ୍ୟାଙ୍କୁ ଗ୍ରହଣ କରି ଘରକୁ ନେଇଥିଲେ। ଶେଷରେ ବରଘରେ ନିରାଡମ୍ବର ଭାବେ ବିବାହ ହୋଇଛି। ବିବାହ ଉତ୍ସବରେ ବରକନ୍ୟାଙ୍କ ସହ ମାତ୍ର ୮ ଜଣ ସଦସ୍ୟ ଉପସ୍ଥିତ ଥିଲେ। କନ୍ୟା ପରିବାର ପକ୍ଷରୁ କେହି ଉପସ୍ଥିତ ନ ଥିବାରୁ ତାଙ୍କର ଜଣେ ସମ୍ପର୍କୀୟ ଭାଇ କନ୍ୟାଦାନ କରିଥିଲେ। ବିବାହ ସମ୍ପନ୍ନ ପରେ ନବ ଦମ୍ପତି ଭିଡିଓ କଲ୍‌ରେ ପରିବାର ପରିଜନଙ୍କ ସହ ଶୁଭେଚ୍ଛା ଗ୍ରହଣ କରି ଆଶୀର୍ବାଦ ନେଇଥିଲେ। ତେବେ ଏ ସମ୍ପର୍କରେ ବର ଆକାଶ କହିଛନ୍ତି ଯେ, ଲକ୍‌ଡାଉନ୍ ସମୟ ବାରମ୍ବାର ବୃଦ୍ଧି ହେବା ଓ ଆଗକୁ ଶୁଭ ଲଗ୍ନ ନ ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଗଲା। ହେଲେ ଏଭଳି ବିବାହରେ ଆମେ ଓ ପରିବାର ବହୁତ ଖୁସି ଅଛୁ। ଅନ୍ୟ କେହି ଯୋଗ ଦେଇ ପାରିଲେ ନାହିଁ, ତେଣୁ ଦୁଃଖ ଲାଗୁଛି। ହେଲେ ସରକାରଙ୍କ ନିୟମ ପାଳନ କରିବା ଆମର କର୍ତ୍ତବ୍ୟ ବୋଲି କହିଥିଲେ।



ସମ୍ବଲପୁର ମୁଦିପଡାର ପୂଜା ଠାକୁର ଓ ତାଙ୍କ ସ୍ୱାମୀ ଆକାଶ କୁମାର।

**ସଂକ୍ଷେପରେ**

## ୩୯ ବାଇକ୍ ଜବତ, ୧୧ ଗିରଫ

ଲାଞ୍ଜିଗଡ,୧୦।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ବିଶ୍ୱନାଥପୁର ଓ ଲାଞ୍ଜିଗଡ଼ ପୋଲିସ ଏକ ଆନ୍ତଃରାଜ୍ୟ ବାଇକ୍ ଲୁଟେରା ଦଳଙ୍କୁ ଧରିଛି। ରାଜ୍ୟର ବିଭିନ୍ନ ସ୍ଥାନ ସହ ରାଜ୍ୟ ବାହାରୁ ୩୯ଟି ବାଇକ୍ ଜବତ କରିଛି। ଏହି ଘଟଣାରେ ଜଡିତ ୧୧ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଅବିନାଶ ସାହୁ, ରମାକାନ୍ତ ନାଏକ, ସୁଧୀର ହରିଜନ, ସାଗର ହରିଜନ, ଦିବ୍ୟଭୂଷଣ ବୁଦ୍ଧିଆ, ମଣ୍ଟୁ ହରିଜନ, ଠାକୁର ସୁନାନୀ, ଚନ୍ଦନକଂସ ବେହେରା, ଅମିତ କୁମାର। ସେହିଭଳି ଅନ୍ୟ ୨ ଜଣ ନାବାଳକ ଏଥିରେ ରହିଛନ୍ତି। ୨୦୧୯ ଡିସେମ୍ବର ୩ରେ ବିଶ୍ୱନାଥପୁର ସହରର ବ୍ୟବସାୟୀ ପ୍ରମୋଦ କୁମାର ଗୋୟଲଙ୍କ ବାଇକ୍ ଚୋରି ହେବା ନେଇ ବିଶ୍ୱାତପୁର ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ଅମିତ ଧରା ପଡ଼ିଥିଲେ। ତାଙ୍କ ସୂଚନା ଆଧାରରେ ନର୍ଲା ବ୍ଲକ ରୁପ୍ରାରୋଡର ଅବିନାଶଙ୍କୁ ପୋଲିସ ପରେ ଗିରଫ କରିଥିଲା। ଅବିନାଶ ଅନ୍ୟ ସବୁ ବାଇକ୍ ଚୋରି ସମ୍ପର୍କରେ ସ୍ୱୀକାର କରି ସହଯୋଗୀମ୍ଙ୍କ ନାଁ କହିଥିଲେ। ଏହାପରେ ପୋଲିସ ଲାଞ୍ଜିଗଡ, ବିଷମକଟକ ସମେତ ଗଞ୍ଜାମ, ଭୁବନେଶ୍ୱର, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ଛତିଶଗଡ, ମଧ୍ୟପ୍ରଦେଶ ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଇକ୍ ଜବତ କରିଛି।

# ବଦଳିଛି ଜୀବନ କାହାଣୀ

ଦିନେ ସେମାନଙ୍କ ହାତରେ ଥିଲା ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର। ଘର ସାଜିଥିଲା ଘଞ୍ଚ ଜଙ୍ଗଲ। ପାହାଡ, ଚଟାଣ, ନଦୀ ନାଳ, କଣ୍ଟା ବୁଦାର ବିପଦସଙ୍କୁଳ ରାସ୍ତାକୁ ସୁଗମ ମନେ କରି ଆପଣାଇ ନେଉଥିଲେ ସେମାନେ। ସଙ୍ଗଠନର କାମ ଓ ବାର୍ତ୍ତା ନେଇ ଦିନ କାଟୁଥିଲେ। ଅଧିକାଂଶ ଥର ସେମାନଙ୍କୁ ପୋଲିସ ସହିତ ମୁହାଁମୁହିଁ ହେବାକୁ ପଡୁଥିଲା। ଲୁଚି ଛପି ବଞ୍ଚୁଥିଲେ ସେମାନେ। ହେଲେ ସମାଜର ମୁଖ୍ୟସୋତ୍ରରେ ସାମିଲ ହେବା ପରେ ବଦଳି ଯାଇଛି ସେମାନଙ୍କ ଜୀବନଯାତ୍ରା। ଏବେ ସେମାନଙ୍କ ହାତରେ କୋଡି, କୋଦାଳ ଓ ଲଙ୍ଗଳ। କାନ୍ଧରେ ପରିବାର ବୋଝ ଓ କାମର ଭାର। ମାଓବାଦୀ ଜୀବନ ପରେ ଏବେ ସାଧାରଣ ଜୀବନ ବିତାଉଥିବା କେତେକ ମଣିଷଙ୍କ କାହାଣୀକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମେଘପାଳ ପଞ୍ଚାୟତ ଅନ୍ତର୍ଗତ ଟପ୍ପୋପଡା। ସେହି ଗାଁର ଦମ୍ପତି ଅମର ମିର୍ଦ୍ଧା ଓ ଆରତି। ୨୦୦୩ରେ ଅମର ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ପୂର୍ବରୁ ସେହି ସଙ୍ଗଠନରେ ସାମିଲ ଥିଲେ ଆରତି। ୨୦୦୭ରେ ଅମର ଆରତୀଙ୍କୁ ପ୍ରେମ ବିବାହ କରିଥିଲେ। ଏ ସଂକ୍ରାନ୍ତରେ ଅମର କୁହନ୍ତି, ଯୁଯୁମୁରା ବ୍ଲକ୍ ଆଦିବାସୀ ବହୁଳ। ଏହି ବ୍ଲକ ସମେତ ଜିଲାର ଅନ୍ୟ କେତେକ ଅଞ୍ଚଳରେ ସେତେବେଳେ ରାସ୍ତାଘାଟ,ପାନୀୟ ଜଳ ଓ ଶିକ୍ଷା ସମସ୍ୟା ରହିଥିଲା। ଏହାର ସୁଯୋଗ ନେଇ ମାଓବାଦୀ ସଙ୍ଗଠନ ଏହି ବ୍ଲକରେ ସକ୍ରିୟ ରହିଥିଲା। ଏହାର ସଦସ୍ୟମାନେ ବିଭିନ୍ନ ଗାଁରେ ବୈଠକ କରି ଏହି ଅଞ୍ଚଳକୁ ବିକଶିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିଜର ହକ୍ ପାଇଁ ସ୍ୱର ଉତ୍ତୋଳନ କରିବାକୁ ପଡିବ ବୋଲି ସେମାନେ



ସମ୍ବଲପୁର ଜିଲା ମେଘପାଳ ଟପ୍ପୋପଡାର ଆରତୀ, ଅମର ଓ ଦୁଇ ପୁଅ।

ଆହ୍ୱାନ କରିଥିଲେ। ସେମାନଙ୍କ ଆହ୍ୱାନ ଯୋଗୁ ମୁଁ ସଙ୍ଗଠନରେ ସାମିଲ ହୋଇ ଦେବଗଡ,ସମ୍ବଲପୁର ଓ ସୁନ୍ଦରଗଡ ଜୋନ ସଦସ୍ୟ ଭାବେ କାମ କରିଥିଲି। ମୋ ନାମରେ ହତ୍ୟା, ମାରପିଟ, ଲୁଟ, ପୋଡାଜଳା ଭଳି ପ୍ରାୟ ୩୪ରୁ ଅଧିକ ମାମଲା ରହିଥିଲା। ଯାହା କୋର୍ଟରେ ବିଚାର ହେବା ପରେ ନିର୍ଦ୍ଦୋଷରେ ଖଲାସ ହୋଇଛି। ଆରତିଙ୍କୁ ବିବାହ କରିବାର ୨ ବର୍ଷ ପରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ମାଓବାଦୀ ସଙ୍ଗଠନଠାରୁ ଆମେ ଦୂରେଇ ଯିବାକୁ ଚେଷ୍ଟା କରିଥିଲୁ। ସେଥିପାଇଁ ବହୁଥର ଲୁଚିଛପି ରହିବାକୁ ପଡିଥିଲା। ଏହି ସୁଯୋଗରେ ଅଧିକ ମାମଲା ଆମ ଉପରେ ପୋଲିସ ଲଦି ଦେଲା। ଏହାପରେ ସଙ୍ଗଠନ ଛାଡିବାକୁ ମନ ବଳିଲା। ୨୦୧୨ ମାର୍ଚ୍ଚରେ ଉଭୟେ ଦେବଗଡ ଜିଲାର ତତ୍କାଳୀନ ଏସ୍‌ପିଙ୍କ ପାଖରେ ଆତ୍ମସମର୍ପଣ କରିଥିଲୁ। ଆତ୍ମସମର୍ପଣ ପରେ ଆମେ ୧ ବର୍ଷର ଦ୍ୱିତୀୟ ପୁଅକୁ ନେଇ ୩ ବର୍ଷ ପୁଣି ଜେଲରେ ରହିବାକୁ ପଡିଥିଲା। ୨୦୧୫ରୁ ଆମେ ଗାଁରେ ବେଶ ଖୁସିରେ ଅଛୁ। ଆତ୍ମ ସମର୍ପଣ ବେଳେ ପୋଲିସ ପକ୍ଷରୁ ଆମକୁ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏବେ କେବଳ ଘର ତିଆରି କରିବା ପାଇଁ ୪ ଡିସିମିଲ ଜମି ଦିଆଯାଇଛି। ୫ ଏକର ଚାଷ ଜମି ମିଳିଲା ନାହିଁ। ହୋମଗାର୍ଡ ଚାକିରି ମଧ ମିଳିନାହିଁ। ୩ ଲକ୍ଷ ବଦଳରେ ମାତ୍ର ଦେଢ଼ ଲକ୍ଷ ଟଙ୍କା ଦିଆଯାଇଛି। କେମିତି ରୋଜଗାର କରି ଚଳିବୁ ସରକାର ସେକଥା ସମ୍ପୂର୍ଣ୍ଣ ଭୁଲିଗଲେ। ପର ପାଖରେ ମୂଲ ଲାଗି ପରିବାର ଚଳାଉଛି। ଦୁଇ ପିଲାଙ୍କୁ ସରକାରୀ ସ୍କୁଲରେ ପାଠ ପଢ଼ାଉଛି ବୋଲି ସେ କହିଛନ୍ତି।

## ଚାଷ ତାଙ୍କର ଜୀବନ ଜୀବିକା



ସେହି ଗାଁର ଆଉ ଜଣେ ଗଣେଶ ମିର୍ଦ୍ଧା। ସମ୍ବଲପୁର, ସୁନ୍ଦରଗଡ, ଦେବଗଡ ଜୋନ୍‌ର ସମ୍ପାଦକ ଥିଲେ। ସେ ଏବେ ମୁଖ୍ୟସ୍ରୋତରେ ସାମିଲ ହୋଇ ଚାଷରେ ମନ ଦେଇଛନ୍ତି। ଘରେ ତାଙ୍କର ସ୍ତ୍ରୀ ଓ ୩ ବର୍ଷର ଝିଅ। ସେ କହିଛନ୍ତି ଯେ,ଆଦିବାସୀ ଅଞ୍ଚଳକୁ ସରକାର ଅବହେଳା କରୁଥିଲେ। ତେଣୁ ସରକାର ସହିତ ଲଢେଇ କରିବାକୁ ୨୦୦୩ ରେ ମୁଁ ସଙ୍ଗଠନରେ ଯୋଗ ଦେଇଥିଲି। ୨୦୦୭ ରେ ଯୁଯୁମୁରା ନିକଟ ଦେପାଲି ଗ୍ରାମ ନିକଟରୁ ପୋଲିସ ମତେ ଗିରଫ କରି ନେଇଥିଲା। ମୋ ନାମରେ ହତ୍ୟା ସମେତ ମୋଟ ୩୪ ମାମଲା ରହିଥିଲା। ଏବେ ଗୋଟିଏ ମାମଲା ବିଚାରାଧୀନ ଅଛି। ଅନ୍ୟ ସବୁ ମାମଲାରେ ମୁଁ ଖଲାସ ହୋଇଛି। ତେବେ ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ହୋଇଥିବାରୁ ୨୦୦୭ ରୁ ୨୦୧୫ ପର୍ଯ୍ୟନ୍ତ ସମ୍ବଲପୁର ମଣ୍ଡଳ କାରାଗାରରେ କାଟିବାକୁ ପଡିଥିଲା। ଏବେ ୪ ବର୍ଷ ହେଲା ଗ୍ରାମରେ ରହୁଛି। ଚାଷ କାମ ସହ ମୂଲ ଲାଗି ପରିବାର ଚଳାଉଛି। ପିଡିଏସ୍ ଯୋଜନାରେ ଚାଉଳ ଓ ଅନ୍ୟ ସାମଗ୍ରୀ ମିଳୁଛି। ହେଲେ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ଏବେ ବନ ସୁରକ୍ଷା ସମିତିର ସଦସ୍ୟ



ଯୁଯୁମୁରା ଥାନା ହାତିବାରୀ ଗ୍ରାମର ବେଣୁଧର ମାଝି। ୨୦୦୪ ରେ ମାଓବାଦୀ ସଙ୍ଗଠନରେ ସେ ଯୋଗ ଦେଇଥିଲେ। ତାଙ୍କ କହିବା ଅନୁସାରେ ସମାଜରେ ରାଜନେତା ଓ ଧନୀମାନଙ୍କ ଅତ୍ୟାଚାର ବଢି ଚାଲିଥିଲା। ମନରେ ବିତୃଷ୍ଣା ଭାବ ଜାତ ହେଲା। ମାଓବାଦୀମାନେ ବିକାଶର ବାର୍ତ୍ତା ଦେଇଥିବାରୁ ସଙ୍ଗଠନରେ ଯୋଗ ଦେଇଥିଲି। ୨୦୦୭ରେ ପୋଲିସ ମତେ ଗିରଫ କରିଥିଲା। ୮ ବର୍ଷ କାଳ ଜେଲରେ ରହିବା ପରେ ୨୦୧୫ରେ ମୁକ୍ତି ପାଇଛି। ମୋ ନାମରେ ୧୪ ହତ୍ୟା ମାମଲା ଏବଂ ୨୦ଟି ଅନ୍ୟାନ୍ୟ ମାମଲା ରହିଥିଲା। ସବୁ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇସାରିଛି। ଏବେ ହାତିବାରୀ ବନ ସୁରକ୍ଷା ସମିତି ସଦସ୍ୟ ଭାବେ କାମ କରୁଛି। ଚାରା ରୋପଣ ଓ ଗଛ ଲଗାଇବା କାମ କରୁଛି। ସେଥିରେ ରୋଜଗାର ବହୁତ କମ ହେଉଛି। ତେଣୁ ସରକାରୀ ଯୋଜନାରେ ସାମିଲ କରି ରୋଜଗାରର ପନ୍ଥା ବଢାଇବା ପାଇଁ ପ୍ରଶାସନର ସହଯୋଗ ଲୋଡୁଛି।

ରିପୋର୍ଟ: ଶୁଭାଶିଷ ପାଢ଼ୀ, ସମ୍ବଲପୁର

# ସହାୟତା ଅପେକ୍ଷାରେ ଅସହାୟ ସୁଶୀଳା

ମନମୁଣ୍ଡା, ୧୦।୫ (ଡି.ଏନ.ଏ.)

**ଭତ୍ତା, ପିଡିଏସ୍ ସାମଗ୍ରୀରୁ ବଞ୍ଚିତ**



ସୁଶୀଳା ମଲିକ। ବୟସ ୭୭। ସ୍ୱାମୀଙ୍କ ପରଲୋକ ପରେ ଅତି ଦୟନୀୟ ଅବସ୍ଥାରେ କଟୁଛି ତାଙ୍କ ଦିନ। ଅନ୍ୟର ସହାୟତା ନ ମିଳିଲେ ଅଧିକାଂଶ ଦିନ ଉପାସରେ ରହିବାକୁ ପଡୁଛି। ଏପରି ପରିସ୍ଥିତିରେ ବି ତାଙ୍କୁ ବିଧବା ଭତ୍ତା ମିଳିନି। ପିଡିଏସ ସାମଗ୍ରୀ ତାଙ୍କ ପାଇଁ ଯେମିତି ସାତସପନ ହୋଇଛି। କଣ୍ଟାମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତ ଗରିଆପାଲି ଗ୍ରାମର ଏହି ଆଦିବାସୀ ବୃଦ୍ଧା ଏବେ କେବଳ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି।

ସୁଶୀଳାଙ୍କ ପୁଅ ଝିଅ କେହି ନାହାନ୍ତି। ଆଜକୁ ୪/୫ ବର୍ଷ ପୂର୍ବେ ସ୍ୱାମୀ ତାଙ୍କୁ ଛାଡି ଆରପାରିକୁ ଚାଲିଗଲେ। ଏପରି ଅବସ୍ଥାରେ ଭାଙ୍ଗି ପଡିଲେ ସେ। କିଛି କରିବାର ବି ଉପାୟ ନ ଥିଲା। ଶେଷରେ ହାତରେ ବାଡି ଖଣ୍ଡେ ଧରି ଭିକ୍ଷାବୃତ୍ତି କରିବାକୁ ଲାଗିଲେ। ଯାହା ବି ସହାୟତା ମିଳୁଥିଲା ସେଥିରେ ସେ ବହୁ କଷ୍ଟରେ ଚଳି ଯାଉଥିଲେ। ହେଲେ ଏବେ କରୋନା ମହାମାରୀର କଟକଣା ତଥା ଲକ୍‌ଡାଉନ ତାଙ୍କ ଭିକ୍ଷାବୃତ୍ତିରେ ପ୍ରତିବନ୍ଧକ ସୃଷ୍ଟି କରିଛି। ପଡୋଶୀମାନେ ଯାହା ଦେଉଛନ୍ତି ସେଥିରେ ତାଙ୍କର ଦିନ କଟୁଛି। ସୁଶୀଳା ୭୭ ବର୍ଷ ବୟସରେ ମଧ୍ୟ ବାର୍ଦ୍ଧକ୍ୟ କିମ୍ବା ବିଧବା ଭତ୍ତା ପାଇନାହାନ୍ତି। ଏପରି କି ତାଙ୍କ ନାମରେ ରାଶନ କାର୍ଡଟିଏ ନାହିଁ। ଏ ସଂକ୍ରାନ୍ତରେ ସେ ବହୁଥର ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିବା ସେ ପ୍ରକାଶ କରିଛନ୍ତି। ମୋର ଆଉ ବଳବପୁ ନାଇଁନ୍, ସରକାର ଦେଲେ ଦେଉନ ନା ହେଁଲେ ନାଇଁ, ମୁଇଁ ଆଉ କେନ୍‌କେ ନରଦି ଧପି ନାଇଁପାରେ ବୋଲି ସୁଶୀଳା ଅତ୍ୟନ୍ତ ଦୁଃଖର ସହ କହିଛନ୍ତି। ଏ ନେଇ ଘିକୁଣ୍ଡି ସରପଞ୍ଚ ପ୍ରମିଳା ଷାଣ୍ଢଙ୍କୁ ପଚାରିବାରେ ସେ ଏ ସମ୍ପର୍କରେ ପଦକ୍ଷେପ ନେବେ ବୋଲ ପ୍ରତିଶ୍ରୁତି ଦେଇଛନ୍ତି।

## ସନ୍ଧ୍ୟା ୭ରୁ ସକାଳ ୭ ବୌଦ୍ଧ ଶଟ୍ ଡାଉନ୍

ବୌଦ୍ଧ,୧୦।୫ (ସ୍ୱ.ପ୍ର.)

ସାରା ରାଜ୍ୟରେ କରୋନା ଭୂତାଣୁ ହୁ ହୁ ହୋଇ ମାଡି ଚାଲିଛି। ରବିବାର ବୌଦ୍ଧ ଜିଲାରେ କରୋନା ପଜିଟିଭ ଚିହ୍ନଟ ହେବା ସହ ୩ ଜଣଙ୍କଠାରେ ପଜିଟିଭ ମିଳିଛି। ଜିଲା ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେଇଛି। ପରିସ୍ଥିତିର ମୁକାବିଲା ପାଇଁ ବୌଦ୍ଧ ଜିଲାକୁ ପ୍ରଶାସନ ସନ୍ଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସଟ୍ ଡାଉନ୍ ଘୋଷଣା କରିଛି। ଫଳରେ ଜିଲାରେ ସନ୍ଧ୍ୟା ସମୟରୁ ଚେକିଂ କଡାକଡି କରାଯାଇଛି। ଏହି ସମୟରେ କେହି ରାସ୍ତାକୁ ନ ବାହାରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

**ଫଟୋରେ ଖବର**



କଳାହାଣ୍ଡି ଜିଲାପାଳ ଜି. ପି. ହର୍ଷଦ ଲାଞ୍ଜିଗଡ ବସନ୍ତପଡା ଗ୍ରାମପଞ୍ଚାୟତର କଂସାରୀ ଗାଁରେ ଚାଲିଥିବା ଉନ୍ନନମୂଳକ କାମ ବୁଲି ଦେଖୁଛନ୍ତି।

# ପ୍ରବାସୀ ଓଡ଼ିଆଙ୍କ ଥଇଥାନ ପାଇଁ ପ୍ରଶାସନର ଯୋଜନା

ସୁନ୍ଦରଗଡ, ୧୦।୫ (ଡି.ଏନ.ଏ.)

ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥବରେ କରୋନା ପରିସ୍ଥିତିର ମୁକାବିଲା ଓ ପ୍ରବାସୀ ଓଡ଼ିଆ ରାଜ୍ୟକୁ ଫେରିବା ପରେ ସେମାନଙ୍କୁ ଥଇଥାନ କରିବା ନେଇ ଆଲୋଚନା ହୋଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ଏଥିରେ ଅଧକ୍ଷତା କରିଥିଲେ। ସୁନ୍ଦରଗଡ ଜିଲାର ବିଭିନ୍ନ ଖଣିଖାଦାନ ଓ ଶିଳ୍ପ ପ୍ରତିଷ୍ଠାନରେ କାର୍ଯ୍ୟରତ ବାହାର ରାଜ୍ୟର ଶ୍ରମିକମାନେ ନିଜ ରାଜ୍ୟକୁ ଫେରି ଯାଉଛନ୍ତି। ସେହିଭଳି ବାହାର ରାଜ୍ୟରେ ଥିବା ଏହି ଜିଲାର ଶ୍ରମିକମାନେ ମଧ ଘରକୁ ଫେରିବା ଆରମ୍ଭ କରିଛନ୍ତି। ସେମାନେ ଫେରିବା ପରେ ସରକାରୀ ନିୟମ ମୁତାବକ ସେମାନଙ୍କ ନମୁନା ପରୀକ୍ଷା କରାଯିବ। ନିଜ ନିଜ ପଞ୍ଚାୟତର କ୍ୱାରାଣ୍ଟାଇନରେ ରହିବା ସହ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦେବା ଦିଗରେ ପ୍ରଶାସନ ତରଫରୁ ପ୍ରାଥମିକତା ଦିଆଯିବ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। କ୍ୱାରାଣ୍ଟାଇନ କେନ୍ଦ୍ରଗୁଡିକରେ ସୁରକ୍ଷା କର୍ମୀ ମୁତୟନ କରାଯିବ। ସୁନ୍ଦରଗଡ ସହରରେ ପରିବା ହାଟକୁ ୪ଟି ଅଞ୍ଚଳରେ ଭାଗ କରି ବସାଇବା, ସାମାଜିକ ଦୂରତ୍ୱ, ମାସ୍କ ବ୍ୟବହାର ଓ ସରକାରୀ କଟକଣା ପାଳନ ଦିଗରେ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଭାଜପା ପ୍ରତିନିଧି ଅଜୟ ପଟେଲ ନିଜ ମତ ରଖିଥିଲେ। ଡିଆରଡିଏ ପିଡି ଭୈରବ ସିଂ ପଟେଲ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ବିଜେଡି ନେତା ହରଜେନ୍ଦ୍ର ସିଂ, ବୈକୁଣ୍ଠ ନାଏକ, ପଞ୍ଚା ବାର୍ଲା ପ୍ରମୁଖ ମତ ଉପସ୍ଥାପନ କରିଥିଲେ।

# ଭାଗ୍ୟ ଆଦରି ପଡ଼ିଛନ୍ତି ୨୫୪ କିଡ୍‌ନୀ ରୋଗୀ

ବୌଦ୍ଧ,୧୦।୫ (ସ୍ୱ.ପ୍ର.)

**ବୌଦ୍ଧ ଜିଲା**

- ଲକ୍‌ଡାଉନ ଯୋଗୁ ଚିକିତ୍ସା ହୋଇ ପାରୁନି
- ଜିଲାପାଳଙ୍କ ନିର୍ଦ୍ଦେଶ ପାଳୁନି ସ୍ୱାସ୍ଥ୍ୟ ବିଭାଗ

ବୌଦ୍ଧ ଜିଲାର ଆଦିବାସୀ ଅଧୁଷିତ ଅଞ୍ଚଳ ହରଭଙ୍ଗା ବ୍ଲକ୍‌ରେ କିଡ୍‌ନୀ ରୋଗ ଲୋକଙ୍କ ଚିନ୍ତା ବଢାଇଛି। ଲକ୍ ଡାଉନ୍ ଯୋଗୁ ଅନେକ କିଡନୀ ରୋଗୀ ଏବେ ଭାଗ୍ୟ ଉପରେ ନିର୍ଭର କରି ଜୀବନ ସହିତ ସଂଗ୍ରାମ କରୁଛନ୍ତି। ବ୍ଲକରେ ୧୮୯ ଜଣ କିଡ୍‌ନୀ ରୋଗୀଙ୍କ ଜୀବନ ଗଲାଣି। ଏବେ ୨୫୪ ଜଣ ଆକ୍ରାନ୍ତ। କିଛି ମାସ ତଳେ ୫-ଟି ସଚିବ ଭି.କେ. ପାଣ୍ଡିଆନ ବୌଦ୍ଧ ଗସ୍ତରେ ଆସିଥିବା ବେଳେ କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଣୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭିଜ୍ଞ ବିଶେଷଜ୍ଞଙ୍କ ଜରିଆରେ କ୍ୟାମ୍ପ କରାଯାଇ କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହି ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୩ ଥର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା କେବଳ କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। କିନ୍ତୁ କରୋନା ମହାମାରୀ ଯୋଗୁ ଆଉ କ୍ୟାମ୍ପ ଆୟୋଜନ ହୋଇ ପାରୁନାହିଁ। ଏଣୁ କିଡ୍‌ନୀ ରୋଗୀ ଭାଗ୍ୟକୁ ଆଦରି ରହିଛନ୍ତି। ଏ ନେଇ ଜିଲାପାଳଙ୍କ ପାଖରେ ଖବର ପହଞ୍ଚିବାରୁ ଭ୍ରାମ୍ୟମାଣ ଭ୍ୟାନ୍ ଜରିଆରେ କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲା ସ୍ୱାସ୍ଥ୍ୟ ବିଭାଗ ଜିଲାପାଳଙ୍କ ଏହି ନିର୍ଦ୍ଦେଶକୁ ପାଳନ କରୁନାହିଁ। ତେଣୁ ବୌଦ୍ଧ ବିକାଶ ଗର୍ଜନ ସେନା ଉଚ୍ଚ ନ୍ୟାୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏ ସମ୍ପର୍କରେ ଦାବିପତ୍ର ପଠାଇଛି। ତୁରନ୍ତ କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବାକୁ ଏଥିରେ ଅନୁରୋଧ କରାଯାଇଥିବା ସେନାର ଆବାହକ ବାଲ୍ମିକୀ ମହାକୁଡ ସୂଚନା ଦେଇଛନ୍ତି। ଏ ନେଇ ସିଡ଼ିଏମଓ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି ଯେ, କରୋନା ଯୋଗୁ ଚିକିତ୍ସା ବ୍ୟବସ୍ଥା ପ୍ରଭାବିତ ହୋଇଛି। ଯେଉଁମାନେ ସ୍ୱାସ୍ଥ୍ୟ ବିଭାଗ ପାଖକୁ ଆସୁଛନ୍ତି ସେମାନଙ୍କୁ ଆବଶ୍ୟକ ସ୍ଥଳରେ ଆର୍ଥିକ ସହାୟତା ଦେଇ କଟକ ବଡ଼ ମେଡିକାଲକୁ ଚିକିତ୍ସା ଲାଗି ପଠାଯାଉଛି। କେତେକଙ୍କୁ ଫୋନ୍‌ରେ ମଧ ଡାକ୍ତର ପରାମର୍ଶ ଦେଉଛନ୍ତି। ତେବେ ଲକ୍ ଡାଉନ୍ ପରେ ଏହି ସମସ୍ୟା ରହିବ ନାହିଁ ବୋଲି ସିଡ଼ିଏମ୍‌ଓ କହିଛନ୍ତି।

# ବରଗଡ଼ରେ ସୁବାସ ଚୌହାନଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼ ଅଫିସ୍,୧୦।୫

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନଙ୍କ ମରଶରୀର ରବିବାର ଅପରାହ୍ନ ପ୍ରାୟ ୪ଟାରେ ବରଗଡ଼ରେ ପହଞ୍ଚିଥିଲା। ଶେଷ ଦର୍ଶନ ପାଇଁ ବରଗଡ଼ ଗାନ୍ଧୀ ଛକରେ ସ୍ଥାନୀୟ ଲୋକେ ପ୍ରତୀକ୍ଷାରେ ରହିଥିଲେ। ମରଶରୀର ଗାନ୍ଧୀ ଛକରେ ପହଞ୍ଚିବା ପରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ, ପୂର୍ବତନ ବିଧାୟକ ସାଧୁ ନେପାକ, ସମ୍ବିତ ଆଚାର୍ଯ୍ୟ, ଦେବବ୍ରତ ମିଶ୍ର, ପ୍ରଭାତାଦିତ୍ୟ ମିଶ୍ର, ଡି. ମୂରଲୀକ୍ରୀଷ୍ଣା, ଡା. ରାଜେଶ ତ୍ରିପାଠୀ, ଡା. ସୁସ୍ମିତା ଦାଶ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ସୋହେଲାରେ ମନ୍ତ୍ରୀ ସୁଶାନ୍ତ ସିଂ, ବିଜେପୁର ବିଧାୟିକା ରୀତା ସାହୁ, ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ସମ୍ପାଦକ କିଶୋର ଦେବତା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ସୁବାସଙ୍କ ପାର୍ଥିବ ଶରୀର ତାଙ୍କ ଗାଁ ଆମ୍ବବାହାଲ ଅଭିମୁଖେ ଯାଇଥିଲା। ସେହିପରି ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ସୁବାସଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି।



ବରଗଡ଼ ଗାନ୍ଧୀ ଛକରେ ସ୍ୱର୍ଗତ ସୁବାସ ଚୌହାନଙ୍କୁ ଏସ୍‌ପି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ତାମିଲନାଡୁରେ ଓଡ଼ିଆ ଶ୍ରମିକ ଶୋଷିତ

ବାମରା, ୧୦।୫ (ଡି.ଏନ.ଏ)

- ସମାନ ଦରମାରେ ୧୨ ଘଣ୍ଟା କାମ କରିବାକୁ ଚାପ
- ଓଡିଶା ଫେରାଇ ଆଣିବାକୁ ଭିଡିଓରେ ନିବେଦନ

ରୋଜଗାର ଅନ୍ୱେଷଣରେ ନିଜ ଭିଟାମାଟି ଛାଡି ଓଡିଶାର ଲକ୍ଷ ଲକ୍ଷ ଯୁବତୀ ଯୁବକ ବାହ୍ୟ ରାଜ୍ୟକୁ କାମ କରିବା ପାଇଁ ଯାଇଥିବା ବେଳେ ବର୍ତ୍ତମାନ ଦେଶରେ ଲକ୍ ଡାଉନ କାରଣରୁ ସେମାନେ ଫସି ରହିଛନ୍ତି। ଫେରିବା ପାଇଁ ସେମାନେ ନିଜ ନାଁ ରେଜିଷ୍ଟ୍ରେସନ କରିଥିବା ବେଳେ କେତେକ ଶ୍ରମିକଙ୍କୁ ଫେରାଇ ଅଣାଯାଇଛି। ମାତ୍ର ଅନେକ ଶ୍ରମିକ ଏବେ ସୁଦ୍ଧା ବିଭିନ୍ନ ରାଜ୍ୟରେ ଅଟକି ରହିଛନ୍ତି। ତାଙ୍କୁ କେବେ ପର୍ଯ୍ୟନ୍ତ ଫେରାଇ ଅଣାଯିବ ସେ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ନ ଥିବାରୁ ସେମାନେ ହତାଶ ହୋଇପଡିଥିବା କହିଛନ୍ତି। ଏପରି ଅଭିଯୋଗ କରିଛନ୍ତି ତାମିଲନାଡୁରେ କାମ କରୁଥିବା ଓଡ଼ିଆ ଶ୍ରମିକମାନେ।

ଅଭିଯୋଗ ଅନୁସାରେ ସମ୍ବଲପୁର ଜିଲା ବାମରା ବ୍ଲକ ଲରିଆପାଲି ପଞ୍ଚାୟତ ନୂଆଡିହି ଗ୍ରାମର ଲିଳିମା କୁଜୁର ଓ ଜମନକିରା ବ୍ଲକ ଟିକଲିପଡା



ତାମିଲନାଡୁରେ ଫସି ରହିଥିବା ଶ୍ରମିକ।

ପଞ୍ଚାୟତ ବରହାମୁଣ୍ଡି ଗ୍ରାମର ଶୁକ୍ରା ଓରାମ କେତେକ ଅନ୍ୟ ଯୁବତୀ ଯୁବକଙ୍କ ସହ ମିଶି ତାମିଲନାଡୁ ରାଜ୍ୟ ଇରୋଡ ଜିଲା ପଲଭାକାଲିପଲାୟମଠାରେ ଥିବା ଅରୁଣ ଟେକ୍ସଟାଇଲ ପ୍ରାଇଭେଟ ଲିମିଟେଡ ନାମକ ଏକ ସୂତା କଳରେ ଶ୍ରମିକ ଭାବେ କାମ କରୁଥିଲେ। କରୋନା ମହାମାରିକୁ ନେଇ ହୋଇଥିବା ଲକ୍‌ଡାଉନ କାରଣରୁ ଏହି ସୂତା କଳଟି ବନ୍ଦ ହୋଇଯିବାରୁ ସେମାନେ ସେଠାରେ ଫସି ରହିଥିଲେ। ସୂତା କଳଟି ବନ୍ଦ ହେବା କାରଣରୁ ଶ୍ରମିକମାନଙ୍କୁ ଦରମା ମଧ ଦିଆଯାଇନାହିଁ। ଓଡିଶା ସରକାର ରାଜ୍ୟ ବାହାରେ ଥିବା ଓଡ଼ିଆ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ ଘୋଷଣା କରିବା ପରେ ଏମାନେ ମଧ ନିଜ ନିଜ ପଞ୍ଚାୟତରେ ପଞ୍ଜୀକରଣ କରିଥିଲେ। ହେଲେ ଏପର୍ଯ୍ୟନ୍ତ ତାଙ୍କ ଫେରିବା ନେଇ ସେମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା ସେମାନେ କହିଛନ୍ତି। ଯାହା ଦ୍ୱାରା ସେମାନେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଅନ୍ୟପଟେ ଉକ୍ତ ସୂତା କଳଟି ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି। ମାତ୍ର ୮ ଘଣ୍ଟା ପରିବର୍ତ୍ତେ ଶ୍ରମିକମାନଙ୍କୁ ସମାନ ଦରମାରେ ୧୨ ଘଣ୍ଟା କାମ କରିବା ପାଇଁ ବାଧ କରାଯାଉଛି। ଏହାର ବିରୋଧ କରିଲେ ନାନା ପ୍ରକାର ନିର୍ଯାତନା ଦିଆଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ ରହି କମ୍ ପାରିଶ୍ରମିକରେ କାମ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ସେମାନଙ୍କୁ ଓଡିଶା ଫେରାଇ ଆଣିବା ପାଇଁ ଶ୍ରମିକମାନେ ଭିଡିଓ ମାଧମରେ ସରକାରଙ୍କୁ ଅନୁରୋଧ କରିଛନ୍ତି। ସମ୍ବଲପୁର ଜିଲାର ଉକ୍ତ ଦୁଇ ଜଣ ଯୁବତୀଙ୍କ ସହ ସୁନ୍ଦରଗଡ, ଦେବଗଡ ଜିଲା ସମେତ ଅନ୍ୟ ଜିଲା ଗୁଡିକର ଶ୍ରମିକମାନେ ମଧ ଫସି ରହିଥିବା ଜଣାପଡିଛି।

## ସଂକ୍ଷେପରେ

### କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

କାଲିମେଳା,୧୦।୫(ଡି.ଏନ.ଏ.) କାଲିମେଳା ଥାନା ଗମ୍ପାକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗମ୍ପାକୋଣ୍ଡା ମେନ କେନାଲରୁ ଜଣେ ମହିଳାଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ସନ୍ଧ୍ୟାରେ କେନାଲ ପାଣିରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ନେଇ ଗ୍ରାମବାସୀଙ୍କଠାରୁ ବ୍ଲକ ଅଧକ୍ଷ ମାଲା ମାଢ଼ି ଜାଣିବା ପରେ ଥାନାକୁ ଜଣାଇଥିଲେ। ଥାନା ଅଧିକାରୀ ସୁରଜ ଝାଙ୍କାର ଏବଂ ଅନ୍ୟ ପୋଲିସ କର୍ମଚାରୀ ସେଠାରେ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। ମହିଳାଙ୍କ ପରିଚୟ ମିଳିପାରିନାହିଁ।

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

ମାଲକାନଗିରି,୧୦।୫(ଡି.ଏନ୍.ଏ.) - ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ପୋଲିସ କ୍ୟାଣ୍ଟିନରେ କାମ କରୁଥିବା ଜଣେ ମହିଳା ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଗତ ୭ରେ କ୍ୟାଣ୍ଟିନ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ମହିଳାଙ୍କ ଦେହ ଖରାପ ଥିବା ନେଇ ତାଙ୍କ ସ୍ୱାମୀଙ୍କୁ ଖବର ଦେବା ପରେ ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ୨ ଦିନ ପରେ ସ୍ତ୍ରୀଙ୍କ ଶରୀରରେ କ୍ଷତ ଚିହ୍ନ ଥିବା ଦେଖି ତାଙ୍କ ପ୍ରତି ବଳାତ୍କାର ହୋଇଥିବା ସେ ଆଶଙ୍କା କରିଥିଲେ। ମାତ୍ର ସ୍ତ୍ରୀ ଚେତାଶୂନ୍ୟ ଥିବାରୁ ଘଟଣା ସମ୍ପର୍କରେ ସ୍ପଷ୍ଟ ହୋଇପାରୁ ନାହାନ୍ତି ବୋଲି ସେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ଏକ ମାମଲା ରୁଜୁକରି ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲିଥିବା ଆଦର୍ଶ ଥାନା ଭାରପ୍ରାପ୍ତ ନିରୀକ୍ଷକ ରାମ ପ୍ରସାଦ ନାଗ କହିଛନ୍ତି।

### ନବରଙ୍ଗପୁରକୁ ଆସିଛନ୍ତି ୬୩୪ ପ୍ରବାସୀ ଓଡ଼ିଆ

ନବରଙ୍ଗପୁର,୧୦।୫(ବି.ପ୍ର.)- ନବରଙ୍ଗପୁର ଜିଲାକୁ ଏବେ ପ୍ରବାସୀ ଓଡ଼ିଆ ଆସୁଛନ୍ତି। ସରକାରଙ୍କ ଅନୁମତି ପରେ ନବରଙ୍ଗପୁର ଜିଲାକୁ ୬୩୪ ଜଣ ଫେରିଛନ୍ତି। ରବିବାର ଗୁଜରାଟର ଛୋରାୟପୁରଠାରୁ ୨୩ ଓ ତେଲଙ୍ଗାନାରୁ ୧୨୨ ଜଣ ନବରଙ୍ଗପୁର ଜିଲାକୁ ଫେରିଛନ୍ତି। ତେଲଙ୍ଗାନାରୁ ଆସିଥିବା ଶ୍ରମିକମାନେ ମାଲକାନଗିରି ଜିଲା ମୋଟୁକୁ ଆସିବା ପରେ ସେଠାରୁ ଶ୍ରମିକମାନଙ୍କୁ ନବରଙ୍ଗପୁର ଅଣାଯାଉଥିବା ସୂଚନା ମିଳିଛି। ନବରଙ୍ଗପୁର ସହରର ପ୍ରବେଶପଥ ତଥା ଇନ୍ଦ୍ରାବତୀ ନଦୀ ପୋଲ ନିକଟରେ ପୋଲିସ ଚେକ୍ ପୋଷ୍ଟ କରାଯାଇଛି। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମସ୍ତ ଶ୍ରମିକଙ୍କୁ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ସରକାରଙ୍କ ଅନୁମତି ପରେ ବାହାର ରାଜ୍ୟରୁ ଫେରୁଥିବା ଶ୍ରମିକମାନଙ୍କ ତାଲିକା ପ୍ରଶାସନ ନିକଟରେ ରହିଛି। କିନ୍ତୁ ସଚେତନତା ଅଭାବ ଯୋଗୁ ଅଣପଞ୍ଜୀକୃତ ଶ୍ରମିକ କୌଣସି ପ୍ରକାରେ ଜିଲାରେ ପ୍ରବେଶ କରୁଛନ୍ତି। ପ୍ରଶାସନ, ପଞ୍ଚାୟତ ନିକଟରେ ଖବର ନ ଥିବା ବେଳେ ଶ୍ରମିକମାନେ ଗଳିପଶି ଘରକୁ ଆସୁଛନ୍ତି। ଜିଲାରେ ଏହା ଚିନ୍ତା ବଢ଼ାଇଦେବ ବୋଲି ମତ ପ୍ରକାଶ ପାଉଛି।

### ହତ୍ୟାକାଣ୍ଡର ଫେରାର ଅଭିଯୁକ୍ତ ଗିରଫ

କାଲିମେଳା,୧୦।୫(ଡି.ଏନ.ଏ)- ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଚିନ୍ତଲୱାଡା ପଞ୍ଚାୟତ ବଟନିଗୁଡା ଗ୍ରାମରେ ଗତ ଜାନୁଆରୀ ୨ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଦେବା ମାଡକାମି(୭୦)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ କାଲିମେଳା ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଟନିଗୁଡା ଗ୍ରାମର ଭୀମା ମୁସାକିଙ୍କ ପୁଅ ଅଡମା ମୁସାକି। ଖବରରୁ ଜଣାପଡିଛି ଏହି ୩ ଅଭିଯୁକ୍ତ ଗ୍ରାମ ପାଖ ଜଙ୍ଗଲରୁ ଏକ ସାଗୁଆନ ଗଛ କାଟିଥିଲେ। ଏ ସମ୍ପର୍କରେ ମୃତ ଦେବା ମାଡକାମି ସହ ଅନ୍ୟ ଦୁଇ ଗ୍ରାମବାସୀ ବନବିଭାଗକୁ ଜଣାଇ ଦେଇଥିଲେ। ବିଭାଗୀୟ କର୍ମଚାରୀମାନେ ଜଙ୍ଗଲରୁ ଗଛ ଗଣ୍ଡିଗୁଡିକ ଜବତ କରି ନେଇ ଆସିଥିଲେ। ଫଳରେ ଅଡମା, ସହଦେବ ଓ ପୀତାମ୍ବର ଏହି ୩ ବ୍ୟକ୍ତିଙ୍କ ଉପରେ ରାଗ ରଖିଥିଲେ। ଗ୍ରାମରେ ଏହା ଜଣାଇବା ପରେ ଏକ ବୈଠକ ବସିଥିଲା। ବୈଠକରେ ବନ ବିଭାଗକୁ ଖବର ଦେଇଥିବା ଦେବା ମାଡକାମି ଓ ଅନ୍ୟ ଦୁଇଜଣଙ୍କ ଉପରେ ୱାଡମେମ୍ବର ୨୦ ହଜାର ଟଙ୍କା ଜରିମାନା ପକାଇଥିଲେ। ସେମାନଙ୍କ ମଧ୍ୟରୁ ଦେବାଙ୍କୁ ଛାଡି ଅନ୍ୟ ଦୁଇ ବ୍ୟକ୍ତି ସେମାନଙ୍କ ଭାଗ ଟଙ୍କା ଦେଇଥିଲେ। ଦେବା ନିଜ ଭାଗ ଟଙ୍କା ଦେଇ ନ ଥିଲେ। ଏହି ରାଗରେ ସହଦେବ ଓ ପୀତାମ୍ବର ଉଭୟେ ମିଶି ଦେବା ନିଜ ଜମିରେ ଥିବା ଲାଡିରେ ଶୋଇଥିବା ସମୟରେ ତାଙ୍କୁ ଟାଙ୍ଗିଆରେ ହତ୍ୟା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ପୂର୍ବରୁ ଚିନ୍ତଲୱାଡା ପଞ୍ଚାୟତ ପରଜାଗୁଡା ଗ୍ରାମର ସହଦେବ ହନ୍ତାଲ ଓ ପୀତାମ୍ବର ଖିଲ(୨୫)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏସଆଇ ଶଶଦେବ ବେହେରା ତଦନ୍ତ କରୁଥିଲେ।

# କରୋନାଠାରୁ ଗ୍ୟାସ୍ ଲିକ୍ ଥିଲା ବେଶି ଭୟଙ୍କର

- ଶ୍ରମିକ ଯିବେ ଛତିଶଗଡ଼ ବସ୍ତର ଜିଲାର ଟାପରା ଗ୍ରାମ
- ୪ଦିନରେ ଚାଲିଲେଣି ୨୫୦ କି.ମି.
- ଅଞ୍ଚଳ ଛାଡ଼ିବାକୁ କହିଥିଲା ବିଶାଖାପାଟଣା ପ୍ରଶାସନ

ଜୟପୁର,୧୦।୫(ଡି.ଏନ୍.ଏ.)


ଚାଲିଚାଲି ଆସୁଥିବା ଶ୍ରମିକମାନେ ବିଶ୍ରାମ ନେଉଛନ୍ତି।

କାରୋନା ଭୂତାଣୁ ଯେତେ ଭୟ ସୃଷ୍ଟି କରି ନ ଥିଲା ନିର୍ଗତ ବିଷାକ୍ତ ଗ୍ୟାସ୍ ତା'ଠାରୁ ଅଧିକ ଭୟଙ୍କର ଥିଲା। ଚାରିଆଡ଼େ ଲୋକଙ୍କ ମୃତ୍ୟୁ ଏବଂ ଅଚେତ ଶରୀର ପଡ଼ିରହିଥିଲା। ଜୀବନ ରକ୍ଷା କରିବାକୁ ଚାଲିଚାଲି ଆସିଛନ୍ତି କେତେଜଣ ଶ୍ରମିକ। ସେମାନେ ଛତିଶଗଡ଼ ଯିବେ। ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ନିକଟସ୍ଥ ଗୋପାଳପାଟଣାଠାରେ ଥିବା ଏକ କାରଖାନାରୁ ୨ଦିନ ତଳେ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥିଲା। ଫଳରେ କାରଖାନାର ଆଖପାଖ ଅଞ୍ଚଳରେ ରହୁଥିବା ଲୋକଙ୍କୁ ତୁରନ୍ତ ଅଞ୍ଚଳ ଛାଡ଼ି ଚାଲିଯିବାକୁ ବିଶାଖାପାଟଣା ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ଏଥିଯୋଗୁ ଛତିଶଗଡ଼ର ବସ୍ତର ଜିଲା ଦରଭା ଥାନା ଅନ୍ତର୍ଗତ ଟାପରା ଗ୍ରାମ ଏବଂ ଆଖପାଖ ଗ୍ରାମର ସେଠାରେ କାର୍ଯ୍ୟ କରୁଥିବା ୨୦ ଜଣ ଶ୍ରମିକ ଚାଲିଚାଲି ନିଜ ଗ୍ରାମ ଅଭିମୁଖେ ବାହାରିଛନ୍ତି। ଏମାନେ ନଳକୂପ ଖନନ କମ୍ପାନୀରେ ଗୋପାଳପାଟଣା ଅଞ୍ଚଳରେ କାର୍ଯ୍ୟରତ ଥିଲେ। ଗ୍ୟାସ୍ ନିର୍ଗତ ପରେ ପ୍ରଶାସନର ନିର୍ଦ୍ଦେଶ ମୁତାବକ ଶ୍ରମିକମାନେ ଜୀବନ ବଞ୍ଚାଇବାକୁ ନିଜର ଅଳ୍ପ କିଛି ସାମଗ୍ରୀ ଧରି ଚାଲିଚାଲି ନିଜ ଗ୍ରାମକୁ ଫେରୁଛନ୍ତି। ଗତ ୪ଦିନ ମଧ୍ୟରେ ୨୫୦କି.ମି.ରୁ ଊର୍ଦ୍ଧ୍ୱ ଚାଲିଚାଲି ଆସି ରବିବାର ଶ୍ରମିକମାନେ ଜୟପୁରଠାରେ ପହଞ୍ଚିଥିଲେ। ଜୟପୁର ସହର ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ ଏବଂ ପୋଲିସ ସେମାନଙ୍କୁ ଅଟକାଇ ସହର ଭିତିରେ ପ୍ରବେଶ ନ କରିବାକୁ ତାଗିଦ କରିଥିଲେ। ଜୟନଗର ରାସ୍ତା ଦେଇ ସେମାନଙ୍କୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶ୍ରମିକମାନଙ୍କୁ ଲମତାପୁଟଠାରେ କେତେଜଣ ଯୁବକ ବିସ୍କୁଟ ଖାଇବାକୁ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏବଂ ପୌରସଂସ୍ଥା ପକ୍ଷରୁ ସେମାନଙ୍କୁ ଜଳଖିଆ ପ୍ରଦାନ କରାଯାଇଥିଲା। ଜଳଖିଆ ପରେ କିଛି ସମୟ ବିଶ୍ରାମ ନେଇ ସେମାନେ ପୁଣି ନିଜ ଗ୍ରାମ ଅଭିମୁଖେ ବାହାରିଥିଲେ।

## ୪ଶହ କି.ମି. ଚାଲି ଗାଁକୁ ଫେରିଲେ ଯୁବକ

ଗୁମ୍ମା,୧୦।୫:

କରୋନା ସମସ୍ତଙ୍କ ଦୁଃଖ ବଢ଼ାଇଛି। କାମ ବନ୍ଦ ଯୋଗୁ ବିଶେଷକରି ଗରିବ, ଶ୍ରମିକଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଖାଇବାକୁ ପାଖରେ ଟଙ୍କା ନ ଥିବାବେଳେ ଲକ୍‌ଡାଉନ୍‌ରେ ଅନେକ ଶ୍ରମିକ ବାହାର ରାଜ୍ୟରେ ଫସିଛନ୍ତି। ଓଡ଼ିଶା ସରକାର ସେମାନଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେଇଛନ୍ତି। ତଥାପି ବିଭିନ୍ନ ସମସ୍ୟା କାରଣରୁ ଅନେକ ଲୋକ ଶହ ଶହ କିଲୋମିଟର ରାସ୍ତା ଚାଲି ଚାଲି ଘରକୁ ଫେରିବାକୁ ବାଧ୍ୟ ହେଉଛନ୍ତି। ଶନିବାର ଏଭଳି ଏକ ଘଟଣା ଗଜପତି ଜିଲାର ଗୁମ୍ମା ଅଞ୍ଚଳରେ ଦେଖିବାକୁ ମିଳିଛି। ଗୁମ୍ମା ବ୍ଲକ୍ ଅଧୀନ ଉଖୁରା ଗ୍ରାମର ଜଣେ ଯୁବକ ଆନ୍ଧ୍ରପ୍ରଦେଶର

**ସଙ୍ଗରୋଧରେ ରଖିଲା ପ୍ରଶାସନ**

ଗୋଦାବରୀ ଜିଲାରୁ ଚାଲି ଚାଲି ଗୁମ୍ମାରେ ପହଞ୍ଚିଥିବା ଜଣାପଡ଼ିଛି। ସେ ପ୍ରାୟ ୪ଶହ କି.ମି. ରାସ୍ତାକୁ ୬ ଦିନରେ ଅତିକ୍ରମ କରି ନିଜ ଅଞ୍ଚଳରେ ପହଞ୍ଚିଛନ୍ତି। ପାଖରେ ଖାଇବାକୁ ନ ଥିବାବେଳେ କେବଳ ବିସ୍କୁଟ ଓ ପାଣି ସାହାଯ୍ୟରେ ୬ ଦିନ ଯାତ୍ରା କରିଥିବା କହିଛନ୍ତି। ଆନ୍ଧ୍ର ସରକାରଙ୍କଠାରୁ ପାଇଥିବା ଏକ ଅନୁମତିପତ୍ର ନେଇ ଯୁବକ ଜଣକ ଓଡ଼ିଶାରେ ପହଞ୍ଚିଛନ୍ତି। ସେ ଗୁମ୍ମାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ନାମ ପଞ୍ଜୀକରଣ କରାଯିବା ସହ କେସିପୁରସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି।

## ବାଲୁକାକଳାରେ କରୋନା ସଚେତନତା

ଚନ୍ଦାହାଣ୍ଡି,୧୦।୫(ଡି.ଏନ୍.ଏ.)



ବାଲୁକାକଳା ମାଧ୍ୟମରେ କରୋନା ସଚେତନତା କରାଯାଉଛି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ଲୁନାପାଣି ଗ୍ରାମରେ ବିଶ୍ୱ ମାତୃଦିବସ ଅବସରରେ ବାଲୁକାକଳା ମାଧ୍ୟମରେ କରୋନା ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଛି। ନବରଙ୍ଗପୁର ଜିଲାର ବାଲୁକାଶିଳ୍ପୀ ତଥା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଗୌରୀଶଙ୍କର ଡଙ୍ଗରି ନିଜ ମା'ଙ୍କୁ ସମ୍ମାନ ଜଣାଇ ଏହି ବାଲୁକାକଳା ପ୍ରସ୍ତୁତ କରିଥିଲେ। ବିଡିଓ ଧର୍ମରାଜ ମାଝି, ଥାନା ଅଧିକାରୀ ଅଭୟ ବେହେରା ସାମାଜିକ ଦୂରତା ରଖି ଉଦ୍‌ଘାଟନ କରିଥିଲେ। ଥାନା ଓ ବ୍ଲକରେ କରୋନା ସଚେତନତା ବାଲୁକାକଳା ନିର୍ମାଣ କରିବା ସହ ସଙ୍ଗରୋଧ କେନ୍ଦ୍ରରେ ଥିବା ଶ୍ରମିକମାନଙ୍କୁ ଯୋଗ ଶିକ୍ଷା ଦେବା ପାଇଁ ବିଡିଓ ଏବଂ ଥାନା ଅଧିକାରୀ ଅନୁରୋଧ କରିଥିଲେ। ଏହି ଅବସରରେ କରୋନା ଯୋଦ୍ଧାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ନିଜ ପୁଅମାନଙ୍କୁ କଠିନ ପରିଶ୍ରମକରି ଶିକ୍ଷିତ କରି ଗଢି ତୋଳି ଥିବା ମା' ମୁକ୍ତାଦେଈ ଡଙ୍ଗରି, ପୁଅ ଶିକ୍ଷକ ଚନ୍ଦ୍ରଧଜ ଡଙ୍ଗରି, ପବିତ୍ର ମୋହନ ଡଙ୍ଗରି, ଗୌରୀଶଙ୍କର, ବିଦ୍ୱତପ୍ରଭା ଡଙ୍ଗରି, ନୂପୁର ଡଙ୍ଗରି ପ୍ରମୁଖ ବିଡିଓ, ଥାନା ଅଧିକାରୀ, ଖବରଦାତା, ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ସମ୍ମାନିତ କରିଥିଲେ। ଖବରଦାତା ଦିଲୀପ ଦାସ, ମହମ୍ମଦ ହୁସେନ, ସାମାଜିକ କାର୍ଯ୍ୟକର୍ତ୍ତା କ୍ଷେମରାଜ ବାଘ, ମନୋଜ କୁମାର ପାଣ୍ଡି, ମକୁନ୍ଦ ବେଶ୍ରା, କାମିନୀ ରଞ୍ଜନ ପାଣ୍ଡେ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ପୋଲ ତଳକୁ ବାଇକ୍ ଖସି ଚାଳକ ମୃତ

ପାରଳାଖେମୁଣ୍ଡି,୧୦।୫ (ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଡାଲିମ୍ବପୁର–ଅମରା ରାସ୍ତାରେ ଏକ ବାଇକ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେହେଲେ ନୂଆ କେରାଣ୍ଡି ପଞ୍ଚାୟତ ଅମରା ଗ୍ରାମର ରାଜେଶ କୁମାର ପାଣି (୪୦)। ଶନିବାର ରାତିରେ ଡାଲିମ୍ବପୁର–ଅମରା ରାସ୍ତାରେ ସେ ଯାଉଥିବା ବେଳେ ସେଠାରେ ଥିବା ଏକ ବୁଲାଣି ରାସ୍ତାର କେନାଲ ବ୍ରିଜ୍ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସି ପଡିଥିଲେ। ଫଳରେ ଘଟଣାସ୍ଥଳରେ ରାଜେଶଙ୍କ ମୃତ୍ୟୁ ହୋଇଯାଇଥିଲା। ପାରଳାଖେମୁଣ୍ଡି ପୋଲିସ ମୃତଦେହ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି କେନାଲ ବନ୍ଧରେ ଗାର୍ଡ ୱାଲ ନ ଥିବାରୁ ଏପରି ଦୁର୍ଘଟଣା ଘଟିଥିଲା। ସେଠାରେ ଗାର୍ଡ ୱାଲ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ସେଠାରେ ହୋଇପାରିନାହିଁ। ତୁରନ୍ତ ଗାର୍ଡୱାଲ୍ ନିର୍ମାଣ ସହ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ପୂର୍ବତନ ସରପଞ୍ଚ ସୁନୀଲ ମହାପାତ୍ରଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୧୦୩/୨୦ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

## ଯନ୍ତ୍ରଣା ସତ୍ତ୍ୱେ ବାଟ ଚାଲୁଛନ୍ତି ସୁଖରାମ

ଜୟପୁର,୧୦।୫(ଡି.ଏନ.ଏ )



ଅର୍ଥ ରୋଜଗାର ପାଇଁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଆନ୍ଧ୍ରପ୍ରଦେଶର ବିଶାଖପାଟଣାକୁ ଯାଇଥିଲେ ଛତିଶଗଡ ରାଜ୍ୟ ବସ୍ତର ଜିଲା ଦରଭା ଥାନା ଅଞ୍ଚଳର ଶ୍ରମିକ ସୁଖରାମ (୨୦)। କାରୋନା ଭୂତାଣୁଜନିତ ସଂକ୍ରମଣ ରୋକିବାକୁ ସାରା ଦେଶରେ ଲକଡାଉନ ଜାରି ହୋଇଯିବାରୁ ସେ ଗ୍ରାମକୁ ଫେରି ନ ପାରି କାର୍ଯ୍ୟ ସ୍ଥଳରେ ରହିଯାଇଥିଲେ। ମାତ୍ର ଉକ୍ତ ଅଞ୍ଚଳର କାରଖାନାରେ ବିଷାକ୍ତ ଗ୍ୟାସ ନିର୍ଗତ ଯୋଗୁ ଜୀବନ ବଞ୍ଚାଇବାକୁ ଅନ୍ୟସାଥୀଙ୍କ ସହ ଚାଲିଚାଲି ନିଜ ଗ୍ରାମକୁ ଫେରିବାକୁ ବାହାରିଲେ ସୁଖରାମ। କୋରାପୁଟ ଜିଲା ଲମତାପୁଟରେ ପହଞ୍ଚିବା ବେଳକୁ ତାଙ୍କ ୨ଗୋଡ ଦରଜରେ ଫୁଲିଗଲା। ଯନ୍ତ୍ରଣା ହେଉଛି। ତଥାପି ସେ ଗ୍ରାମରେ ପହଞ୍ଚି ଆଶା ରଖି ଧୀରେ ଧୀରେ ଚାଲୁଛନ୍ତି। ଜୟପୁରଠାରେ କ୍ୱାରାଣ୍ଟାଇନ ଭବନରେ ଆଶ୍ରୟ ନେବା ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ପରାମର୍ଶ ଦେଇଥିଲେ। ତାଙ୍କ ସହ ଆସୁଥିବା ସାଥୀମାନେ ଚାଲିଗଲେ ସେ ଏକୁଟିଆ ହୋଇଯିବେ ଚିନ୍ତା କରି କ୍ୱାରାଣ୍ଟାଇନ ଭବନରେ ବିଶ୍ରାମ ନେଲେନି ସୁଖରାମ। ସ୍ଥାନୀୟ ଲୋକେ ଏନେଇ ସହଯୋଗ କରିବାକୁ ପୌରନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟଙ୍କୁ ଜଣାଇଥିଲେ। ପୌରସଂସ୍ଥା ପକ୍ଷରୁ କେବଳ ତାଙ୍କୁ ଜଳଖିଆ ଖାଦ୍ୟ ଦେଇ ନିଜ କର୍ତ୍ତବ୍ୟ ସାରିଥିଲା। ସୁଖରାମଙ୍କ ଚିକିତ୍ସା କରାଯାଇ ନ ଥିଲା।

## ସାଇକେଲରେ ଯାଉଥିବା ଶ୍ରମିକଙ୍କୁ ଗାଡ଼ିରେ ପଠାଇଲେ ଝାଡ଼ଖଣ୍ଡ

ତେନ୍ତୁଳିଖୁଣ୍ଟି,୧୦।୫(ଡି.ଏନ.ଏ.)

**ସହଯୋଗର ହାତ ବଢ଼ାଇଲେ ଯୁବକ**

ସାଇକେଲରେ କୋରାପୁଟ ଜିଲା ଜୟପୁର ଡୁମୁରିପୁଟରୁ ଝାଡ଼ଖଣ୍ଡ ଯାଉଥିବା ୫ ଶ୍ରମିକଙ୍କୁ ସହଯୋଗର ହାତ ବଢାଇଛନ୍ତି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ପଞ୍ଚାୟତର ସାପମୁଣ୍ଡ ଗ୍ରାମର କେତେଜଣ ଯୁବକ। ସେମାନଙ୍କ ପାଇଁ ଇ–ପାସ୍ ସହ ଗାଡ଼ି ବ୍ୟବସ୍ଥା କରାଇ ଘରକୁ ପଠାଇଛନ୍ତି।

୮ ତାରିଖରେ ଡୁମୁରିପୁଟରୁ ଝାଡ଼ଖଣ୍ଡର ହଜାରିବାଗ ଅଭିମୁଖେ ୫ଜଣ ଶ୍ରମିକ ସାଇକେଲରେ ଯାଉଥିଲେ। ସାପମୁଣ୍ଡ ଗ୍ରାମର ନରସିଂହ ହରିଜନ, ଜଗଦୀଶ ଖୁରା, ବାବୁଲା ଖୁରା, କ୍ଷେତ୍ର ହରିଜନ ଏହା ଦେଖି ସେମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଏଥିସହ ରାତିରେ ସେଠାରେ ସେମାନଙ୍କ ରହିବା ବ୍ୟବସ୍ଥା କରିଥିଲେ। ସେମାନଙ୍କ ଠାରୁ ଫୋନ ନମ୍ବର ନେଇ ଝାଡ଼ଖଣ୍ଡ ହଜାରିବାଗ ଜିଲାର ଡିଏସ୍‌ପିଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଶ୍ରମିକଙ୍କ ଗ୍ରାମର ସରପଞ୍ଚଙ୍କ ସହ ଯୋଗାଯୋଗ କରି ନବରଙ୍ଗପୁର ଜିଲାପାଳଙ୍କ ଫୋନ ନମ୍ବର ଦେଇଥିଲେ। ସରପଞ୍ଚ ଜିଲାପାଳଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କ ପାଇଁ ଇ–ପାସ୍ କରାଇଦେବାକୁ କହିଥିଲେ। ପରେ ସାପମୁଣ୍ଡର ଯୁବକମାନେ କଳାହାଣ୍ଡିର ଜଣେ ବ୍ୟକ୍ତିଙ୍କ ଗାଡ଼ି ପାଇଁ ଇ–ପାସ୍ ବିଡିଓ ଅକ୍ଷମିତା କାର୍ତ୍ତିକଙ୍କ ମାଧ୍ୟମରେ କରାଇଥିଲେ। ରବିବାର ଭୋରୁ ସେମାନେ ବାହାରି ଅପରାହ୍ଣରେ ଝାଡଖଣ୍ଡ ହଜାରିବାଗରେ ପହଞ୍ଚିଥିଲେ। ଗ୍ରାମରେ ପହଞ୍ଚିବା ପରେ ପରିବାର ଲୋକଙ୍କଠାରୁ ଗାଡ଼ି ଭଡ଼ା ଆଣି ଡ୍ରାଇଭରଙ୍କୁ ଦେଇଥିଲେ।

## ଟ୍ୟାଙ୍କର–ବାଇକ୍ ଦୁର୍ଘଟଣା: ଜଣେ ମୃତ

ପଟ୍ଟାଙ୍ଗୀ,୧୦।୫(ଡି.ଏନ୍.ଏ.):

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅଧୀନ ୨୬ ନଂ. ଜାତୀୟ ରାଜପଥରେ ରବିବାର ଏକ ପିଚୁ ଟ୍ୟାଙ୍କର ଏବଂ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆଗାଁ ପଞ୍ଚାୟତ ଗାଲିଗାବଡ଼ା ଗ୍ରାମର ରାଜୀବ ପାଙ୍ଗୀ। ଘଟଣାରୁ ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶରୁ ଗୋଟିଏ ପିଚୁ ଟ୍ୟାଙ୍କର(ଏପି୩୧ଟିଏଚ୍ ୧୪୫୯) କୋରାପୁଟ ଅଭିମୁଖେ ଯିବା ସମୟରେ ଏକ ବୁଲାଣି ରାସ୍ତାରେ ବିପରୀତ ଦିଗ ଲାଉଡ଼ି ଗ୍ରାମ ଅଭିମୁଖେ ଯାଉଥିବା ଏକ ବାଇକ୍ (ଓଡି୧୦ ଏମ୍୧୯୩୩) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍ ଚାଳକ ରାଜୀବଙ୍କ ସମେତ ପଛରେ ବସିଥିବା କୃଷ୍ଣଚନ୍ଦ୍ର ପାଙ୍ଗୀ ଏବଂ ଗାଙ୍ଗରାଜପୁର ପଞ୍ଚାୟତର ଭାଗୀରଥି ପେଦାପେଲି ଗାଡ଼ିରୁ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ୩ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଭାଗୀରଥିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଥିବାବେଳେ ରାଜୀବ ଓ କୃଷ୍ଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଦୁହିଁଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ରାଜୀବଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପଟ୍ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଓ ବାଇକ୍ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ରାଜିବ ଭୁବନେଶ୍ୱରସ୍ଥିତ ଏକ କଲେଜରେ ଇଞ୍ଜିନିୟରିଂ ପଢୁଥିବାବେଳେ ଲକ୍‌ଡାଉନ୍ ପୂର୍ବରୁ ଫେରିଥିଲେ। ଗ୍ରାମର ଏକମାତ୍ର ଶିକ୍ଷିତ ଯୁବକଙ୍କୁ ହରାଇଥିବାରୁ ପରିବାର ଓ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଛନ୍ତି।

## ମାତୃତ୍ୱ ଦିବସରେ ସଚେତନତା: ଛତା ରଖିବ ସାମାଜିକ ଦୂରତ୍ୱ

ପାରଳାଖେମୁଣ୍ଡି,୧୦।୫ (ସ୍ୱ.ପ୍ର.)


ଛତାଧରି ପୋଲିସ ଲୋକଙ୍କ ସଚେତନ କରୁଛି।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ୱାର୍ଡ ନଂ ୪ର ଲକ୍ଷ୍ମୀନଗରଠାରେ ଅଞ୍ଚଳବାସୀଙ୍କ ପକ୍ଷରୁ ମାତୃତ୍ୱ ଦିବସ ପାଳିତ ହୋଇଛି। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ସମେତ ଅନେକ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁଷ୍ପମାଲ୍ୟ ଦେଇ ବନ୍ଦାପନା କରାଯାଇଥିଲା। କରୋନା ସମୟରେ ଲକ୍‌ଡାଉନ୍ ଚାଲିଥିବାବେଳେ ଜିଲା ପୋଲିସ ଲୋକଙ୍କ ସୁରକ୍ଷା ଏବଂ କରୋନାଜନିତ ବିଭିନ୍ନ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। ଏ ଦିଗରେ ଅଗ୍ରଣି ଭୂମିକା ନେଇଥିବାରୁ ମାତୃତ୍ୱ ଦିବସରେ ସେମାନଙ୍କୁ ବନ୍ଦାପନା କରାଯାଇଥିଲା। ସେହିପରି ପୋଲିସ ପକ୍ଷରୁ କରୋନା ପାଇଁ ଅଭିନବ ଉପାୟରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଇଥିଲା। ବର୍ତ୍ତମାନ ଗ୍ରୀଷ୍ମ ପ୍ରଭାବ ଯୋଗୁ ପ୍ରବଳ ଖରା ହେଉଛି। ବାହାରକୁ ବାହାରିଲେ ଛତା ବ୍ୟବହାର କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଛତା ଦ୍ୱାରା ସାମାଜିକ ଦୂରତା ମଧ୍ୟ ରକ୍ଷା ହୋଇପାରିବ ବୋଲି ପୋଲିସ ଲୋକଙ୍କୁ ଅବଗତ କରିଥିଲା। ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍‌ଆଇ ସୁନିଲ ଦଳେଇ, ଏସି ରାୟ, ଅହଲ୍ୟା ମହାରଣା, ଏଏସ୍‌ଆଇ ପୀତବାସ ଶତପଥୀ ସାମିଲ ହୋଇଥିଲେ।

## କାଶୀନଗର ଅଞ୍ଚଳର ୭୦ ସ୍ୱାବ୍ ରିପୋର୍ଟ ନେଗେଟିଭ

କାଶୀନଗର,୧୦।୫(ଡି.ଏନ୍.ଏ.)

**ଗଳାବାଟ ଦେଇ ଆସୁଛନ୍ତି ଲୋକେ, ସଙ୍ଗରୋଧରେ ରହିବାକୁ ଅମଙ୍ଗ**

ଗଜପତି ଜିଲା କାଶୀନଗର ବ୍ଲକ୍ ଓ ଏନ୍‌ଏସିର ୧୦୦ ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିବାବେଳେ ସେଥିରୁ ୭୦ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଛି। ସେହିପରି ଅନ୍ୟ ୩୦ ଜଣଙ୍କ ରିପୋର୍ଟ ପହଞ୍ଚି ନ ଥିବା ମେଡିକାଲ ଅଫିସର ଇନ୍‌ଚାର୍ଜ ପାର୍ଥସାରଥି ବେହେରା କହିଛନ୍ତି। ସେହିପରି କାଶୀନଗରସ୍ଥିତ ବାରାଣସୀ ସରକାରୀ ହାଇସ୍କୁଲ ପରିସର ସଙ୍ଗରୋଧ କେନ୍ଦ୍ରରେ ଥିବା ୪୭ଜଣଙ୍କ ସଙ୍ଗରୋଧ ଅବଧି ଶେଷ ହୋଇଛି। ତେବେ ସମସ୍ତଙ୍କ ସ୍ୱାବ୍ ରିପୋର୍ଟ ଆସିଲେ ସେମାନଙ୍କୁ ଘରକୁ ଛାଡ଼ିବା ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି କାଶୀନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଖାରଡ଼ା ସଙ୍ଗରୋଧ କେନ୍ଦ୍ରରେ ଥିବା ୩୬ ଜଣଙ୍କ ସ୍ୱାବ୍ ମଧ୍ୟ ପରୀକ୍ଷା ପାଇଁ ପଠାଯାଇଛି। ସେମାନଙ୍କ ରିପୋର୍ଟ ମଧ୍ୟ ଆସି ନ ଥିବା ବିଏସ୍‌ଓ ଇନ୍‌ଚାର୍ଜ ଜଣାଇଛନ୍ତି। ତେବେ ଏଯାବତ୍ କାହାକୁ ଆଇସୋଲେଶନରେ ରଖିବା ଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ। ଯେଉଁମାନଙ୍କୁ ଜ୍ୱର ହେଉଛି, ସେମାନଙ୍କୁ ସ୍ୱତନ୍ତ୍ର ଫିଭର କ୍ଲିନିକ୍‌ରେ ରଖି ପରୀକ୍ଷା ଓ ଚିକିତ୍ସା କରାଯାଉଛି। ପ୍ରତ୍ୟେକ ଦିନ ସ୍ୱାସ୍ଥ୍ୟ ବିଭାଗର ଟିମ୍ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି। ତେବେ ଗଳାବାଟ ଦେଇ କିଛି ଲୋକ ଅଞ୍ଚଳକୁ ଆସି ଲୁଚି ରହିଥିବାବେଳେ ସେମାନେ ସଙ୍ଗରୋଧରେ ରହିବାକୁ ରାଜି ହେଉନାହାନ୍ତି। ତେଣୁ ଚିହ୍ନଟ ହେଉଥିବା ଲୋକଙ୍କ ଘରକୁ ଯାଇ ପୋଲିସ ଓ ମାଜିଷ୍ଟ୍ରେଟ ସେମାନଙ୍କୁ ସଙ୍ଗରୋଧରେ ରଖିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ପ୍ରକାଶ ଯେ, ସୀମାନ୍ତ ଆନ୍ଧ୍ର ଓ ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଗଜପତି ଜିଲାବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ କାଶୀନଗର ଅଞ୍ଚଳର ୭୦ ସନ୍ଦିଗ୍ଧଙ୍କ ରିପୋର୍ଟ ନେଗେଟିଭ ଆସିବା ପରେ ଅଞ୍ଚଳବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି।

## ବିଶାଖାପାଟଣାରୁ ଘରମୁହାଁ ହେଉଛନ୍ତି ଶ୍ରମିକ

- ଚାଲି ଚାଲି ଓଡ଼ିଶା ଫେରିଲେ ୩୦ ଶ୍ରମିକ
- ସାଇକେଲରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଯାଉଛନ୍ତି ୧୪ ଶ୍ରମିକ
- ଭୋକ ଉପାସରେ ଘରକୁ ଫେରୁଛନ୍ତି

ରାୟଗଡ଼ା ଅଫିସ,୧୦।୫:


ଶ୍ରମିକମାନେ ଚାଲିଚାଲି ଘରକୁ ଯାଉଛନ୍ତି।

ଲକ୍‌ଡାଉନ୍ ଯୋଗୁ ବାହାର ରାଜ୍ୟରେ ଫସିଛନ୍ତି ଶହ ଶହ ଶ୍ରମିକ। ଏବେ ନିଜ ରାଜ୍ୟକୁ ଫେରିପାରିବେ ବୋଲି ସରକାର ଘୋଷଣା କରିବା ପରେ ଅନେକ ଶ୍ରମିକ ବିଭିନ୍ନ ଉପାୟରେ ଘରକୁ ଫେରୁଛନ୍ତି। ଆଇଆର୍‌ସିଟିସି ପେଣ୍ଟିକାରରେ କାମ କରୁଥିବା ୧୪ ଶ୍ରମିକ ବିଶାଖାପାଟଣାରୁ ଘରମୁହାଁ ହୋଇଥିବା ଜଣାପଡ଼ିଛି। ଏମାନେ ସାଇକେଲ ଯୋଗେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ଅଭିମୁଖେ ବାହାରିଛନ୍ତି। ହେଲେ ଘରକୁ ଫେରିବା ମଧ୍ୟ ଏମାନଙ୍କ ପାଇଁ ସହଜ ହୋଇନି। ଗାଁରେ ପହଞ୍ଚିବାକୁ ଆହୁରି ଦୀର୍ଘ ରାସ୍ତା ଅତିକ୍ରମ କରିବାକୁ ହେବ। ଯିବା ବାଟରେ ଥକିଯାଇ ଏମାନେ ରାୟଗଡ଼ା ବସ୍‌ଷ୍ଟାଣ୍ଡରେ କିଛି ସମୟ ଅଟକିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ଏମାନେ ଏଠାରେ ରୋଷେଇ କରି ଖାଇଥିଲେ। ଏହାପରେ ସେମାନେ ପୁଣି ନିଜ ଯାତ୍ରା ଆରମ୍ଭ କରିଥିଲେ। ଏହି ସମୟରେ ଗଣମାଧ୍ୟମ ନିକଟରେ ସେମାନେ ନିଜ ଦୁଃଖ ବଖାଣିଛନ୍ତି। ରାସ୍ତାରେ କେହି ଖାଇବାକୁ ମାଗିଲେ ଦେଉ ନ ଥିବାବେଳେ ଗାଁକୁ ଫେରିଯିବାର ବ୍ୟବସ୍ଥା କରିଦେବାକୁ ନେହୁରା ହେଲେ ମଧ୍ୟ କେହି ଶୁଣି ନ ଥିବା କହିଛନ୍ତି। ଲକ୍‌ଡାଉନ୍ ପରଠାରୁ ଯାତ୍ରୀ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ତେଣୁ କାମ ବନ୍ଦ ଯୋଗୁ ଏମାନଙ୍କ ପାଖରେ ଟଙ୍କା ମଧ୍ୟ ନାହିଁ। ଘରୁ ଟଙ୍କା ମଗାଇ ସାଇକେଲ କିଣି ଘରମୁହାଁ ହୋଇଛୁ ବୋଲି ଏହି ଶ୍ରମିକମାନେ କହିଛନ୍ତି।

ସେହିପରି ଅନ୍ୟ ୩୦ଶ୍ରମିକ ୭ଦିନ ହେଲା ବିଶାଖାପାଟଣାରୁ ଚାଲି ଚାଲି ବାହାରିଛନ୍ତି। ଏମାନେ ଇଟାଭାଟିରେ କାମ କରୁଥିଲେ। କାମ ବନ୍ଦ ଯୋଗୁ ନିଜ ଅଞ୍ଚଳ ବଲାଙ୍ଗୀର, ବେଲପଡ଼ା, ପାଟଣାଗଡ଼ ଅଭିମୁଖେ ବାହାରିଛନ୍ତି। ଏଭଳି ଅନେକ ଲୋକ ରାଜ୍ୟ ବାହାରୁ ଘରମୁହାଁ ହେଉଛନ୍ତି। ଏଭଳି ପରିସ୍ଥିତିରେ ଆନ୍ଧ୍ର–ଓଡ଼ିଶା ସୀମା କେରେଡ଼ାଠାରେ ଏହି ଶ୍ରମିକମାନଙ୍କୁ କେବଳ ସ୍କ୍ରିନିଂକରି ହାତରେ ଷ୍ଟାମ୍ପ ମାରି ଛାଡ଼ିଦିଆଯାଉଛି। ତେବେ ଏମାନଙ୍କ ଅଧିକ ସ୍ୱାସ୍ଥ୍ୟ ପରୀକ୍ଷା ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏନେଇ ତହସିଲଦାର ଉମାଶଙ୍କର ବେହେରା କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ଅନ୍ୟ ରାଜ୍ୟର ଲୋକଙ୍କୁ ଚେକ୍ ପଏଣ୍ଟରେ ପଞ୍ଜୀକରଣ ଏବଂ ସ୍କ୍ରିନିଂ କରି ଛାଡୁଛୁ। ସେମାନେ ନିଜ ବ୍ୟବସ୍ଥାରେ ସେମାନଙ୍କ ରାଜ୍ୟକୁ ଫେରିବେ। ସେହିପରି ଆମ ଅଞ୍ଚଳର ଲୋକଙ୍କୁ କିପରି ବସ୍ ଯୋଗେ ଫେରାଇ ଅଣାଯିବ ସେ ନେଇ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ମେ ୧୧/୨୦୨୦ Monday, May 11/2020

## ସଂକ୍ଷେପରେ

### ବିକଳ୍ପ ମାସ୍କ ଡିଜାଇନ କଲେ ଏସ୍ଆର୍ଏମ୍ ଫାକଲ୍ଟି

**ହାଇଦ୍ରାବାଦ,୧୦।୫:** ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟର ଫାକଲ୍ଟି ଡକ୍ଟର ପଞ୍ଚଗୁଣୁଲା ଜୟପ୍ରକାଶ ଏକ ବିକଳ୍ପ ମାସ୍କ ଡିଜାଇନ କରିଛନ୍ତି। ଏହା ଏନ୍-୯୫ ମାସ୍କର ବିକଳ୍ପ ଭାବେ କାର୍ଯ୍ୟ କରିପାରିବ। ନୂଆ ମାସ୍କର ଦାମ ମାତ୍ର ୨୦ ଟଙ୍କା ରଖାଯାଇଛି। ଉକ୍ତ ମାସ୍କକୁ ଡିଜାଇନ କରିଥିବା ଡକ୍ଟର ଜୟପ୍ରକାଶ ବର୍ତ୍ତମାନ ଏସ୍ଆର୍ଏମ୍ ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାମ କରୁଛନ୍ତି। ଏହାକୁ ସାଧାରଣତଃ ଫେସ୍ ସିଲଡ୍ କୁହାଯାଉଥିବା ବେଳେ ୩ଡି ପ୍ରିଣ୍ଟିଂ ଟେକ୍ନୋଲୋଜି ସହ ଏହାକୁ ପ୍ରସ୍ତୁତ କରାଯାଉଛି। ଉକ୍ତ ମାସ୍କରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ଡକ୍ଟର ଜୟପ୍ରକାଶ ମତ ପ୍ରକାଶ କରିଛନ୍ତି। ସରକାର ଯଦି ଏହି ମାସ୍କର ମାର୍କେଟିଂ ଲାଗି ମଞ୍ଜୁରୀ ପ୍ରଦାନ କରନ୍ତି ତେବେ ଏହା ସାଧାରଣ ଲୋକଙ୍କ ଲାଗି ଉପଲବ୍ଧ ହେବ। ଡ. ଜୟପ୍ରକାଶଙ୍କ ଏଭଳି କାର୍ଯ୍ୟଲାଗି ବିଶ୍ୱବିଦ୍ୟାଳୟ ପରିଚାଳନା ଟିମ୍ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ୩୬୬ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ରେ ଫେରିଛନ୍ତି ୪ ଲକ୍ଷ ପ୍ରବାସୀ

**ନୂଆଦିଲ୍ଲୀ, ୧୦।୫ :** ବିଭିନ୍ନ ରାଜ୍ୟରେ ଫସି ରହିଥିବା ପ୍ରବାସୀ ଶ୍ରମିକଙ୍କୁ ଘରକୁ ପଠାଇବା ଲାଗି ବର୍ତ୍ତମାନ ସୁଦ୍ଧା ୩୬୬ଟି ଶ୍ରମିକ ସ୍ୱତନ୍ତ୍ର ଟ୍ରେନର ସୁବିଧା କରାଯାଇଛି। ଏହି ଟ୍ରେନଗୁଡିକରେ ବିଭିନ୍ନ ରାଜ୍ୟକୁ ୪ ଲକ୍ଷ ପ୍ରବାସୀଙ୍କୁ ପଠାଇବା ବ୍ୟବସ୍ଥା ହୋଇଛି। ଏହି ସମସ୍ତ ପ୍ରବାସୀ ଶ୍ରମିକଙ୍କ ଗସ୍ତ ଖର୍ଚ୍ଚ ବାବଦ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୮୫:୧୫ ପ୍ରତିଶତ ହିସାବରେ ବହନ କରିବେ ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ପିୟୂଷ ଗୋୟଲ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ରବିବାର ସୁଦ୍ଧା ୨୮୭ ଟି ଟ୍ରେନ ପହଞ୍ଚି ସାରିଥିବା ବେଳେ ୭୯ଟି ଟ୍ରେନ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରି ସାରିଛି।

# ମୋରାଟୋରିୟମ ଅବଧି ବଢୁ

କୋଭିଡ୍-୧୯ ଅତର୍କିତ ଭାବେ ସାରା ବିଶ୍ୱରେ ଏହାର କାୟା ବିସ୍ତାର କରି ଚାଲିଛି। ଭାରତରେ ଲକ୍‌ଡାଉନ ବଢ଼ି ଚାଲିଥିବା ବେଳେ କଟକଣା ସମ୍ପୂର୍ଣ୍ଣ କୋହଳ ହୋଇ ନ ଥିବାରୁ କାରବାର ସ୍ୱାଭାବିକ ହୋଇପାରୁନାହିଁ। ଏହା ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। କାରବାର ଆଗକୁ ସ୍ୱାଭାବିକ ହେବା ମଧ୍ୟ ଚିନ୍ତାର ବିଷୟ। କାରଣ କରୋନା ମାମଲା ବଢ଼ିଚାଲିଛି। ଲୋକମାନେ ଭୟଭୀତ ଥିବା ଯୋଗୁ ବଜାରକୁ ଆସିବାକୁ ଇଚ୍ଛା କରୁ ନାହାନ୍ତି। ବ୍ୟବସାୟ ପ୍ରତିଷ୍ଠାନ ଏବଂ ଏମ୍ଏସ୍ଏମ୍ଇ ବର୍ତ୍ତମାନ ଗଭୀର କ୍ଷତି ସହୁଛନ୍ତି। ସରକାର ଏମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟତା ଯୋଗାଇଦେବା ଆବଶ୍ୟକ ବୋଲି ଅଂଶୀଦାର କହିଛନ୍ତି। ମୋରାଟୋରିୟମ ସମୟ ବୃଦ୍ଧି, ସୁଧରେ ରିହାତି ଭଳି ପ୍ରମୁଖ ପ୍ରସଙ୍ଗରେ ସରକାର ସହାୟତା ଯୋଗାଇଦେବା ଉପରେ ଦାବି ହୋଇ ଆସୁଛି। ଏହି ପ୍ରସଙ୍ଗରେ ବ୍ୟକ୍ତିବିଶେଷଙ୍କ ପ୍ରତିକ୍ରିୟା...



"କଷ୍ଟମର ଡର ରହୁଥିବାରୁ ଅତି ଜରୁରୀ କ୍ଷେତ୍ରରେ କିଣାକିଣି କରୁଛନ୍ତି। ଅଳ୍ପ ଲୋକଙ୍କୁ ନେଇ ହେଉଥିବା କାର୍ଯ୍ୟକ୍ରମ କ୍ଷେତ୍ରରେ ମଧ୍ୟ ଲୋକମାନେ କ୍ରୟ କରୁଛନ୍ତି। ବର୍ତ୍ତମାନ କଟକ ଏବଂ ତାଳଚେର ଷ୍ଟୋରକୁ ଖୋଲାଯାଇଛି। କଟକ ଷ୍ଟୋର ସନ୍ଧ୍ୟା ୬ଟା ଯାଏ, ତାଳଚେର ଷ୍ଟୋର ଦିନ ୨ଟା ଯାଏ ଖୋଲୁଛି। ବ୍ୟବସାୟ ଏବେ କ୍ଷତିଗ୍ରସ୍ତ ସ୍ଥିତିରେ ରହିଲେ ମଧ୍ୟ ତା' ଭିତରେ ଆଗକୁ ବଢ଼ିବାକୁ ପଡିବ। ସରକାର ଯଦି ବ୍ୟାଙ୍କ ସୁଧହାର ଉପରେ ରିହାତି ଦିଅନ୍ତେ ଭଲ ହୁଅନ୍ତା। ସରକାରଙ୍କ ସହାୟତା କିଛି ମିଳି ପାରିନାହିଁ। ସ୍ମଲ ସ୍କେଲ କ୍ଷେତ୍ରରେ କାମ କରୁଥିବା ସଂସ୍ଥାଗୁଡ଼ିକୁ ସହାୟତା ମିଳିଲେ ସମଗ୍ର ଚ୍ୟାନେଲ ଉପରେ ବେଶି ପ୍ରଭାବ ପଡନ୍ତା ନାହିଁ। ଫଳରେ ନିଯୁକ୍ତି ଉପରେ ଚାପ କମ୍ ରୁହନ୍ତା। ମୋରାଟୋରିୟମ ମିଳିଲା । ହେଲେ ଏହା ମଧ୍ୟରେ ସୁଧହାର ଉପରେ ରିହାତି ମିଳିଲାନି। ସ୍ଥିତି ସୁଧୁରି ନ ଥିବାରୁ ମୋରାଟୋରିୟମ ସମୟ ବଢ଼ିବାର ଆବଶ୍ୟକତାକୁ ସରକାର ବୁଝିବା ଉଚିତ। ଅନ୍ତତଃ ପକ୍ଷେ ୬ ମାସ ସମୟ ମିଳୁ। ଏଥିରୁ ସୁଧ ଛାଡ଼ ହେଲେ ବାଣିଜ୍ୟ ସଂସ୍ଥାଗୁଡ଼ିକ ଆଶ୍ୱସ୍ତ ହୁଅନ୍ତେ। କ୍ୟାଶ୍ କ୍ରେଡିଟ୍ ଲିମିଟ୍ ଉପରେ ସୁଧହାର ହ୍ରାସ, ବ୍ୟାଙ୍କଗୁଡିକ ସୁଧହାରରେ ରିହାତି ଦେବା ଉଚିତ। କେନ୍ଦ୍ରୀୟ ବ୍ୟାଙ୍କ ରେପୋ କମାଇଲେ ମଧ୍ୟ ବ୍ୟାଙ୍କ ବିଶେଷ ସୁବିଧା ଦେଉନାହାନ୍ତି। ଘର ଭଡା ନେଇ ମଧ୍ୟ ସେମିତି ଠୋସ୍ ପଦକ୍ଷେପ ଆସିନି। ସରକାରଙ୍କୁ ରାଜସ୍ୱ ଏବଂ ନିଯୁକ୍ତି କ୍ଷେତ୍ରରେ ଯୋଗଦାନ ରଖୁଥିଲେ ମଧ୍ୟ ଏଭଳି ଖରାପ ସମୟରେ ସହାୟତା ମିଳୁନି। ଆଗାମୀ ୬ ମାସରେ ବଜାର ଟିକିଏ ସୁଧୁରିବ ବୋଲି ଆଶା। କଷ୍ଟ ସମୟରେ ଆଗକୁ ବଢ଼ିବାକୁ ହେବ। ଯଦି ସରକାର ସହାୟତା କରନ୍ତେ ତେବେ ଚାପ କମ୍ ରୁହନ୍ତା।

**-ରବୀନ୍ଦ୍ର ଲେଙ୍କା, ଏମ୍‌ଡି, ଜୟରାମ ଲେଙ୍କା**



"କଷ୍ଟମର ଫ୍ଲୋ ଏବେ ବହୁତ କମ୍ ରହିଛି। ଲୋକଙ୍କ ନିକଟରେ ନଗଦ ଅର୍ଥ କମିଛି। ଯଦି ଅର୍ଥ ରହୁଛି ଚ୍ୟାଲେଞ୍ଜିଂ ସମୟ ରହିଥିବାରୁ ଲୋକମାନେ ତାହା ଖର୍ଚ୍ଚ ନ କରି ନିଜ ପାଖରେ ରଖୁଛନ୍ତି। ଆବଶ୍ୟକ ସାମଗ୍ରୀ କିଣାକିଣି ଉପରେ ଗ୍ରାହକ ବିଚାର କରୁଛନ୍ତି। ୱାର୍କଶପରେ ଫ୍ରି ସର୍ଭିସ ଗ୍ରାହକମାନେ ଅଧିକ ଆସୁଛନ୍ତି। ଦୀର୍ଘମିଆଦୀ ବିଚାର କଲେ ବଜାର ୬ ମାସ ଯାଏ ପ୍ରଭାବିତ ରହିବା ନେଇ ଅନୁମାନ। ଆମକୁ 'ଆର୍ଟ ଅଫ୍ ଲିଭିଂ ୱିଥ୍ କରୋନା' ସହ ବଞ୍ଚିବାକୁ ହେବ। ନିରାପତ୍ତା ସହ ଅର୍ଥ ବ୍ୟବସ୍ଥାକୁ ଖୋଲିବାକୁ ହେବ। ଶୋ'ରୁମ୍‌ରେ କର୍ମଚାରୀ ଏବଂ ଗ୍ରାହକଙ୍କ ଲାଗି ବିହିତ ପଦକ୍ଷେପ ନିଆଯାଇଛି। ଶୋ'ରୁମ୍‌ରେ ସାମାଜିକ ଦୂରତ୍ୱ ନିୟମ, ସାନିଟାଇଜେଶନ, ପ୍ରତି ୨ ଘଣ୍ଟାରେ ପ୍ରତିଷେଧ ବ୍ୟବସ୍ଥା, କମ୍ ସଂଖ୍ୟକ କର୍ମଚାରୀଙ୍କ ଦ୍ୱାରା ସେବା ଯୋଗାଣ ହେଉଛି। ବିଜ୍‌ନେସ ଚ୍ୟାଲେଞ୍ଜିଂ ରହିଥିବାରୁ ସରକାରଙ୍କ ପକ୍ଷରୁ ସହାୟତା ଲୋଡ଼ା ପଡୁଛି। ଟିକସ ଉପରେ ପଦକ୍ଷେପ ନେବା ଉଚିତ। କୋଭିଡ୍-୧୯ ବିରୋଧରେ କେବଳ ସରକାର ନୁହେଁ, ସମସ୍ତଙ୍କୁ ମିଳିତଭାବେ ଲଢ଼ିବାକୁ ହେବ।

**-ପ୍ରଦୀପ ଅଗ୍ରୱାଲ, ଏମ୍‌ଡି, ଜେଏମ୍‌ଜି ହିରୋ**



"ସରକାରୀ ନିୟମ ମୁତାବକ ଆମର ୨ଟି ଶୋ'ରୁମ୍ ଖୋଲିଛି। କୋଭିଡ୍-୧୯ ବନ୍ଦ ହେଲା ପରେ ଯାଇ ବଜାର ବିଷୟରେ କିଛି କହି ହେବ। ମାତ୍ର ବର୍ତ୍ତମାନ ବଜାର କିଛି ସମୟ ଖୋଲା କିଛି ସମୟ ବନ୍ଦ ରହିଥିବାରୁ ମାର୍କେଟ ସମ୍ପୂର୍ଣ୍ଣ କ୍ରାସ୍ କରିଯାଇଛି। ପୂର୍ବର କାରବାର କଥା ବିଚାରକଲେ ବର୍ତ୍ତମାନ ଶୋ'ରୁମ୍‌କୁ ୫% ମଧ୍ୟ ଲୋକ ଆସୁନାହାନ୍ତି। ଲଗାତର କ୍ଷତି ସହିବାକୁ ପଡୁଛି। କ୍ଷତି ସତ୍ତ୍ୱେ ମଧ୍ୟ ଶୋ'ରୁମ୍ ଖୋଲିବାକୁ ପଡୁଛି। ବିଜ୍‌ନେସ୍ ଆଶା ମୁତାବକ ହେଉନାହିଁ। କଷ୍ଟମର ଆସୁନାହାନ୍ତି। ଲୋକଙ୍କ ମନରେ ଭୟ ରହିଛି। ସର୍ଭିସକୁ ବିଚାରକଲେ ୧୦% କ୍ଷମତା ସହ ଚାଲୁଛି। ଲକ୍‌ଡାଉନ ପୂରା ନ ଗଲାଯାଏ ବାଣିଜ୍ୟ ସାମ୍ନାରେ ଅନେକ ସମସ୍ୟା ରହିବ। କଟକଣା ଅଧା ରଖିବା ଅଧା ଖୋଲା କରିବା ଦ୍ୱାରା ଲୋକେ ଦ୍ୱନ୍ଦ୍ୱରେ ରହୁଛନ୍ତି। ଯଦି ବଜାର ବନ୍ଦ କରିବା କଥା ସମ୍ପୂର୍ଣ୍ଣ ବନ୍ଦ ହେଉ। ଖୋଲା କରିବା କଥା ହେଲେ କଟକଣା ଉଠିଲେ କାରବାରକୁ ଅନୁମତି ଦେବା ଆବଶ୍ୟକ।

**-ରାଜନ ଗୁଗ୍‌ନାନି, ଏମ୍‌ଡି, ଗୁଗ୍‌ନାନି ମୋଟର୍ସ**



"କରୋନା ବ୍ୟବସାୟକୁ ଗଭୀର କ୍ଷତି ପହଞ୍ଚାଇଛି। କଟକଣା କୋହଳ ହୋଇ ନ ଥିବାରୁ ଆମ ଷ୍ଟୋର ଏବେ ଯାଏ ଖୋଲାହୋଇନି। ଲୋକମାନେ ଏବେ ବଜାରକୁ ନେଇ ଭୟଭୀତ ଅଛନ୍ତି। ବଜାର ଦୀର୍ଘଦିନ ଧରି ବନ୍ଦ ରହିଥିବାରୁ ପରିଚାଳନା ଖର୍ଚ୍ଚ, କର୍ମଚାରୀଙ୍କ ବେତନ, ବ୍ୟାଙ୍କର ସୁଧହାର ଭଳି ଅନ୍ୟ ସବୁ ଖର୍ଚ୍ଚ ଉଠାଇବାକୁ ପଡୁଛି। ସରକାର କିଛି ଠୋସ୍ ଘୋଷଣା କରିନାହାନ୍ତି। ବାଣିଜ୍ୟ ତଥା ବ୍ୟବସାୟୀଙ୍କ ସ୍ଥିତି ବିଗୁଡୁଛି। ଏଭଳି ସ୍ଥିତିରେ ବଜାରକୁ ନେଇ ଆଉ କ'ଣ ଅଧିକ କହିବୁ।

**-ରାଜିନ୍ଦର ସିଂ, ସ୍ୱତ୍ୱାଧିକାରୀ, କଳାମନ୍ଦିର**

### ହୋଣ୍ଡାର 'ସେଫ୍‌ଟି କମ୍‌ସ ଫାଷ୍ଟ' ପଦକ୍ଷେପ

**ନୂଆଦିଲ୍ଲୀ,୧୦।୫:** ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ପକ୍ଷରୁ ଏହାର ଡିଲର ପରିବାରଗୁଡିକ ଲାଗି 'ସେଫ୍‌ଟି କମ୍‌ସ ଫାଷ୍ଟ' ପଦକ୍ଷେପ ଗ୍ରହଣ କରାଯାଇଛି। ସରକାର ବର୍ତ୍ତମାନ କଟକଣା ଧୀରେ ଧୀରେ କୋହଳ କରୁଥିବା ବେଳେ ନୂଆ ଧାରାରେ ବାଣିଜ୍ୟ ଲାଗି ଶିଳ୍ପଗୁଡିକ ସଜବାଜ ହେଉଛନ୍ତି। ହୋଣ୍ଡା ପକ୍ଷରୁ ଏହାର ଅଂଶୀଦାରଙ୍କୁ ନଗଦ ସହାୟତା ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଆଗକୁ ବଢ଼ିବାକୁ ହେଲେ ନଗଦ ଆବଶ୍ୟକତା ରହିଥିବା ବେଳେ କମ୍ପାନୀ ଏଭଳି ପ୍ରସଙ୍ଗକୁ ନଜରରେ ରଖିଥିବା କହିଛି। କୋଭିଡ୍-୧୯ ପ୍ରଭାବକୁ କମ୍ କରିବା ଲାଗି ମିଳିତ ହୋଇ ଲଢିବାକୁ କମ୍ପାନୀ ଏହାର ଅଂଶୀଦାରଙ୍କୁ ଆହ୍ୱାନ ଜଣାଇଛି। ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ସେଲ୍‌ସ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି ଯେ, ଏଭଳି ପଦକ୍ଷେପ ସହ ସାରା ଦେଶରେ ଥିବା ଆଉଟଲେଟଗୁଡିକରେ ନିରାପତ୍ତା ପଦକ୍ଷେପକୁ ଧ୍ୟାନରେ ରଖାଯାଇଛି।

### କର୍ପୋରେଶନ ବ୍ୟାଙ୍କର ନୂଆ ଉପମହାପ୍ରବନ୍ଧକ

**ଭୁବନେଶ୍ୱର, ୧୦।୫:** ରାଷ୍ଟ୍ରାୟତ୍ତ କର୍ପୋରେଶନ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ଲୋକନାଥ ସାହୁ ଉପ ମହାପ୍ରବନ୍ଧକ ଭାବେ ନିଯୁକ୍ତି ପାଇଛନ୍ତି। ସେ ୧୯୯୯ରେ ଏହି ବ୍ୟାଙ୍କରେ ପ୍ରୋବେସନାରି ଅଧିକାରୀ ଭାବେ ପଦୋନ୍ନତି ପାଇଥିଲେ। ମାଙ୍ଗାଲୋର ମୁଖ୍ୟ କାର୍ଯ୍ୟାଳୟ, କଲିକତା ଜୋନାଲ କାର୍ଯ୍ୟାଳୟ, ଫର୍ଟ ମୁମ୍ବାଇ, ଭଦୋଦରା, କର୍ପୋରେଟ ବ୍ୟାଙ୍କିଙ୍ଗ୍ ଶାଖା କଲିକତା ଭଳି ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି। ବ୍ୟାଙ୍କିଙ୍ଗ୍ ଶିଳ୍ପରେ ତାଙ୍କର ଦୀର୍ଘ ୨୦ବର୍ଷର ଅଭିଜ୍ଞତା ରହିଛି। ୨୦୧୯ ଜୁନ୍ ପରଠାରୁ ଭୁବନେଶ୍ୱରରେ ଡେପୁଟି ଜୋନାଲ ମୁଖ୍ୟ ଭାବେ ସେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ତାଙ୍କୁ ପଦୋନ୍ନତି ମିଳିଛି। କାସା, ଏମ୍ଏସ୍ଏମ୍ଇ, ରିଟେଲ, କୃଷି, ଡିଜିଟାଲ ବ୍ୟାଙ୍କିଙ୍ଗ୍, କର୍ପୋରେଟ ହାଉସ ମ୍ୟାନେଜମେଣ୍ଟ, କର୍ପୋରେଟ ଆଡଭାନ୍ସ ଏବଂ ଅପହଞ୍ଚ ଇଲାକାରେ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଣ ଦିଗରେ ଚେଷ୍ଟା ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

### ଏଲ୍‌ପିୟୁ ପକ୍ଷରୁ ଛାତ୍ରବୃତ୍ତି

**ଜଳନ୍ଧର,୧୦।୫:** କୋଭିଡ୍-୧୯ ମହାମାରୀ ବିରୋଧରେ ବର୍ତ୍ତମାନ ସାରା ଦେଶ ଲଢ଼େଇ ଜାରି ରଖିଛି। ଡାକ୍ତର, ନର୍ସ, ପାରାମେଡିକାଲ ଷ୍ଟାଫ୍, ପୋଲିସ ପର୍ସୋନେଲଙ୍କ ସମେତ ଅନ୍ୟ କିଛି ବର୍ଗରେ କର୍ମଚାରୀ ଏହି ଲଢ଼େଇରେ ଉଲ୍ଲେଖନୀୟ ଯୋଗଦାନ ରଖୁଛନ୍ତି। ଏହି ଯୋଦ୍ଧାଙ୍କ ପିଲାଙ୍କ ଲାଗି ଲଭ୍‌ଲି ପ୍ରଫେଶନାଲ ୟୁନିଭର୍ସିଟି(ଏଲ୍‌ପିୟୁ) ପକ୍ଷରୁ ଛାତ୍ରବୃତ୍ତି ଘୋଷଣା କରାଯାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦ କୋଟି ଟଙ୍କାର ଛାତ୍ରବୃତ୍ତି ଦିଆଯିବ। ଶିକ୍ଷାବର୍ଷ ୨୦୨୦-୨୧ ପାଇଁ ସ୍କଲାରଶିପ ବାବଦରେ ଏହି ଅର୍ଥ ପ୍ରଦାନ କରାଯିବ ବୋଲି ଏଲ୍‌ପିୟୁ ପକ୍ଷରୁ ସୂଚନା ରହିଛି। ୧୩ ବର୍ଗରେ ଯୋଦ୍ଧାଙ୍କୁ ବିଚାରକରି ସେମାନଙ୍କ ପିଲାମାନଙ୍କୁ ସ୍କଲାରଶିପ ଦିଆଯିବ। ଟ୍ୟୁଶନ ଫି' କ୍ଷେତ୍ରରେ ୨୦% ଛାଡ଼ ସୁବିଧା ମଧ୍ୟ ରହିଛି।

## ଖେଳ ଖବର

### 'ବିଦେଶୀ ଟି୨୦ ଲିଗ୍‌ରେ ଖେଳିବାକୁ ସୁଯୋଗ ମିଳୁ'

**ନୂଆଦିଲ୍ଲୀ,୧୦।୫:** ବିଦେଶୀ ଟି୨୦ ଲିଗ୍‌ରେ ଖେଳିବାକୁ ବିସିସିଆଇ ସୁଯୋଗ ଦେଉ ବୋଲି ଦୁଇ କ୍ରିକେଟର ସୁରେଶ ରାଇନା ଓ ଇର୍ଫାନ ପଠାନ କହିଛନ୍ତି। ଯେଉଁ ଖେଳାଳିମାନେ ଜାତୀୟ ଦଳରୁ ବାଦ୍ ପଡିଛନ୍ତି ସେମାନଙ୍କୁ ବିଦେଶୀ ଟି୨୦ ଲିଗ୍‌ରେ ଖେଳିବାକୁ ସୁଯୋଗ ଦିଆଯିବା ଉଚିତ। ଏ ନେଇ ବିସିସିଆଇ ଓ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମିଳିତ ଭାବେ କିଛି ଯୋଜନା ଆୟୋଜନ କରିବା ଉଚିତ୍। ଜାତୀୟ ଦଳରୁ ବାଦ୍ ପଡିଥିବାରୁ ଅତିକମ୍‌ରେ ଦୁଇଟି ଭିନ୍ନ ବିଦେଶୀ ଲିଗ୍‌ରେ ଖେଳିବା ପାଇଁ ଆମକୁ ସୁଯୋଗ ଦିଆଯିବା ଉଚିତ ବୋଲି ଏକ ଇନ୍‌ଷ୍ଟାଗ୍ରାମ ଲାଇଭ୍ ସେସନରେ ଯୋଗ ଦେଇ ରାଇନା କହିଛନ୍ତି। ଇର୍ଫାନ ମଧ୍ୟ ସମାନ ମନ୍ତବ୍ୟ ଦେଇଛନ୍ତି। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ମାନସିକତା ରହିଛି। ଅଷ୍ଟ୍ରେଲିଆରେ ଜଣେ ଖେଳାଳି ୨୯ ବର୍ଷରେ ପଦାର୍ପଣ କରିପାରିବ। କିନ୍ତୁ ଭାରତରେ ଜଣେ ଖେଳାଳି ୩୦ ବର୍ଷରେ କଦାପି ପଦାର୍ପଣ କରିପାରି ନାହିଁ। ତେଣୁ ଯେପର୍ଯ୍ୟନ୍ତ ଆମେ ଫିଟ୍ ଅଛୁ ଦେଶ ପାଇଁ ଖେଳିବାକୁ ପ୍ରସ୍ତୁତ ରହିଛୁ। ଉଲ୍ଲେଖଥାଉ କି, ବିସିସିଆଇ ଅବସର ଘୋଷଣା ନ କରିବା ପର୍ଯ୍ୟନ୍ତ ବିସିସିଆଇ ତା'ର ଖେଳାଳିଙ୍କୁ ବିଦେଶୀ ଟି୨୦ ଲିଗ୍ ଖେଳିବା ନେଇ ବାରଣ କରିଛି।

### ଖାଲି ଷ୍ଟାଡିୟମରେ ଆୟୋଜନ ହୋଇପାରେ ଫ୍ରେଞ୍ଚ୍ ଓପନ୍

**ଲସ୍ ଏଞ୍ଜେଲ୍ସ,୧୦।୫ (ଏଏଫ୍‌ପି):** କରୋନା ଭାଇରସ ସଂକ୍ରମଣ କାରଣରୁ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ୍ ରୋଲାଣ୍ଡ ଗ୍ୟାରସ୍‌ରେ ଖାଲି ଷ୍ଟାଡିୟମରେ ଆୟୋଜନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଫ୍ରେଞ୍ଚ୍ ଟେନିସ ମୁଖ୍ୟ ବର୍ନାଡ ଗୁଇଡିସେଲି ରବିବାର ଏ ନେଇ ସୂଚନା ଦେଇଛନ୍ତି। ପୂର୍ବରୁ କୋଭିଡ୍-୧୯ ମହମାରୀ କାରଣରୁ ଫ୍ରେଞ୍ଚ୍ ଓପନ୍‌କୁ ୪ ମାସ ଘୁଞ୍ଚାଯାଇଛି। ପ୍ରଥମେ ଫ୍ରେଞ୍ଚ୍ ଓପନ ମେ ୨୪ରୁ ଜୁନ୍ ୭ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏହାକୁ ପରେ ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ତାରିଖ ମଧ୍ୟରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଟୁର୍ନାମେଣ୍ଟ ଆୟୋଜନ କରିବା ନେଇ ସବୁ ବିକଳ୍ପ ଖୋଲା ରହିଛି ବୋଲି ସେ କହିଛନ୍ତି।

# ଗାଁରେ ଖାଦ୍ୟ ପୁଡ଼ିଆ ବାଣ୍ଟିଲେ ଦୂତୀ

**ଭୁବନେଶ୍ୱର, ୧୦।୫(କ୍ରୀଡ଼ା ପ୍ରତିନିଧି)**



ଆଥଲେଟିକ୍ସ ଟ୍ରାକ୍‌ରେ ନିଜର ଚମକ ଦେଖାଇ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିବା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ସମାଜସେବା କ୍ଷେତ୍ରରେ ମଧ୍ୟ ଆଗକୁ ବଢ଼ି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। କରୋନା ଭାଇରସ୍ ସଂକ୍ରମଣ ପ୍ରଭାବରୁ ସମ୍ପୂର୍ଣ୍ଣ ଭାରତ ଏବେ ଲକ୍‌ଡାଉନ୍। କିଛି ପ୍ରତିଯୋଗିତା ନ ଥିବାରୁ ଦୂତୀ ଆବଶ୍ୟକ ଟ୍ରେନିଂ କରି ନିଜକୁ ଫିଟ୍ ରଖିବା ସହ ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି। ସମ୍ପ୍ରତି ଭୁବନେଶ୍ୱରରେ ରହୁଥିବା ଦୂତୀ ନିଜ ଗାଁ ଯାଜପୁର ଜିଲା ଚକାଗୋପାଳପୁରକୁ ଯାଇ ୧୦୦୦ ଲୋକଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ବାଣ୍ଟିଛନ୍ତି । ''ଆମ ଗାଁରେ ଅଧିକାଂଶ ତନ୍ତୁବାୟ ପରିବାର ରହୁଥିବାରୁ କାମକଲେ ସେମାନଙ୍କ ଖାଇବା ସମ୍ଭବ ହୋଇଥାଏ। ଲକ୍‌ଡାଉନ୍ ସ୍ଥିତିରେ ସେମାନେ ଏବେ ବହୁତ ଅସୁବିଧାରେ ଥିବା ମୁଁ ଶୁଣିବାକୁ ପାଇଥିଲି। ତେଣୁ ମୁଁ ୫୦,୦୦୦ଟଙ୍କା ଖର୍ଚ୍ଚ କରିଥିବାବେଳେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ସାହାଯ୍ୟକ୍ରମେ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ, ଗ୍ରସେରି ଏବଂ ସାନିଟାଇଜ ଆଦି ମିଶାଇ ପୁଡ଼ିଆ ପ୍ରସ୍ତୁତ କରିଥିଲି। ପ୍ରଥମ ପର୍ଯ୍ୟାୟରେ ୧୦୦୦ ଲୋକଙ୍କୁ ଶନିବାର ଏହି ପୁଡ଼ିଆ ବଣ୍ଟା ଯାଇଛି। ଆଉ ୨୦୦୦ ପୁଡ଼ିଆ ରବିବାର ପ୍ରସ୍ତୁତ କରାଯାଇଛି। ଏହାକୁ ସୋମବାର ଲୋକମାନଙ୍କୁ ପ୍ରଦାନ କରାଯିବ'' ବୋଲି ଦୂତୀ ପ୍ରକାଶ କରିଛନ୍ତି। ଗାଁକୁ ଯିବାପାଇଁ ମୁଁ ଭୁବନେଶ୍ୱରରୁ ସ୍ୱତନ୍ତ୍ର ପାସ୍ ନେଇଥିଲି। ମୋ ପରିବାର ପକ୍ଷରୁ ଗାଁ ଲୋକମାନଙ୍କୁ ଏ ସମ୍ପର୍କରେ ସୂଚନା ଦିଆ ଯାଇଥିଲା। ତେଣୁ ଲୋକମାନେ ଆସି ଆମ ଘରୁ ଖାଦ୍ୟପୁଡ଼ିଆ ସଂଗ୍ରହ କରିଥିଲେ। ମୋ ପ୍ରିୟ ମହିନ୍ଦ୍ରା ଏକ୍ସୟୁଭି ଏବେ କୋଭିଡ୍-୧୯ ରିଲିଫ କାର୍ଯ୍ୟରେ ଲାଗିଛି ବୋଲି ସେ କହିଛନ୍ତି ।

ଲୋକମାନେ କରୋନା ଭାଇରସ୍ ଜନିତ ରୋଗକୁ ନେଇ ଭୟଭୀତ ଅଛନ୍ତି। ସେମାନେ ଏବେ ବହୁତ ଅସୁବିଧାରେ ଥିବା ମୁଁ ଅନୁଭବ କଲି। ତେଣୁ ମୋ ପକ୍ଷରେ ଯେତେ ସମ୍ଭବ ହୋଇ ପାରିବ ନିଶ୍ଚିତ ସାହାଯ୍ୟ କରିବି ବୋଲି ଦୂତୀ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେଥିବା ଦୂତୀ ଏବେ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ କରୁଛନ୍ତି। ପୂର୍ବରୁ ସେ କେବଳ ଫିଟ୍‌ନେସ୍ ଟ୍ରେନିଂ କରୁଥିଲେ। ମାତ୍ର ଲକ୍‌ଡାଉନ୍ ନିୟମ ସାମାନ୍ୟ କୋହଳ ହେବାପରେ ତାଙ୍କୁ କଳିଙ୍ଗ ଷ୍ଟାଡିୟମ ଟ୍ରାକ୍‌ରେ ଟ୍ରେନିଂ ପାଇଁ ସୁଯୋଗ ମିଳିଛି। ତେବେ ସେ କେବଳ ରନିଂ ବ୍ୟତୀତ ଅନ୍ୟ ସମସ୍ତ ଟ୍ରେନିଂ କିଟ୍‌ର କ୍ରିକେଟ ଷ୍ଟାଡିୟମରେ କରୁଛନ୍ତି ଏବଂ ସେଠାକାର ଜିମ୍ ବ୍ୟବହାର କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ(ଏଏଫଆଇ) ସେପ୍ଟେମ୍ବରରେ ସିଜନ ଆରମ୍ଭ କରିବାକୁ ଚିନ୍ତା କରୁଛି। ପ୍ରତିଯୋଗିତା ହେଲେ ସେ ନିଶ୍ଚିତ ଭାଗ ନେବେ ବୋଲି ଦୂତୀ କହିଛନ୍ତି।

### ବଲବୀରଙ୍କ କରୋନା ଟେଷ୍ଟ ନେଗେଟିଭ୍



**ନୂଆଦିଲ୍ଲୀ,୧୦।୫:** ଭାରତୀୟ ହକି କିମ୍ବଦନ୍ତୀ ବଲବୀର ସିଂ ସିନିୟର ଚଣ୍ଡିଗଡର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପିଜିଆଇ ଚଣ୍ଡିଗଡକୁ ନିଆଯାଇଥିଲା। କିନ୍ତୁ ଶେଷରେ ଶନିବାର ତାଙ୍କୁ ଫୋର୍ଟିଜ ମୋହାଲିରେ ଭର୍ତ୍ତି କରାଯାଇଛି। ତାଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା। ଫଳାଫଳ ନେଗେଟିଭ ଆସିଥିଲେ ମଧ୍ୟ ୯୬ ବର୍ଷୀୟ ବଲ୍‌ବୀରଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟଜନକ ରହ ଥିବା ତାଙ୍କ ନାତି କବିର କହିଛନ୍ତି। ୧୯୪୮ ଲଣ୍ଡନ, ୧୯୫୨ ହେଲସିଙ୍କି ଓ ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହି ୩ଟି ଅଲିମ୍ପିକ୍ସରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ବଲବୀର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଲିମ୍ପିକ୍ସ ଫାଇନାଲରେ ସର୍ବାଧିକ ଗୋଲ ସ୍କୋର କରିବାର ରେକର୍ଡ ତାଙ୍କ ନାମରେ ଏବେବି ଅତୁଟ ରହିଛି। ୧୯୫୨ ଅଲିମ୍ପିକ୍ସ ଫାଇନାଲରେ ଭାରତ ପ୍ରତିପକ୍ଷ ନେଦରଲାଣ୍ଡକୁ ୬-୧ ଗୋଲରେ ପରାସ୍ତ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଏହି ନିର୍ଣ୍ଣାୟକ ମୁକାବିଲାରେ ସେ ୫ଟି ଗୋଲ ସ୍କୋର କରିଥିଲେ। ୧୯୭୫ ବିଶ୍ୱକପ୍‌ରେ ଭାରତ ଚାମ୍ପିୟନ ହୋଇଥିଲା। ଏହି ବିଶ୍ୱକପ୍‌ରେ ବଲବୀର ଭାରତ କୋଚ୍ ଦାୟିତ୍ୱ ସମ୍ପାଦନ କରିଥିଲେ। ପୁଣି ତାଙ୍କ ତତ୍ତ୍ୱାବଧାନରେ ଭାରତ ୧୯୭୧ ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲା।

ପୂର୍ବରୁ ତାଙ୍କୁ ୨୦୧୯ ଜୁଲାଇରେ ମଧ୍ୟ ଅସୁସ୍ଥତା କାରଣରୁ ଚଣ୍ଡିଗଡସ୍ଥିତ ପିଜିଆଇଏମ୍ଇଆରରେ ଭର୍ତ୍ତି କରାଯାଇଥିଲା। ନିଃଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେବାରୁ ତାଙ୍କର ଚିକିତ୍ସା କରାଯାଇଥିଲା। ସେତେବେଳେ ତାଙ୍କୁ ଦେଖା କରିବାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଓ କ୍ରୀଡ଼ାମନ୍ତ୍ରୀ ରାଣା ଗୁରମିତ ସିଂ ସୋଧୀ ହସ୍ପିଟାଲ ଗସ୍ତ କରିଥିଲେ।

### ଆଇପିଏଲ୍-୧୩ ଆୟୋଜନ ପାଇଁ ୟୁଏଇର ପ୍ରସ୍ତାବ



**ମୁମ୍ବାଇ,୧୦।୫:** କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଠିକ୍ ସମୟରେ ଆରମ୍ଭ ହୋଇ ପାରିନାହିଁ । ଭାରତରେ କରୋନା ଭାଇରସ ସଂକ୍ରମଣ ବଢୁଥିବାରୁ ଆଗାମୀ ଦିନରେ ଏହା କେବେ ଆରମ୍ଭ ହେବ ତାହା ମଧ୍ୟ ଠିକ୍ ହୋଇ ପାରୁନାହିଁ। ଏପରି ସ୍ଥିତିରେ ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ) ଆଇପିଏଲର ୧୩ତମ ସଂସ୍କରଣ ଆୟୋଜନ ପାଇଁ ପ୍ରସ୍ତାବ ଦେଇଛି। ତେବେ ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ହୋଇନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କୋଷାଧ୍ୟକ୍ଷ ଅରୁଣ ଧୁମଲ ପ୍ରକାଶ କରିଛନ୍ତି। ପୂର୍ବରୁ ଆଇପିଏଲ ଥରେ ସମ୍ପୂର୍ଣ୍ଣ ଭାବରେ ଏବଂ ଥରେ ଆଂଶିକଭାବେ ଭାରତ ବାହାରେ ଅନୁଷ୍ଠିତ ହୋଇଛି। ୨୦୦୯ରେ ଏହି ଟି୨୦ ପ୍ରତିଯୋଗିତା ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇଥିଲା। ସେହିପରି ୨୦୧୪ରେ ଲିଗ୍‌ର କିଛି ଅଂଶ ୟୁଏଇରେ ଖେଳାଯାଇଥିଲା। କରୋନା ଭାଇରସରେ ସଂକ୍ରମିତଙ୍କ ସଂଖ୍ୟା ୬୦,୦୦୦ ଟପିଥିବାରୁ ଭାରତରେ ଆଇପିଏଲ ହେବା ସମ୍ଭାବନା କ୍ଷୀଣ। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଆଇପିଏଲ୍-୧୩ ଆୟୋଜନ ପାଇଁ ଶ୍ରୀଲଙ୍କା ପ୍ରସ୍ତାବ ଦେଇଥିଲା। ମାତ୍ର ବିସିସିଆଇ ପକ୍ଷରୁ ଏ ସମ୍ପର୍କରେ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆ ଯାଇନାହିଁ।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



ପ୍ରଫେସର ଡାକ୍ତର
ଵ ବିଜୟ କିଶୋର ରଥ
**ପ୍ରଥମ ଶ୍ରାଦ୍ଧବାର୍ଷିକି**
ଆବିର୍ଭାବ : ୧୬.୦୧.୧୯୩୨
ତିରୋଧାନ : ୨୩.୦୫.୨୦୧୯
ଆପଣଙ୍କ ସ୍ନେହ, ପରୋପକାରିତା, ଆନ୍ତରିକତା ଆମ ସମସ୍ତଙ୍କର ପାଥେୟ ରହିବ। ଆପଣଙ୍କର ପବିତ୍ର ଆତ୍ମାର ମୁକ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା ।
ଶୋକ ସନ୍ତପ୍ତ
ବନ୍ଧୁ ଓ ପରିବାର ବର୍ଗ
ଧ-୧୭୨୮୬

**ଦ୍ୱାଦଶାହ ଉପଲକ୍ଷେ**



ଵ ଶ୍ରୀମତୀ ଉର୍ମୀଳା ମିଶ୍ର
ରାୟଗୁରୁ ବାସୁଦେଇପୁର ଶାସନ, ବାଳକାଟି, ଖୋର୍ଦ୍ଧା
ଆବିର୍ଭାବ- ୨୧.୨.୧୯୫୪
ତିରୋଧାନ- ୩୦.୪.୨୦୨୦
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟ ନିଷ୍ଠା, ସତ୍ୟନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-: ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ :-
ସ୍ୱାମୀ- ଉପେନ୍ଦ୍ରନାଥ ମିଶ୍ର, ଝିଅଁ- ଚକ୍ରଧର, ମାଧବ, ବିଘ୍ନେଶ୍ୱର, ସାଗର, ଝିଅ- ମାନା, କାମା, ପିଙ୍କି, ନାତି- ଗୁଡ୍ଡୁ, ଗିଟୁ, ବୁନା, ନାତୁଣୀ- ବର୍ଷା (ଗୁଡି), ସୋନାଲୀ, ରୂପାଲି ।
ଧ-୧୭୨୮୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କମ୍ରେଡ୍ ସତ୍ୟବାଦୀ ବେହେରା
ବିଲିପଡ଼ା, ପିପିଲି, ପୁରୀ
ଆବିର୍ଭାବ: ୧୫।୦୮।୧୯୪୭
ତିରୋଧାନ: ୧୧।୦୫।୨୦୧୮
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ତୁମର ପ୍ରିୟ ଗ୍ରାମବାସୀବୃନ୍ଦ ଓ ପରିବାରବର୍ଗ, ବିଲିପଡ଼ା।
ଧ-୬୮୦୦




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ